# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୧୬/୨୦୧୯ (୧୬ ପୃଷ୍ଠା) Sambalpur, Tuesday, July 16 / 2019 ★★

୧୫ଶ ଭାଗ ୨୦୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-





## ଅକ୍ଟୋବର ୨ରେ 'ୱାର' ରିଲିଜ

ଟାଇଗର ଶ୍ରଫ୍‌ଙ୍କ ଅପ୍‌କମିଂ ଆକ୍ସନ ଫିଲ୍ମ 'ୱାର' ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି।

୧୦ ୧୫

## ଶୁଟିଂରେ ଇଲାଭେନିଲଙ୍କୁ ସ୍ୱର୍ଣ୍ଣ

ଜୁନିୟର ବିଶ୍ୱକପ୍‌ର ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାରତର ଇଲାଭେନିଲ ଭାଲାରିଭାନ୍ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।






OMC ODISHA NEW OPPORTUNITIES

29001/13/0025/1920 DSPL-48


# ଆଜି ଚନ୍ଦ୍ରଗ୍ରହଣ

## ଅପରାହ୍ନ ୪ଟା ୩୨ରେ ପାକତ୍ୟାଗ

**ଭୁବନେଶ୍ୱର(ବ୍ୟୁରୋ)/ପୁରୀ ଅଫିସ୍, ୧୫।୭**

କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ ମଙ୍ଗଳବାର ଆଷାଢ଼ ପୂର୍ଣ୍ଣିମାରେ ସଂଘଟିତ ହେବ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଅନୁସାରେ ପୁରୀକୁ ଭାରତୀୟ ସମୟ ଅନୁସାରେ- ରାତ୍ରି ୦୧।୩୨ରେ ଗ୍ରହଣ ସ୍ପର୍ଶ, ରାତ୍ରି ୦୩।୦୧ରେ ଗ୍ରହଣ ମଧ ଏବଂ ରାତ୍ରି ୦୪।୩୦ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶର ୯ ଘଣ୍ଟା ପୂର୍ବରୁ ଅର୍ଥାତ୍ ଅପରାହ୍ନ ୦୪।୩୨ରୁ ପାକତ୍ୟାଗ ଓ ଦେବନୀତି ନିଷେଧ। ବାଳକ, ବୃଦ୍ଧ, ରୋଗୀ ଓ ଆତୁର ବ୍ୟକ୍ତିମାନଙ୍କ ପକ୍ଷେ ନିୟମ ଲଂଘନୀୟ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ। ବିଶେଷତଃ ଚତୁର୍ଥପ୍ରହରରେ ସର୍ବମୋକ୍ଷ ହେଉଥିବାରୁ ସୂର୍ଯ୍ୟୋଦୟ ପୂର୍ବରୁ ବା ପରେ ଠାକୁରମାନଙ୍କର ମହାସ୍ନାନ ଓ ଦେବନୀତି ଏବଂ ପରଦିନ ପାକକାର୍ଯ୍ୟାଦି କରିବା ବିଧିସଙ୍ଗତ। ଗ୍ରହଣଦିନଠାରୁ ସାତଦିନ ପର୍ଯ୍ୟନ୍ତ ଦୂରଯାତ୍ରା, ୧ ଦିନ ପର୍ଯ୍ୟନ୍ତ ବିବାହ ଓ ୩ ଦିନ ପର୍ଯ୍ୟନ୍ତ ବ୍ରତୋପନୟନ ନିଷେଧ। ଏହି ଚନ୍ଦ୍ରଗ୍ରହଣ ଅରୁଣାଚଳ ପ୍ରଦେଶର ଉତ୍ତରପୂର୍ବାଞ୍ଚଳ ବ୍ୟତୀତ ଭାରତର ସର୍ବତ୍ର ଦୃଶ୍ୟ ହେବ ଏବଂ ଦୃଶ୍ୟ ହେଉଥିବା ଅଞ୍ଚଳରେ ଏହା ପାଳନୀୟ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ସମୟକୁ ଦେଖି ଅନ୍ୟାନ୍ୟ ନୀତି କରାଯିବ। ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ମଙ୍ଗଳବାର ସକାଳ ୬ଟାରେ ଦ୍ୱାରଫିଟା ଯାଇ ୭ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ପୂର୍ବାହ୍ନ ସାଢେ ୧୦ଟାରୁ ସାଢେ ୧୧ଟା ମଧ୍ୟରେ ସକାଳ ଧୂପ, ୧୦ଟା ୪୫ରୁ ଅପରାହ୍ନ ସାଢେ ୧ଟା ମଧ୍ୟରେ ଭୋଗମଣ୍ଡପ ଉଠିବ। ୨ଟାରୁ ୩ଟା ମଧ୍ୟରେ ମଧ୍ୟାହ୍ନ ଧୂପ ଏବଂ ୨ଟା ୧୫ରୁ ଅପରାହ୍ନ ୪ଟା ମଧ୍ୟରେ ଦ୍ୱିତୀୟ ଭୋଗମଣ୍ଡପ ସରି ୪ଟାରେ ମଇଲମ ଏବଂ ସାଢେ ୪ଟାରେ ତଡ଼ପଲାଗି ହେବ ବୋଲି ନିର୍ଘଣ୍ଟ ହୋଇଛି।

# ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ରାଜ୍ୟରେ ଅରାଜକତା ଦେଖାଦେଇଛି। ଆଇନ କାନୁନ ବୋଲି କିଛି ନାହିଁ। ଦିନ ଦ୍ୱିପ୍ରହରରେ ଅପରାଧୀମାନେ ଗୋଡ଼ାଇ ଗୋଡ଼ାଇ ହତ୍ୟା କରୁଛନ୍ତି। ବଳାତ୍କାର, ଚୋରି, ଡକାୟତି ସୀମା ସରହଦ ପାର କଲାଣି। ରବିବାର ୩୧୬ ନମ୍ବର ଜାତୀୟ ରାଜପଥ ପଟ୍ଟନାୟିକିଆ ଛକରେ ୩ ଜଣଙ୍କୁ ନିର୍ମମ ଭାବେ ହତ୍ୟା କରିବା ରାଜ୍ୟର ଆଇନଶୃଙ୍ଖଳାକୁ ପଦାରେ ପକାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ଗୃହରେ ତୁରନ୍ତ ବିବୃତି ଦିଅନ୍ତୁ। ଏଭଳି ଦାବି କରି ବିରୋଧୀ କଂଗ୍ରେସ ଏବଂ ଭାଜପା ସଦସ୍ୟମାନେ ବିଧାନସଭାକୁ ହୁଲସ୍ଥୁଲ କରିଛନ୍ତି। ସରକାର ଏ ନେଇ ଜବାବ ନ ଦେବା ଯାଏ ଗୃହ ଚଳାଇ ଦେବୁନାହିଁ । ଗୃହରେ କୌଣସି ଆଲୋଚନା ହୋଇପାରିବ ନାହିଁ। ଏଭଳି ଜିଦ୍‌ରେ ଅଡ଼ିବସି ବିରୋଧୀ ସଦସ୍ୟମାନେ ସୋମବାର ଗୃହକୁ ନିଜ କବ୍‌ଜାକୁ ନେଇଯାଇଥିଲେ। ଫଳରେ ଗୃହରେ କୌଣସି କାର୍ଯ୍ୟକ୍ରମ ଅପରାହ୍ନ ସାଢେ ୩ଟା ଯାଏ ହୋଇପାରି ନ ଥିଲା। ବିରୋଧୀଙ୍କ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ବାରମ୍ବାର ମୁଲତବୀ ଘୋଷଣା କରିଥିଲେ। ବିରୋଧୀଙ୍କୁ ଶାନ୍ତ କରିବା ଏବଂ ଗୃହକୁ ସ୍ୱାଭାବିକ ପରିସ୍ଥିତିକୁ ଫେରାଇ ଆଣିବା ଲାଗି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅପରାହ୍ନରେ ସର୍ବଦଳୀୟ ବୈଠକ ଡାକିଥିଲେ।

ଦୁଇ ଦିନ ଛୁଟି ପରେ ସୋମବାର ୧୦ଟା ୩୦ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରିବା ପୂର୍ବରୁ ଭାଜପା ସଦସ୍ୟମାନେ ନିଜ ସିଟ୍ ନିକଟରେ ଛିଡ଼ା ହୋଇ ପଟ୍ଟନାୟିକିଆ ଛକରେ ହୋଇଥିବା ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବାତିଲ କରି ରାଜ୍ୟର ଆଇନଶୃଙ୍ଖଳା ବିଷୟରେ ଆଲୋଚନା କରାଯାଉ ବୋଲି ଦାବି କରି ପାଟିତୁଣ୍ଡ କରିଥିଲେ। ଏପରିକି ଗୃହର ମଧ୍ୟଭାଗକୁ ଆସି ହୋହାଲ୍ଲା କରିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଆପଣମାନେ ଉଠାଇପାରିବେ ବୋଲି ବାଚସ୍ପତି ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ମାତ୍ର ଭାଜପା ସଦସ୍ୟମାନେ ବାଚସ୍ପତିଙ୍କ ଏହି ଅନୁରୋଧକୁ ଏଡ଼ାଇ ଦେଇଥିଲେ ଏବଂ ଆଲୋଚନା ପାଇଁ ଅଡ଼ି ବସିଥିଲେ। ଗୃହରେ ପ୍ରବଳ ହଟ୍ଟଗୋଳ ୩ ମିନିଟ୍ ଧରି ଚାଲିଥିଲା। ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆରମ୍ଭ କରି ନ ପାରି ୧୦ଟା ୩୩ରୁ ୧୦ଟା ୪୩ ମିନିଟ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ

- ମୁଖ୍ୟମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀ ଅଟଳ
- ଗୃହ ବାରମ୍ବାର ମୁଲତବୀ
- ସର୍ବଦଳୀୟ ବୈଠକ ପରେ ଶାନ୍ତ ହେଲେ ବିରୋଧୀ
- ମହଲତ ମାଗିଲେ ବାଚସ୍ପତି



ପରିସ୍ଥିତିରେ ସୁଧାର ନ ଆସିବାରୁ ପୁଣି ଗୃହକୁ ୧୧ ଟା ୩୦ ଯାଏ ମୁଲତବୀ କରାଯାଇଥିଲା। ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ବାଚସ୍ପତି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକଙ୍କୁ କହିବା ଲାଗି ଅନୁମତି ଦେଇଥିଲେ। ବିରୋଧୀ ଦଳ ନେତା ରାଜ୍ୟରେ ଆଇନଶୃଙ୍ଖଳା ପ୍ରସଙ୍ଗ ଉଠାଇ କହିଥିଲେ, ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମକୁ ଆମେ ବିରୋଧ କରୁନାହୁଁ। କିନ୍ତୁ ରବିବାର ତିନି ଭାଇଙ୍କୁ ଯେଉଁଭଳି ନିର୍ମମ ଭାବେ ହତ୍ୟା କରାଗଲା, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଘଟଣାସ୍ଥଳ ନିକଟରେ ୪ ପ୍ଲାଟୁନ୍ ପୋଲିସ ଥାଇ ମଧ୍ୟ ଏଭଳି ଅପରାଧ ଘଟିଛି। ରାଜ୍ୟରେ ଅପରାଧୀ ରାଜ୍ ବୃଦ୍ଧି ପାଇଛି। କଣାସ ବ୍ଲକର ଗଡ଼ିଶାଗୋଦା ଗ୍ରାମରେ ଗୋଟିଏ ପରିବାରକୁ ବାସନ୍ଦ କରାଗଲା। ଆମକୁ ଭୋଟ ଦେଲ ନାହିଁ। ତେଣୁ ତୁମକୁ ଆମେ ବାସନ୍ଦ କରିବୁ। ଏଭଳି ଅବସ୍ଥା ରାଜ୍ୟରେ ସୃଷ୍ଟି ହୋଇଛି। ଥାନାରେ ଅଭିଯୋଗ କଲେ ମଧ୍ୟ ମାମଲା ରୁଜୁ ହେଉନାହିଁ। ସେହିପରି ବାଲେଶ୍ୱର ଥାନା ନିକଟରେ ମଦ, ଗଞ୍ଜେଇ, ବ୍ରାଉନସୁଗାର ଆଦି ଅବାଧରେ ବିକ୍ରି ଚାଲିଛି। ସୁନ୍ଦରଗଡ଼ ହେମଗିରି ଥାନା ବଣିକା ଫାଣ୍ଡି ଅନ୍ତର୍ଗତ ଏକ ଗାଁରେ ଗଣ୍ଡଗୋଳକୁ ନେଇ ଥାନାକୁ ଖବର ଦିଆଯାଇଥିଲେ ମଧ୍ୟ ପୋଲିସ ଆସିଲା ନାହିଁ। ଲୋକମାନେ ଥାନାରେ ଗଣ୍ଡଗୋଳ କରିବାରୁ ରାତି ୧୨ଟାରେ ଗାଁରେ ପଶି ଜଣେ ଗର୍ଭବତୀଙ୍କୁ ପୋଲିସ ନିର୍ଧୂମ ପିଟିଛି। ପାଇକମାଳ ଓ ପୁରୀ ଜିଲାର ପିପିଲି ଭଳି ଅନେକ ଘଟଣା ରାଜ୍ୟରେ ଘଟୁଛି। ଏ ସମସ୍ତ ବିଷୟ ଗୃହରେ ଆଲୋଚନା ହେବା ଦରକାର। ବାଚସ୍ପତି ରୁଲିଂ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ ବୋଲି ସେ ଦାବି କରିଥିଲେ।

ଆଇନଶୃଙ୍ଖଳାକୁ ନେଇ ଭାଜପାର ଆକ୍ରମଣାତ୍ମକ ଆଚରଣ ଦେଖି କଂଗ୍ରେସ ମଧ୍ୟ ଏ ସୁଯୋଗକୁ ହାତଛଡ଼ା କରି ନ ଥିଲା। ବିଧାୟକ ଦଳ ନେତା ନରସିଂହ ମିଶ୍ର ରାଜ୍ୟର ଆଇନଶୃଙ୍ଖଳାକୁ ନେଇ ସରକାରଙ୍କୁ କଡ଼ା ଭାଷାରେ ଭର୍ତ୍ସନା କରିଥିଲେ। ସେ କହିଥିଲେ, ରାଜ୍ୟରେ ଜଙ୍ଗଲରାଜ ଚାଲିଛି। ଆଇନଶୃଙ୍ଖଳା ବୋଲି କିଛି ନାହିଁ। ଦିନକୁ ଦିନ ଏହା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏ ବିଷୟରେ ଗୃହ ବିଭାଗକୁ ଉତ୍ତର ଦେବାକୁ ପଡ଼ିବ। ନିକଟରେ ପୁରୀରେ ୧୦ହଜାର ପୋଲିସ ଫୋର୍ସ ରଥଯାତ୍ରା ଡ୍ୟୁଟି କରୁଥିବାବେଳେ ବସ୍‌ରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଗଲା। ପୁରୀ ନିକଟସ୍ଥ ପଟ୍ଟନାୟିକିଆଠାରେ ୩ ଜଣଙ୍କୁ ଅପରାଧୀମାନେ ହତ୍ୟା କରିଛନ୍ତି। ବଲାଙ୍ଗୀର ମେଡିକାଲ କଲେଜ ହସ୍ପିଟାଲରେ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରାଯାଇଛି। ଏହା ବିରୋଧରେ ସ୍ୱାସ୍ଥ୍ୟକର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ☞ପୃଷ୍ଠା-୪

### ■ କର୍ଣ୍ଣାଟକ ରାଜନୈତିକ ସଙ୍କଟ

# ୧୮ରେ ଆସ୍ଥାଭୋଟ

**ବେଙ୍ଗାଲୁରୁ/ମୁମ୍ବାଇ,୧୫।୭**

- ଖାର୍ଗେ, ଆଜାଦଙ୍କୁ ନ ଭେଟିବା ପାଇଁ ବିଦ୍ରୋହୀ ବିଧାୟକ ମୁମ୍ବାଇ ପୋଲିସକୁ ଜଣାଇଲେ

କର୍ଣ୍ଣାଟକରେ ରାଜନୈତିକ ସଙ୍କଟ ଲାଗିରହିଥିବାବେଳେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାର ଆସନ୍ତା ଗୁରୁବାର ବିଧାନସଭାରେ ଆସ୍ଥାଭୋଟ ଲୋଡ଼ିବ। ବିଧାନସଭା କାର୍ଯ୍ୟ ସମ୍ପର୍କିତ ଉପଦେଷ୍ଟା କମିଟି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରେ ଆସ୍ଥାଭୋଟ ଉପରେ ଆଲୋଚନା ଆରମ୍ଭ ହେବ ବୋଲି କଂଗ୍ରେସ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସିଦ୍ଦାରାମେୟା ଘୋଷଣା କରିଛନ୍ତି।

ଶାସକ ମେଣ୍ଟର ୧୬ ଜଣ ବିଧାୟକ ଇସ୍ତଫା ଦେବା ଫଳରେ କୁମାରସ୍ୱାମୀ ସରକାର ସଂଖ୍ୟାଲଘୁରେ ପରିଣତ ହେବା ଆଶଙ୍କା ସୃଷ୍ଟି ହୋଇଛି। ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ବାଚସ୍ପତି କେ.ଆର୍. ରମେଶ କୁମାର ଇସ୍ତଫା ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇପାରି ନାହାନ୍ତି। ଅନ୍ୟପକ୍ଷରେ ଆସ୍ଥାଭୋଟର ସମ୍ମୁଖୀନ ହେବା ଲାଗି ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଗତ ସପ୍ତାହରେ କହିଥିଲେ। ୧୬ ବିଧାୟକଙ୍କ ଇସ୍ତଫା ଗୃହୀତ ହେଲେ ୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ସଦସ୍ୟ ସଂଖ୍ୟା ୨୦୮କୁ ହ୍ରାସ ପାଇବ। ମେଣ୍ଟ ସରକାର ତିଷ୍ଠି ରହିବାକୁ ହେଲେ ୧୦୫ ବିଧାୟକଙ୍କ ସମର୍ଥନ ଦରକାର। ମେଣ୍ଟ ପାଖରେ ଏବେ ୧୦୧ ବିଧାୟକ ଥିବାବେଳେ ଭାଜପା ନିକଟରେ ୧୦୫ ବିଧାୟକ ଅଛନ୍ତି ଓ ୨ ଜଣ ସ୍ୱାଧୀନ ବିଧାୟକ ସେମାନଙ୍କୁ ସମର୍ଥନ ଦେଉଛନ୍ତି।

ଅନ୍ୟପକ୍ଷରେ ମୁମ୍ବାଇର ଏକ ହୋଟେଲରେ ରହୁଥିବା ୧୪ ବିଦ୍ରୋହୀ ବିଧାୟକ ମଲ୍ଲିକାର୍ଜୁନ ଖାର୍ଗେ, ଗୁଲାମ ନବୀ ଆଜାଦଙ୍କ ସମେତ କର୍ଣ୍ଣାଟକ ଓ ମହାରାଷ୍ଟ୍ରର ବରିଷ୍ଠ କଂଗ୍ରେସ ନେତାମାନଙ୍କଠାରୁ ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମୁମ୍ବାଇ ପୋଲିସକୁ ଲେଖି ଜଣାଇଛନ୍ତି। ସେହି ନେତାମାନଙ୍କୁ ଭେଟିବାକୁ ସେମାନେ ଚାହାନ୍ତି ନାହିଁ। କାରଣ ଉକ୍ତ ନେତାମାନଙ୍କଠାରୁ ଗୁରୁତର ବିପଦ ଆଶଙ୍କା କରୁଥିବା ସେମାନେ ମୁମ୍ବାଇର ପୋୱାଇ ଥାନା ବରିଷ୍ଠ ପୋଲିସ ଇନ୍ସପେକ୍ଟରଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଆସ୍ଥାଭୋଟ ପୂର୍ବରୁ ବିଦ୍ରୋହୀ ବିଧାୟକମାନଙ୍କୁ ଫେରାଇନେବା ଲାଗି କଂଗ୍ରେସ ଓ ଜେଡିଏସ୍ ପକ୍ଷରୁ ଜୋରଦାର ଉଦ୍ୟମ ଚାଲିଥିବାବେଳେ ସେମାନେ କୌଣସି ନେତାଙ୍କୁ ଭେଟିବାକୁ ଚାହୁଁନାହାନ୍ତି।

# ମୁଣ୍ଡବିହୀନ ରାଜ୍ୟ ପୋଲିସ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଗତ ୧୧ ତାରିଖରେ ବସିଥିବା ଚୟନ କମିଟି ବୈଠକରେ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜି) ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ନାମ ଲୋକାୟୁକ୍ତ ସଦସ୍ୟ ପାଇଁ ମନୋନୀତ କରାଯାଇଥିବା ଜଣାପଡ଼ିଛି। ଏପରିକି ଏ ନେଇ ରାଜ୍ୟପାଳଙ୍କ ନିକଟକୁ ସୁପାରିସ କରାଯାଇଥିବା ଏବଂ ଡିଜିପି ଶର୍ମା ମଧ୍ୟ ଭିଆର୍‌ଏସ୍ (ଚାକିରିରୁ ସ୍ୱେଚ୍ଛାକୃତ ଅବସର) ପାଇଁ ଆବେଦନ କରିଥିବା ଏକ ସୂତ୍ରରୁ ଖବର ମିଳିଛି। କିନ୍ତୁ ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଭାବେ କିଛି କୁହାଯାଉନାହିଁ। ଏଭଳି ସ୍ଥଳେ ରାଜ୍ୟ ପୋଲିସ ଏକପ୍ରକାର ମୁଣ୍ଡବିହୀନ ହୋଇପଡିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ତାହାର ପ୍ରଭାବ ମଧ୍ୟ ଉଭୟ ପୋଲିସ ବିଭାଗ ଏବଂ ଅପରାଧ ଦୁନିଆରେ ବିସ୍ତାର ଲାଭ କରୁଥିବା ଦେଖିବାକୁ ମିଳୁଛି। ବିଭାଗର ସର୍ବୋଚ୍ଚ ଅଫିସର ପଦବୀ ବଦଳିବାକୁ ଥିବାରୁ ତଳିଆ ଅଫିସର ଓ କର୍ମଚାରୀ ବେପରୁଆ ହୋଇପଡ଼ିଛନ୍ତି। ଅପରାଧୀମାନେ ଏ ସବୁଥିରୁ ଫାଇଦା ଉଠାଇବାକୁ ଆଗେଇ ଆସିଥିବା ନଗଦ କେତେକ ଘଟଣାରୁ ଦେଖିଲେ ସ୍ପଷ୍ଟ ହେଉଛି।

ପୁରୀରେ ମହାପ୍ରଭୁଙ୍କ ଅଧରପଣା ନୀତି ପାଇଁ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ପଟ୍ଟନାୟିକିଆ ଛକ ନିକଟରେ ରବିବାର ଅସ୍ଥାୟୀ ପୋଲିସ ଚେକ୍ ପୋଷ୍ଟ ଥିଲା। ସେଠାରେ ଫୋର୍ସ ମୁତୟନ ସତ୍ତ୍ୱେ ରାସ୍ତା ଉପରେ ଗୋଡ଼ାଇ ଗୋଡ଼ାଇ ଦୁର୍ବୃତ୍ତମାନେ ୩ ଭାଇଙ୍କୁ ଅତି ନିର୍ମମ ଭାବେ ହତ୍ୟା କଲେ। ସେହିପରି ଜୁଲାଇ ୧୩ରେ କେନ୍ଦ୍ରାପଡ଼ାରେ ପାଟକୁରା ନିର୍ବାଚନକୁ ନେଇ କଡ଼ା ସୁରକ୍ଷା ବ୍ୟବସ୍ଥା ରହିଥିବା ବେଳେ ଫୁଟିଛି ☞ପୃଷ୍ଠା-୪

# ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ



ରତ୍ନ ସିଂହାସନକୁ ପ୍ରଭୁ ଜଗନ୍ନାଥଙ୍କୁ ବିଜେ କରାଯାଉଛି।

**ପୁରୀ ଅଫିସ,୧୫।୭**

- ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କଲେ ମହାପ୍ରଭୁ
- ଆଜିଠୁ ମିଳିବ ନୀଳାଚଳ ଅବଢ଼ା

ଶେଷ ହୋଇଛି ଘୋଷଯାତ୍ରା। ବଡ଼ଦାଣ୍ଡ ଓ ଜନ୍ମବେଦିରେ ଲୀଳାଖେଳା ସାରି ସୋମବାର ରତ୍ନସିଂହାସନକୁ ବିଜେ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ଦେବସ୍ନାନ ପୂର୍ଣ୍ଣିମାଠାରୁ ଶୂନ୍ୟ ପଡ଼ିଥିବା ରତ୍ନବେଦି କୋଳ ପୂର୍ଣ୍ଣ ହୋଇଛି। ମହାପ୍ରଭୁଙ୍କ ଆଗମନ ପରେ ମଙ୍ଗଳବାର ଠାରୁ ପୁଣି ଚଳଚଞ୍ଚଳ ହୋଇପଡ଼ିବ ଶ୍ରୀମନ୍ଦିର ରୋଷଶାଳା। ବାହାରିବ ନୀଳାଚଳ ଅବଢା ଆଉ ରତ୍ନବେଦିରେ ଠାକୁରଙ୍କ ଦର୍ଶନ ପାଇବେ ଶ୍ରଦ୍ଧାଳୁ।

ମଙ୍ଗଳବାର ଚନ୍ଦ୍ରଗ୍ରହଣ ଥିବାରୁ ନୀଳାଦ୍ରିବିଜେ ନୀତିକୁ ତ୍ୱରାନ୍ୱିତ କରାଯାଇଥିଲା। ପ୍ରାତଃରେ ତିନିରଥରେ ମଙ୍ଗଳ ଆଳତି ପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା। ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ ରତ୍ନସିଂହାସନ ମାର୍ଜଣା କରିଥିଲେ। ମଠ ପକ୍ଷରୁ ରତ୍ନସିଂହାସନ ଉପରେ କନକମୁଣ୍ଡି ଚାନ୍ଦୁଆ ବନ୍ଧା ଯାଇଥିଲା। ମଠ ପ୍ରଦତ୍ତ ପତିତପାବନ ବାନା ଚୂନରା ସେବକମାନେ ନୀଳଚକ୍ରରେ ବାନ୍ଧିଥିଲେ। ଗଜପତି ମହାରାଜାଙ୍କ ପ୍ରତିନିଧି ମୁଦିରସ୍ତ ସେବକ ଅପରାହ୍ନ ୩ଟା ୫୫ରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ପରେ ବାଜିଥିଲା ବିଜେ କାହାଳୀ। ଅପରାହ୍ନ ୪ଟାରେ ପହଣ୍ଡି ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

### ଉଭଟ: ଜହ୍ନରେ ଜଳଖୋଜା









## ଆଜିର ମନ୍ତବ୍ୟ

"ଗଣତନ୍ତ୍ରର ତିନୋଟି ସ୍ତମ୍ଭ ନ୍ୟାୟପାଳିକା, ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକାର କ୍ଷମତା ଏବଂ ପରିସରକୁ ନେଇ ରାଜ୍ୟ ସଭାରେ ଆଲୋଚନା ହେବା ଆବଶ୍ୟକ।

**-ଏମ୍. ଭେଙ୍କୟା ନାଇଡୁ, ଉପରାଷ୍ଟ୍ରପତି**

## କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷରେ ଭାରତ ୫୧.୮୪ ନିୟୁତ ଟନ୍ ଜାଳେଣୀ କୋଇଲା ଆମଦାନୀ କରିଛି। **-କୋଇଲା ମନ୍ତ୍ରଣାଳୟ**


NATIONAL EGG CO-ORDINATION COMMITTEE 15.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 74 | 124 | 134 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers



“ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ■ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳକୁ ନେଇ ଅଡୁଆ ପରିସ୍ଥିତି

# କାର୍ଯ୍ୟକାରୀ ହେଲାନି ହାଇକୋର୍ଟ ଆଦେଶ

**କଟକ ଅଫିସ,୧୫।୭**

ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ପୁଣି ଥରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ। ୨୦୧୩ ଜାନୁୟାରୀ ୨୧ରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳ ନିମନ୍ତେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବସତି ସ୍ଥାପନ କରିଥିବା ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ସରକାର ଆଦେଶନାମା ଜାରି କରିଥିଲେ। ତେବେ ସ୍ଥାନାନ୍ତର ବଦଳରେ ଯୋଗ୍ୟ ହିତାଧିକାରୀମାନଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବାକୁ ସରକାର ଘୋଷଣାନାମାରେ ଉଲ୍ଲେଖ କରିଥିଲେ। ଏଥିପାଇଁ ଏକ ଆବେଦନପତ୍ର

**କୋର୍ଟ ଅବମାନନା ମାମଲା ପାଇଁ ବିସ୍ଥାପିତଙ୍କ ପ୍ରସ୍ତୁତି**

ମଧ୍ୟ ସରକାର ପ୍ରସ୍ତୁତ କରିଥିଲେ। କିନ୍ତୁ ଏହି କ୍ଷତିପୂରଣ ଦେବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଥିଲେ। ଫଳରେ ବିସ୍ଥାପିତ ହେବାକୁ ଥିବା ଲୋକେ ଏ ସମ୍ପର୍କରେ ଜିଲାପାଳ, ବନଖଣ୍ଡ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ନ ମିଳିବାରୁ ୨୯ ଜଣ ବିସ୍ଥାପିତ ପରିବାର ୨୦୧୮ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ହାଇକୋର୍ଟ ଗତ ଫେବୃୟାରୀରେ ସରକାରଙ୍କୁ ଆଦେଶନାମା ଜାରି କରିଥିଲେ। ଏହି ଆଦେଶନାମା ଅନୁଯାୟୀ ବିସ୍ଥାପିତମାନଙ୍କୁ ନିୟମାବଳୀ ଅନୁଯାୟୀ ୬ ସପ୍ତାହ ମଧ୍ୟରେ ଥଇଥାନ କରିବାକୁ କୁହାଯାଇଥିଲା। କିନ୍ତୁ ଇତିମଧ୍ୟରେ ଅନେକ ଦିନ ବିତିଗଲାଣି। ମାତ୍ର ବିସ୍ଥାପିତଙ୍କ କ୍ଷେତ୍ରରେ ସରକାର କୌଣସି ବ୍ୟବସ୍ଥା କରିନାହାନ୍ତି। ଅନ୍ୟପକ୍ଷରେ ବାଘ ସୁନ୍ଦରୀର ଆତଙ୍କ ସମୟରେ ସ୍ଥାନୀୟ ପ୍ରଶାସନ ଜୋରଜବରଦସ୍ତ ସଂରକ୍ଷିତ ଅଞ୍ଚଳ ମଧ୍ୟରେ ବସବାସ କରୁଥିବା ଲୋକଙ୍କ ଘର ଭାଙ୍ଗି ଦେଇଥିଲା। ତେଣୁ ବାସହରାମାନେ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ତେଣୁ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରା ନ ଯିବାରୁ ପୁନର୍ବାର ବିସ୍ଥାପିତମାନେ କୋର୍ଟ ଆଦେଶ ଅବମାନନା ମାମଲା ରୁଜୁ କରିବାକୁ ପ୍ରସ୍ତୁତ ହେଉଥିବା ଆଡଭୋକେଟ ନିରଞ୍ଜନ ହୋତା କହିଛନ୍ତି।






## ଜିଲା ଟିଏ
## ପୁରୀ

### ଆର୍‌ଓବି ଆଶା

ପୁରୀକୁ ଓଡ଼ିଶା ପର୍ଯ୍ୟଟନର ପ୍ରାଣକେନ୍ଦ୍ର କୁହାଯାଉଛି। ଏହା କହିବା ବି ସ୍ୱାଭାବିକ। ଦେଶ ବିଦେଶର ଲୋକ ହାତଗଣତି ଯେଉଁ କେତୋଟି ଐତିହ୍ୟ ଏବଂ କୀର୍ତ୍ତିରାଜି ପାଇଁ ଓଡ଼ିଶାକୁ ଜାଣନ୍ତି ସେଥିମଧ୍ୟରୁ କିଛି ପୁରୀ ଜିଲାରେ ଅବସ୍ଥିତ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଜେସ୍ଥଳୀ ଶ୍ରୀମନ୍ଦିର, କୋଣାର୍କର ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର ସମେତ ସୌନ୍ଦର୍ଯ୍ୟରାଣୀ ଚିଲିକାର ବି କିଛି ଅଂଶ ରହିଛି ଏହି ଜିଲାରେ। ସେଥିପାଇଁ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ପୁରୀକୁ ଦିଆଯାଇଛି ସ୍ୱତନ୍ତ୍ର ସ୍ଥାନ। ରାଜ୍ୟକୁ ପ୍ରତିଦିନ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କ ମଧ୍ୟରୁ ସିଂହଭାଗ ଏହି ଜିଲାକୁ ଆସିଥାନ୍ତି। ହେଲେ ଦୁଇଟି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ଶ୍ରୀମନ୍ଦିର ଏବଂ ସୂର୍ଯ୍ୟମନ୍ଦିରକୁ ସଂଯୋଗ କରିଛି ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍। ପ୍ରତିଦିନ ଶହ ଶହ ସଂଖ୍ୟାରେ ଗାଡ଼ି ମୋଟର ଏହି ରାସ୍ତା ଦେଇ ଯା’ଆସ କରିଥାଏ। ସେହିପରି ଆମ୍ବୁଲାନ୍ସ, ସ୍କୁଲବସ୍, ପର୍ଯ୍ୟଟକ ଗାଡ଼ି ମଧ୍ୟ ବହୁ ସଂଖ୍ୟାରେ ଯିବାଆସିବା କରେ। ହେଲେ ଏହି ରାସ୍ତା ଦେଇ ଯାଉଥିବା ଯାତ୍ରୀ, ପର୍ଯ୍ୟଟକ, ରୋଗୀଙ୍କ ଦୁଃଖ ପାଲଟିଛି ସିଦ୍ଧମହାବୀର ଲେଭଲ କ୍ରସିଂ। ଦୈନିକ ଏଠାରେ ଅତିକମ୍‌ରେ ୫୫ ଥର ପଡୁଛି ଫାଟକ। ପ୍ରତିଥର ପ୍ରାୟ ୮ରୁ ୧୦ ମିନିଟ୍ ଏହା ବନ୍ଦ ରହୁଛି। ଏହି ସମୟ ମଧ୍ୟରେ ଉଭୟ ପାର୍ଶ୍ୱରେ ପ୍ରାୟ ୧ କିମି ପର୍ଯ୍ୟନ୍ତ ଗାଡ଼ିମୋଟରର ଧାଡ଼ି ଲମ୍ବିଯାଉଛି। ଫାଟକ ଉଠିବା ପରେ ଲେଭଲ କ୍ରସିଂ ପାର୍ ହେବାକୁ ସମସ୍ତଙ୍କୁ ନାକେଦମ୍ ହେବାକୁ ପଡୁଛି। ଅବ୍ୟବସ୍ଥିତ ଢଙ୍ଗରେ ଗାଡ଼ି ଓ ବାଇକ୍ ଚାଳକ ଆଗ ଯିବାର ମନୋବୃତ୍ତି ଯୋଗୁ ଅଧିକ ଜାମ୍ ହେଉଛି। ବେଳେବେଳେ ଏହି ଜାମ୍‌ରେ ରୋଗୀ, ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ବି ଫସୁଛନ୍ତି। ଗୁଣ୍ଡିଚା ମନ୍ଦିରଠାରୁ ମାତ୍ର ୧ କିମି ଦୂର ଏହି ଲେଭଲ କ୍ରସିଂରେ ରେଲୱେ ଓଭରବ୍ରିଜ୍ (ଆର୍‌ଓବି) ନିର୍ମାଣ କରିବା ଲାଗି ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ ପୁରୀବାସୀ ଦାବି କରିଆସୁଛନ୍ତି। ବିଭିନ୍ନ ଫୋରମରେ ତାଙ୍କ ଦାବି ଉପସ୍ଥାପନ କରୁଛନ୍ତି। ରାଜନେତାଙ୍କୁ ବି ଗୁହାରି ହେଉଛନ୍ତି। ସମସ୍ତେ କେବଳ ପ୍ରତିଶ୍ରୁତି ଅଜାଡୁଛନ୍ତି ସିନା, ବାସ୍ତବତାର ରୂପ ନେଉନି ଆରଓବି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ବିଭିନ୍ନ ଦଳର ପ୍ରାର୍ଥୀ ସିଦ୍ଧମହାବୀର ଲେଭଲ କ୍ରସିଂକୁ ଆଗରେ ରଖିଥିଲେ। ହେଲେ ଏହାର ବାସ୍ତବତା ଏବେ ଦିଗହରା ହୋଇଥିବାବେଳେ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଏଥିପାଇଁ ଅଣ୍ଟା ଭିଡ଼ିଥିଲା। ଆରମ୍ଭ କରିଥିଲା ଦସ୍ତଖତ ଅଭିଯାନ। ଏବେ ଲକ୍ଷେ ଲୋକଙ୍କ ଦସ୍ତଖତକୁ ସାଥିରେ ଧରି ଦିଲ୍ଲୀ ପଦଯାତ୍ରା କରିଛନ୍ତି ଜଣେ ଯୁବକ। ହାତରେ ତ୍ରିରଙ୍ଗା ପତାକା, ବ୍ୟାଗ୍‌ରେ ଲକ୍ଷେ ଲୋକଙ୍କ ଆଶା ଓ ସ୍ୱପ୍ନ। ଲକ୍ଷ୍ୟ ରହିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ୍ କରିବେ ଆଉ ଦୀର୍ଘ ୨୦ ବର୍ଷର ଦାବି ଜଣାଇବେ। ତେବେ ଦେଖିବାକୁ ରହିଲା କ’ଣ ହେଉଛି ପୁରୀବାସୀଙ୍କ ଆରଓବି ଆଶାର ଭାଗ୍ୟ।

– ହେମନ୍ତ ନାୟକ

## ବାଇକ୍‌କୁ ଧକ୍କା ଦେଲା ଟ୍ରକ, ୨ ମୃତ

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

ଭବାନୀପାଟଣା-ଖରିଆର ୧୬ ନଂ. ରାଜ୍ୟ ରାଜପଥ ତୁର୍କେଲ ତେଲ ନଦୀ ପୋଲ ଉପରେ ସୋମବାର ଏକ ବାଇକ୍‌କୁ ଟ୍ରକ ପଛପଟୁ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ତୁରେକେଲା ଗାଁର ମଦନ ବେହେରା (୪୫) ଓ ଭାଲୁମୁଣ୍ଡା ଗାଁର ଅନିରୁଦ୍ଧ ମେହେର (୪୦)। ଅନିରୁଦ୍ଧ ଓ ମଦନ ଏକ ବାଇକ୍ (ନଂ.ଓଆର୦୩ଏମ୍-୧୬୮୫)ରେ ନିଜ ଗାଁରୁ ଭବାନୀପାଟଣା ଗାୟତ୍ରୀ କଲେଜରେ ପଢୁଥିବା ଝିଅ ପାଖକୁ ଯାଉଥିଲେ। ଏହି ସମୟରେ ତୁର୍କେଲ ନିକଟ ତେଲ ନଦୀ ପୋଲ ଉପରେ ପଛପଟୁ ଆସୁଥିବା ଟ୍ରକ୍ (ନଂ. ସିଜି୦୪ଏମ୍‌ଏ-୯୪୭୭) ତାଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ମଦନଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ଅନିରୁଦ୍ଧଙ୍କୁ ଭବାନୀପାଟଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ କର୍ଲାପଡା ଫାଣ୍ଡିରେ ଅଟକ ରଖାଯାଇଛି । ଉତ୍ତ୍ୟକ୍ତ ଲୋକେ ପୋଲର ମରାମତି ଓ ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ ଭବାନୀପାଟଣା-ଖରିଆର ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ୬ ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ କଳାହାଣ୍ଡି ତହସିଲଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ସେଠୀ, ସଦର ଆଇଆଇସି ପ୍ରଦୀପ କୁମାର ଧରୁଆ, ଏସଆଇ ଏସ.ସି. ମିଶ୍ର, କର୍ଲାପଡା ଫାଣ୍ଡି ଅଧିକାରୀ ଅକ୍ଷୟ କୁମାର ପଟ୍ଟନାୟକ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ । ରେଡକ୍ରସ ପକ୍ଷରୁ ମୃତକ ପରିବାରଙ୍କୁ ସହାୟତା ଦେବା ଓ ପୋଲ ମରାମତି ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଟାଙ୍ଗିଆରେ ମା’ଙ୍କୁ ହତ୍ୟା

**ଚୌଦ୍ୱାର, ୧୫।୭(ଡି.ଏନ୍.ଏ.)**

- ■ ଅଭିଯୁକ୍ତ ପୁଅ ଫେରାର
- ■ ନିଶା ନେଲା ଜୀବନ
- ■ ହତ୍ୟା ମାମଲା ରୁଜୁ କରି ପୋଲିସର ତଦନ୍ତ ଜାରି

ଚୌଦ୍ୱାର ଥାନା ଅନ୍ତର୍ଗତ କଖଡି ପଞ୍ଚାୟତ ଗୋପୀନାଥପଡା ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକ ଜନ୍ମିତ ମା’ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପରେ ଟାଙ୍ଗିଆ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଖବରପାଇ ସୋମବାର ସକାଳେ ଟିପିଏମ୍ ଫାଣ୍ଡି ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏ ନେଇ ଚୌଦ୍ୱାର ଥାନାରେ ଦଫା ୩୦୨ ଅନୁଯାୟୀ ଏକ ହତ୍ୟା ମାମଲା(ନଂ.୨୧୮/୧୯) ରୁଜୁ ହୋଇଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିବା ଚୌଦ୍ୱାର ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି । ତେବେ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି।

ପୋଲିସ ସୂତ୍ରରୁ ପ୍ରକାଶ, କଖଡି ବଜାରସାହିରେ ସାବି ପ୍ରଧାନ(୬୮), ପୁଅ ପ୍ରକାଶ ପ୍ରଧାନ(୩୧) ଓ ଝିଆରୀଙ୍କ ସହିତ ରହୁଥିଲେ। ରବିବାର ସମ୍ପର୍କୀୟଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ସାବି ଓ ପ୍ରକାଶ ନିକଟସ୍ଥ ଗୋପୀନାଥପଡା ଗ୍ରାମକୁ ଯାଇଥିଲେ। ରାତି ପ୍ରାୟ ୧୦ଟାରେ ଭୋଜି ସରିବା ପରେ ପ୍ରକାଶ ସାବିଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲେ। ସାବି ଟଙ୍କା ଦେବାକୁ ମନାକରିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଫଳରେ ପ୍ରକାଶ ଉତ୍କ୍ଷିପ୍ତ ହୋଇ ପାଖରେ ପଡିଥିବା ଏକ ଟାଙ୍ଗିଆରେ ସାବିଙ୍କ ମୁଣ୍ଡକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସାବିଙ୍କ ଚିତ୍କାର ଶୁଣି ବନ୍ଧୁଘର ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆଠଗଡ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାଯୋଗ୍ୟ, ପ୍ରକାଶ କିଛିବର୍ଷ ତଳେ ଜଣେ ଯୁବକଙ୍କୁ ବ୍ଲେଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ଏହି ଘଟଣାରେ ଗିରଫ ହୋଇ ଜେଲରେ ସଜା କାଟିବା ପରେ ମୁକୁଳିଥିଲେ। ଅନ୍ୟପକ୍ଷରେ ପ୍ରକାଶଙ୍କ ବଡଭାଇ ହତ୍ୟା ଘଟଣାରେ ସମ୍ପୃକ୍ତି ଥାଇ ୨୦ରୁ ଊର୍ଦ୍ଧ୍ୱ ବର୍ଷ ହେବ ଫେରାର ଥିବା ଫାଣ୍ଡି ଅଧିକାରୀ ନୃସିଂହ ଚରଣ ସ୍ୱାଇଁ କହିଛନ୍ତି।



ଯଦି କାହାକୁ ସୁଖ ଦେଇ ନ ପାରୁଛ ଭଲ କଥା, ତେବେ କାହାକୁ ଦୁଃଖ ଦିଅନାହିଁ।
- ମହାତ୍ମା ଗାନ୍ଧୀ

## ଆଜି କ'ଣ କେଉଁଠି


**ଦେବଗଡ଼**
ଗୁରୁପୂର୍ଣ୍ଣିମା ଉତ୍ସବ ଓ ବାବାଙ୍କ ପାଲିଙ୍କି ଯାତ୍ରାର ନଗର ପରିକ୍ରମା, ସାଇଧାମ ମନ୍ଦିର, ପ୍ରଧାନପାଟ, ସକାଳ ୭ଟା।

**ତିଲେଇବଣି**
ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) କାର୍ଯ୍ୟାଦେଶ ବଣ୍ଟନ ମେଳା, ତିଲେଇବଣି ବ୍ଲକ ସଭା ଗୃହ, ପୂର୍ବାହ୍ଣ ୧୧ଟା।

**ବୌଦ୍ଧ**
ଭାରତ ସ୍ୱାଭିମାନ ଟ୍ରଷ୍ଟ ଓ ମହିଳା ପତଞ୍ଜଳି ପକ୍ଷରୁ ଗୁରୁ ପୂର୍ଣ୍ଣିମା ଉତ୍ସବ, ଚନ୍ଦ୍ରଚୂଡ ମନ୍ଦିର ନିକଟ, ଅପରାହ୍ଣ ୫ଟା।

**ବରଗଡ଼**
ଗୁରୁପୂର୍ଣ୍ଣିମା ଅବସରରେ ସାମୂହିକ ମହାଭିଷେକ, ଶ୍ରୀ ଶ୍ରୀ ଶିରିଡ଼ି ସାଇ ବାବା ଆଧ୍ୟାତ୍ମିକ ଦାତବ୍ୟ ଅନୁଷ୍ଠାନ, ସକାଳ ୭ଟା ୩୦ ମିନିଟ୍।
ବିଚିତ୍ର ବାଣୀ ପୁସ୍ତକ ଉନ୍ମୋଚନ, ଆତ୍ମଚେତନା ସଂଘ, ଉର୍ଦ୍ଦୁନା(ଜୁନାଡ଼ିହି), ପୂର୍ବାହ୍ଣ ୯ଟା।

**ସମ୍ବଲପୁର**
ଗୁରୁ ପୂର୍ଣ୍ଣିମା ଉତ୍ସବ, ଶାନ୍ତିନଗର ଶିରିଡି ସାଇ ମନ୍ଦିର, ସକାଳ ୮ଟା।




# ନାବାଳିକାଙ୍କୁ ଅଟକ ରଖି ରାତିସାରା ନିର୍ଯାତନା

**■ ଝିଅର ଦୁଃଖ ଶୁଣି ଆଖି ବୁଜିଲେ ମା'**
**■ ପୋଲିସର ତଦନ୍ତ ଆରମ୍ଭ**

**ରାଉରକେଲା ଅଫିସ,୧୫।୭**

ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଜଣେ ନାବାଳିକାଙ୍କୁ ଡାକିଆଣି ଘରେ ଚାକରାଣୀ ଭାବେ ଖଟାଇବା ସହ ନିର୍ଯାତନା ଦେବା ଓ ଲୁହା ଛଡ଼ରେ ପିଟି ଗୁରୁତର କରିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି । ଏ ନେଇ ପୋଲିସ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡ଼ିତା ନାବାଳିକାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ପରିବାର ଅତ୍ୟନ୍ତ ଗରିବ। ଏହାର ସୁଯୋଗ ନେଇ ସମ୍ପୃକ୍ତା ମହିଳା ସ୍ୱାସ୍ଥ୍ୟକର୍ମୀ ତାଙ୍କୁ ଅଧିକାଂଶ ସମୟ ଘରକୁ ଡାକି କାମ କରାଉଥିଲେ। ଝାଡୁ ଲଗାଇବାଠାରୁ ଆରମ୍ଭ କରି ଯାବତୀୟ ଘର କାମ ନାବାଳିକାଙ୍କ ଦ୍ୱାରା ସେ କରାଇ ନେଉଥିଲେ। ହେଲେ ନାବାଳିକା ଜଣକ କାମ କରିବାକୁ ଅରାଜି ହେବାରୁ ତାଙ୍କ ବିରୋଧରେ ଚୋରି ଅଭିଯୋଗ ଆଣିଥିଲେ ସମ୍ପୃକ୍ତା ସ୍ୱାସ୍ଥ୍ୟକର୍ମୀ । ଗତ ୧୨ ତାରିଖ ରାତିରେ ତାଙ୍କୁ ନିଜ ଘରକୁ ଛାଡ଼ି ନ ଥିଲେ। ରାତି ତମାମ ଅଟକ ରଖି ଅମାନୁଷିକ ଭାବେ ନିର୍ଯାତନା ଦେଇଥିଲେ। ଏତିକି ନୁହେଁ, ସମ୍ପୃକ୍ତା ସ୍ୱାସ୍ଥ୍ୟକର୍ମୀ ଜଣକ ତାଙ୍କୁ ଜୋରଜବରଦସ୍ତ ଚୋରି କରିଥିବା ସ୍ୱୀକାର କରାଇବା ସହ ଏହାର ଭିଡିଓ ରେକର୍ଡିଂ ମଧ୍ୟ କରିଛନ୍ତି। ନାବାଳିକାଙ୍କ ମା' ଜଣେ କର୍କଟ ରୋଗୀ ହୋଇଥିବା ବେଳେ ସୋମବାର ତାଙ୍କ ଦେହାନ୍ତ ହୋଇଯାଇଛି। ବିଛଣାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିବା ମା'ଙ୍କୁ ନିର୍ଯାତନା ସମ୍ପର୍କରେ ଜଣାଇବା ପରେ ସେ ମାନସିକ ଭାରସାମ୍ୟ ହରାଇ ମୃତ୍ୟୁବରଣ କରିଥିବା ନାବାଳିକାଙ୍କ ବାପା ଅଭିଯୋଗ କରିଛନ୍ତି। ଏ ନେଇ ଲାଠିକଟା ଥାନାରେ ଏକ ମାମଲା (ନଂ. ୩୨/୨୦୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ନାବାଳିକାଙ୍କ ଡାକ୍ତରୀମାଇନା ଓ ବୟାନ ରେକର୍ଡ କରାଯିବ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନାଧିକାରୀ କହିଛନ୍ତି।

# ଜୁଆ ଖେଳବେଳେ ଚଢାଉ, ୮ଗିରଫ

**ପାଟଣାଗଡ, ୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଥାନା ଅନ୍ତର୍ଗତ ରାକ୍ଷୀଉଡାର ଗାଁରେ ସୋମବାର ସନ୍ଧ୍ୟାରେ ବାହୁଡା ଯାତ୍ରାରେ ଜୁଆ ଖେଳବେଳେ ପୋଲିସ ୮ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୮,୫୦୦ଟଙ୍କା, ୩ ବାଇକ, ୫ଟି ମୋବାଇଲ ଜବତ କରାଯାଇଛି। ରଥଯାତ୍ରାବେଳେ ଜୁଆ ଖେଳ ହେଉଥିବା ଖବର ପାଇ ଆଇଆଇସି କେ.ପ୍ରିୟଙ୍କା ରାଉତରାୟ ନେତୃତ୍ୱରେ ଚଢାଉ କରାଯାଇଥିଲା। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବ। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୩/୧୯) ରୁଜୁ ହୋଇଛି।

# କଲେଜ ଛାତ୍ରୀଙ୍କୁ ଗଣବଳାତ୍କାର

**■ ୪ ସହପାଠୀ ଛାତ୍ର ଅଟକ, ପୋଲିସ ତନାଘନା**

**ସୁନ୍ଦରଗଡ଼, ୧୫।୭ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ଅଞ୍ଚଳରେ ଥିବା ଏକ କଲେଜର ଜଣେ ଯୁକ୍ତ ୩ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସୋମବାର ଅପରାହ୍ଣ ସାଢେ ୪ଟାରେ ସୁନ୍ଦରଗଡ଼ ସଦର ଥାନାରେ ଛାତ୍ରୀ ଅଭିଯୋଗ କରିଛନ୍ତି। ପରେ ପୋଲିସ ଏକ ମାମଲା (ନଂ.୧୨୫/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସନ୍ଧ୍ୟାରେ ପୋଲିସ ୪ଜଣ ଛାତ୍ରଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ମଙ୍ଗଳବାର ପୀଡିତା ଛାତ୍ରୀ ଓ ଅଭିଯୁକ୍ତ ଛାତ୍ରମାନଙ୍କ ଡାକ୍ତରୀମାଇନା କରାଯିବ। ଗତ ୨୬ତାରିଖରେ ଛାତ୍ରୀ ଜଣକ ନିଜ ସହପାଠୀ ଛାତ୍ରଙ୍କ ସହ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଅପରାହ୍ଣ ସାଢେ ୪ଟାରୁ ୫ଟା ମଧ୍ୟରେ କିଞ୍ଜିରିକେଲା -ସୁନ୍ଦରଗଡ଼ ରାସ୍ତାର ଅଲେଇକେରା ଜଙ୍ଗଲ ମଧ୍ୟରେ ସହପାଠୀ ଛାତ୍ର ତାଙ୍କୁ ବଳାତ୍କାର କରିଥିଲେ। ପରେ ଅନ୍ୟ ୪ ଛାତ୍ର ପହଞ୍ଚି ବଳାତ୍କାର କରିଥିଲେ। ଘଟଣା ପରେ ଛାତ୍ରୀ ଜଣକ ଭୟଭୀତ ହୋଇପଡିଥିଲେ। ଏ ସମ୍ପର୍କରେ କାହାକୁ ଜଣାଇ ନ ଥିଲେ। ବାପ ଛେଉଣ୍ଡ ଏହି ଛାତ୍ରୀ ଜଣକ ବିଳମ୍ବରେ ଘରେ ସବୁ କଥା କହିବା ପରେ ଏହି ଘଟଣା ଥାନାକୁ ଆସିଥିଲା ।

# ■ପୋଲିସ ଡ୍ରେସ୍ ପିନ୍ଧି ଦୁର୍ବ୍ୟବହାର ଧାରଣାରେ ବସିଲେ ନର୍ସ

**କୋରାପୁଟ,୧୫।୭(ସ୍ୱ.ପ୍ର)**

କୋରାପୁଟ ମେଡିକାଲ କଲେଜ ଓ ହସପିଟାଲର ପୁରୁଷ ସର୍ଜରୀ ୱାର୍ଡରେ ରବିବାର ବିଳମ୍ବିତ ରାତିରେ ୨ ଜଣ ଯୁବକ ପୋଲିସ ଡ୍ରେସ ପିନ୍ଧି ନର୍ସମାନଙ୍କୁ ଦୁର୍ବ୍ୟବହାର କରିଥିଲେ । ପ୍ରତିବାଦରେ ସୋମବାର ସମସ୍ତ ନର୍ସ ମେଡିକାଲର ମୁଖ୍ୟ ଫାଟକଠାରେ ଧାରଣାରେ ବସିଥିଲେ। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ନର୍ସମାନଙ୍କୁ ସୁରକ୍ଷା ଦେବା ଓ ପ୍ରତି ରୋଗୀ ପିଛା ଆଟେଣ୍ଡାଣ୍ଟ ନିୟୋଜିତ କରିବାକୁ ଦାବି କରିଥିଲେ। ଏନେଇ ସନ୍ଧ୍ୟାରେ କୋରାପୁଟ ମେଡିକାଲରେ ପୋଲିସ ଓ ମେଡ଼ିକାଲ କର୍ତ୍ତୃପକ୍ଷ ଦୀର୍ଘ ୩ ଘଣ୍ଟା ଧରି ଆଲୋଚନା କରିଥିଲେ। ଆସନ୍ତା ୧୮ରୁ ମେଡିକାଲରେ ପୋଲିସ ମୁତୟନ କରାଯିବା ନେଇ ପ୍ରତିଶ୍ରୁତି ଦେବା ପରେ ନର୍ସମାନେ ଧାରଣାରୁ ଓହରିଥିଲେ ।

**■ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି**

# ଆଜି ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ

**ବଲାଙ୍ଗୀର ଅଫିସ,୧୫।୭**

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ଭୁବନେଶ୍ୱରରେ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ। ବଲାଙ୍ଗୀର ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ହେବାକୁ ଥିବା ଏହି ଗଣବିକ୍ଷୋଭରେ ଜିଲାର ଶତାଧିକ ଓକିଲ, ବୁଦ୍ଧିଜୀବୀ, ରାଜନେତା, ବିଭିନ୍ନ ସଙ୍ଗଠନର ପ୍ରତିନିଧି ସାମିଲ ହେବେ । ସୋମବାର ଓକିଲ ସଂଘ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ଶତାଧିକ ଓକିଲ ଓ ପ୍ରତିନିଧି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ସକାଳେ ବିଧାନସଭା ସମ୍ମୁଖରେ ଗଣବିକ୍ଷୋଭ କରାଯିବ । ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାର ସମସ୍ତ ନିର୍ବାଚିତ ଜନପ୍ରତିନିଧି ସାମିଲ ହେବାକୁ ନିମନ୍ତ୍ରଣ କରାଯାଇଛି । ଏହାସହିତ ଭୁବନେଶ୍ୱରଠାରେ ଥିବା ଜିଲାର ଶତାଧିକ ଛାତ୍ରୀଛାତ୍ର ଓ ବ୍ୟକ୍ତିବିଶେଷ ମଧ୍ୟ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି କ୍ରିୟାନୁଷ୍ଠାନ କମିଟି ସଂଯୋଜକ ଲଳିତ କୁମାର ନାୟକ ସୂଚନା ଦେଇଛନ୍ତି । ଏହି ଅବସରରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଯଶବନ୍ତ ସିଂ କମିଶନ ସୁପାରିଶ ଅନୁସାରେ ପଶ୍ଚିମ ଓଡ଼ିଶାର ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗୀର ହିଁ ଉପଯୁକ୍ତ ସ୍ଥାନ ବୋଲି କୁହାଯାଇଛି । ଏଭଳି ସ୍ଥିତିରେ ସରକାର ତୁରନ୍ତ ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଘୋଷଣା କରନ୍ତୁ ବୋଲି ଜିଲା ଓକିଲ ସଂଘ ଓ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଆସୁଛି । ଗଡ଼ଜାତ ମିଶ୍ରଣ ପୂର୍ବରୁ ପୂର୍ବତନ ପାଟଣା ଷ୍ଟେଟରେ ଏକ ହାଇକୋର୍ଟ କାର୍ଯ୍ୟ କରୁଥିଲା । କଟକ ହାଇକୋର୍ଟ ସ୍ଥାପନ ପରେ ବଲାଙ୍ଗୀରରେ କାର୍ଯ୍ୟ କରୁଥିବା ହାଇକୋର୍ଟ ବନ୍ଦ ହୋଇଥିଲା । ଏଣୁ ଏବେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗରେ ବଲାଙ୍ଗୀରର ଦାବିକୁ ପ୍ରାଥମିକତା ଦିଆଯିବାର ଆବଶ୍ୟକତା ରହିଛି ବୋଲି ଓକିଲ ସଂଘ ସଭାପତି ପ୍ରମୋଦ କୁମାର ତ୍ରିପାଠୀ, ମିଳିତ କ୍ରିୟାନୁଷ୍ଠାନ କମିଟି ସଂଯୋଜକ ନାୟକ କହିଛନ୍ତି ।

# କେନ୍ଦ୍ର ବୈଦେଶିକ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**■ଦୁବାଇରେ ଫସିଥିବା ୧୮ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଅନୁରୋଧ**

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ଦୁବାଇରେ ଫସିଥିବା ୧୮ ଓଡିଆ ଶ୍ରମିକଙ୍କ ଉଦ୍ଧାର ଲାଗି ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କରଙ୍କ ହସ୍ତକ୍ଷେପ ଲୋଡିଛନ୍ତି। ଧର୍ମେନ୍ଦ୍ର ଏକ ଚିଠି ଲେଖି କହିଛନ୍ତି ଯେ, ଏହି ମାମଲାରେ ବ୍ୟକ୍ତିଗତ ହସ୍ତକ୍ଷେପ କରିବାସହ ସମସ୍ତ ଓଡିଆ ଶ୍ରମିକଙ୍କୁ ଉଦ୍ଧାର କରି ସ୍ୱଦେଶକୁ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ। ନିକଟରେ ଦୁବାଇରୁ ୧୦ ଜଣ ଓଡିଆ ଶ୍ରମିକ ସୁରକ୍ଷିତଭାବେ ଉଦ୍ଧାର ହେବାପରେ ପୁଣିଥରେ ଦୁବାଇର ଏକ୍ସିମ୍ ନାମକ ଏକ କମ୍ପାନୀରେ କାମ କରୁଥିବା ଓଡିଶା ଗଞ୍ଜାମ ଜିଲାର ୧୮ ଓଡିଆ ଶ୍ରମିକ ଗତ ୪ ମାସ ହେବ ବିନା ଦରମା ଓ ଖାଦ୍ୟପେୟରେ ସେଠାରେ ଫସି ରହିଛନ୍ତି। ଏନେଇ ଖବର ପ୍ରକାଶିତ ହୋଇଛି । ଫସିରହିଥିବା ଶ୍ରମିକମାନେ ସେମାନଙ୍କ ଉଦ୍ଧାର ଲାଗି ଏକ ଭିଡିଓ ମାଧ୍ୟମରେ ଅପିଲ୍ ମଧ୍ୟ କରିଥିବା ସୂଚନା ମିଳିଛି। ତେଣୁ ଏହି ମାମଲାରେ ଶ୍ରମିକଙ୍କୁ ତତ୍କାଳ ସହାୟତା ଦିଆଯିବା ସହ ସମସ୍ତ ଶ୍ରମିକମାନଙ୍କୁ ଉଦ୍ଧାର କରି ଦେଶକୁ ଫେରାଇ ଆଣିବା ଲାଗି ତୁରନ୍ତ ପଦକ୍ଷେପ ନେବାକୁ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ଅନୁରୋଧ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ସାଉଦି ଆରବରେ ଫସିରହିଥିବା ସମସ୍ତ ୧୦ ଓଡିଆ ଶ୍ରମିକ ଗତ ଜୁନ ୨୬ରେ ଉଦ୍ଧାର ହୋଇ ସ୍ୱଦେଶ ଫେରିଥିଲେ ।

# ଆଜି ୧୧ ଜିଲାରେ ଝଡ଼ତୋଫାନ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ମଙ୍ଗଳବାର ୧୧ ଜିଲାକୁ ଝଡ଼ତୋଫାନ ସତର୍କ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ମୁତାବକ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, କନ୍ଧମାଳ, ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଙ୍ଗଳବାର ଝଡ଼ତୋଫାନ ସହ ବଜ୍ରପାତ ହେବା ଆଶଙ୍କା ରହିଛି। ଏହି ସମୟରେ ଘରୁ ନ ବାହାରିବାକୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଓଡ଼ିଶାର ଉତ୍ତର ଉପକୂଳର ବିଭିନ୍ନ ଜିଲା ସହ ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ଗଜପତି, ପୁରୀ ଜିଲାରେ ମଙ୍ଗଳବାର ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି କହିଛି ପାଣିପାଗ କେନ୍ଦ୍ର। ଅନ୍ୟପକ୍ଷରେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହୋଇଛି। ପୁରୀରେ ସର୍ବାଧିକ ୬ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ବଲାଙ୍ଗୀରରେ ୪ ମିମି, ବାଲେଶ୍ୱରରେ ୩ ମିମି, ବାରିପଦାରେ ୨.୨ ମିମି, ଟିଟିଲାଗଡ଼ ଓ ଦାରିଙ୍ଗବାଡ଼ିରେ ୨ ମିମି ରେକର୍ଡ କରାଯାଇଛି। ମୌସୁମୀ ଓ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ଜାରି ରହିଛି।


DADLS-12



ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୧୬ ଜୁଲାଇ, ୨୦୧୯

ସମୟ – ପୂର୍ବାହ୍ଣ ୯ ଘଟିକା

ରାଜଭବନ ଛକ ନିକଟସ୍ଥ ମହାନ୍ ବିପ୍ଲବୀ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସାଧାରଣ ସଭା

ସମୟ – ସଂଧ୍ୟା ଘ.୬.୩୦ ମିନିଟ୍ | ସ୍ଥାନ – ଜୟଦେବ ଭବନ

ମୁଖ୍ୟଅତିଥି : ଶ୍ରୀଯୁକ୍ତ ରଘୁନନ୍ଦନ ଦାସ, ମାନ୍ୟବର ମନ୍ତ୍ରୀ, ଜଳସଂପଦ, ସୂଚନା ଓ ଲୋକସମ୍ପର୍କ
ସମ୍ମାନିତ ଅତିଥି : ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାମଲ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ବ୍ୟୋମକେଶ ରାୟ , ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ବିଷ୍ଣୁ ସେଠୀ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ସଂଜୀବ କୁମାର ମଲ୍ଲିକ, ମାନ୍ୟବର ବିଧାୟକ
ଶ୍ରୀଯୁକ୍ତ ବିଷ୍ଣୁବ୍ରତ ରାଉତରାୟ, ମାନ୍ୟବର ବିଧାୟକ
ଡ. ଗୌରହରି ଦାସ, ବିଶିଷ୍ଟ ଲେଖକ
ମୁଖ୍ୟବକ୍ତା : ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ, ମାନ୍ୟବର ବିଧାୟକ ତଥା ସମ୍ବାଦର ସମ୍ପାଦକ

ସାଂସ୍କୃତିକ କାର୍ଯ୍ୟକ୍ରମ :
ସୁନାମଧନ୍ୟ କଣ୍ଠଶିଳ୍ପୀ ଆଶାମୁକୁଳ ବାରିକ, ହରପ୍ରିୟା ସ୍ୱାଇଁ, ଜୟୀରାଜ ମିଶ୍ର, ଅର୍ପିତା ଦାଶ, କେଶବ ଚନ୍ଦ୍ର ମହାରଣା ଓ ନମ୍ରତା ରାଉତଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯିବ ।


ଭୁବନେଶ୍ୱରର ସମସ୍ତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଏବଂ ଜନସାଧାରଣ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0015/1920



Who will GRAB the CROWN ?
HERE . NOW
OrissaPOST
Presents




METTLE MEET 2019
A Quiz Extravaganza

GRAND FINALE: 04 AUGUST 2019

OrissaPOST.Here.Now /orissapostlive www.orissapost.com

Sponsors : OMC | ODISHA NEW OPPORTUNITIES | नालको NALCO A NAVRATNA COMPANY
Co-sponsors : ODISHA INDIA'S BEST KEPT SECRET | MCL | adventz PARADEEP PHOSPHATES LIMITED
Partners : omfed | TEAM | Xpose ADVERTISING | www.odisha.live Odisha LIVE ଓଡ଼ିଶା ଲାଇଭ୍



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଝିଅ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ...

ପଶ୍ଚିମବଙ୍ଗରେ ଡାକ୍ତରଙ୍କ ଉପରେ ହୋଇଥିବା ଆକ୍ରମଣକୁ ନେଇ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କରିଥିଲେ। ରାଜ୍ୟରେ ଡାକ୍ତର ଓ ସମ୍ପୃକ୍ତ କର୍ମଚାରୀମାନେ ନିରାପଦରେ ନାହାନ୍ତି। ୨୦୧୭ରେ ୨୨୨୧ଟି ବଳାତ୍କାର ଘଟଣା ଘଟିଥିବା ବେଳେ ୨୦୧୮ରେ ୨୫୦୨ଟି ବଳାତ୍କାର ଘଟଣା ହୋଇଛି। ଅପରାଧ ସଂଖ୍ୟା ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି। ସରକାର ରାଜ୍ୟରେ ଅପରାଧୀଙ୍କୁ ସୁରକ୍ଷା ଦେଉଥିବା କାରଣରୁ ଏଭଳି ଘଟଣା ବଢ଼ି ଚାଲିଛି। ଅପରାଧୀଙ୍କର ପୋଲିସ ପ୍ରଶାସନ ପ୍ରତି ଆଦୌ ଡର ଭୟ ନାହିଁ। ଭୋଟ ସମୟରେ ଅପରାଧୀମାନେ ଖୋଲାଖୋଲି ଭାବେ ବୁଥ୍‌ରେ ଆସି ମତଦାତାଙ୍କୁ ଧମକ ଦେଉଥିବା ଦେଖିବାକୁ ମିଳିଥିଲା। ଏ ନେଇ ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଅଣାଯାଇଥିଲା। କମିଶନ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ମହାନିର୍ଦ୍ଦେଶକ ବଲାଙ୍ଗୀର ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଲେ ନାହିଁ। ଏହା ଅତ୍ୟନ୍ତ ସାଂଘାତିକ ବିଷୟ ହୋଇଥିବାରୁ ଗୃହରେ ଆଲୋଚନା ହେବା ଦରକାର। ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଉ ସେ ଗୃହରେ ଆସି ବିବୃତି ଦିଅନ୍ତୁ ବୋଲି ନରସିଂହ ଦାବି କରିଥିଲେ। ଏହି ସମୟରେ କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ରମେଶ ଜେନା, ମହମ୍ମଦ ମୋକିମ୍ ଓ ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ନେଇ ଗୃହରେ ବିବୃତି ଦିଅନ୍ତୁ ବୋଲି ଦାବି କରିଥିଲେ। ବାଚସ୍ପତି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। 'ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବା ଆମର ଦାବି, ସରକାର ତୁମେ ମାନିନିଅ, ମାନିନିଅ' ଏଭଳି ସ୍ଲୋଗାନ ଦେଇ ଗୃହ ମଧ୍ୟରେ ପ୍ରବଳ ହୋ ହଲ୍ଲା କରିଥିଲେ। ବିରୋଧୀ ଦଳଙ୍କ ପ୍ରଚଣ୍ଡ ଆକ୍ରମଣକୁ ଦେଖି ବାଚସ୍ପତି ଏ ସମ୍ପର୍କରେ ଗୃହରେ ବିବୃତି ଦେବା ଲାଗି ଗୃହ ବିଭାଗ ରାଷ୍ଟ୍ରମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ଏହାକୁ ମାନି ନ ଥିଲେ। ମୁଖ୍ୟମନ୍ତ୍ରୀ ଗୃହରେ ଆଇନଶୃଙ୍ଖଳାକୁ ନେଇ ବିବୃତି ଦିଅନ୍ତୁ। ନଚେତ ଗୃହ ଚଳାଇଦେବୁ ନାହିଁ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ୧୧ ଟା ୫୬ମିନିଟ୍‌ରେ ଗୃହକୁ ଅପରାହ୍ନ ୩ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ସେହି ପ୍ରସଙ୍ଗକୁ ନେଇ ପୁଣି ହଟ୍ଟଗୋଳ ହୋଇଥିଲା। ବାଚସ୍ପତି ଗୃହକୁ ୩ଟା ୫ ମିନିଟରୁ ୩ଟା ୨୬ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବିବୃତିକୁ ନେଇ ବିରୋଧୀ ଅଡି ବସିଲେ। ବାଚସ୍ପତି ଆସନ୍ତା ଦୁଇ ଦିନ ମଧ୍ୟରେ ଏ ନେଇ ନିଷ୍ପତ୍ତି ନେବେ ବୋଲି ବିରୋଧୀଙ୍କୁ ଆଶ୍ୱାସନା ଦେବା ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

### ରତ୍ନସିଂହାସନରେ...

ଆରମ୍ଭ ହୋଇଥିଲା। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା ସିଂହଦ୍ୱାର। ନନ୍ଦିଘୋଷ ରଥରୁ ମଦନମୋହନ, ତାଳଧ୍ୱଜ ରଥରୁ ରାମ, କୃଷ୍ଣଙ୍କୁ ମହାଜନସେବକମାନେ ଦକ୍ଷିଣୀଘରକୁ ବିଜେ କରାଇଥିଲେ। ଏହାପରେ ଚକ୍ରରାଜ ସୁଦର୍ଶନଙ୍କ ପହଣ୍ଡି ୪ଟା ୨୫ରେ ହୋଇଥିଲା। ସେବକମାନେ ସୁଦର୍ଶନଙ୍କୁ ରତ୍ନସିଂହାସନରେ ବିଜେ କରାଇଥିଲେ। ଅପରାହ୍ନ ୪ଟା ୫୦ରେ ବଡଠାକୁର ବଳଭଦ୍ର ଓ ସନ୍ଧ୍ୟା ୬ଟାରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ହୋଇଥିଲା। ସନ୍ଧ୍ୟା ୬ଟା ୩୫ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ରାତି ୮ଟା ୩୫ ସୁଦ୍ଧା ପହଣ୍ଡି ଶେଷ ହୋଇଥିଲା। ହେଲେ ମହାପ୍ରଭୁ ରଥରୁ ଓହ୍ଲାଉଥିବା ଦେଖି ଲକ୍ଷ୍ମୀ ଠାକୁରାଣୀ ଚାହାଣୀ ମଣ୍ଡପକୁ ବିଜେ କରିଥିଲେ। ଭେଟ ମଣ୍ଡପରୁ ଭିତରଚ୍ଛ ମହାପାତ୍ର ମହାଲକ୍ଷ୍ମୀଙ୍କୁ ମହାପ୍ରଭୁଙ୍କ ସହ ଭେଟ କରାଇଥିଲେ। କିନ୍ତୁ ବିବାହ ପରେ ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଭାଇ ଭଉଣୀଙ୍କୁ ସାଥିରେ ଧରି ଘୋଷଯାତ୍ରାରେ ଚାଲିଯାଇଥିଲେ। ତେଣୁ ଅଭିମାନ କରିଥିଲେ ଲକ୍ଷ୍ମୀ ଠାକୁରାଣୀ। ସେ ସିଂହଦ୍ୱାରକୁ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ସେ ସିଂହଦ୍ୱାର ଖୋଲି ଭିତରକୁ ଚାଲିଯାଇଥିଲେ। ଏହାପରେ ଶ୍ରୀମନ୍ଦିରକୁ ବିଜେ କରିଥିଲେ ମହାପ୍ରଭୁ। କିନ୍ତୁ ଜୟବିଜୟ ଦ୍ୱାର ବନ୍ଦ ରହିଥିଲା। ସେଠାରେ ବଚନିକା ସରିବା ପରେ ଭଣ୍ଡାରଘର ନିକଟରେ ଲକ୍ଷ୍ମୀଙ୍କ ସହିତ ଶ୍ରୀଜଗନ୍ନାଥଙ୍କର ଭେଟ ହୋଇଥିଲା। ସେଠାରେ ଠାକୁରଙ୍କ ବିବାହର ଗଇଁଠାଳ ଫିଟାଯାଇଥିଲା। ଏହି ନୀତିକୁ ଭିତରଚ୍ଛ ମହାପାତ୍ର ସମ୍ପାଦନ କରିଥିଲେ। ଏହାପରେ ସେଠାରେ ରସଗୋଲା ଭୋଗ ହୋଇଥିଲା। ଠାକୁର ରସଗୋଲା ଖୁଆଇ ମହାଲକ୍ଷ୍ମୀଙ୍କ ମାନଭଞ୍ଜନ କରିଥିଲେ। ଘଷା ବିଡ଼ିଆ ଓ ମଣୋହି ପରେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥିଲେ।

### ମୁଣ୍ଡବିହୀନ...

ଗୁଳି । ଏହାକୁ ନେଇ ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବା ପରେ ପରିସ୍ଥିତି ଅଣାୟତ୍ତ ହୋଇପଡିଛି। ଏହି ଦୁଇଟି ଘଟଣା ଉଦାହରଣ ହୋଇଥିଲେ ହେଁ ଏପରି ଅନେକ ଅପରାଧ ରାଜ୍ୟ ସାରା ଘଟିଚାଲିଛି। ରାଜ୍ୟ ପୋଲିସର ମଙ୍ଗୁଆଳଙ୍କୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ତୁରନ୍ତ ଦୂର ନ ହେଲେ ଆଗାମୀ ଦିନରେ ବଡ଼ ବଡ଼ ଅପରାଧ ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଅନେକେ ଆଶଙ୍କା ପ୍ରକାଶ କଲେଣି।

## 'ମିସ୍ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ' ଟାଇଟଲ ଜିତିଲେ ଓଡ଼ିଆ ଝିଅ



ଭୁବନେଶ୍ୱର,୧୫।୭(ବ୍ୟୁରୋ)

ନୂଆଦିଲ୍ଲୀରେ ଅନୁଷ୍ଠିତ ମିସ୍ ଟିନ୍ ଡିଭା ଇଣ୍ଡିଆ ଇଣ୍ଟରନ୍ୟାଶନାଲ ୨୦୧୯ ଟାଇଟଲ ଜିତିଛନ୍ତି ଓଡ଼ିଆ ଝିଅ ଲାବଣ୍ୟା ଦାସ। ଭୁବନେଶ୍ୱର ୟୁନିଟ୍-୮ ଡିଏଭିରେ ଦଶମ ଶ୍ରେଣୀରେ ପଢୁଥିବା ଲାବଣ୍ୟା ଏହି ଟାଇଟଲ ଜିତି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ରବିବାର ରାତିରେ ଅନୁଷ୍ଠିତ ଏହି ବ୍ୟୁଟି ପାଜେଣ୍ଟରେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀଭାବେ ଲାବଣ୍ୟା ଅଂଶଗ୍ରହଣ କରିଥିଲେ। ଭାରତରୁ ୪୦ ଜଣ ପ୍ରତିଯୋଗୀ ଫାଇନାଲ ରାଉଣ୍ଡକୁ ଯାଇଥିବାବେଳେ ଲାବଣ୍ୟା ସମସ୍ତଙ୍କୁ ପଛରେ ପକାଇ ଟାଇଟଲ ଜିତିଥିଲେ। ପୂର୍ବରୁ ମାଲେସିଆରେ ଅନୁଷ୍ଠିତ ମିସ୍ ଟୁରିଜିମ୍ ଆମ୍ବାସାଡର ୟୁନିଭର୍ସ ୨୦୧୮ ପ୍ରତିଯୋଗିତାରେ ସେ ମିସ୍ ଟୁରିଜିମ୍ ଆମ୍ବାସାଡର ୟୁନିଭର୍ସ ଟିନ୍ ଟାଇଟଲ୍ ହାସଲ କରିଥିଲେ। ଓଡ଼ିଶାର କଳା, ସଂସ୍କୃତିର ଝଲକ ଦେଇ ସେ ପିନ୍ଧିଥିବା ଗାଉନ୍ ଏହି ପ୍ରତିଯୋଗିତାର 'ବେଷ୍ଟ କଷ୍ଟ୍ୟୁମ୍' ଟାଇଟଲ୍ ଜିତିବାରେ ସଫଳ ହୋଇଥିଲା। ଏହାସହ ଥାଇଲାଣ୍ଡରେ ଅନୁଷ୍ଠିତ 'ପ୍ରିନ୍ସ ଆଣ୍ଡ ପ୍ରିନ୍ସେସ୍ ଇଣ୍ଟରନ୍ୟାଶନାଲ'ରେ ସେ 'ବେଷ୍ଟ ଫାଣ୍ଟାସୀ ନ୍ୟାଶନାଲ କଷ୍ଟ୍ୟୁମ୍', 'ବେଷ୍ଟ ଆଉଟ୍‌ଷ୍ଟାଣ୍ଡିଂ ଆଚିଭର୍ ୨୦୧୮' ଏବଂ 'ବେଷ୍ଟ ଫୋକ୍ ଡ୍ୟାନ୍ସର' ଜିତି ଓଡ଼ିଶା ପାଇଁ ଗୌରବ ଆଣିଥିଲେ।

## ରାଜସ୍ୱ, ଅବକାରୀ ବିଭାଗର ଖର୍ଚ୍ଚଦାବି ମଞ୍ଜୁର

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରେ ଗୃହରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଯାଇଛି। ସୋମବାର ଗୃହରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଅବକାରୀ ବିଭାଗର ବ୍ୟୟ ବରାଦ ବିଲ୍‌କୁ ମଞ୍ଜୁରୀ ମିଳିଛି। ଆର୍ଥିକ ବର୍ଷ ୨୦୧୯-୨୦ ବଜେଟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରେ ସର୍ବମୋଟ ୧୧୫୮ କୋଟି ୯୩ଲକ୍ଷ ୩୧ ହଜାର ଟଙ୍କାର ବ୍ୟୟବରାଦ ବିଲ୍‌କୁ ମଞ୍ଜୁରୀ ମିଳିଛି। ଗୃହରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି ଯେ, ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠାନର ପ୍ରଶାସନିକ ବ୍ୟୟ ବାବଦରେ ୧୦୧୨କୋଟି ୩୨ଲକ୍ଷ ୨୬ହଜାର ଟଙ୍କା ବରାଦ କରାଯାଇଛି। ଏହାସହ କାର୍ଯ୍ୟକ୍ରମ ବାବଦରେ ମୋଟ ୧୪୬,୬୧.୦୫ କୋଟି ଟଙ୍କା ଖର୍ଚ୍ଚ ବରାଦ କରାଯାଇଛି। ଏହି ବିଭାଗ ଅଧୀନ ନୂତନ କୋଠାବାଡି ନିର୍ମାଣ, ରାଜସ୍ୱ କାର୍ଯ୍ୟାଳୟ ଗୁଡିକର ଭିତ୍ତିଭୂମିର ସୁଦୃଢ଼ୀକରଣ, ସରକାରୀ ଜମିର ସୁରକ୍ଷା ଆଦି ବିଭିନ୍ନ ପରିକଳ୍ପନା କାର୍ଯ୍ୟାନ୍ୱୟନ କରିବା ପାଇଁ ବଜେଟରେ ସମୁଦାୟ ୧୪୬କୋଟି ୬୧ଲକ୍ଷ ୦୫ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ଟି କୁ ମୂଳମନ୍ତ୍ରଭାବେ ଗ୍ରହଣ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ସମସ୍ତ ବିଭାଗ ତରଫରୁ ବଳିଷ୍ଠ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବିଧାୟକମାନେ ଉଠାଇଥିବା ପ୍ରସଙ୍ଗରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଥିବା ୪୧୧୬ ପଡାଗ୍ରାମକୁ ରାଜସ୍ୱ ଗ୍ରାମରେ ପରିଣତ କରିବା ଲାଗି ସରକାରଙ୍କ ବିଚାରାଧୀନ ରହିଛି। ସମସ୍ତ ତହସିଲରେ ଅନଲାଇନ ଦାଖଲ ଏବଂ ଖାରଜ ପ୍ରକ୍ରିୟାକୁ ବାଧ୍ୟତାମୂଳକ କରାଯାଇଛି। ଖାରଜ ହେଉଥିବା ମାମଲାଗୁଡିକର ଫଇସଲା ପରେ ଆବେଦନକାରୀଙ୍କ ନିକଟକୁ ଡାକ ମାଧ୍ୟମରେ ପଟ୍ଟା ପଠାଇ ଦିଆଯାଉଛି। ରାଜସ୍ୱ ଗ୍ରାମଗୁଡିକରେ ଭ୍ରାମ୍ୟମାଣ ରାଜସ୍ୱ ଅଦାଲତ ଶିବିର କରିବା ପାଇଁ ତହସିଲଦାରମାନଙ୍କୁ ପରାମର୍ଶ ଦିଆଯାଇଛି। ଜନସାଧାରଣଙ୍କ ଅଭିଯୋଗ ଶୁଣିବାକୁ ଟୋଲ୍ ଫି ନମ୍ବର ଦିଆଯାଇଛି। ବିଭାଗ ଦ୍ୱାରା ଅଣଆବାସିକ ଏବଂ ଆବାସିକ ଗୃହ ନିର୍ମାଣ ପାଇଁ ୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ୨୦ କୋଟି ଟଙ୍କା ଯାଜପୁର ଜିଲାରେ ପ୍ରସ୍ତାବିତ ପ୍ରଶାସନ ନଗର ତିଆରି ଲାଗି ଆବଶ୍ୟକ ଜମି ଅଧିଗ୍ରହଣ ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ୧୯୯୫ ମସିହା ପୂର୍ବର ଫାଇଲକୁ ଡିଜିଟାଇଜେଶନ କରିବାକୁ ୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜସ୍ୱ ରେକର୍ଡ ଗୃହ ପାଇଁ ଆସବାବ ଓ ସଂଲଗ୍ନ ଉପକରଣ ସଂଗ୍ରହ ଏବଂ ଉନ୍ନତୀକରଣ ପାଇଁ ୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜସ୍ୱ ଭିତ୍ତିଭୂମିର ସୁଦୃଢ଼ୀକରଣ ଲାଗି ୧୫କୋଟି ୮୦ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଲଘୁ ଖଣିଜ ଦ୍ରବ୍ୟର ବେଆଇନ କାରବାର ଓ ଚୋରି ରୋକିବା ନିମନ୍ତେ ୫କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହାସହ ଏହି ଲଘୁ ଖଣିଜ ଦ୍ରବ୍ୟର ବେଆଇନ କାରବାର ରୋକିବା ନିମନ୍ତେ ସରକାର ଏକ ନିର୍ଦ୍ଦେଶାଳୟ ପ୍ରତିଷ୍ଠା ପାଇଁ ଚିନ୍ତା କରୁଛନ୍ତି। ରାଜ୍ୟରେ ବାସଗୃହ ନ ଥିବା ୭୧,୭୬୧ ପରିବାର ଚିହ୍ନଟ ହୋଇଛନ୍ତି। ସେଥି ମଧ୍ୟରୁ ୨୩,୫୨୧ ବାସଗୃହହୀନ ପରିବାରଙ୍କୁ ବାସ ଉପଯୋଗୀ ଜମି ଯୋଗାଇ ଦିଆଯାଇଛି। ଅବଶିଷ୍ଟଙ୍କୁ ଦେବାକୁ ପଦକ୍ଷେପ ନିଆଯାଇଛି।

**■ ୪୧୧୬ ପଡ଼ାଗ୍ରାମ ରାଜସ୍ୱ ଗ୍ରାମରେ ପରିଣତ ହେବ**

### ■ ଗୃହରେ ମନ୍ତ୍ରୀ,ଶାସକ ବିଧାୟକଙ୍କ ଅନୁପସ୍ଥିତି ନେଇ ପ୍ରଶ୍ନ ଉଠାଇଲେ ତାରା

## 'ପାଟକୁରା ନିର୍ବାଚନ ପର୍ଯ୍ୟନ୍ତ ଗୃହ ବନ୍ଦ କରିଦିଆଯାଉ'

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ବିଧାନସଭାରେ ସୋମବାର ଅପରାହ୍ନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଅବକାରୀ ବିଭାଗ ବ୍ୟୟ ବରାଦ ବିଲ୍‌କୁ ମଞ୍ଜୁରୀ ଦେବା ନେଇ ଆଲୋଚନା ଚାଲିଥିଲା। ଏହି ସମୟରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ପଏଣ୍ଟ ଅଫ୍ ଅର୍ଡର ଆଣିଥିଲେ। ବାଚସ୍ପତି ତାରାଙ୍କ ପଏଣ୍ଟ ଅଫ୍ ଅର୍ଡରକୁ ଗ୍ରହଣ କରି ତାଙ୍କୁ କହିବାର ସୁଯୋଗ ଦେଇଥିଲେ। ତାରା ଗୃହରେ ଶାସକ ଦଳର ମନ୍ତ୍ରୀ ଏବଂ ବିଧାୟକମାନେ ଅନୁପସ୍ଥିତ ରହିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, ପାଟକୁରା ନିର୍ବାଚନ ଆସନ୍ତା ୨୦ରେ ହେବାକୁ ଯାଉଛି। ସେଥିପାଇଁ ଶାସକ ଦଳର ଅଧିକାଂଶ ମନ୍ତ୍ରୀ ଓ ବିଧାୟକ ସେଠାରେ ଡେରା ପକାଇଛନ୍ତି। ତେଣୁ ଗୃହରେ ପ୍ରଶ୍ନକାଳ ଚାଲିଥିବାବେଳେ ୨୧ଜଣ ମନ୍ତ୍ରୀଙ୍କ ମଧ୍ୟରୁ ମାତ୍ର ୬ଜଣ ଉପସ୍ଥିତ ଅଛନ୍ତି। ଯେଉଁଠାରେ ସାଢେ ୪କୋଟି ଲୋକଙ୍କ ସମସ୍ୟା ନେଇ ଆଲୋଚନା ହେଉଛି ସେଠାରେ ବିଧାୟକ ଏବଂ ମନ୍ତ୍ରୀମାନେ ଅନୁପସ୍ଥିତ ରହିବା ଦୁର୍ଭାଗ୍ୟଜନକ। ତେଣୁ ବାଚସ୍ପତି ଗୃହକୁ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ବନ୍ଦ କରିଦେବା ଭଲ ହେବ। ଆଉ ଏଥିପାଇଁ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ବାଚସ୍ପତି ଚିଠି ଲେଖି ଜଣାନ୍ତୁ। ମୁଖ୍ୟମନ୍ତ୍ରୀ ଯେହେତୁ ଗୃହରେ ଅନୁପସ୍ଥିତ ରହୁଛନ୍ତି ସେଥିଲାଗି ତାଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ ଚିଠି ଲେଖିବାକୁ ତାରା ଗୃହରେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ କୌଣସି ଏକ ଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁମାନଙ୍କ ସହ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଘରର କେତେକ ରହିଯାଇଥିବା କାମକୁ କରିବା ସକାଶେ ଚିନ୍ତା କରିବେ। ଲେଖାପଢା, ସଭାସମିତି, ଆନୁଷ୍ଠାନିକ କାମ, ବାଣିଜ୍ୟ, ବ୍ୟବସାୟରେ କେତେକ ସମସ୍ୟା ଦେଖାଦେଇପାରେ।

**ବୃଷ** ବନ୍ଧୁଙ୍କଠାରୁ ପୂର୍ବ ପ୍ରତିଶ୍ରୁତି ଅନୁଯାୟୀ ଅର୍ଥ ପାଇ ଖୁସି ହେବେ। ଗୁରୁଜନମାନଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବା ସଙ୍ଗକୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ଆଜି ଦିନ ଭିତରେ ପୂର୍ବ ନିର୍ଦ୍ଧାରିତ ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ। ଉଦ୍ୟମ ସଫଳ ଦିଗରେ ଜଣେ ଜଣାଶୁଣା ଗୌରବର୍ଣ୍ଣର ବ୍ୟକ୍ତି ସାହାଯ୍ୟ କରିପାରନ୍ତି। ଯାତ୍ରା କାଳରେ ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ, ଯାହା କି ଅନର୍ଥର କାରଣ ହୋଇପାରେ।

**କର୍କଟ** କର୍ମାଧିପତିଙ୍କ ଦୁର୍ବଳତା କାରଣରୁ ଅସ୍ଥିରତା ଲାଗି ରହିବ। ଉଚ୍ଚବର୍ଗଙ୍କ ସାହାଯ୍ୟରେ କାର୍ଯ୍ୟସିଦ୍ଧି ଘଟିବା ସହ ବନ୍ଧୁମିଳନରୁ ଉତ୍ସାହିତ ହେବେ। ରୋଗ, ଋଣ ଓ ଶତ୍ରୁତା କାରଣରୁ ମାନସିକ ସ୍ଥିରତା ରହି ନ ପାରେ। ଭୁଲ୍ ବୁଝାମଣାରୁ ଅତିପ୍ରିୟ ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ। ପାରିବାରିକ ସମସ୍ୟାକୁ ସମାଧାନ ସକାଶେ ଚେଷ୍ଟା କରିବେ।

**ସିଂହ** ପରିସ୍ଥିତିରେ ପଡି ଇଚ୍ଛା ନ ଥିଲେ ମଧ୍ୟ ନିକଟ ସମ୍ପର୍କୀୟ ମାନଙ୍କ ସକାଶେ ବ୍ୟୟ କରିବାକୁ ବାଧ୍ୟ ହେବେ। କୌଣସି ଅତ୍ୟାବଶ୍ୟକ ଜିନିଷ ଅଭାବରୁ କର୍ମାରମ୍ଭରେ ପ୍ରଥମେ ପ୍ରଥମେ ସଂକଟର ସମ୍ମୁଖୀନ ହୋଇପାରନ୍ତି। ଅଫିସରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆଶାଜନକ ସୁଫଳ ପାଇବେ।

**କନ୍ୟା** ମାନସିକ ଅସ୍ଥିରତା କାରଣରୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଯେସାକୁ ତେସା ନୀତିରେ କାମ କରି ସମାଲୋଚିତ ହୋଇପାରନ୍ତି।

**ତୁଳା** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିବା କାରଣରୁ ମନ ବିଚଳିତ ରହିବ। ସହକର୍ମୀଙ୍କ ସହଯୋଗରେ ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲ କରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଆଜିର ସକାଳୁଆ ଯାତ୍ରାରେ ସଫଳତା ମିଳିବା ସହ ଆଶା ପୂରଣ ହୋଇଯିବ। କର୍ମକ୍ଷେତ୍ରରେ ତଥା ପ୍ରଶାସନିକ ସ୍ତରରେ ବ୍ୟସ୍ତତା ଦୂର ହୋଇଯିବ। ସତର୍କରେ ଚଳନ୍ତୁ, ଅନ୍ୟଥା ନିଜର ପାଖ ଲୋକମାନେ ଅପପ୍ରଚାର କରିପାରନ୍ତି। ଉପକୃତ ବ୍ୟକ୍ତିମାନେ ପୂର୍ବ ସାହାଯ୍ୟକୁ ପାସୋରି ଶତ୍ରୁତା କରିପାରନ୍ତି।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେଇପାରେ। ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ ନାହିଁ ଏବଂ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ ନାହିଁ। ବାକି ପଡିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହୋଇପାରେ। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣାରେ ଆପଣଙ୍କ ପାଖ ମାଡି ନ ପାରେ।

**ମକର** ପୂର୍ବ ସ୍ଥିରୀକୃତ ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଅନ୍ୟ ମାନଙ୍କ କଥା ରକ୍ଷା କରିବାକୁ ଯାଇ ବନ୍ଧୁଦ୍ୱାରକୁ ଗମନ କରିପାରନ୍ତି। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

**କୁମ୍ଭ** ବନ୍ଧୁଙ୍କ ଅନୁରୋଧରେ ସକାଳୁ ସକାଳୁ ଦେବ ଦର୍ଶନ ସକାଶେ ମନ ବଳାଇବେ। ଖାଦ୍ୟପେୟରେ ସତର୍କ ନ ରହିବା କାରଣରୁ ଅଜୀର୍ଣ୍ଣ ଓ ଆମାଶୟ ଦେଖା ଦେଇପାରେ। ପଡୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି।

**ମୀନ** ସାମାନ୍ୟ ସ୍ୱାର୍ଥତ୍ୟାଗ ଓ ସହନଶୀଳତା କାରଣରୁ ଅନ୍ୟମାନଙ୍କୁ ଆପଣାର କରିପାରିବେ। କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ।

ଆଜି ଆଷାଢ଼ ଶୁକ୍ଳପକ୍ଷର ଗୁରୁପୂର୍ଣ୍ଣିମା ମଙ୍ଗଳବାର, ବ୍ୟାସଦେବଙ୍କ ଜୟନ୍ତୀ, କେତୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ, ଜୁଲାଇ ୧୬ ତାରିଖ, ରାଶିନକ୍ଷତ୍ର- ପୂର୍ବାଷାଢା/ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମକର ରାଶିର ଘାତବାର, ଅଦ୍ୟ ମାସାନ୍ତ, ସକାଳ ଘ.୮।୨୮ମି. ଗତେ ଘ.୧୦।୦୮ମି. ମଧ୍ୟେ, ଘ.୧୧।୪୭ମି. ଗତେ ଘ.୧।୨୫ମି. ମଧ୍ୟେ ଅମୃତବେଳା ଓ ଦିବା ଘ.୧୦।୦୮ମି. ଗତେ ଘ.୧୧।୪୭ମି. ମଧ୍ୟେ, ଘ.୩।୪୧ମି. ଗତେ ଘ.୫।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର ରେଡଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/- ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**5000 Plus sqft. residential plot for sale in Sishu Vihar, Patia. Ideal for Tutorials also. Contact directly 9871155802, 8240107574.** D-13427

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938991256, 9090556060.** D-66731

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ BDA yellowzone plot 30'road, ଇଲେକ୍ଟ୍ରିସିଟି ଥାଇ sqft 999/-, ପିପିଲି bypass ପାଖରେ 399/- ରେ ବିକ୍ରିହେବ। 8917502591.** D-66732

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-13401

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Bhubaneswar- Pitapalli Chhaka ଠାରୁ 100 ମିଟର ଦୂରରେ BDA Plot, Road, Electric, ପାଚେରି ସହିତ ଶସ୍ତାରେ କିଣନ୍ତୁ। Contact: 9439101373, 6370485344. D-13422

**ଭୁବନେଶ୍ୱର Infocity-2 boundary କୁଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66729



ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ- ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13425



Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies & gents smart therapist. 9040900385. D-66926

Kajal ayurvedic massage club fully relaxed by smart lady, home service available. 9937637219. D-66928

Ayurvedic full body massage ladies/gents smart experts therapist. 9114697517. D-66929

**AFFIDAVIT**

I Subhana Das, daughter of Surendra Nath Pradhan of HIG-203, Sailashree Vihar, Phase-VII, Bhubaneswar vide affidavit dated on 15.07.2019, that my name was wrongly recorded in my graduation certificate as Subhanarani Pradhan. Subhana Das and Subhanarani Pradhan are one and the same person. D-13426



“ଯେଉଁ ଲୋକ ଦାରିଦ୍ର୍ୟ ସହିତ ସଂଗ୍ରାମ କରି ବିଜୟୀ ହୋଇଛି, ସେ ପ୍ରକୃତରେ ଶକ୍ତିଶାଳୀ ମନୁଷ୍ୟ, କିନ୍ତୁ ଜୀବନସାରା ସମ୍ପଦ ଭିତରେ ରହିଥିବା ଲୋକ ନୁହେଁ।
- କାର୍ଲାଇଲ୍

# କେନ୍ଦ୍ର ବଜେଟ୍ ବିରୋଧରେ ଏଆଇଟିୟୁସିର ବିକ୍ଷୋଭ

## ଶ୍ରମିକଙ୍କ ପାଇଁ ବଜେଟ୍‌ରେ କୌଣସି ପ୍ରାବଧାନ ନାହିଁ



କେନ୍ଦ୍ର ବଜେଟ ବିରୋଧରେ ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା।

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

କେନ୍ଦ୍ର ସରକାର ତାଙ୍କ ବଜେଟରେ ଘରୋଇକରଣ ଓ କର୍ପୋରେଟଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି। ହେଲେ ୪୪ଟି ଶ୍ରମ ଆଇନ୍‌କୁ ୪ଟି କୋଡ୍‌ରେ ପରିବର୍ତ୍ତନ କରି ଶ୍ରମିକଙ୍କ ଅଧିକାରକୁ ଖର୍ବ କରିଛନ୍ତି। ଶ୍ରମିକଙ୍କ ପାଇଁ ବଜେଟରେ ସେପରି କିଛି ବ୍ୟବସ୍ଥା ନାହିଁ। ବଜେଟରେ ସାର୍ବଜନୀନ ମାତୃତ୍ୱକାଳୀନ ସୁବିଧା, କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା, ସମାନ କାମକୁ ସମାନ ମଜୁରୀ, ଅଙ୍ଗନୱାଡ଼ି, ଆଶା ଓ ମଧ୍ୟାହ୍ନଭୋଜନ ପାଚିକା ଏବଂ ଶ୍ରମିକଙ୍କ ପାଇଁ ମାନ୍ୟତା ଆଦିର କୌଣସି ପ୍ରାବଧାନ ନାହିଁ। ଏହା ଶ୍ରମିକ, କୃଷକ ଓ ସାଧାରଣ ଶ୍ରମଜୀବୀ ବିରୋଧୀ ବଜେଟ। ସୋମବାର କେନ୍ଦ୍ର ବଜେଟ ବିରୋଧରେ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା ଅବସରରେ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ଡ. ସୌରୀବନ୍ଧୁ କର ଓ ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ଜୟନ୍ତ ଦାସ କହିଛନ୍ତି।

ଏଆଇଟିୟୁସି ଭୁବନେଶ୍ୱର ଜିଲା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ସାମିଲ୍ ହୋଇଥିଲେ। ସେମାନେ ଅଶୋକନଗରସ୍ଥିତ ଭଗବତୀ ଭବନଠାରୁ ଶୋଭାଯାତ୍ରା ବାହାରି ମାଷ୍ଟର କ୍ୟାଣ୍ଟିନ ଦେଇ ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲେ। ଏଆଇଟିୟୁସି ଭୁବନେଶ୍ୱର ଜିଲା କମିଟି ସମ୍ପାଦକ ସୁର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସେମାନେ କେନ୍ଦ୍ର ସରକାର ଓ ବଜେଟ ବିରୋଧରେ ନାନା ନାରାବାଜି କରିଥିଲେ। ସି.ଭି.ଏନ୍ ରାଓ, ସୀମାଞ୍ଚଳ ବାରିକ, ପଦ୍ମଚରଣ ପାତ୍ର, ମମତା ଓଝା, ଗୋହିଗୋବିନ୍ଦ ବେଶ୍ରା, କୈଳାସ ପୁହାଣ, ପବିତ୍ର ସ୍ୱାଇଁ, ନାରୀନେତ୍ରୀ ରୀତା ସେଠୀ, ଛେତମ୍ବର ଭୋଇ, ସସ୍ମିତା ନାୟକ, ବିଦ୍ୟୁତ୍ ନେତା ଶ୍ରୀକୃଷ୍ଣ ପଟ୍ଟନାୟକ ଓ ଲୋକନାଥ ଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

■ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟ

# ବୃକ୍ଷରୋପଣ ପାଇଁ ଆଉ ୩୨୯.୧୭ କୋଟି ଆବଶ୍ୟକ

**ଭୁବନେଶ୍ୱର, ୧୫।୭(ବ୍ୟୁରୋ)**

ରାଜ୍ୟରେ ଜଳବାୟୁ ପରିବର୍ତ୍ତନ ଜନିତ ସ୍ଥିତିର ମୁକାବିଲା ତଥା ସବୁଜୀକରଣ ପାଇଁ ବହୁ ମାତ୍ରାରେ ବୃକ୍ଷରୋପଣର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାର ବର୍ତ୍ତମାନ ବୃକ୍ଷରୋପଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଜଙ୍ଗଲ ଓ ପରିବେଶ ବିଭାଗ ଏ ନେଇ ବିଭିନ୍ନ ପଦକ୍ଷେପ ହାତକୁ ନେଇଛି। ବିଭିନ୍ନ ପ୍ରକଳ୍ପ ବା ଯୋଜନା ଅଧୀନରେ ଆସୁଥିବା ବଜେଟ୍‌ରେ ଏହି ବୃକ୍ଷରୋପଣ କରାଯାଇଥାଏ। ତେବେ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବଜେଟରେ କମ୍ ଟଙ୍କା ଅନୁମୋଦନ ହୋଇଛି। ଆଇଜିସି (ଇନ୍‌କ୍ରିଜିଂ ଦି ଗ୍ରୀନ୍ କଭର) ଯୋଜନାରେ ମୋଟ ୧୫୨.୧୨କୋଟି ଟଙ୍କା ଆବଶ୍ୟକ ଥିବାବେଳେ ମାତ୍ର ୩୫କୋଟି ଟଙ୍କା ଅନୁମୋଦନ ହୋଇଛି। ଆହୁରି ୧୧୭.୧୨କୋଟି ଟଙ୍କା କମ୍ ପଡୁଛି। ସେହିପରି ଗ୍ରୀନ୍ ମହାନଦୀ ମିଶନ ଯୋଜନା ପାଇଁ ମୋଟ ୧୦୫.୭୨ କୋଟି ଟଙ୍କା ଆବଶ୍ୟକ ଥିବାବେଳେ ୫୧କୋଟି ଟଙ୍କା ପାଇଁ ଅନୁମୋଦନ ମିଳିଛି। ଆହୁରି ୫୪.୭୨କୋଟି ଟଙ୍କା ଆବଶ୍ୟକ ରହିଛି। ଆମ ଜଙ୍ଗଲ ଯୋଜନା ପାଇଁ ୪୩.୩୫କୋଟି ଆବଶ୍ୟକ ଥିବା ବେଳେ ୧୦କୋଟି ପାଇଁ ଅନୁମୋଦନ ମିଳିଛି। ଆଉ ୩୩.୩୫କୋଟି ଆବଶ୍ୟକ ରହିଛି। ତେବେ ଓଏଫ୍‌ଏସ୍‌ଡିପି (ଓଡ଼ିଶା ଫରେଷ୍ଟ୍ରୀ ସେକ୍ଟର ଡେଭଲପ୍‌ମେଣ୍ଟ ପ୍ରୋଜେକ୍ଟ) ଯୋଜନା ସବୁଠାରୁ ଅଧିକ ଟଙ୍କାର ଆବଶ୍ୟକତା ରହିଛି। ଏହି ଯୋଜନା ପାଇଁ ମୋଟ ୧୬୩.୯୮କୋଟି ଟଙ୍କା ଆବଶ୍ୟକ ଥିବାବେଳେ ଚଳିତ ବଜେଟ୍‌ରେ ମାତ୍ର ୪୦କୋଟି ଟଙ୍କା ପାଇଁ ଅନୁମୋଦନ ମିଳିଛି। ଅର୍ଥାତ୍ ଏହି ଯୋଜନାରେ ଆହୁରି ୧୨୩.୯୮କୋଟି ଟଙ୍କା କମ୍ ପଡୁଛି। ତେଣୁ ଏସବୁ ଯୋଜନା ପାଇଁ ବଜେଟ୍‌ରେ ଅନୁମୋଦନ ହୋଇଥିବା ଟଙ୍କାକୁ ବୃଦ୍ଧି କରିବା ନିମନ୍ତେ ଜଙ୍ଗଲ ଓ ପରିବେଶ ବିଭାଗର ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ପରାମର୍ଶ ଦେଇଛି।

## ତପ୍ତପାଣି, ମାଙ୍କଡ଼ା ଡିଆଁ ଓ ଭିତରକନିକାର ଉନ୍ନତିକରଣ ପାଇଁ ପରାମର୍ଶ

କମିଟି ଉପସ୍ଥାପନା କରିଥିବା ରିପୋର୍ଟରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ଟଙ୍କା ଉପରେ ମଧ୍ୟ ଦର୍ଶାଇଛି। ରିପୋର୍ଟ ଅନୁସାରେ, କାମ୍ପା ପ୍ରୋଜେକ୍ଟ ଓ ଷ୍ଟେଟ୍ ପ୍ଲାନ୍ ଅଧୀନରେ ଭୁବନେଶ୍ୱରରେ ଏକ ଫରେଷ୍ଟ ଏକାଡେମୀ ନିର୍ମାଣ ହେଉଛି। ଏଠାରେ ହେବାକୁ ଥିବା ଫାକଲ୍‌ଟି ଓ ଷ୍ଟାଫ୍ କ୍ୱାର୍ଟର୍ସ ପାଇଁ ମୋଟ ୫କୋଟି ଆବଶ୍ୟକ ରହିଥିବା ବେଳେ ବଜେଟ୍‌ରେ ୨କୋଟି ଟଙ୍କା ପାଇଁ ଅନୁମୋଦନ ହୋଇଛି। ତେଣୁ ଆଉ ୩କୋଟି ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ନନ୍ଦନକାନନରେ ଏକ ମଲ୍‌ଟି ଲେଭଲ ପାର୍କିଂ ନିର୍ମାଣ କାର୍ଯ୍ୟ ଚାଲିଛି। ନୂଆ କାଠଯୋଡ଼ି ବ୍ରିଜ୍ ହେବା ପରେ କଟକ ପର୍ଯ୍ୟନ୍ତ ନନ୍ଦନକାନନ ରୋଡ୍‌କୁ ବଢ଼ାଯାଉଛି। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ନନ୍ଦନକାନନକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ରାସ୍ତାରେ ଏକ ଅଣ୍ଡରପାସ୍ ହେବ। ଏହିସବୁ କାର୍ଯ୍ୟ ପାଇଁ ଆଉ ୫କୋଟି ଦେବା ପାଇଁ ବିଭାଗ ପକ୍ଷରୁ କୁହାଯାଇଛି। ଚିଲିକା ଲାଗୁନ୍‌ର ମ୍ୟାନେଜ୍‌ମେଣ୍ଟ ଓ ସଂରକ୍ଷଣ ସହିତ ବିଭିନ୍ନ ଗବେଷଣା ଏବଂ ଜବରଦଖଲ ଉଚ୍ଛେଦ ପାଇଁ ଅଧିକ ଟଙ୍କାର ଆବଶ୍ୟକ ରହିଥିବା କମିଟି କହିଛି। ତେଣୁ ଅନୁମୋଦିତ ହୋଇଥିବା ୪କୋଟି ବଜେଟ୍‌ରେ ଆଉ ୩କୋଟି ଟଙ୍କା ଦେବାପାଇଁ କମିଟି ପକ୍ଷରୁ କୁହାଯାଇଛି। ସେହିଭଳି ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ତପ୍ତପାଣି ଓ ମାଙ୍କଡ଼ା ଡିଆଁ ଉନ୍ନତିକରଣ ଏବଂ ଭିତରକନିକା ଜାତୀୟ ଉଦ୍ୟାନରେ ଇକୋ-ଟୁରିଜିମ୍ ଭିତ୍ତିଭୂମିର ଉନ୍ନତିକରଣ ପାଇଁ କମିଟି ପରାମର୍ଶ ଦେଇଛି।


# ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଖରିଫ-୨୦୧୯

(ଭାରତ ସରକାର, ଓଡ଼ିଶା ସରକାର ଏବଂ ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକାରୀ)

ସତ୍ୟମେବ ଜୟତେ

## ଋଣୀ ଓ ଅଣଋଣୀ ଚାଷୀମାନଙ୍କ ପାଇଁ ବିଶେଷ ସୂଚନା

ଭାରତ ସରକାରଙ୍କ ଏହି ଯୋଜନାକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଖରିଫ୍-୨୦୧୯ ଋତୁ ପାଇଁ ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏ.ଆଇ.ସି.)କୁ ବୌଦ୍ଧ, କନ୍ଧମାଳ, କୋରାପୁଟ, ନୂଆପଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟକାରୀ କରିବା ନିମନ୍ତେ ଅଧିକୃତ କରିଛନ୍ତି। ଏହି ଋତୁ ପାଇଁ ଓଡ଼ିଶା ସରକାରଙ୍କ ଅଧିସୂଚନା ସମସ୍ତ ଜିଲ୍ଲା ସହକାରୀ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ବ୍ୟବସାୟିକ ବ୍ୟାଙ୍କ, ଜିଲ୍ଲା ଓ ବ୍ଲକ୍ କୃଷି ଅଧିକାରୀ, ଡି.ଡି.ଏମ୍. (ନାବାର୍ଡ଼) ଏବଂ ଏଲ୍.ଡି.ଏମ୍.ମାନଙ୍କ ପାଖରେ ଉପଲବ୍ଧ ଅଛି।

୧. **ବିଜ୍ଞାପିତ ବୀମା ଯୋଗ୍ୟ ଫସଲ:**- ଧାନ, ଚିନାବାଦାମ, ମକା, ହରଡ଼, ମାଣ୍ଡିଆ, କପା, ହଳଦୀ, ଅଦା।
୨. **ବିଜ୍ଞାପିତ ବୀମା ଏକକ:**- ଧାନ ଫସଲ ପାଇଁ ସମସ୍ତ ଗ୍ରାମପଞ୍ଚାୟତ, ଏନ୍.ଏ.ସି., ମ୍ୟୁନିସିପାଲିଟି। ଅନ୍ୟ ଫସଲ ପାଇଁ ନିର୍ଦ୍ଦିଷ୍ଟ ବ୍ଲକ୍।
୩. ଋଣୀ ଚାଷୀଙ୍କ ପାଇଁ ବୀମା ବାଧ୍ୟତାମୂଳକ ଏବଂ ଅଣଋଣୀଙ୍କ ପାଇଁ ଇଚ୍ଛାଧୀନ।
୪. **ମୁଖ୍ୟ ବୀମା ସୁରକ୍ଷା:**- ପ୍ରାକୃତିକ ବିପର୍ଯ୍ୟୟ, ରୋଗ ଏବଂ ପୋକ କାରଣରୁ, ବୀମିତ ଫସଲର ବାସ୍ତବିକ ଉତ୍ପାଦନ ସେହି ଅଧିସୂଚିତ ବୀମା ଏକକ (ଗ୍ରାମପଞ୍ଚାୟତ/ବ୍ଲକ୍) ନିମନ୍ତେ ପୂର୍ବନିର୍ଦ୍ଧାରିତ ନିଶ୍ଚିତ ଉତ୍ପାଦନଠାରୁ କମ୍ ହେଲେ ବୀମାଭୁକ୍ତ ଚାଷୀଙ୍କୁ ସ୍ୱତଃପ୍ରବୃତ୍ତ ବୀମା କ୍ଷତିପୂରଣ ପ୍ରଦାନ।
୫. **ଅତିରିକ୍ତ ବୀମା ସୁରକ୍ଷା:**
(କ) **ଧାନ ବୁଣା କିମ୍ବା ରୁଆରେ ବିଫଳତା:** (ଗ୍ରାମପଞ୍ଚାୟତ ଆଧାରିତ) ପ୍ରାକୃତିକ ବିପର୍ଯ୍ୟୟ କାରଣରୁ କୌଣସି ଅଞ୍ଚଳରେ ୭୫%ରୁ ଅଧିକ ଶସ୍ୟ କ୍ଷେତ୍ରରେ ଧାନ ବୁଣା କିମ୍ବା ରୁଆ ହୋଇନପାରିଲେ ବୀମିତ ରାଶିର ୨୫% ପର୍ଯ୍ୟନ୍ତ କ୍ଷତିପୂରଣ।
(ଖ) **ସ୍ଥାନୀୟ ଆପଦା ଯୋଗୁଁ କ୍ଷତି:** (ବ୍ୟକ୍ତିଗତ ଆଧାରିତ) ଭୂସ୍ଖଳନ, କରକାପାତ, ବାଦଲଫଟା ବର୍ଷା, ବଜ୍ରପାତଜନିତ ଅଗ୍ନିକାଣ୍ଡ ଓ ଜଳପ୍ଲାବନ କାରଣରୁ ବ୍ୟକ୍ତିଗତ କୃଷକଙ୍କୁ କ୍ଷତିପୂରଣ।
(ଗ) **ଅନ୍ତର୍ବର୍ତ୍ତୀ କ୍ଷତିପୂରଣ ପ୍ରଦାନ:** (ଗ୍ରାମପଞ୍ଚାୟତ ଆଧାରିତ) ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ଫସଲ କ୍ଷତି ହେଲେ, ସମ୍ଭାବ୍ୟ କ୍ଷତିପୂର୍ତ୍ତି ରାଶିର ୨୫% ପର୍ଯ୍ୟନ୍ତ ଅଗ୍ରିମ କ୍ଷତିପୂରଣ।
(ଘ) **ଅମଳ ପରବର୍ତ୍ତୀ ଫସଲ କ୍ଷତି:** (ବ୍ୟକ୍ତିଗତ ଆଧାରିତ) ଧାନକଟାର ୧୪ ଦିନ ଭିତରେ ବାତ୍ୟା, କରକାପାତ କିମ୍ବା ଅଦିନିଆ ବର୍ଷା କାରଣରୁ ବିଲରେ ଶୁଖିବା ପାଇଁ ବିଛାଡ଼ି ହୋଇ ପଡ଼ିଥିବା କଟା ଧାନର କ୍ଷତିହେଲେ ବ୍ୟକ୍ତିଗତ କୃଷକଙ୍କୁ କ୍ଷତିପୂରଣ।
୬. **କୃଷକଙ୍କ ପାଇଁ ପ୍ରିମିୟମ ଦର:**- ଧାନ ଏବଂ ଅନ୍ୟ ଖାଦ୍ୟ ତୈଳବୀଜ ଫସଲ ପାଇଁ ସର୍ବାଧିକ ୨%, ବାର୍ଷିକ ଓ ବ୍ୟବସାୟିକ ଫସଲ ପାଇଁ ସର୍ବାଧିକ ୫%।
୭. **କେଉଁଠାରେ ବୀମା କରିବେ:**- ବ୍ୟାଙ୍କ ଶାଖା, ସମବାୟ ସମିତି, ସାର୍ବଜନୀନ ସେବା କେନ୍ଦ୍ର (CSC), ଭାରତ ସରକାରଙ୍କ PMFBY ପୋର୍ଟାଲ କିମ୍ବା ଏ.ଆଇ.ସି. କ୍ଷେତ୍ରୀୟ କାର୍ଯ୍ୟାଳୟ ସହିତ ସିଧାସଳଖ ଯୋଗାଯୋଗ କରି ବୀମା କରିପାରିବେ।
୮. **ବୀମା କରିବାର ଶେଷ ତାରିଖ: ୩୧।୦୭।୨୦୧୯**

ଜେନେରାଲ ବିଜ୍ଞାପନ ପାଇଁ ଓଡ଼ିଶା OD/PMFBY/KH2019/01/NP

## ଏଗ୍ରିକଲଚର ଇନ୍ସ୍ୟୁରାନ୍ସ କମ୍ପାନୀ ଅଫ୍ ଇଣ୍ଡିଆ ଲିମିଟେଡ୍

କୃଷକ ଯତ୍ନ ରକ୍ଷଣମ୍

କ୍ଷେତ୍ରୀୟ କାର୍ଯ୍ୟାଳୟ: 'ଦି ମଦର' (ପ୍ରଥମ ମହଲା), ପ୍ଲଟ୍ ନଂ.-୮୭, ସତ୍ୟନଗର, ଭୁବନେଶ୍ୱର- ୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୭୦୦୨୩ ଫ୍ୟାକ୍ସ ନଂ.: ୦୬୭୪-୨୫୭୨୪୦୯, CIN No.: U74999DL2002PLC118123, ଇମେଲ: ro.bhubaneswar@aicofindia.com, ୱେବ୍‌ସାଇଟ୍: www.aicofindia.com

ମୁଖ୍ୟ କାର୍ଯ୍ୟାଳୟ: ପ୍ଲଟ୍-ବି '୦' ସି, ପଞ୍ଚମ ମହଲା, ବ୍ଲକ୍-୧, ପୂର୍ବ କିଦ୍‌ୱାଇ ନଗର, ନୂଆଦିଲ୍ଲୀ-୧୧୦୦୨୩ ଫୋନ୍ ନଂ.: +୯୧-୦୧୧-୨୪୬୦୪୪୪୪, ଇ-ମେଲ୍: aicho@aicofindia.com

ଅଭିଯୋଗ ଥିଲେ କ୍ଷେତ୍ରୀୟ କାର୍ଯ୍ୟାଳୟର ଅଭିଯୋଗ ନିବାରଣ ଅଧିକାରୀଙ୍କ ସହ ୦୬୭୪-୨୫୭୦୦୨୩ରେ ସମ୍ପର୍କ କରନ୍ତୁ କିମ୍ବା http://www.aicofindia.com/AICEng/Pages/GrievanceHome.aspxରେ ଲଗ୍‌ଅନ କରନ୍ତୁ। ନିଃଶୁଳ୍କ ସହାୟକ ସେବା ୧୮୦୦-୧୧୬-୫୧୫ କିମ୍ବା fasalbima@aicofindia.comରେ ଇମେଲ୍ କରନ୍ତୁ।

UIN- IRDAN126P0001201617 "ଯଦି ଭାବୁଛନ୍ତି ଫସଲ ବୀମା, ଭାବନ୍ତୁ ଏ.ଆଇ.ସି. ସଦାସର୍ବଦା" ବୀମା ଆଗ୍ରହର ବିଷୟବସ୍ତୁ



ROURKELA SENIOR NURSING COLLEGE
SUNDARGARH GNM TRAINING SCHOOL
MAA BAUTI ANM TRAINING SCHOOL
Approved by (INC), New Delhi, Recognized by Govt. Of Odisha (ONC) BBSR, Sambalpur University
SUNDARGARH DMLT INSTITUTE
Approved by Health & Familly Welfare Deptt. Govt of Odisha
MAHESWARI +2 SCIENCE & ARTS COLLEGE
Approved by Council of Higher Secondary Education, Bhubaneswar, Odisha

| | | |
|---|---|---|
| B.Sc. NURSING (Male / Female) 4 Years Course | ELIGIBILITY +2 Science Passed with PCB from CHSE Odisha/CBSE/ICSE (45% Gen. & 40% SC/ST) | AGE LIMIT 17 Years to 30 Years |
| GNM (STAFF NURSE) (Male / Female) 3 Years Course | ELIGIBILITY +2 Passed Any Stream (40% Gen. & 35% SC/ST | AGE LIMIT 17 Years to 30 Years |
| ANM (HW/F) (Female) 2 Years Course | ELIGIBILITY +2 Passed Any Stream | AGE LIMIT 17 Years to 30 Years |
| DMLT (Male / Female) 2 Years Course | ELIGIBILITY +2 Science Passed with Bio-logy as a subject from CHSE Odisha/CBSE/ICSE | AGE LIMIT 17 Years to 30 Years |
| +2 SCIENCE & ARTS (Male / Female) 2 Years | ELIGIBILITY 10th Passed | |

CONTACT FOR ADMISSION:
AT/PO-SANKARA, DIST-SUNDARGARH, ODISHA, 770001, MOB: 94371-58472, 99376-93555, 83429-27552, PH-06622-219214, FAX- 06622-273781
Email- snggnmtrainingcolleg@gmail.com, nlcattabira@gmail.com, rsncbsc@gmail.com, maheswarisciencecollege@gmail.com
FACILITIES AVAILABLE:-
Well Furnished Infrastructure, Well Equipped Computerised Laboratory, Experience & Expertise Teaching Faculty, Practical Training in Govt. Hospital D.H.H. Sundargarh & CHC,PHC, Library, Book Bank and Reading Room, In House Hostel Accommodation, Study Loan Support and Scholarship, 100% Placement Assistance, Study Tour, Best Exposure visit inside and outside the state.






DSPL-46

Take advantage of first-of-its-kind grievance resolution mechanism: Industry Care

All existing & upcoming MSMEs with investment above INR 1 crore are invited to log their grievances/issues, if any, on the e-Suvidha portal through GO SWIFT (URL: https://investodisha.gov.in/goswift/)

( Key Features )

Online logging of grievances – no physical interface required
Provision to tag concerned Department responsible for resolution
Real-time tracking of status of resolution
Pendency of issues reviewed by Hon'ble Chief Minister
Monthly review meeting at the district-level under the chairpersonship of concerned Collector and by Principal Secretary, MSME Department at the state-level

ODISHA NEW OPPORTUNITIES

14005/13/0004/1920

In case of any difficulty to log in, please call helpline at 1800 345 7157

କିନ୍ତୁ ହେ ମାନବାତ୍ମା ! ତୁମେ ଦୁଃଖକୁ ଖୋଜିଲୋଡି ଡାକିଆଣନା । କାରଣ, ଦୁଃଖ କାମ୍ୟ ନୁହେଁ । କେବଳ ସେହି ଦିବ୍ୟ ଆନନ୍ଦର ଅନୁସନ୍ଧାନ କରି ଚାଲ । ଦୁଃଖକଷ୍ଟ ତ ଆସିବ ତୁମ ପାଖକୁ ଦିବ୍ୟ ବିଧାନ ଅନୁସାରେ କିନ୍ତୁ ତାହା ଆସିବ ତୁମ ଲାଗି ପ୍ରୟୋଜନ ହିସାବରେ । ସେହି ଦୁଃଖ ବେଦନାର ଅନ୍ତର ଭିତରେ ତୁମେ ଆବିଷ୍କାର କରିବ ସୁଖର ସାରସତ୍ତ୍ୱ । —ଶ୍ରୀଅରବିନ୍ଦ

# ଉଦ୍ଭଟ: ଜହ୍ନରେ ଜଳଖୋଜା

ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ୍ ଧାୱନ ମହାକାଶ କେନ୍ଦ୍ରରୁ ଭାରତର ଦ୍ୱିତୀୟ ମୁନ୍ ମିଶନ ଚନ୍ଦ୍ରୟାନ-୨ର ଉତ୍କ୍ଷେପଣ ପାଇଁ ୧୪ ଜୁଲାଇ ରାତି ୨ଟା ୫୧କୁ ସମୟ ନିର୍ଘଣ୍ଟ କରାଯାଇଥିଲା । ଶେଷ ମୁହୂର୍ତ୍ତରେ ବୈଷୟିକ ତ୍ରୁଟି ଦେଖାଦେବାରୁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଗଲା ବୋଲି ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ ଘୋଷଣା କରାଗଲା । ଚନ୍ଦ୍ରୟାନ-୨ର ସଫଳ ଉତ୍କ୍ଷେପଣ ହୋଇଥିଲେ ଚନ୍ଦ୍ରରେ ଜଳର ସନ୍ଧାନ ଦିଗରେ କାର୍ଯ୍ୟ କରୁଥିବା ରୁଷିଆ, ଆମେରିକା ଓ ଚାଇନା ପରେ ଭାରତ ଉକ୍ତ ବିଶେଷ ସମ୍ଭ୍ରାନ୍ତ ଗୋଷ୍ଠୀରେ ସାମିଲ ହୋଇଥାଆନ୍ତା । ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ ଚନ୍ଦ୍ରରେ ଜଳର ସନ୍ଧାନ ଓ ସେଠାରେ ଜୀବସତ୍ତା ତିଷ୍ଠିବା ନେଇ ଭାରତ କରୁଥିବା ପ୍ରୟାସକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏକ ବୃହତ୍ ପରୀକ୍ଷଣ ବୋଲି କୁହାଯାଇପାରେ । କିନ୍ତୁ ବାସ୍ତବ ଦିଗରୁ ଦେଖିଲେ ଏ ଦେଶର ସାଧାରଣ ଲୋକଙ୍କ ପାଇଁ ଜହ୍ନରେ ଜଳ ଖୋଜିବା ଲାଗି ଅସଂଖ୍ୟ କୋଟି ଟଙ୍କା ଖର୍ଚ୍ଚ କୌଣସି ଲକ୍ଷ୍ୟ ପୂରଣରେ ସକ୍ଷମ ହୋଇପାରିବ ନାହିଁ । କାରଣ ଭାରତର ଅଧିକାଂଶ ସ୍ଥାନରେ ଜଳର ଉତ୍କଟ ଅଭାବ ଦେଶବାସୀଙ୍କୁ ଅତିଷ୍ଠ କରି ରଖିଛି । ଏହାର ସଦ୍ୟ ଉଦାହରଣ ଚେନ୍ନାଇ । ଏହି ସହର ନିକଟବର୍ତ୍ତୀ ୪ଟି ଜଳଭଣ୍ଡାର ଶୁଖିଯିବା ପରେ ନଗରବାସିନ୍ଦା ହାହାକାର କରୁଛନ୍ତି । ଲୋକଙ୍କ ତୃଷ୍ଣା ମେଣ୍ଟାଇବା ଲାଗି ୧୨ ଜୁଲାଇରେ ଭେଲୋରରୁ ଚେନ୍ନାଇକୁ ୫୦ ୱାଗନ୍ ଭର୍ତ୍ତି ଟ୍ରେନ୍‌ରେ ୨.୫ ନିୟୁତ ଲିଟର ଜଳ ପଠାଯାଇଥିଲା । ଯେଉଁ ସହର ୫୨୫ ନିୟୁତ ଲିଟର ଜଳ ଦୈନିକ ଆବଶ୍ୟକ କରୁଥିଲା, ସେଠାରେ ଜଳଭଣ୍ଡାରଗୁଡ଼ିକ ଶୁଖିଯିବା ହେତୁ ୪୦ ପ୍ରତିଶତ ପାଇପ୍ ଜଳ ଯୋଗାଣ କମିଯିବା ପରେ ପରିସ୍ଥିତି କେଉଁଭଳି ସ୍ତରକୁ ଆସିଯାଇଛି ତାହା ବୁଝିବା କଷ୍ଟକର ନୁହେଁ । ଏଥିସହିତ ଚେନ୍ନାଇର ଭୂତଳ ଜଳରେ ଅତ୍ୟଧିକ ଲୁଣି ଅଂଶ ରହିବା ଏବଂ ଏହା କ୍ରମାଗତ ହ୍ରାସ ପାଉଥିବାରୁ ଜଳ ଚିନ୍ତା ସେଠାକାର ଅଧିବାସୀଙ୍କ ପାଇଁ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଉକ୍ତ ସହର ବର୍ଷାଜଳ ସଂରକ୍ଷଣ ପାଇଁ ସେଭଳି ଅର୍ଥ ମଧ୍ୟ ଖର୍ଚ୍ଚ କରିନାହିଁ । ଏପରିକି ସମୁଦ୍ରଜଳକୁ ପାନୀୟ ଜଳରେ ପରିଣତ କରିବା ସକାଶେ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିପାରି ନ ଥିବାରୁ ଏହାର ଦୁଃଖ ଅଧିକ ବଢ଼ିଯାଇଛି । ଏହି ପରିପ୍ରେକ୍ଷୀରେ ସିଙ୍ଗାପୁରକୁ ଉଦାହରଣ ଭାବେ ଦେଖିଲେ ସେଠାରେ କେବଳ ସମୁଦ୍ରର ଲବଣଜଳ ଅପସାରଣ ପରେ ସେଥିରୁ ପାନୀୟ ଜଳ ସଂଗ୍ରହ କରି ଲୋକେ ବଞ୍ଚି ଚାଲିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଜଳାଭାବ କେବଳ ଚେନ୍ନାଇ ସହରର ସମସ୍ୟା ନୁହେଁ । ଗ୍ରୀଷ୍ମ ଋତୁରେ ଓଡ଼ିଶା ଭଳି ରାଜ୍ୟରେ ମଧ୍ୟ ପ୍ରବଳ ଜଳ ସଙ୍କଟ ଲୋକଙ୍କୁ ହନ୍ତସନ୍ତ କରୁଛି ।

ଜହ୍ନରେ ପାଣି ଖୋଜୁଥିବା ଭାରତୀୟ ବୈଜ୍ଞାନିକଙ୍କ ପାଇଁ ଦେଶର ଜଳାଭାବ ଦେଖାଦେଉଥିବା ଭୂଭାଗ ଏକ ଚ୍ୟାଲେଞ୍ଜ ହେବା କଥା । ବୈଜ୍ଞାନିକ ଉନ୍ନତି ମାନବସମାଜ ପାଇଁ ବରଦାନ ସଦୃଶ ହେଲେ ତାହା ଯଥାର୍ଥ ମନେହୁଏ । ଅନ୍ୟ ଦେଶର ମହାକାଶ ଯାତ୍ରା ସହ ତୁଳନା କରି ଅନେକେ ଆମ ଚିନ୍ତାଧାରାକୁ ବିରୋଧ କରିପାରନ୍ତି, କିନ୍ତୁ ସେମାନେ ବାସ୍ତବତା ବୁଝିବା ଦରକାର । ଭାରତର ଚନ୍ଦ୍ରୟାନ-୨ ଏବେ ସ୍ଥଗିତ ରହିବା ପରେ ଏହାର ସଫଳତା କେବେ ମିଳିବ ଭିନ୍ନ ପ୍ରସଙ୍ଗ । କିନ୍ତୁ ଏଥିଲାଗି ବ୍ୟୟ ହୋଇଥିବା ବିପୁଳ ଅର୍ଥ ନଷ୍ଟ ହେଲା ଭଳି ମନେହେଉଛି । ଯଦିବା ସଫଳତା ମିଳିଥାଆନ୍ତା ବା ମିଳିବ, ତେବେ ସାଧାରଣ ଭାରତୀୟ ଏହା ଦ୍ୱାରା ଉପକୃତ ହେବାର ଆଶା କ୍ଷୀଣ । କେବଳ କେତେକ ବଡ଼ପାଟିଆ ଭାରତୀୟଙ୍କୁ ମହାକାଶ ଗବେଷଣା ପାଇଁ ଗର୍ବ କରିବାକୁ ଅବକାଶ ମିଳିପାରେ । ଯେଉଁ ରାଷ୍ଟ୍ରରେ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି, ସେଠାରେ ଏଭଳି ଅନାବଶ୍ୟକ ବୈଜ୍ଞାନିକ ବିକାଶର କୌଣସି ସ୍ଥାନ ନାହିଁ । ବରଂ ମୁନ୍ ମିଶନ୍‌ର କାହିଁ କେତେ ଭାଗରୁ କମ୍ ଅର୍ଥ ବ୍ୟୟ କରାଯାଇପାରିଲେ ଭାରତର ଅପହଞ୍ଚ ଇଲାକାର ଲୋକଙ୍କ ପାଇଁ ଜଳ ଉତ୍ସ ସୃଷ୍ଟି କରାଯାଇପାରନ୍ତା । ଭାରତର ଦୁଃଖ, ଏହା ବିକଶିତ ରାଷ୍ଟ୍ରକୁ ଦେଖି କାର୍ଯ୍ୟସୂଚୀ ତିଆରି କରୁଛି । ନିଜ ଆବଶ୍ୟକତାକୁ ଦେଖି ନିଜସ୍ୱ ପଥ ବାହାର କରିପାରିଲେ ଦେଶର ବିକାଶ ସମ୍ଭବ ହୋଇପାରେ । ଏହି ପରିପ୍ରେକ୍ଷୀରେ ମହାକାଶ କ୍ଷେତ୍ରରେ ଭାରତର ଉଚ୍ଚାକାଂକ୍ଷା ପୃଥିବୀର ଉନ୍ନତି ପାଇଁ ଅଭିପ୍ରେତ କି ବୋଲି ପ୍ରଶ୍ନ ଉଠିପାରେ । ଅବଶ୍ୟ ବର୍ଷବର୍ଷ ଧରି ଜଳବାୟୁ ଭବିଷ୍ୟବାଣୀ ଓ ରିମୋଟ୍ ସେନ୍‌ସିଂ କ୍ଷେତ୍ରରେ ଅନେକ ଉନ୍ନତି ଘଟିଛି । କିନ୍ତୁ ଏହାକୁ ଆଳ କରି ଅତ୍ୟଧିକ ଅର୍ଥ ବ୍ୟୟ କରାଯିବା ସମୀଚୀନ ନୁହେଁ । ଯେତେବେଳେ ମଣିଷର ଆବଶ୍ୟକତା କଥା ଉଠୁଛି, ସେତେବେଳେ ମହାକାଶ ଗବେଷଣା ଉପରେ କଟକଣା ଲଗାଇବା ପ୍ରସଙ୍ଗ ବିତର୍କର ଅପେକ୍ଷା ରଖୁଛି । ସମସ୍ୟା ଉପୁଜୁଛି ଯେତେବେଳେ ଭାରତର ଆର୍ଥିକ ବିଷମତା ପ୍ରସଙ୍ଗ ପାଲଟିଯାଉଛି । ଅନେକ ଶତାବ୍ଦୀ ଧରି ବିଦେଶୀ ଶାସନରେ ରହିବା ଯୋଗୁ ଭାରତର ମେରୁଦଣ୍ଡ ଦୋହଲି ଯାଇଛି । ଏ ଦେଶର ବୃହତ୍ ଜନଶକ୍ତି କେବେ କଠିନ ପରିଶ୍ରମ କରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାରେ ବିକାଶ ଆଣିବା ସକାଶେ ଏକ ସମାନ୍ତରାଳ ଓ ଫଳପ୍ରଦ ବ୍ୟୟ କରିବା ଯଥାର୍ଥ ବୋଲି ଚିନ୍ତା କରିନାହିଁ । କେବଳ ଆଶାବାଦ ବାସ୍ତବ ସମସ୍ୟାକୁ ଲଂଘିବା ପାଇଁ ପର୍ଯ୍ୟାପ୍ତ ହୋଇପାରିବ ନାହିଁ । ତେଣୁ ଏ ଦେଶ ଏହାର ଅଡୁଆଗୁଡ଼ିକୁ ଭଲ ଭାବେ ବୁଝିବା ଦରକାର ।

ଇଣ୍ଡୋନେସିଆ, ମାଲେସିଆ, ସିଙ୍ଗାପୁର ଏବଂ ଥାଇଲାଣ୍ଡ ଭଳି ଦକ୍ଷିଣ ପୂର୍ବ ଏସିଆର ଏହି ରାଷ୍ଟ୍ରଗୁଡ଼ିକ ଗତ ୩ ଦଶନ୍ଧି ମଧ୍ୟରେ ଦ୍ରୁତ ପ୍ରଗତି କରିଛନ୍ତି । ୧୯୯୭-୯୮ର ଏସୀୟ ଅର୍ଥନୀତି ସଙ୍କଟ ଦେଇ ଗତି କରୁଥିବା ବେଳେ ଏହି ଦେଶଗୁଡ଼ିକ ଯେଉଁ ବିଷୟ ସାଧାରଣ ଲୋକଙ୍କ ପାଇଁ କୌଣସି ପ୍ରାସଙ୍ଗିକତା ରଖି ନ ଥିଲା, ତାହାକୁ ଅଣଦେଖା କରି ମାନବ ବିକାଶ ଉପରେ କେନ୍ଦ୍ରିତ କରିଥିବାରୁ ଏଭଳି ସଫଳତା ପାଇପାରିଛନ୍ତି । ଭାରତ ଡେରିରେ ମହାକାଶ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ପାଦ ଥାପିଥିବାରୁ ଅଧିକ ଅନ୍ୱେଷଣ କରିବା ଲାଗି ନିରନ୍ତର ପ୍ରୟାସ କରିବାକୁ ପଡ଼ିବ । ବୈଜ୍ଞାନିକ ଉନ୍ନତି ଲାଗି କେବଳ ଗର୍ବ ଅନୁଭବ କଲେ ହେବ ନାହିଁ, ଏହା ସାଧାରଣ ମଣିଷର କେତେ ମଙ୍ଗଳରେ ଆସିପାରୁଛି ତାହା ସବୁଠାରୁ ବଡ଼ କଥା ।

# ଜୀବନ ସ୍ରୋତର ଶାଶ୍ୱତ ଧାରା



ବୈକୁଣ୍ଠନାଥ ମିଶ୍ର

ଦୁର୍ଲଭ ଜନମ ମାନବ ଜୀବନ । ସ୍ରଷ୍ଟାଙ୍କର ସର୍ବୋତ୍କୃଷ୍ଟ ସୃଷ୍ଟି । ଜୀବାତ୍ମା ମଧ୍ୟରେ ପରମାତ୍ମାଙ୍କ ସତ୍ତା ବିଦ୍ୟମାନ । ମାନବ ଜୀବନରେ ଦେବତ୍ୱର ସଂସ୍ଥାପନ । ମାନବ କିନ୍ତୁ ବିସ୍ମୃତ ହୋଇଥାଏ ଯେ ସେ ଅମୃତର ସନ୍ତାନ ଓ ତା' ଦେହରେ ପରମାତ୍ମାଙ୍କ ଅମୃତ ସତ୍ତା ଚିର ବିଦ୍ୟମାନ । କସ୍ତୁରୀ ମୃଗ ନିଜ ନାଭିରେ ଥିବା କସ୍ତୁରୀକୁ ଠାବ କରି ନ ପାରି କେବଳ ତା'ର ସୁଗନ୍ଧରେ ଇତସ୍ତତଃ ଭ୍ରମୁଥିବା ପରି ମାନବ ପରମପିତାଙ୍କ ଉପସ୍ଥିତିକୁ ଉପଲବ୍ଧି କରି ନ ପାରି ଅବିରାମ ଧାବମାନ ହେଉଥାଏ । ତା'ର ଗତି ଅବିରାମ ଓ ସ୍ଥିତି ଚଞ୍ଚଳ । ତା'ର ଜିଜ୍ଞାସାର ଅନ୍ତ ନାହିଁ କିମ୍ବା ଅନୁସନ୍ଧାନରେ ପୂର୍ଣ୍ଣଚ୍ଛେଦ ନାହିଁ । ଦିବ୍ୟତ୍ୱର ଅନୁସନ୍ଧାନ କରୁ କରୁ କେବେ କେଉଁଠି ତା'ର ଦିବ୍ୟ ସତ୍ତାଧାରୀଙ୍କ ସହ ମିଳନ ହୋଇଯାଏ । ସେ ମିଳନ କାୟିକ କିମ୍ବା ବାଚନିକ ନୁହେଁ, ବରଂ ତାହା ଅତିମାନସ ସ୍ତରର ଦିବ୍ୟମିଳନ ବା ମହାମିଳନ । ଥରେ ମହାମିଳନ ସଂଘଟିତ ହେଲେ ଆଉ ପଛକୁ ଫେରିହୁଏନା । ଯାବତୀୟ ସାଂସାରିକ ଜଞ୍ଜାଳରେ ଘାଣ୍ଟି ହେଉଥିବା ମଣିଷକୁ ମିଳେ ଚିରଶାନ୍ତି ।

ଏହା କୌଣସି ପରୀକ୍ଷାଗାରରେ ପ୍ରମାଣ କରାଯାଇପାରିବ ନାହିଁ ଯେ, ମଣିଷ କେଉଁ ମାର୍ଗରେ କେତେ ପ୍ରୟାସ କଲେ ତା'ର ଦିବ୍ୟସାକ୍ଷାତ୍କାର ହେବ । ଯଦି ଏହା କୌଣସି ପରୀକ୍ଷାଗାରରେ ପରୀକ୍ଷାପୂର୍ବକ ପ୍ରମାଣ କରାଯାଇପାରନ୍ତା ତେବେ ଦିବ୍ୟସତ୍ତାପ୍ରାପ୍ତି ଆଦୌ କଷ୍ଟକର ହୁଅନ୍ତା ନାହିଁ । କେବଳ ଗୋଟିଏ ମାତ୍ର ମାର୍ଗ ଯାହା ମନୁଷ୍ୟର ଅନୁସନ୍ଧିତ୍ସାକୁ ଜାଗ୍ରତ କରି ସମ୍ମୁଖରେ ଥିବା ଘନ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବ । ତାହା ହେଉଛି ଏ ସଂସାରରେ ବହୁ ପୂର୍ବରୁ ଅବତୀର୍ଣ୍ଣ ହୋଇଥିବା ପ୍ରାଜ୍ଞମାନଙ୍କ ଦ୍ୱାରା ଆବିଷ୍କୃତ ପଥ ଓ ତହିଁରେ ଛାଡି ଯାଇଥିବା ସେମାନଙ୍କ ପାଦଚିହ୍ନ । ସେହି ପାଦଚିହ୍ନକୁ ଅନୁସରଣ କରି ନିର୍ଦ୍ଧାରିତ ପଥରେ ଚାଲିପାରିଲେ, ପରିଶେଷରେ ଅମୃତମୟ ସେ ଦିବ୍ୟସତ୍ତାଙ୍କ ନିକଟରେ ଉପନୀତ ହେବାର ସୌଭାଗ୍ୟ ପ୍ରାପ୍ତ ହେବ । କାଳବକ୍ଷରେ ଅଙ୍କିତ ସେହି ଅଦୃଶ୍ୟ ପାଦଚିହ୍ନକୁ ନିର୍ଣ୍ଣୟ କରି ପଥ ଚାଲିବାର କଷ୍ଟକୁ ଆଦରି ନେଇପାରିଲେ ପରିଶେଷରେ ଅମୃତମୟ ଦିବ୍ୟସତ୍ତାଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ମିଳିବ । ସତ୍ୟାନୁସରିତ ହୋଇ ଆମେ ମଧ୍ୟ ଦିନେ କାଳବକ୍ଷରେ ଆମ ପାଦଚିହ୍ନ ଛାଡିଯିବା, ଯାହା ବତିଘର ପରି ଅନେକ ପଥଭ୍ରଷ୍ଟ ନାଉରିଙ୍କୁ ଦିଗ୍‌ଦର୍ଶନ ଦେଇପାରିବ । ଇଂଲିଶ କବି ଏଚ୍.ଡବ୍ଲ୍ୟୁ. ଲଙ୍ଗଫେଲୋ ତାଙ୍କ ଜୀବନ ଗୀତିକାରେ ଲେଖିଛନ୍ତି–

"ଲାଇଭ୍‌ସ ଅଫ ଗେଟ୍ ମେନ୍
ଅଲ୍ ରିମାଇଣ୍ଡ ଅସ୍,
ଆଣ୍ଡ୍ ଉଇ କ୍ୟାନ୍ ମେକ୍ ଆୱାର
ଲାଇଭ୍‌ସ ସବ୍‌ଲାଇମ୍ ।"

ପ୍ରତି ମୁହୂର୍ତ୍ତରେ ମହାପୁରୁଷଙ୍କ ଜୀବନୀ ଆମ୍ଭମାନଙ୍କୁ ସଚେତନ କରାଇଦେଉଛି ଓ ଆମ ଭିତରେ ଜମାଟ ବାନ୍ଧିଥିବା ଯୁଗଯୁଗର ଜଡ଼ତାରୂପକ ଅନ୍ଧକାରକୁ ଅପସାରିତ କରି ଜାଗୃତିର ଏକ ନୂତନ ଆଲୋକରଶ୍ମି ବିଚ୍ଛୁରିତ କରିଚାଲିଛି । ଜାଗୃତିର ସେ ଆଲୋକ କଣିକାଗୁଡିକୁ ସଂଗ୍ରହ କରି ଆମ ହୃଦୟରୁ ଅଜ୍ଞତାକୁ ଚିର ବିଦାୟ ଦେବା । ଜ୍ଞାନାଲୋକର ଅପୂର୍ବ ପୁଲକରେ ଆମ ମନପ୍ରାଣ ପୁଲକିତ ହେବ ।

ଅବଶ୍ୟ ମହାପୁରୁଷଙ୍କ ଦିବ୍ୟବାଣୀକୁ ଗ୍ରହଣ କରି ତାକୁ କାର୍ଯ୍ୟରେ ପରିଣତ କରିବା ଆମ୍ଭମାନଙ୍କ ପକ୍ଷେ କଷ୍ଟକର ହୋଇପାରେ । ମାତ୍ର ଅସମ୍ଭବ ନୁହେଁ । ସେଥିପାଇଁ ପ୍ରବଳ ଉଦ୍ୟମର ଆବଶ୍ୟକତା ଅଛି । ଶିଶୁଟିଏ ଜନ୍ମ ହେବା ମାତ୍ରେ ଚାଲି ନ ଥାଏ କି କଥା କହି ନ ଥାଏ । ସମୟକ୍ରମେ ଅଭ୍ୟାସ ବଳରେ ସେ ଉଠିପଡ଼ି ଚାଲିଶିଖେ । କବି ରାମକୃଷ୍ଣ ନନ୍ଦ କହନ୍ତି–

"ଅଭ୍ୟାସ ଯୋଗେ ଶିଶୁ ଯଥା,
ଶିଖଇ କହି କ୍ରମେ କଥା ।
ଥରକୁ ଥର ପଡି ତଳେ,
ଚାଲଇ ଅଭ୍ୟାସର ବଳେ ।"

ଅଭ୍ୟାସ ଏକ ନିରନ୍ତର ପ୍ରକ୍ରିୟା । ଅଭ୍ୟାସ ଦ୍ୱାରା ସବୁକିଛି ସମ୍ଭବ । ନେପୋଲିୟନଙ୍କ ଭାଷାରେ– "ଇମ୍ପସିବଲ ଇଜ୍ ଏ ୱାର୍ଡ, ଫାଉଣ୍ଡ ଇନ୍ ଦି ଡିକ୍ସିନାରି ଅଫ୍ ଫୁଲ୍‌ସ" ଅର୍ଥାତ୍ ଅସମ୍ଭବ ବୋଲି କିଛି ଏ ଦୁନିଆରେ ନାହିଁ । ଏ ସମ୍ବନ୍ଧରେ ଗାନ୍ଧିଜୀଙ୍କ ସମୟର ଏକ ସତ୍ୟ ଘଟଣାର ଅବତାରଣା ଯଥାର୍ଥ ମନେହୁଏ ।

ମହାତ୍ମା ଗାନ୍ଧୀ ସସ୍ତ୍ରୀକ ସାବରମତୀ ଆଶ୍ରମରେ ବାସ କରୁଥିବା ସମୟରେ ସ୍ତ୍ରୀ କସ୍ତୁରବା ଗାନ୍ଧୀ ଏକ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଲେ । ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଆଦୌ ଲୁଣ ନ ଖାଇବାକୁ ପରାମର୍ଶ ଦେଲେ । ଗାନ୍ଧିଜୀ ମଧ୍ୟ ଡାକ୍ତରଙ୍କ ପରାମର୍ଶକୁ ଗୁରୁତ୍ୱ ଦେଇ ଲୁଣ ନ ଖାଇବା ପାଇଁ ସ୍ତ୍ରୀଙ୍କୁ ତାଗିଦ୍ କଲେ । କିନ୍ତୁ ଲୁଣ ବିନା ଖାଦ୍ୟ ଗ୍ରହଣ କସ୍ତୁରବାଙ୍କ ପାଇଁ ଅତ୍ୟନ୍ତ କଷ୍ଟଦାୟକ ଥିଲା । ଥରେ ସେ ସ୍ୱାମୀଙ୍କ ଅଗୋଚରରେ ଅଳ୍ପ କିଛି ଲୁଣ ଖାଦ୍ୟରେ ମିଶାଇଦେଲେ । କିନ୍ତୁ ଗାନ୍ଧିଜୀଙ୍କୁ ଏ କଥା ଅଛପା ରହିଲା ନାହିଁ । ସେ ଏଥିପାଇଁ ସ୍ତ୍ରୀଙ୍କ ଉପରେ ବିରକ୍ତ ହେଲେ । କିନ୍ତୁ କସ୍ତୁରବା କାନ୍ଦି ପକାଇ କହିଲେ, ତୁମେ ଜାଣିପାରିବ ନାହିଁ ବିନା ଲୁଣରେ ଖାଦ୍ୟ ଗ୍ରହଣ କେତେ ପୀଡ଼ାଦାୟକ । ଗାନ୍ଧିଜୀ ପ୍ରତିଜ୍ଞା କଲେ ଓ ନିଜେ ସେହିଦିନଠାରୁ ଲୁଣ ଖାଇବା ତ୍ୟାଗ କଲେ । ଆଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟ ବିନା ଲୁଣରେ ଖାଦ୍ୟ ଖାଇବାକୁ ପରାମର୍ଶ ଦେଲେ । ସେହିଦିନଠାରୁ ଆଶ୍ରମରେ ଲୁଣ ନିଷେଧ କରାଗଲା । ଆଶ୍ରମକୁ ପ୍ରଥମ କରି ଆସିଥିବା ଅନ୍ତେବାସୀଙ୍କୁ ଲୁଣ ନ ଖାଇବା ପାଇଁ ଶପଥ ନେବାକୁ ହେଲା ।

'ମୁଁ' ସର୍ବସ୍ୱ ମଣିଷ କାଳର ସଙ୍କେତକୁ ବୁଝି ନ ପାରି ଯୌବନର ଉଦ୍ଦାମତା ବଳରେ ବଳୀୟାନ୍ ହୋଇ ଭୁଲ ପରେ ଭୁଲ କରି ଚାଲିଥାଏ । ସେ କିନ୍ତୁ ସମ୍ପୂର୍ଣ୍ଣ ଅଜ୍ଞ ଥାଏ ଯେ, ମହାକାଳର କୁଟିଳ ରୂପ ଯେକୌଣସି ମୁହୂର୍ତ୍ତରେ ତା' ସମ୍ମୁଖରେ ଆବିର୍ଭୂତ ହୋଇ ତା' ଜୀବନର ସକଳ ଦାମ୍ଭିକତାକୁ ନିମିଷକେ ଗ୍ରାସ କରିପାରେ । ମଣିଷ ନିଜେ ମଧ୍ୟ କାଳର କରାଳ ସ୍ରୋତରେ ଭାସିଯାଏ ଏବଂ ତା' ସହିତ ଭାସିଯାଏ ତା'ର ସକଳ ଅହମିକା ଓ ଉଗ୍ର ଦାମ୍ଭିକତା । ଦିବ୍ୟଜନନୀ ଶ୍ରୀମାଙ୍କ ଉପଦେଶ ହେଲା– "ଏ ପର୍ଯ୍ୟନ୍ତ ତୁମେ ଯାହା ହୋଇଛ, ସେ ସମ୍ବନ୍ଧେ ଚିନ୍ତା କରନାହିଁ । କିନ୍ତୁ ତୁମେ ଯାହା ହେବାକୁ ଚାହଁ ବା ତୁମର ଯାହା ହେବା ଉଚିତ ସେ ବିଷୟରେ ଚିନ୍ତାକର ଓ ତଦନୁଯାୟୀ ତୁମର କର୍ମସିଦ୍ଧାନ୍ତ କର । ନିଶ୍ଚିତରୂପେ ତୁମର ଆଧାତ୍ମିକ ଦିଗରେ ଉନ୍ନତି ହେବ ।" ଅତୀତର ସୁଖରାଶିକୁ ସ୍ମରଣ କରି ଗର୍ବ କରିବାର ନାହିଁ କିମ୍ବା ଭବିଷ୍ୟତର ଅନାଗତ ସୁଖର କଳ୍ପନାରେ ଉତ୍‌ଫୁଲ୍ଲ ହେବା ନିରର୍ଥକ । କେବଳ ବର୍ତ୍ତମାନସର୍ବସ୍ୱ ହୋଇ କର୍ତ୍ତବ୍ୟ ସମ୍ପାଦନରେ ବ୍ରତୀ ହେବା ଉଚିତ । ଏଚ୍. ଡବ୍ଲ୍ୟୁ. ଲଙ୍ଗଫେଲୋ କହିଛନ୍ତି–

"ଟ୍ରଷ୍ଟ ନୋ ଫିଉଚର, ହାଓଏଭର ପ୍ଲିଜାଣ୍ଟ୍!
ଲେଟ୍ ଦି ଡେଡ୍ ପାଷ୍ଟ ବରି ଇଟ୍‌ସ ଡେଡ୍!
ଆକ୍ଟ ଆକ୍ଟ ଇନ୍ ଦ ଲିଭିଂ ପ୍ରେଜେଣ୍ଟ!
ହାର୍ଟ ଉଇଦିନ ଆଣ୍ଡ୍ ଗଡ୍ ଓଭର୍‌ହେଡ୍।"

ଅର୍ଥାତ୍– ସମସ୍ତ ସୁନେଲି ସ୍ୱପ୍ନର ଗନ୍ତାଘର ସାଜିଥିଲେ ମଧ୍ୟ ଭବିଷ୍ୟତକୁ ବିଶ୍ୱାସ କରା ନ ଯାଉ । ମୃତ ଅତୀତକୁ ମାଟିରେ ପୋତି ଦିଆଯାଉ । କେବଳ ବର୍ତ୍ତମାନସର୍ବସ୍ୱ ହୋଇ ଭଗବାନଙ୍କ ଉପରେ ପ୍ରଗାଢ଼ ଆସ୍ଥା ଓ ବିଶ୍ୱାସ ସ୍ଥାପନ କରି ଅନ୍ତରର ସହ କାର୍ଯ୍ୟ କରାଯାଉ । କାରଣ ବର୍ତ୍ତମାନ ହିଁ ଜୀବନ୍ତ ଓ କାର୍ଯ୍ୟକ୍ଷମ ।

ଧର୍ମବକ ଯୁଧିଷ୍ଠିରଙ୍କୁ ଅନେକ ପ୍ରଶ୍ନ ଭିତରେ ଗୋଟିଏ ପ୍ରଶ୍ନ ପଚାରିଥିଲେ– କିମାଶ୍ଚର୍ଯ୍ୟମ୍ ଅର୍ଥାତ୍ ଆଶ୍ଚର୍ଯ୍ୟ କ'ଣ ? ଯୁଧିଷ୍ଠିରଙ୍କ ଉତ୍ତର ଥିଲା– 'ଅହନ୍ୟହନି ଭୂତାନି ଗଚ୍ଛନ୍ତି ଯମ ମନ୍ଦିରମ୍ । ଶେଷାଃ ଜୀବିତୁମିଚ୍ଛନ୍ତି କିମାଶ୍ଚର୍ଯ୍ୟମତଃପରମ୍ ?' ପ୍ରତିଦିନ ପ୍ରାଣୀ ମରୁଛନ୍ତି, ବାକି ଯେଉଁମାନେ ବଞ୍ଚିଛନ୍ତି ସେମାନେ ଚିରଦିନ ବଞ୍ଚିରହିବାକୁ ଇଚ୍ଛା କରୁଛନ୍ତି– ଏହାଠାରୁ ଆଶ୍ଚର୍ଯ୍ୟ କ'ଣ ଅଛି ? ବାସ୍ତବରେ ମଣିଷ ପ୍ରତ୍ୟହ ମୃତ୍ୟୁକୁ ଦେଖୁଛି । ଏପରିକି ଚାହୁଁ ଚାହୁଁ ଆମେ ପ୍ରିୟଜନଙ୍କୁ ହରାଇ ବସୁଛୁ । ଆମେ ମଧ୍ୟ ଯେକୌଣସି ମୁହୂର୍ତ୍ତରେ କାଳର ମହାସ୍ରୋତରେ ବିଲୀନ ହୋଇଯିବା । ଅତଏବ ଏ ସଂସାର-ଅତିଥିଶାଳାରେ ଆମେ ଯେତେଦିନ ଅବସ୍ଥାନ କରୁଛୁ ସତ୍‌ଚିନ୍ତା ଓ ସତ୍‌କର୍ମକୁ ଜୀବନର ପାଥେୟ କଲେ ଏ ଜୀବନରେ ଓ ଜୀବନାନ୍ତେ ମଧ୍ୟ ସୁଖପ୍ରାପ୍ତି ଅବଶ୍ୟ ହେବ । ହିଂସା, ଦ୍ୱେଷ, ପରଶ୍ରୀକାତରତା ପରି ଅବଗୁଣଗୁଡ଼ିକ ପରିହାରପୂର୍ବକ ସତ୍ୟାନ୍ୱେଷୀ ହେଲେ ଆମେ ଦିବ୍ୟତ୍ୱର ନିକଟବର୍ତ୍ତୀ ହୋଇପାରିବା । ଜନ୍ମ ସାର୍ଥକ ହେବ ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ଛାମୁ ଯାହା ଦେଲେ ହରଷେ



ତୁଷାରକାନ୍ତ

ସ୍ୱାଧୀନତା ପୂର୍ବ ରାଜରାଜୁଡ଼ାଙ୍କ ସମୟର ଶାସନ ବେଳେ ନୟାଗଡ଼ ରାଜାଙ୍କର ରାଜକବି ଥିଲେ ଯଦୁମଣି ମହାପାତ୍ର । ତାଙ୍କ ପ୍ରତ୍ୟୁତ୍ପନ୍ନମତିତାରେ ପ୍ରୀତ ହୋଇ ରାଜା ତାଙ୍କୁ ଜମି ଖଣ୍ଡିଏ ଦେଇଥିଲେ । ଅନେକ ଦିନ ପରେ ରାଜା ଥରେ ପଚାରିଲେ, "କ'ଣ ମହାପାତ୍ରେ ଖୁସି ତ ?" ମହାପାତ୍ରେ ତତ୍‌କ୍ଷଣାତ୍ ଉତ୍ତର ଦେଲେ "ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ । ଏମନ୍ତ ଭୂଇଁ, ଚାକୁଣ୍ଡା ବୁଣିଲେ ଉଠଇ ନାହିଁ ।" ଅର୍ଥାତ୍ ରାଜା ତାଙ୍କୁ ଏପରି ଜମି ଖଣ୍ଡିଏ ଦେଇଥିଲେ ଯାହା ଅତ୍ୟନ୍ତ ଅନୁର୍ବର ଥିଲା, ଯେଉଁଥିରେ କି ଯେଉଁଠି ନାଇଁ ସେଠି ମନକୁ ବଢୁଥିବା ଚାକୁଣ୍ଡା ଗଛ ବି ଉଠେ ନାହିଁ ।

ରାଜତନ୍ତ୍ର ଯାଇ ଗଣତନ୍ତ୍ର ଆସିଲା । କିନ୍ତୁ ରାଜାଙ୍କ ପାଟବସ୍ତ୍ର, ଥାଟ ଓ ଭାଟଙ୍କ ଦ୍ୱାରା ସ୍ତୁତିଗାନ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରିଗଣଙ୍କ ପାଖକୁ ଚାଲିଆସିଲା । ରାଜାଙ୍କ ଗସ୍ତ ବେଳର ଥାଟବାଟ ଭଳି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କ ଗସ୍ତକାଳରେ ସେଇ ପ୍ରଣାଳୀ ଅନୁସୃତ ହେଲା, କେବଳ ସେକାଳର ହାତୀଘୋଡ଼ା, ଏକାଳକୁ ବିଭିନ୍ନ ପ୍ରକାର ଗାଡ଼ିକୁ ବଦଳିଗଲା ଯାହା । ନୟାଗଡ଼ ରାଜା ଯଦୁମଣି ମହାପାତ୍ରଙ୍କୁ ପଚାରିଥିବା 'କ'ଣ ମହାପାତ୍ରେ ଖୁସି ତ !' ଧାରାରେ ଆମ ପ୍ରଧାନମନ୍ତ୍ରୀ 'ଅଚ୍ଛେଦିନ୍ ଆୟେଗା' କହିଲା ବେଳକୁ ଆମ ମୁଖ୍ୟମନ୍ତ୍ରୀ କହିଲେ 'ଆପଣ ଖୁସି ତ !' ରାଜାଙ୍କ ଦ୍ୱାରା ମହାପାତ୍ରଙ୍କୁ ଚାକୁଣ୍ଡା ଗଛ ଉଠୁ ନ ଥିବା ଜମି ଖଣ୍ଡେ ମିଳିଲା ଭଳି, ଆମ ମୁଖ୍ୟମନ୍ତ୍ରୀଙ୍କ ସୌଜନ୍ୟରୁ ମୋତେ କିପରି କିଛି ଉତ୍ତର ନ ଥିବା ଚିଠିଖଣ୍ଡିଏର ନକଲ ମିଳିଥିଲା, ତାହାର ବିବରଣୀ ନିମ୍ନରେ ।

କେହି ଜଣେ କହିଥିଲେ, 'ଯଦି ତୃତୀୟ ବିଶ୍ୱଯୁଦ୍ଧ ହୁଏ, ତେବେ ତାହା ପାଣି ପାଇଁ ହେବ' । କିନ୍ତୁ ସାରା ପୃଥିବୀରେ ଯେପରି ବାୟୁମଣ୍ଡଳର ପରିବର୍ତ୍ତନ ହେଉଛି, ସେଥିରେ ପିଇବାକୁ ପାଣି ଥିଲେ ତ ଯୁଦ୍ଧରେ ଭାଗ ନେଇଥିବା ଯବାନମାନେ ଜୀବନ ଧରି ଯୁଦ୍ଧ କରିବେ ! ଅତଏବ, ଯୁଦ୍ଧ ନ ହୋଇ ସେଥିରେ ହେବାକୁ ଥିବା ଜୀବନହାନି ବିନା ପାଣିରେ ହେବ । ୨୦୩୦ ବେଳକୁ ଆମ ଦେଶରେ ୧୫୦୦ ବିଲିୟନ୍ କ୍ୟୁବିକ୍ ମିଟର ପାଣିର ଆବଶ୍ୟକତା ପଡ଼ିବ, କିନ୍ତୁ ମିଳିବ ମାତ୍ର ୭୫୦ ବିଲିୟନ୍ କ୍ୟୁବିକ୍ ମିଟର । ଆମ ଦେଶର ୨୮୭ ବ୍ଲକ୍‌ରେ ଜଳସ୍ତର ଆଉ ନାହିଁ । ନୀତି ଆୟୋଗର ଆକଳନ ଅନୁସାରେ ୨୦୨୦ (ଆସନ୍ତା ବର୍ଷ) ବେଳକୁ ୪୧ଟି ସହରରେ ପାଣି ମିଳିବ ନାହିଁ । ଆମେ ଓଡ଼ିଶାବାସୀ, ବିଶେଷକରି ଉପକୂଳବର୍ତ୍ତୀ ଓ ନଦୀତଟବର୍ତ୍ତୀ ଅଞ୍ଚଳର ଲୋକେ ଭାବୁଛୁ ଯେ ଏ କଷ୍ଟ ଆମକୁ ସାମ୍ନା କରିବାକୁ ପଡ଼ିବନି, ଯାହା ଏକ ଭ୍ରାନ୍ତ ଧାରଣା ।

ତେଣୁ ପାଣି ସମସ୍ୟା ବାବଦରେ ଯେତେବେଳେ କିଛି ତଥ୍ୟ ପାଏ, ତାହା ମୋତେ ବ୍ୟଥିତ କରିଥାଏ ଓ ମୁଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତାହା ଜଣାଇଥାଏ । ୨୦୧୭ ମସିହାରେ ବ୍ରାହ୍ମଣୀ ତଥା ଇବ୍‌ନଦୀର ଜଳ ସମସ୍ୟା ଉପରେ ଦୁଇଟି ଲେଖା ପଢ଼ି ତାହାକୁ ଇଂଲିଶକୁ ଅନୁବାଦ କରି ମୁଖ୍ୟମନ୍ତ୍ରୀଙ୍କ ଘରେ ତା୨୮।୦୪।୨୦୧୭ରେ ଦେଇ ଆସିଥିଲି । ମହାନଦୀ ଉପରେ ଗୋଟିଏ ଇଂଲିଶ ଲେଖାକୁ ବି ସେଥିରେ ଯୋଡ଼ିଥିଲି । ପୂର୍ବରୁ ପଠେଇଥିବା ଜନସ୍ୱାର୍ଥ ସମ୍ବଳିତ ଅନେକ ଚିଠିର ଉତ୍ତର ବା ପ୍ରାପ୍ତିସ୍ୱୀକାର ମିଳି ନ ଥିବା ସ୍ଥଳେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ମୋ ଚିଠିଟି ସଚିବାଳୟର ଜଳସମ୍ପଦ ବିଭାଗକୁ ପଠାଯାଇଥିଲା । ଜଳସମ୍ପଦ ବିଭାଗ ତରଫରୁ ତାହାକୁ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ପାଖକୁ ପଠାଯାଇ ଲେଖାରେ ଥିବା ବିଷୟବସ୍ତୁ ଉପରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହି ଚିଠି ତା୧୬।୧୦।୨୦୧୭ରେ ପଠାଯାଇଥିଲା । ଏହି ଚିଠିର ନକଲ ମୋତେ ଦିଆଯାଇଥିଲା । ସେହି ଚିଠିରେ ବୈତରଣୀ ନଦୀର ନାମ ଉଲ୍ଲେଖ ଥିଲା, ଯଦିଓ ମୁଁ ଦେଇଥିବା ଲେଖାଗୁଡ଼ିକରେ ବ୍ରାହ୍ମଣୀ, ଇବ୍ ଓ ମହାନଦୀ ବାବଦରେ ଉଲ୍ଲେଖ ଥିଲା ଓ ବୈତରଣୀର ନାମଗନ୍ଧ ନ ଥିଲା ।

ନୟାଗଡ଼ ରାଜା ସିନା ବର୍ଷକରେ ବ୍ୟବହାରଯୋଗ୍ୟ ନ ଥିବା ଜମି ଖଣ୍ଡିଏ ଦେଇଥିଲେ, ମୁଁ କିନ୍ତୁ ମାତ୍ର ୬ ମାସରେ ଚିଠିର ନକଲଟିଏ ପାଇ ଖୁସି ହୋଇଥିଲି । କିନ୍ତୁ ମାସ ପରେ ମାସ ବିତି ଚାଲିଲେ ମଧ୍ୟ ସର୍ବୋଚ୍ଚ ଯନ୍ତ୍ରୀ କି ପ୍ରକାର ଉତ୍ତର ଦେଲେ ତଥା ସରକାର ତା' ଉପରେ କ'ଣ ଯୋଜନା କଲେ, ସେ ବାବଦରେ ମୋତେ କିଛି ତଥ୍ୟ ଦିଆଗଲା ନାହିଁ । ଯଦୁମଣି ବର୍ଷେ ଅପେକ୍ଷା କରିଥିବା ଧାରାରେ ମୁଁ ବର୍ଷେ ପରେ ସେ ଚିଠିଟି ଦସ୍ତଖତ କରିଥିବା ହାକିମଙ୍କୁ ଫୋନ୍ ଯୋଗେ କ'ଣ ହେଲା ବୋଲି ପଚାରନ୍ତେ, ସେ କହିଥିଲେ, 'ମୁଁ ଦେଖୁଛି' । କିନ୍ତୁ ସେ ଦେଖା, ଦେଖାରେ ରହିଗଲା । ତା'ପରେ କ୍ରମାଗତ ଭାବେ ମୁଖ୍ୟମନ୍ତ୍ରୀ, ଜଳସମ୍ପଦ ବିଭାଗ ସଚିବ ଓ ଚିଠିକୁ ଦସ୍ତଖତ କରିଥିବା ଯୁଗ୍ମ ସଚିବ ମହୋଦୟଙ୍କୁ ବାରମ୍ବାର ଚିଠି ଲେଖିଲେ ମଧ୍ୟ କୌଣସି ଉତ୍ତର ମିଳିଲା ନାହିଁ । ଏହି ପ୍ରକ୍ରିୟାର ଶେଷ ଚିଠିଟି ତା୨୦।୦୫।୨୦୧୯ରେ ୫୪ ଟଙ୍କା ଖର୍ଚ୍ଚ କରାଯାଇ ସ୍ପିଡ୍ ପୋଷ୍ଟ ଯୋଗେ ସେହି ତିନିଜଣଙ୍କୁ ପଠାଯାଇଥିଲା, ଯେଉଁଥିରେ କି ଅନ୍ତତଃ ପ୍ରାପ୍ତିସ୍ୱୀକାର ପାଇଁ ନିବେଦନ ଥିଲା । ଉତ୍ତର ମିଳିବା ଦୂରେ ଥାଉ, ଚିଠିଟିର ପ୍ରାପ୍ତିସ୍ୱୀକାର ବି କରାଗଲା ନାହିଁ ।

କବି ଯଦୁମଣି ମହାପାତ୍ର ବ୍ୟବହାର ଅନୁପଯୁକ୍ତ ଜମି ଖଣ୍ଡେ ପାଇଥିଲା ଭଳି ମୁଁ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ପଠାଯାଇଥିବା ଚିଠିର ନକଲ ଖଣ୍ଡେ ପାଇଛି ଯାହା । ମହାପାତ୍ରଙ୍କୁ ନୟାଗଡ଼ ରାଜା ତା'ପରେ ଭଲ ଜମି ଖଣ୍ଡିଏ ଦେଇଥିଲେ କି ନାହିଁ ସେ ବାବଦରେ କୌଣସି ତଥ୍ୟ ନାହିଁ । କିନ୍ତୁ ମୋ କ୍ଷେତ୍ରରେ ବର୍ତ୍ତମାନର ଗଣତନ୍ତ୍ରର ରାଜା ଓ ମନ୍ତ୍ରିଗଣ କୌଣସି ତଥ୍ୟ ଦେଲେନାହିଁ ।

ମୋ- ୮୮୯୫୮୫୭୩୧୮

## ଏଇ ଭାରତରେ

ଶିକ୍ଷାର କୌଣସି ଧର୍ମ ନାହିଁ । ଏହା ଅଜ୍ଞାନ ରୂପକ ଅନ୍ଧକାର ଦୂରକରି ଜ୍ଞାନର ଜ୍ୟୋତି ଜଳାଇଥାଏ । ସଂସ୍କୃତ ସ୍କୁଲରେ ଗାୟତ୍ରୀ ମନ୍ତ୍ରୋଚ୍ଚାରଣ ଶିଖୁଛନ୍ତି ମୁସଲମାନ ଛାତ୍ରୀଛାତ୍ର । ଏମିତି ଉଦାହରଣ ପାଲଟିଛି ରାଜସ୍ଥାନ ଜୟପୁରରେ ଥିବା ୬ଟି ସଂସ୍କୃତ ସ୍କୁଲ । ଏଠାରେ ମୁସଲମାନ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେମାନେ ସଂସ୍କୃତର ବିଭିନ୍ନ ଶ୍ଳୋକ ଶିକ୍ଷା କରିବା ସହିତ ଗାୟତ୍ରୀ ମନ୍ତ୍ରୋଚ୍ଚାରଣ କରୁଛନ୍ତି । ସକାଳେ ମଦ୍ରାସାରେ ଉର୍ଦ୍ଦୁ ଭାଷା ଶିକ୍ଷା କରିବା ସହିତ କୋରାନ୍ ପାଠ କରୁଛନ୍ତି । ଏହାପରେ ସଂସ୍କୃତ ସ୍କୁଲକୁ ପଢ଼ିବାକୁ ଆସୁଛନ୍ତି । ଏକ ନିଆରା ଉଦାହରଣ ସୃଷ୍ଟି କରିଥିବା ଏହି ସ୍କୁଲଗୁଡ଼ିକ ଏବେ ଚର୍ଚ୍ଚାରେ । ଛାତ୍ରୀଛାତ୍ର ଦ୍ୱାଦଶ ପର୍ଯ୍ୟନ୍ତ ସଂସ୍କୃତରେ ପାଠପଢ଼ିବା ପରେ ମହାରାଜା ସଂସ୍କୃତ କଲେଜରେ ଜ୍ୟୋତିଷ, ଧର୍ମଶାସ୍ତ୍ର, ବେଦ, ଯଜ୍ଞ ସମ୍ପର୍କିତ ଜ୍ଞାନ, କର୍ମକାଣ୍ଡ ଆଦି ବିଷୟରେ ଅଧ୍ୟୟନ କରୁଛନ୍ତି । ଏଠାକାର ରୟାଲ ଏଣ୍ଟ୍ରାନ୍ସ ସଂସ୍କୃତ ସ୍କୁଲରେ ପାଠ ପଢୁଥିବା ୨୭୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୫୦ ଜଣ ମୁସଲମାନ । ସେହିପରି ରୟାଲ ଅପର ପ୍ରାଇମେରୀ ସଂସ୍କୃତ ସ୍କୁଲର ସମସ୍ତ ୪୪୭ ଛାତ୍ରୀଛାତ୍ର ମୁସଲମାନ । ମହାରାଜ ବରିଷ୍ଠ ସଂସ୍କୃତ ସ୍କୁଲର ୧୩୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୩ ଜଣ ମୁସଲମାନ । ସେହିପରି ଖାଣ୍ଡଳ ବିପ୍ର ବରିଷ୍ଠତା ଉପାଧାୟ ସଂସ୍କୃତ ସ୍କୁଲର ୯୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୦ ଜଣ ମୁସଲମାନ ଥିବା ଜଣାପଡିଛି ।

## ଚିରନ୍ତନୀ

ସେ ଯେ ତବ ଶ୍ରେଷ୍ଠ ଆତ୍ମା, ତବ
ଅନ୍ତିମର ଶେଷଯାତ୍ରୀ
ମରଣର ପରପାରେ ସେ ଯେ ତବ
ଜୀବନର ସାଥୀ ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଜୁଲାଇ ୧୯୯୪

- ହାଇତିରେ ଅବସ୍ଥାପିତ ହେବାକୁ ଥିବା ଶାନ୍ତି ସେନା ବାହିନୀରେ ସୈନ୍ୟ ସାମିଲ କରିବା ପାଇଁ ୧୨ଟି ଲାଟିନ ଆମେରିକୀୟ ଦେଶ ରାଜି ହୋଇଛନ୍ତି ।
- ବାଂଲାଦେଶର ଉତ୍ତରାଞ୍ଚଳରେ ଥିବା ଯମୁନା ନଦୀରେ ଏକ ଯାତ୍ରୀବାହୀ ନୌକା ବୁଡ଼ିଯିବା ଫଳରେ ୧୫ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 3 | | | E | | | | | 8 | | | B |
| | 2 | D | | | | | | | | | | 6 | | A |
| 8 | | 7 | B | | 1 | | | 0 | 9 | 6 | 3 | | | |
| | | A | 4 | | | | D | | | | | | C | |
| | 9 | 0 | | | | | B | 8 | C | 4 | | | 1 | |
| 1 | A | | | | 5 | | C | | | | E | | | |
| | E | | 0 | | | | A | | | 3 | | B | | |
| | 4 | B | | | | | | | | C | | | A | 1 |
| 9 | | | C | E | | | | | | | 0 | 2 | | 7 |
| | | | 8 | | | 7 | 0 | 2 | | A | | | | |
| | | 8 | | C | 3 | | | 7 | | | 2 | | | 4 |
| | | | 6 | 2 | | | | | | | | | 5 | |
| | 1 | | E | | | 2 | | 5 | 8 | B | | 0 | | |
| | 6 | | | | 4 | | | B | E | 1 | | 3 | | |
| A | | | D | | 7 | | | | | | 4 | E | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | A | C | 3 | 2 | 7 | 6 | 8 | 5 | D | E | 4 | 9 | 1 | 0 |
| E | 1 | 4 | 8 | C | D | B | 0 | A | 2 | 7 | 9 | 3 | 5 | 6 |
| 5 | 7 | 3 | 9 | 6 | 0 | E | 4 | D | 8 | C | 1 | 2 | A | B |
| D | 9 | 0 | 5 | A | E | C | 2 | 1 | 6 | 3 | B | 4 | 8 | 7 |
| 8 | 6 | 2 | 1 | B | 4 | 9 | 7 | 3 | 5 | A | 0 | D | C | E |
| 3 | E | 9 | 2 | 7 | B | D | 5 | 4 | 1 | 0 | 8 | C | 6 | A |
| C | B | 7 | 6 | 9 | 1 | 8 | A | E | 4 | 2 | 3 | 0 | D | 5 |
| 1 | D | 8 | E | 0 | 3 | 2 | 9 | 6 | A | 5 | C | B | 7 | 4 |
| 0 | 2 | 5 | 4 | D | A | 3 | C | 7 | B | 6 | E | 8 | 9 | 1 |
| 6 | 4 | A | C | 8 | 5 | 0 | 1 | B | 9 | D | 7 | E | 2 | 3 |
| 7 | 3 | E | D | 1 | 8 | 5 | B | 0 | C | 9 | 6 | A | 4 | 2 |
| 2 | C | D | A | 4 | 6 | 7 | 3 | 9 | E | B | 5 | 1 | 0 | 8 |
| A | 0 | 6 | B | E | 9 | 1 | D | 8 | 7 | 4 | 2 | 5 | 3 | C |
| 4 | 5 | 1 | 7 | 3 | 2 | A | E | C | 0 | 8 | D | 6 | B | 9 |
| 9 | 8 | B | 0 | 5 | C | 4 | 6 | 2 | 3 | 1 | A | 7 | E | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆଇନ ହାତକୁ ନେବା ଅନୁଚିତ

ମହାଶୟ,

ବଲାଙ୍ଗୀର ଜିଲାର ପାଟଣାଗଡ ବିଧାୟକ ନିମ୍ନମାନର ରାସ୍ତା କାମ ପାଇଁ ପୂର୍ତ୍ତ ବିଭାଗର ଜଣେ କନିଷ୍ଠଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ଜନତାଙ୍କ ଆଗରେ ରାସ୍ତାରେ ଉଠ୍‌ବସ୍ କରାଇଥିବାର ଏକ ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ସ୍ଥାନରେ ବିଧାୟକଙ୍କର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରାଯାଇଛି । ସତରେ ଏହା ଏକ ଅମାନବୀୟ ଘଟଣା । ଯଦି ରାସ୍ତାକାମରେ ଅନିୟମିତତା ହୋଇଥିଲା ତାହାହେଲେ ବିଧାୟକ ଯନ୍ତ୍ରୀଙ୍କ ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ତଦନ୍ତ କରାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ବ୍ୟବସ୍ଥା କରିପାରିଥାନ୍ତେ । ଆଇନ ହାତକୁ ନେଇବା ଉଚିତ ନୁହେଁ । କ୍ଷମତାର ଅପବ୍ୟବହାର ଆଦୌ ଗ୍ରହଣୀୟ ନୁହେଁ ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### କମ୍ପାନୀ କା ମାଲ୍

ଫନୀର ଉତ୍ପାତ ପରେ ନୂଆ ଇଲେକ୍ଟ୍ରିକ୍ ଖୁଣ୍ଟ ପୋତାଗଲା । ନୂଆ ତାର ଯୋଡ଼ା ହେଲା, ଟ୍ରାନ୍ସଫର୍ମର ବସିଲା । ଏହା ଭିତରେ ଦୀର୍ଘ ଦୁଇମାସ ବିତିଗଲାଣି । କିନ୍ତୁ ସେ ଭଙ୍ଗା ଖୁଣ୍ଟ ଆଉ ଛିଣ୍ଡା ତାର, ଟ୍ରାନ୍ସଫର୍ମର ଯେମିତି ଯେଉଁଠି ପଡିଥିଲା, ସେମିତି ସେଇଠି ପଡ଼ିଛି । ଶୋଇ ପଡିଥିବା ଗଛକୁ ଲୋକେ ଗଡ଼ ଗଡ଼ କରି ବୋହି ନେଉଛନ୍ତି । ଆଲୁମିନିୟମ ତାରକୁ ଗୁଡେଇ ନେଇଯାଉଛନ୍ତି । ଟ୍ରାନ୍ସଫର୍ମରକୁ ହୁଏତ ଉଠେଇନେବେ । ଲୁହା ଖୁଣ୍ଟଗୁଡିକ ବଙ୍କା ତେଢ଼ା ହୋଇ ପଡିଛି । ତାକୁ ହୁଏତ କାଟିକୁଟି କବାଡିଆବାଲା ନେଇଯିବେ । ଏଗୁଡିକ ନିଲାମ କରିଦେଲେ ଡିପାର୍ଟମେଣ୍ଟକୁ କିଛି ଅର୍ଥ ଆସନ୍ତା ନାହିଁ ? ସେ ଟ୍ରାନ୍ସଫର୍ମର ଏବଂ ଲୁହାଖୁଣ୍ଟ ଅନାବନା ଗଛ ତଳେ ଲୁଚିଯିବାକୁ ବସିଲାଣି । ଏସବୁ ପ୍ରତି ଜଙ୍ଗଲ ବା ଇଲେକ୍ଟ୍ରି ବିଭାଗର ନିଘା ନାହିଁ । କଥାରେ ଅଛି – କମ୍ପାନୀକା ମାଲ୍ ଦରିଆମେ ଡାଲ୍ ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର



@ ଭିମ୍‌ସେନ



@ ଗୋପୀନାଥ



@ ତୁଷାର



@ ଅଭିଶେକ




@ ବିବେକାନନ୍ଦ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

### ■ଗ୍ରାହକ ସେବା କେନ୍ଦ୍ରରୁ ଟଙ୍କା ଆତ୍ମସାତ୍ ଘଟଣା

# ଏସ୍‌ବିଆଇ ମୁଖ୍ୟ ଶାଖା ଘେରିଲେ ହିତାଧିକାରୀ

**ନୂଆପଡା ଅଫିସ,୧୫।୭**

■ପ୍ରତିଶ୍ରୁତି ମିଳିଲା, ୨ ଦିନ ମଧ୍ୟରେ ସମାଧାନ ହେବ

■ଅଭିଯୋଗ ପରେ ପୋଲିସର ତନାଘନା ତଦନ୍ତ ଆରମ୍ଭ

ନୂଆପଡ଼ା ଜିଲା କୁରୁମପୁରୀ ଗ୍ରାହକ ସେବା କେନ୍ଦ୍ରରେ ପରିଚାଳକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିବା ନେଇ ହିତାଧିକାରୀମାନେ ଗତ ଶନିବାର ଲଖନା ଥାନାର ଦ୍ୱାରସ୍ଥ ହୋଇଥିଲେ। ସୋମବାର ନୂଆପଡା ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ଘେରାଉ କରିଛନ୍ତି । ଦୀର୍ଘ ସମୟ ଧରି ବ୍ୟାଙ୍କରେ ବସି ରହି ହିତାଧିକାରୀମାନେ ପ୍ରତିବାଦ କରିଥିଲେ। ଟଙ୍କା ନ ଦେବା ଯାଏଁ ଏଠାରୁ ହଟିବେ ନାହିଁ ବୋଲି ଅଡି ବସିଥିଲେ। ୨ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ପୁଣି ଘେରାଉ କରିବେ ବୋଲି କହି ସେମାନେ ଫେରି ଯାଇଥିଲେ।

ଷ୍ଟେଟ ବ୍ୟାଙ୍କ ନୂଆପଡ଼ା ତରଫରୁ ଗ୍ରାମାଞ୍ଚଳରେ ଲୋକଙ୍କୁ ତୁରନ୍ତ ବ୍ୟାଙ୍କ ସେବା ଯୋଗାଇ ଦେବାକୁ ଗ୍ରାହକ ସେବା କେନ୍ଦ୍ର (ସିଏସ୍‌ପି) ଅବସ୍ଥାପିତ କରାଯାଇଛି। ସେଠାରେ ଜଣେ ଲେଖାଏଁ ପରିଚାଳକ ଫ୍ରାଞ୍ଚାଇଜ ଆଣି ପରିଚାଳନା କରିଥାନ୍ତି। ଏହି ଜରିଆରେ ଗ୍ରାହକଙ୍କୁ ପ୍ରତ୍ୟହ ୧୦ରୁ ୨୦ ହଜାର ଟଙ୍କା ଜମା କିମ୍ବା ଉଠାଣ ସକାଶେ କ୍ଷମତା ରହିଥାଏ । ଏହି କେନ୍ଦ୍ରଗୁଡିକରେ ଗ୍ରାହକମାନଙ୍କ ଆଧାର ସଂଯୋଗ କରି ଟିପ ଚିହ୍ନ ସାହାଯ୍ୟରେ ଟଙ୍କା ଉଠାଣ କିମ୍ବା ଜମା କରାଯାଇଥାଏ। ହେଲେ ସେହି କେନ୍ଦ୍ରଗୁଡିକରେ ଆକାଉଣ୍ଟ ଖୋଲିବା ସମୟରେ କୌଶଳ କରି ଗ୍ରାହକଙ୍କ ଟିପଚିହ୍ନ ସେଭ୍ କରି ରଖାଯାଉଛି । ଗ୍ରାହକଙ୍କ ଅଜ୍ଞତାର ସୁଯୋଗ ନେଇ ବେଶୀ ଟଙ୍କା ଉଠାଣ କରି କମ୍ ଟଙ୍କା ଗ୍ରାହକଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି । ଏମିତି ବିଭିନ୍ନ କୌଶଳ କରି କୁରୁମପୁରୀ କେନ୍ଦ୍ର ପରିଚାଳକ ଶତାଧିକ ଗରିବ ଶ୍ରମିକ ଶ୍ରେଣୀର ଗ୍ରାହକମାନଙ୍କ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଏହି ସବୁ ଅଭିଯୋଗ ନେଇ କାଶୀପଲା, କୁଶଦହନା, କୁରୁମପୁରୀ ଆଦି ଗାଁର ଶତାଧିକ ଗ୍ରାହକ ଶନିବାର ଲଖନା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗର ୩ ଦିନ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଗ୍ରାହକ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି। ଅସନ୍ତୁଷ୍ଟ ଗ୍ରାହକମାନେ ସୋମବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଷ୍ଟେଟବ୍ୟାଙ୍କକୁ ଘେରାଉ କରିଥିଲେ। ବ୍ୟାଙ୍କ ଭିତରେ ଶାଖା ପରିଚାଳକଙ୍କୁ ଘେରିଯାଇ ସମସ୍ତେ ଜଣ ଜଣ କରି ସମସ୍ୟା କହିଥିଲେ । ଘାଟିପଡାର ରମାବାଇ ଖର୍ସେଲଙ୍କ କହିବାନୁଯାୟୀ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିଲେ । ଯିବା ପୂର୍ବରୁ ୪୦ ହଜାର ଟଙ୍କା ଜମା କରିଥିଲେ । ଆସି ଦେଖିବାବେଳକୁ ଟଙ୍କା ଗାଏବ ହୋଇଯାଇଛି । ସେହିଭଳି ସେହି ଗାଁର ତପିସା ଖର୍ସେଲ ମଧ୍ୟ ୮୦ ହଜାର ଟଙ୍କା ଜମା କରିଥିଲେ। ବର୍ତ୍ତମାନ ଟଙ୍କା ତକ ଉଠାଣ ହୋଇଯାଇଛି । ଗରିବ ଲୋକ ବ୍ୟାଙ୍କ ନୀତି ନିୟମ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଥିଲେ । ଗ୍ରାହକମାନଙ୍କ ଦାବି ମୁତାବକ ଆଞ୍ଚଳିକ ବ୍ୟାଙ୍କ ପରିଚାଳକଙ୍କୁ ଯୋଗାଯୋଗ କରି ସବିଶେଷ ତଥ୍ୟ ପ୍ରଦାନ କରିଛନ୍ତି । ଏସ୍‌ଡିପିଓ ପ୍ରଶାନ୍ତ କୁମାର ପଟ୍ଟନାୟକ, ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ଉପସ୍ଥିତିରେ ତଦନ୍ତ ପ୍ରକ୍ରିୟାକୁ ଆରମ୍ଭ କରାଯାଇଛି । ଏଥିରେ ଯିଏ ବି ସମ୍ପୃକ୍ତ ରହିଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି । ଜିଲା ଓକିଲ ସଂଘ ସଭାପତି, ଭାଜପା ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ଭାଜପା ତରଫରୁ ଚତୁର୍ଭୁଜ ଶର୍ମା, ମନିଜର ଆର୍ଯ୍ୟ, ହୋମସିଂ ମାଝି, ତୁଳସ ପଟେଲ ଯୋଗଦେଇ ଉକ୍ତ ଘଟଣାର ସରଜମିନ ତଦନ୍ତ କରିବାକୁ ଦାବି କରିଥିଲେ।

# ବଡ଼ରମା ଘାଟିରୁ ଯୁବକଙ୍କ ମୃତଦେହ ଉଦ୍ଧାର

### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଜମନକିରା, ୧୫।୭ (ଡି.ଏନ୍.ଏ.)**

ସମ୍ବଲପୁର ଜିଲା ଜମନକିରା ଥାନା ଗୌଡ଼ପାଲି ଫାଣ୍ଡି ଅନ୍ତର୍ଗତ ବଡ଼ରମା ଘାଟିରୁ ସୋମବାର ସକାଳେ ଜଣେ ବାଇକ ମେକାନିକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ସେ ହେଲେ ବଡ଼ରମା ପଞ୍ଚାୟତ କଦଳୀପାଳ ଗାଁର ଶ୍ୟାମସୁନ୍ଦର ସିଂ (୪୫)। ଏହା ଏକ ହତ୍ୟାକାଣ୍ଡ ବୋଲି ତାଙ୍କ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏ ନେଇ ଥାନାରେ ହତ୍ୟା ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଛି।

ରବିବାର ରାତିରେ ଜଣେ ବ୍ୟକ୍ତି ବାଇକ୍ ମରାମତି ପାଇଁ ଶ୍ୟାମସୁନ୍ଦରଙ୍କୁ ଘରୁ ଡାକି ନେଇଥିଲେ। ହେଲେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ ନ ଫେରିବାରୁ ଘର ଲୋକ ଚିନ୍ତାରେ ପଡିଥିଲେ। ବହୁ ଖୋଜାଖୋଜି କରିଥିବା ସତ୍ତ୍ୱେ ତାଙ୍କ ଖୋଜ ଖବର ମିଳି ନ ଥିଲା। ସୋମବାର ଭୋରୁ ବଡ଼ରମା ଘାଟି ମଝିରେ ସେ ବାଇକ ସହ ରାସ୍ତାରେ ପଡ଼ିଥିବା ବେଳେ ମୁଣ୍ଡ ଉପରେ ଗାଡ଼ି ଚଢ଼ି ଯାଇଥିବା ଖବର ମିଳିଥିଲା। ଏଥିସହ ବେକରେ ରଶି ଚିହ୍ନ ଓ ଆଣ୍ଠୁରେ ମାଟି ଲାଗି ଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ସ୍ଥଳରେ ରକ୍ତ ପଡ଼ିଥିଲା। ବାଇକ୍ ଓ ମୃତଦେହର ସ୍ଥିତି ଦେଖିବା ପରେ ଶ୍ୟାମସୁନ୍ଦରଙ୍କୁ ଯୋଜନାବଦ୍ଧ ଭାବେ ଗାଡି ଚଢାଇ ହତ୍ୟା କରାଯାଇ ଦୁର୍ଘଟଣାର ରୂପ ଦିଆଯାଇଥିବା ପରିବାର ଲୋକ ସନ୍ଦେହ କରିଛନ୍ତି। ଏଣୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ସ୍ତ୍ରୀ ସୁଚିତାଦେବୀ ସିଂ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ■ଗୋରୁ ବ୍ୟବସାୟୀଙ୍କୁ ଆକ୍ରମଣ, ଟଙ୍କା ଲୁଟ୍

# ବୋମାଫୁଟି ଜଣେ ଲୁଟେରା ମୃତ, ୬ ଫେରାର

**ଭଞ୍ଜନଗର/ଆସିକା,୧୫।୭(ଡି.ଏନ.ଏ.)**

ଜଣେ ଗୋରୁ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ କରି ଚମ୍ପଟ ମାରୁଥିବା ବେଳେ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ପାଖରେ ଥିବା ବୋମା ଫୁଟି ଜଣେ ଲୁଟେରାଙ୍କ ମୃତ୍ୟୁ ଘଟିଛି। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ୬ଜଣ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଗାଙ୍ଗପୁର ଥାନା ବଡ଼ବୋରସିଙ୍ଗିର ଚରଣ ରାଉତ।

ଲାଠିପଡ଼ାର ଗୋରୁ ବ୍ୟବସାୟୀ ଡାକ ନାୟକ ସୋମବାର ସକାଳେ କଣ୍ଟେଇପଲ୍ଲୀ ଜଙ୍ଗଲ ରାସ୍ତାଦେଇ ବେଲଗୁଣ୍ଠାରେ ହେଉଥିବା ଗୋରୁ ହାଟକୁ ଯାଉଥିଲେ। ଏହି ସମୟରେ ୭ ଜଣ ଦୁର୍ବୃତ୍ତ ୩ଟି ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଡାକଙ୍କଠାରୁ ସେମାନେ ୧ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ଖବରପାଇ ଭଞ୍ଜନଗର ଓ ଗାଙ୍ଗପୁର ଥାନା ପୋଲିସ ଦୁର୍ବୃତ୍ତମାନଙ୍କ ପିଛା କରିଥିଲା। ତହ ନିକଟସ୍ଥ ଗୋଛାପଲ୍ଲୀ ରାସ୍ତାରେ ଭାଗ ଟଙ୍କା ବାଣ୍ଟି ନେଉଥିବା ବେଳେ ପୋଲିସ-ଦୁର୍ବୃତ୍ତମାନେ ମୁହାଁମୁହିଁ ହୋଇଥିଲେ। ଦୁର୍ବୃତ୍ତମାନେ ପୋଲିସଠାରୁ ବର୍ତ୍ତିବା ପାଇଁ ପ୍ରଥମେ ବୋମାମାଡ଼ କରିବା ସହ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳିଚାଳନା କରିବାରୁ ୫ ଦୁର୍ବୃତ୍ତ ୨ଟି ବାଇକ୍‌ରେ ଖସି ପଳାଇବାକୁ ସକ୍ଷମ ହୋଇଥିଲେ। ଚରଣ ଓ ଅନ୍ୟଜଣେ ଆଉ ଏକ ବାଇକ୍‌ରେ ଯିବା ବେଳେ କେନାଲ ବନ୍ଧରେ ଖସି ପଡ଼ିଥିଲେ। ଏହି ସମୟରେ ତାଙ୍କ ପାଖରେ ଥିବା ଗୋଟିଏ ବୋମା ଫୁଟିଯିବାରୁ ଚରଣ ଘଟଣାସ୍ଥଳରେ ଗୁରୁତର ହୋଇ ପଡିଥିବା ବେଳେ ତାଙ୍କ ସହିତ ଥିବା ଅନ୍ୟ ଜଣେ ଦୁର୍ବୃତ୍ତ ବାଇକ୍ ନେଇ ଫେରାର ହୋଇଯାଇଥିଲେ। ଚରଣଙ୍କୁ ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ଡାକ୍ତରଖାନାକୁ ଆଣିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚରଣଙ୍କ ପକେଟରୁ ୨୧ ହଜାର ଟଙ୍କା ଓ ଘଟଣାସ୍ଥଳରୁ ଗୋଟିଏ ମାଉଜର ପୋଲିସ ଜବତ କରିଛି। ଭଞ୍ଜନଗର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିବା ଜଣାପଡିଛି। ଫେରାର୍ ଥିବା ୬ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ କରାଯାଉଥିବା ଗାଙ୍ଗପୁର ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ କହିଛନ୍ତି। ଏ ନେଇ ଗୋରୁ ବ୍ୟବସାୟୀଙ୍କ ଅଭିଯୋଗକ୍ରମେ ଗାଙ୍ଗପୁର ଥାନାରେ ନଂ. ୧୯୪/୧୯ରେ ଏକ ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ଚରଣଙ୍କ ନାଁରେ ୨୦୧୫ରେ ଏକ ହତ୍ୟା ମାମଲା ବଡଗଡ ଥାନା ଅଞ୍ଚଳରେ ଥିବା ଜଣାପଡିଛି । ୨ମାସ ପୂର୍ବରୁ ସେ ଜାମିନରେ ଆସିଥିଲେ ।


**ପତ୍ରସଂଖ୍ୟା: ୧୫୩୧** **ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଜେପୁର** **ତାରିଖ: ୦୩।୦୭।୨୦୧୯**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ, ବରଗଡଙ୍କ ନିର୍ଦ୍ଦେଶକ୍ରମେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନ୍ତର୍ଗତ ୨୦୧୮-୧୯ ଆର୍ଥିକ ବର୍ଷର (୧ ଏପ୍ରିଲ ୨୦୧୮ରୁ ୩୧ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ) କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ମଷ୍ଟର ରୋଲ ଯାଞ୍ଚ, ତନଖି, ଅନୁସନ୍ଧାନ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତଥା ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଗ୍ରାମ୍ୟ ସାଧନ କର୍ମୀମାନଙ୍କ ସହାୟତାରେ ଗ୍ରାମସଭା ଅନୁଷ୍ଠିତ ହେବ। ଏହି ସଭାରେ ସମ୍ପୃକ୍ତ ସରପଞ୍ଚ, କନିଷ୍ଠଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ସମସ୍ତ କେସ୍ ରେକର୍ଡ ଓ କାଗଜାତ ଉପସ୍ଥାପନ କରିବେ। ପୁନଶ୍ଚ ଏହି ସଭାରେ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ପ୍ରତିନିଧି, ଶିକ୍ଷିତ ଯୁବକ ଯୁବତୀ, ସମସ୍ତ ଜବ୍ କାର୍ଡଧାରୀ ଶ୍ରମିକ, ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀ ନିମ୍ନ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ପ୍ରକଳ୍ପ ତଥା ମଷ୍ଟର ରୋଲର ସତ୍ୟାସତ୍ୟ ଅନୁସନ୍ଧାନ କରିବେ ଓ ସେମାନଙ୍କର ଦସ୍ତଖତ ଯାଞ୍ଚ କରାଇନେବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ସହକାରୀ ଯନ୍ତ୍ରୀ ଉକ୍ତ କାର୍ଯ୍ୟକ୍ରମରେ ଭାଗନେଇ ତଦାରଖ କାର୍ଯ୍ୟ ତୁଲାଇବେ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଜେପୁର

| କ୍ର. ନଂ. | ଗ୍ରାମ ପଞ୍ଚାୟତର ନାମ | ଗ୍ରାମ୍ୟ ସାଧନକର୍ମୀଙ୍କ ନାମ | ସାମାଜିକ ସମୀକ୍ଷା ଅବଧି (ପ୍ରଥମ ଚାରିଦିନ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଓ ପରବର୍ତ୍ତୀ ଦଶଦିନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା | ସାମାଜିକ ସମୀକ୍ଷା ଶୁଣାଣି ତାରିଖ | ସମନ୍ୱୟ ଅଧିକାରୀଙ୍କ ନାମ | ବ୍ଲକସ୍ତରୀୟ ଜନ ଶୁଣାଣି ତାରିଖ |
|---|---|---|---|---|---|---|
| ୧ | ବଡ଼ବାଉଁସେନ | ସୁଲୋଚନା ବରିହା, ପୁଷ୍ପାଞ୍ଜଳି ସାହୁ, ଗୀତାଞ୍ଜଳି ମଲ୍ଲିକ | ୧୬।୦୭।୨୦୧୯ରୁ ୨୯।୦୭।୨୦୧୯ | ୩୦।୦୭।୨୦୧୯ | ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, P.A. | ୧୪।୧୧।୨୦୧୯ |
| ୨ | ବୈରିଖପାଲି | ଜହ୍ନ ରାଜହଂସ, ଅନିତା ପଧାନ, ରଶ୍ମି କୁମ୍ଭାର | | | ସଞ୍ଜୟ ଭୋଇ, W.E.O. | |
| ୩ | ଭଟିଗାଁ | ମଞ୍ଜୁଲତା ବାଗ, ଭାଗ୍ୟବତୀ ମହାନନ୍ଦ, ନିଳେନ୍ଦ୍ରି ବଗାର | | | ଟେକଚାନ୍ଦ କାଲୋ, A.E.E. | |
| ୪ | ଗଣ୍ଡିଆପାଲି | ତପସ୍ୱିନୀ ସାହୁ, ଗୀତା ମହାପାତ୍ର, ଜୟନ୍ତୀ ଦୀପ | | | ଅଷାଢ଼ୁ ବାରିକ, C.P. | |
| ୫ | ବଡ଼ବାହ୍ମଣୀ | ଗୀତା ମହାପାତ୍ର, ପଦ୍ମିନୀ ବାଗ, ସୁଲୋଚନା ବରିହା | ୩୧।୦୭।୨୦୧୯ରୁ ୧୩।୦୮।୨୦୧୯ | ୧୪।୦୮।୨୦୧୯ | ପ୍ୟାରିଲାଲ ମଣ୍ଡଳ, A.O. | ୧୪।୧୧।୨୦୧୯ |
| ୬ | ବରମୁଣ୍ଡା | ଅନିତା ପଧାନ, ପୁଷ୍ପା ଗଡ଼ତିଆ, ରୋଜି ସାହୁ | | | ଅଷାଢ଼ୁ ବାରିକ, C.P. | |
| ୭ | ବେନିଆଁଚାଲ | ତପସ୍ୱିନୀ ସାହୁ, ସସ୍ମିତା ଲୁହା, ଗୀତାଞ୍ଜଳି ମଲ୍ଲିକ | | | ସୁଶାନ୍ତ ମିଶ୍ର, B.P.C. | |
| ୮ | ବିଜେପୁର | ଫାଲ୍‌ଗୁନି ବିଭାର, ନିଳେନ୍ଦ୍ରି ପଧାନ, ବିଳାସିନୀ ପଟେଲ | | | | |
| ୯ | ବୁଢ଼ାପାଲି | ମଞ୍ଜୁଲତା ବାଗ, ରାସନା କୁମ୍ଭାର, ବିଳାସିନୀ ପଟେଲ | ୧୬।୦୮।୨୦୧୯ରୁ ୨୫।୦୮।୨୦୧୯ | ୨୬।୦୮।୨୦୧୯ | ସଞ୍ଜୟ ଭୋଇ, W.E.O. | ୧୪।୧୧।୨୦୧୯ |
| ୧୦ | ଚାରପାଲି | ଅନିତା ପଧାନ, ପୁଷ୍ପା ଗଡ଼ତିଆ, ସୂର୍ଯ୍ୟକାନ୍ତି ସାହୁ | ୧୬।୦୮।୨୦୧୯ରୁ ୨୯।୦୮।୨୦୧୯ | ୩୦।୦୮।୨୦୧୯ | ସୁଶାନ୍ତ ମିଶ୍ର, B.P.C. | ୧୪।୧୧।୨୦୧୯ |
| ୧୧ | ଯୋଖିପାଲି | ସୁବର୍ଣ୍ଣ ଭୋଇ, ଗୀତା ମହାପାତ୍ର, ସୁଲୋଚନା ବରିହା | | | ପାଣ୍ଡବ ନନ୍ଦ | |
| ୧୨ | ଲାଉମୁଣ୍ଡା | ଦୟାଶ୍ରୀ ମହାନନ୍ଦ, ଭାଗ୍ୟବତୀ ମହାନନ୍ଦ, ସସ୍ମିତା ଲୁହା | | | ଟେକଚାନ୍ଦ କାଲୋ, A.E.E. | |
| ୧୩ | ଜାରିଂ | ସୂର୍ଯ୍ୟକାନ୍ତି ସାହୁ, ବିଳାସିନୀ ପଟେଲ, ରଶ୍ମି କୁମ୍ଭାର | ୦୫।୦୯।୨୦୧୯ରୁ ୧୮।୦୯।୨୦୧୯ | ୧୯।୦୯।୨୦୧୯ | ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, P.A. | ୧୪।୧୧।୨୦୧୯ |
| ୧୪ | ଖରମୁଣ୍ଡା | କୁନ୍ତଳା ସାହୁ, ରାସନା କୁମ୍ଭାର, ଜୟନ୍ତୀ ଦୀପ | | | ମଧୁସ୍ମିତା ସେଠୀ, A.F.O. | |
| ୧୫ | ଏମ୍. ଶ୍ରୀଗିଡା | ମଞ୍ଜୁଲତା ବାଗ, ସୁବର୍ଣ୍ଣ ଭୋଇ, ବୃନ୍ଦାବତୀ ସାହୁ | | | ଅଷାଢ଼ୁ ବାରିକ, C.P. | |
| ୧୬ | ପହଣ୍ଡି | ଦୟାଶ୍ରୀ ମହାନନ୍ଦ, ଜହ୍ନ ରାଜହଂସ, ରୋଜି ସାହୁ | | | ସୁଶାନ୍ତ ମିଶ୍ର, B.P.C. | |
| ୧୭ | ପଡା | ଫାଲ୍‌ଗୁନି ବିଭାର, ପୁଷ୍ପାଞ୍ଜଳି ସାହୁ, ବୃନ୍ଦାବତୀ ସାହୁ | ୨୦।୦୯।୨୦୧୯ରୁ ୦୩।୧୦।୨୦୧୯ | ୦୪।୧୦।୨୦୧୯ | ଟେକଚାନ୍ଦ କାଲୋ, A.E.E. | ୧୪।୧୧।୨୦୧୯ |
| ୧୮ | ପଥଲା | ସୁବର୍ଣ୍ଣ ଭୋଇ, ପଦ୍ମିନୀ ବାଗ, ଗୀତାଞ୍ଜଳି ମଲ୍ଲିକ | | | ମଧୁସ୍ମିତା ସେଠୀ, A.F.O. | |
| ୧୯ | ସମଲାଇପଦର | ଜହ୍ନ ରାଜହଂସ, ପୁଷ୍ପା ଗଡ଼ତିଆ, ରଶ୍ମି କୁମ୍ଭାର | | | ଷଙ୍କର୍ଷଣ ଭୁଏ, M.I. | |
| ୨୦ | ସୁରୁବାଲି | କୁନ୍ତଳା ସାହୁ, ରାସନାକୁମ୍ଭାର, ଜୟନ୍ତୀ ଦୀପ | | | ସୁଶାନ୍ତ ମିଶ୍ର, B.P.C. | |
| ୨୧ | ସାଇପାଲି | ଦୟାଶ୍ରୀ ମହାନନ୍ଦ, ପଦ୍ମିନୀ ବାଗ, ଭାଗ୍ୟବତୀ ମହାନନ୍ଦ | ୧୧।୧୦।୨୦୧୯ରୁ ୨୪।୧୦।୨୦୧୯ | ୨୫।୧୦।୨୦୧୯ | ପାଣ୍ଡବ ନନ୍ଦ, I/C B.S.S.O. | ୧୪।୧୧।୨୦୧୯ |
| ୨୨ | ସାନବାଉଁସେନ | ଫାଲ୍‌ଗୁନି ବିଭାର, ନିଳେନ୍ଦ୍ରି ପଧାନ, ରୋଜି ସାହୁ | | | ପ୍ୟାରିଲାଲ ମଣ୍ଡଳ, A.O. | |
| ୨୩ | ଟି.ଗଣ୍ଡପାଲି | ତପସ୍ୱିନୀ ସାହୁ, କୁନ୍ତଳା ସାହୁ, ସୂର୍ଯ୍ୟକାନ୍ତି ସାହୁ | | | ଜ୍ୟୋତ୍ସ୍ନାରାଣୀ ଗଡ଼ତିଆ, P.A | |
| ୨୪ | ତାଳପଦର | ପୁଷ୍ପାଞ୍ଜଳି ସାହୁ, ସସ୍ମିତା ଲୁହା, ବୃନ୍ଦାବତୀ ସାହୁ | | | ସୁଶାନ୍ତ ମିଶ୍ର, B.P.C. | |


### ■ପିକଅପ୍ ଭ୍ୟାନ୍-ବାଇକ୍ ମଧ୍ୟରେ ଧକ୍କା

# ଯୁବକଙ୍କ ମୁଣ୍ଡ ଛିଣ୍ଡି ରାସ୍ତାରେ ପଡ଼ିଲା

**କୁଚିଣ୍ଡା, ୧୫।୭ (ଡି.ଏନ.ଏ.)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅଧୀନ ଗୋଛରା ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ବାଇକ ସହ ଗୋଟିଏ ପିକଅପ୍ ଭ୍ୟାନ୍‌ର ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ମୁଣ୍ଡ ଛିଣ୍ଡି ଯାଇ ଦୁର୍ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ହେଲେ ଦେବଗଡ଼ ଜିଲା ଲଇମୁରା ପିଚୋପଡାର ଜଗଦୀଶ ମୁଣ୍ଡା (୩୦)। ଡିଜେଲ ବୋଝେଇ ପିକଅପ୍ ଭ୍ୟାନ୍ (ନଂ. ଓଡି ୧୫ ସି- ୨୫୮୧)ଟି ଗୋଛରା ପଟକୁ ଆସୁଥିବା ବେଳେ ସେହି ରାସ୍ତା ପଟୁ ବାଇକ (ନଂ. ଓଆର ୧୫ ଆର- ୪୨୬୩)ରେ ଜଗଦୀଶ ନିଜ ଘରକୁ ଯାଉଥିଲେ। ହେଲେ ପିକଅପ୍ ଭ୍ୟାନ୍ ଡାଲାରେ ପିଟି ହୋଇ ଜଗଦୀଶଙ୍କ ମୁଣ୍ଡ ଛିଣ୍ଡି ଯାଇଥିଲା। ରାସ୍ତା ଉପରେ ମୁଣ୍ଡ ପଡିବା ପରେ ପିକଅପର ପଛ ଚକା ଏହା ଉପରେ ଚଢି ଯାଇଥିଲା। ଜଗଦୀଶଙ୍କ ଶରୀର ରାସ୍ତା କଡ ବିଲରେ ପଡିଥିଲା। ଖବର ପାଇ ମହୁଲପାଲି ଥାନା ପୋଲିସ ପହଞ୍ଚିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇ ଗାଡି ଦୁଇଟିକୁ ଜବତ କରିଛି।


**IDBI BANK** ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ **୧୦.୦୭.୨୦୧୯**ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ସନ୍ତୋଷ ପାତ୍ର**, ତୁଡଙ୍ଗ ସାହି, ପୁରୀ ଟାଉନ, ପୁରୀ-୭୫୨୦୦୧, ଓଡ଼ିଶା / **ଗ୍ୟାରେଣ୍ଟିଦାତା: ନଳିନୀ ବିହାରୀ ପଟ୍ଟନାୟକ**, ମଙ୍ଗଳାଘାଟ ରୋଡ୍, ପୁରୀ ମ୍ୟୁନିସିପାଲଟି, ଟାଉନ ଥାନା, ପୁରୀ-୭୫୨୦୦୧, ଓଡିଶା | ୩୦.୦୯.୨୦୧୮ ସୁଦ୍ଧା ଟ.୩୭,୭୨,୫୩୬/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୧୧.୦୧.୨୦୧୯ / ୧୦.୦୭.୨୦୧୯ | ଶ୍ରୀ ନଳିନୀ ବିହାରୀ ପଟ୍ଟନାୟକଙ୍କ ନାମରେ ଥିବା ଖାଲି ଜମି ଆଦି ସମ୍ପତ୍ତିର |

ସମସ୍ତ ଅଂଶବିଶେଷ ଯାହାର **୧**) ମୌଜା: ସମାଙ୍ଗ, ମ୍ୟୁଟେଡ ଖାତା ନଂ.: ୧୦୪୭, ପ୍ଲଟ୍ ନଂ.: ୮୨୪, କ୍ଷେତ୍ର: ଏକର୦.୩୦ଡିସିମିଲି, କିସମ: ଘରବାରୀ, ଅନୁରୂପ ସ୍ଥିତିବାନ ସାବିକ ଖାତା ନଂ.: ୨୩୬, ସାବିକ ପ୍ଲଟ୍ ନଂ.: ୬୦୧, କ୍ଷେତ୍ର: ଏକର୦.୪୭ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଡ୍ରେନ୍, ପଶ୍ଚିମ: ଡ୍ରେନ୍, ଦକ୍ଷିଣ: କେଲୁଣୀ ଦେଈ, ଉତ୍ତର: ଲକ୍ଷ୍ମୀଧର ପ୍ରଧାନ, **୨**) ମୌଜା: ଖରାପଡା, ମ୍ୟୁଟେଡ୍ ଖାତା ନଂ.: ୨୬୬/୧୭୫, ପ୍ଲଟ୍ ନଂ.: ୮୧/୮୪୧, କ୍ଷେତ୍ର: ଏକର୦.୯୬ଡିସିମିଲି, କିସମ: ଘରବାରୀ, ଅନୁରୂପ ସ୍ଥିତିବାନ ସାବିକ ଖାତା ନଂ.: ୧୧୫, ସାବିକ ପ୍ଲଟ୍ ନଂ.: ୧୮୧, କ୍ଷେତ୍ର: ଏକର୦.୩୭ଡିସିମିଲି, ଥାନା: ପୁରୀ ସଦର, ଜିଲ୍ଲା: ପୁରୀ, ଏହାର ଚତୁଃପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଲୋକନାଥ ସାହୁ, ଦକ୍ଷିଣ: ବସ୍ତି ପ୍ଲଟ୍ -୩, ଉତ୍ତର: ବସ୍ତି ପ୍ଲଟ୍ -୧ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ ।

ସ୍ଥାନ: ପୁରୀ, ତାରିଖ: ୧୫.୦୭.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ


# ଭିମ୍‌ସାରର ୨୨ ପଦବୀ ପୂରଣ ହେଲା

**ସମ୍ବଲପୁର,୧୫।୭(ବ୍ୟୁରୋ)**

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ (ଭିମ୍‌ସାର)ରେ ବହୁ ଦିନ ହେଲା ଖାଲି ପଡିଥିବା ପ୍ରଫେସର, ସହକାରୀ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ହୋଇଛି। ଜଣେ ପ୍ରଫେସର ଓ ଜଣେ ସହକାରୀ ପ୍ରଫେସରଙ୍କ ସହ ୨୦ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଥିବା ଭିମ୍‌ସାରର ଚିଠି ନଂ ୩୦୪/୧୯ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ଭିମ୍‌ସାର ପକ୍ଷରୁ ସେମାନଙ୍କ ନାମ ତାଲିକା ବି ପ୍ରକାଶ ପାଇଛି। ହେଲେ ଏହି ୨୨ ଜଣଙ୍କ ଭିତରୁ ୧୩ ଜଣ ବିଭିନ୍ନ ସରକାରୀ ଡାକ୍ତରଖାନାରେ କାମ କରୁଛନ୍ତି। ଏଣୁ ସେମାନଙ୍କୁ ରିଲିଭ କରିବା ପାଇଁ ଅନୁରୋଧ କରାଯାଇଛି। ଫଳରେ ସେମାନେ ଆସି ଏଠାରେ ଯୋଗ ଦେବାକୁ ସୁବିଧା ହେବ। ସେହିପରି ଅନ୍ୟ ୯ ଜଣଙ୍କ ଭିତରେ କେତେକ ଅବସରପ୍ରାପ୍ତ ଡାକ୍ତର ରହିଛନ୍ତି। ଆଉ କେତେକ ରାଜ୍ୟ ତଥା ରାଜ୍ୟ ବାହାରେ ଘରୋଇ ଡାକ୍ତରଖାନାରେ କାମ କରୁଛନ୍ତି। ସେହି ଡାକ୍ତରମାନଙ୍କୁ ସିଧାସଳଖ ନିଯୁକ୍ତ କରାଯାଇଛି ବୋଲି ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଛି। ପ୍ରଫେସର ପଦ ପାଇଁ ଶ୍ରୀବତ୍ସ କୁମାର ମହାପାତ୍ର ଓ ଶୋଭାଗିନୀ ନାଏକଙ୍କୁ ଆସୋସିଏଟ ପ୍ରଫେସର ଭାବେ ନିଯୁକ୍ତି କରାଯାଇଛି। ଆସିଷ୍ଟାଣ୍ଟ ପ୍ରଫେସର ଭାବେ ନିଯୁକ୍ତି ପାଇଥିବା ଡାକ୍ତରଙ୍କ ମଧ୍ୟରେ ଦୀପ୍ତିମୟୀ ପ୍ରଧାନ, ଡାକ୍ତର ନିର୍ଲିପ୍ତ ବେହେରା, ଡାକ୍ତର ପର୍ଶୁରାମ ନାୟକ, ଡାକ୍ତର ମନୋଜ କୁମାର ଯାଦବ, ଡାକ୍ତର ଅମିତ କୁମାର ମିଶ୍ର, ଡାକ୍ତର ସନ୍ତୋଷ ଟେଟେ, ଡାକ୍ତର ପ୍ରଭାତ ରଞ୍ଜନ ରାଇକା, ଡାକ୍ତର ଦେବାଶିଷ ନାଏକ, ଡାକ୍ତର ରବି ନାରାୟଣ ଗୁରୁ, ଡାକ୍ତର ନଗେନ୍ଦ୍ର କୁମାର ରାଜସାମନ୍ତ, ଡାକ୍ତର ଅଭିନାଶ ମହାପାତ୍ର, ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର, ଡାକ୍ତର ସୁଧାଂଶୁ ଶେଖର ନାଥ, ଡାକ୍ତର ଶ୍ୱେତାଲିନା ପାଣ୍ଡେ, ଡାକ୍ତର ନୀଳମାଧବ ପଣ୍ଡା, ଡାକ୍ତର ସୌଲେନ କୁମାର ମିଶ୍ର, ଡାକ୍ତର ଇତିଶ୍ରୀ ପୃଷ୍ଟି, ଡାକ୍ତର ମଞ୍ଜୁ ଅଗ୍ରୱାଲ, ଡାକ୍ତର ଗୌରହରୀ ପ୍ରଧାନଙ୍କ ନାମ ରହିଛି ।

ଏହି ନିଯୁକ୍ତି ହେବା ପରେ ସାଧାରଣ ଲୋକେ ଖୁସି ବ୍ୟକ୍ତ କରିଛନ୍ତି । ଭିମ୍‌ସାରରେ ସ୍ୱାସ୍ଥ୍ୟସେବାରେ ହେଉଥିବା ସମସ୍ୟା କିଛି ସମାଧାନ ହେବ ବୋଲି ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ, ଜୁଲାଇ ୧୦ ତାରିଖ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଭିମ୍‌ସାର ଗସ୍ତ କରି କର୍ତ୍ତୃପକ୍ଷଙ୍କ ସହ ସମୀକ୍ଷା ବୈଠକ କରିଥିଲେ । ସେ ସମୟରେ ପ୍ରଫେସର ପଦବୀ ଖାଲି ପଡିଥିବା ନେଇ ଅଭିଯୋଗ ହୋଇଥିଲା । ଭିମ୍‌ସାର ପକ୍ଷରୁ ବିଜ୍ଞାପନ ହୋଇ ପ୍ରକ୍ରିୟା ହୋଇଛି। ହେଲେ ପଦ ପୂରଣ କରାଯାଉ ନାହିଁ ବୋଲି ସାଧାରଣ ଲୋକ ମଧ୍ୟ ମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଏଣୁ ମାସେ ଭିତରେ ଏହି ନିଯୁକ୍ତି ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରୀ ଦାସ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଫଳ ସ୍ୱରୂପ ଯୁଦ୍ଧକାଳୀନ ଭିତ୍ତିରେ କର୍ତ୍ତୃପକ୍ଷ ୨୨ ପଦ ପୂରଣ କରିବାକୁ ବାଧ୍ୟ ହୋଇଛନ୍ତି। ଭିମ୍‌ସାରରେ ଆହୁରି ଅନେକ ପଦବୀ ଖାଲି ପଡିଛି । ସେଗୁଡିକ ମଧ୍ୟ ଶୀଘ୍ର ପୂରଣ କରିବାକୁ ସାଧାରଣରେ ଦାବି ହୋଇଛି ।


**ADMISSION NOTICE - 2019**

DIRECTORATE OF DISTANCE & CONTINUING EDUCATION

UTKAL UNIVERSITY
NAAC Accredited A+

**D.D.C.E., UTKAL UNIVERSITY**
**BHUBANESWAR-751007**
**COURSES OFFERED**

Admn Advt-1

DISTANCE MODE (Management Courses)
- Master of Business Administration (MBA)
- BBA / IMBA
- Post Graduate Diploma in Mgt. :
  - Human Resource
  - Marketing
  - Production & Operation
  - Finance
  - Tour & Travel
  - Agri Business
  - Ditetics & Nutrition
  - Public Policy

Walk in Online Entrance Test & Rolling Admission.

REGULAR MODE (Management Courses)
- Master of Business Administration (Evening)
- P.G.Dip. in Banking & Insurance Mgt. (Morning)

Walk in Online Entrance Test, PI & Rolling Admission.

REGULAR MODE (Morning Programme)
- MCA (3 Yrs.)
- Lateral MCA (2Yrs.)
- M.Sc. Comp. Sc.
- M.Sc. IT
- M.Sc. IT & M


Walk in Online Entrance Test cum PI and Rolling Admission.

DISTANCE MODE (Graduate Courses)
- BA (HONS.)
- B.COM. (HONS.)

DISTANCE MODE (Post Graduate Courses)
- MSW
- M.Com.
- MA in Public Admn.
- MA in History
- MA in Pol.Science
- MA in Sanskrit
- MA in Education
- MA in English
- MA in Odia
- MA in Sociology
- MA in Economics
- MA in Hindi

Walk in Admission

**Last Date of Admission : 31.07.2019**
**APPLY ONLINE : www.ddceutkal.ac.in**
(FOR ELIGIBILITY, FEE STRUCTURE, SELECTION PROCESS AND IMPORTANT DATE LINES VISIT OUR WEBSITE. NO ADMISSION ON 2ND AND 4TH SATURDAY)
DIRECTOR



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ

**ସଂକ୍ଷେପରେ**

## ୪ ଦିନ ହେଲା ଅନ୍ଧକାରରେ ପାରପଶି ଗ୍ରାମବାସୀ

ଦେବଗଡ଼,୧୫।୭(ଡି.ଏନ.ଏ.)
ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅଧୀନ ପାରପଶି ଗ୍ରାମବାସୀ ୪ ଦିନ ହେଲା ଅନ୍ଧକାରରେ ରହିଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ, ମାଓବାଦୀ ଅଧ୍ୟୁଷିତ ଅଞ୍ଚଳ ଭାବେ ଜଣାଶୁଣା ପାରପଶି ଗ୍ରାମରେ ୩୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଗ୍ରାମର ଅଧିକାଂଶ ଲୋକେ ବିପିଏଲ ପରିବାରର ହୋଇଥିବା ମଜୁରି କାମ କରି ଚଳନ୍ତି। ହେଲେ ଗ୍ରାମରେ ୪ ଦିନ ହେଲା ଟ୍ରାନ୍ସଫର୍ମର ପୋଡି ଯାଇଥିବାରୁ ଗ୍ରାମବାସୀ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଗ୍ରାମରେ ଏକ ଆଶ୍ରମ ବିଦ୍ୟାଳୟ ରହିଛି। ବିଦ୍ୟାଳୟରେ ପାଖାପାଖି ୨୫୦ଜଣ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପଢୁଛନ୍ତି। ହେଲେ ଲାଇଟ ନ ଥିବାର ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ନୂତନ ଟ୍ରାନ୍ସଫରର୍ମର ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା

ଦେବଗଡ଼,୧୫।୭(ଡି.ଏନ୍.ଏ.)

ଜବହାର ନବୋଦୟ ବିଦ୍ୟାଳୟ ସମିତି ମୁଖ୍ୟ କାର୍ଯ୍ୟାଳୟ ନୋଇଡ଼ା ପକ୍ଷରୁ ଦେବଗଡ଼ଠାରେ ୨ ଦିନ ଧରି ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧକ୍ଷ ଉତ୍ତମ ପ୍ରସାଦ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୋପାଳ ସମ୍ଭୋଗ ସହକାରୀ ପାର୍ବତୀ ପ୍ରଧାନ, ଓଡ଼ିଆ ଅଧାପକ ସୁରେନ୍ଦ୍ର ନାଥ ତ୍ରିପାଠୀ ଯୋଗ ଦେଇଥିଲେ। ଜୁଲାଇ ୧୨ ଓ ୧୩ ତାରିଖ ୨ ଦିନ ଧରି ୧୬ଟି ସ୍କୁଲର ୧୨୮ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଆସନ୍ତା ଜୁଲାଇ ୨୩, ୨୪, ଓ ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରିଜିଓନାଲ ପ୍ରତିଯୋଗିତା ପାଇଁ ବାଳକ୍ ବିଭାଗରେ ୧୨ ଜଣ ଓ ବାଳିକା ବିଭାଗରେ ୧୨ ଜଣ ମୋଟ ୨୪ଜଣ ପ୍ରତିଯୋଗୀ କ୍ରୀଡ଼ା ପ୍ରଦର୍ଶନ କରିବେ। ସେହିପରି ଦେବଗଡ଼ ନବୋଦୟ ବିଦ୍ୟାଳୟର ୧୧ ଜଣ ବାଳକ ଓ ୩ ଜଣ ବାଳିକା, ରାୟଗଡ଼ାରୁ ୨ଜଣ ବାଳକ ଓ ଜଣେ ବାଳିକା ଏବଂ ବାଳକ ବର୍ଗରେ କେନ୍ଦୁଝରରୁ ୨ଜଣ, ଢ଼େଙ୍କାନାଳରୁ ୨ଜଣ, ନବରଙ୍ଗପୁର ଓ ନୟାଗଡ଼ରୁ ଜଣେ ମନୋନୀତ ହୋଇଛନ୍ତି। ସେହିପରି ମୁଖ୍ୟ ଆର୍ବିଟେର ସନ୍ତୋଷ କୁମାର ମହାପାତ୍ର ଏବଂ କୁଳମଣି ଜେନାଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅଧାପକ ସୁଜିତ କୁମାର ସାମଲଙ୍କ ଉପସ୍ଥିତିରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଲିକି ପ୍ରଧାନ, ସୋନାଲି ସାହୁ, ଦୁର୍ଷିତା ପ୍ରିୟଦର୍ଶିନୀ, ଅଭୟ ସାହୁ, ଦେବକାନ୍ତ ବେହେରା, ଲି୍କନ ପ୍ରଧାନ ଓ ଅଧାପକ ଗୋବିନ୍ଦ ଖୁସ୍‌ୱା ପ୍ରମୁଖ ସହଯୋଗ କରିଥିଲେ।



ଚେସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ।

# ଚୋରାମଦ ରୋକିବାକୁ ପଦକ୍ଷେପ

ଭୁବନେଶ୍ୱର, ୧୫।୭(ବ୍ୟୁରୋ)

ଷୋଡଶ ବିଧାନସଭାର ପ୍ରଥମ ଅଧିବେଶନରେ ଗୃହରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହୋଇଯାଇଛି। ସୋମବାର ଗୃହରେ ଅବକାରୀ ବିଭାଗ ପାଇଁ ୨୦୨୦ ମାର୍ଚ୍ଚ ଶେଷ ସୁଦ୍ଧା ୧୩୧,୨୪,୭୪,୦୦୦ ଟଙ୍କାର ଖର୍ଚ୍ଚ ଦାବିକୁ ମଞ୍ଜୁରୀ ମିଳିଛି। ବିଭାଗୀୟ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ, ୧୯୯୯ରେ ଅବକାରୀ ବିଭାଗ ହୋଇଥିଲା। ସେତେବେଳେ ଏହି ବିଭାଗ ରାଜସ୍ୱ ବିଭାଗ ସହ ରହିଥିଲା। ସରକାର ମଦର ପ୍ରସାର କରି କାହାରି କ୍ଷତି ପହଞ୍ଚାଇବା ପାଇଁ ଚାହୁଁନାହାନ୍ତି। ସୋମରସ ଗ୍ରହଣ କରିବା ପରମ୍ପରା ଅତୀତରୁ ରହିଆସିଛି। ଉତ୍ତମ ପାନୀୟ ଯୋଗାଇଦେବାକୁ ସରକାର ପ୍ରୟାସ କରୁଛନ୍ତି। କାହାରି ଶରୀର ଖରାପ ଉଦ୍ଦେଶ୍ୟ ରଖି କିମ୍ବା ରାଜସ୍ୱ ବୃଦ୍ଧି ଉଦ୍ଦେଶ୍ୟରେ ସରକାର ମଦର ପ୍ରସାର କରୁନାହାନ୍ତି। ରାଜସ୍ୱ ଆଦାୟ ୮୪୯ରୁ ଆସି ୩୯୨୫ କୋଟି ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଲାଣି। ଚଳିତ ଆର୍ଥିକ ବର୍ଷରେ ଏହା ୪,୬୦୦କୋଟି ଟଙ୍କାରେ ପହଞ୍ଚାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ବେଆଇନ ମଦ କାରବାର ଏବଂ ପ୍ରସ୍ତୁତି ରୋକିବା ଦିଗରେ ସରକାର ସଚେତନ ଅଛନ୍ତି। ମୋଟ ୫୪୫ଟି ଚୋରା ମଦରେ ସମ୍ପୃକ୍ତ ଘଟଣାରେ ୫୭୯ ଜଣଙ୍କୁ ପୋଲିସ ଗିରଫ କରିଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ପ୍ରସ୍ତୁତ କରାଯାଇଛି। ଗୃହର ସଦସ୍ୟମାନେ ଯେଉଁସବୁ ଅଭିଯୋଗ ଆଣିଛନ୍ତି ସେନେଇ ବ୍ୟକ୍ତିଗତ ଭାବେ ଅଫିସରଙ୍କ ସହ ଆଲୋଚନା କରି ସେ ଦିଗରେ ପଦକ୍ଷେପ ଗ୍ରହଣ କରିବି। ଚୋରା ମଦ ରୋକିବା ସରକାରଙ୍କ ପ୍ରାଥମିକତା ରହିବ। ଏହାସହ ବିଧାୟକମାନଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥିପାଇଁ ଜିଲା ସ୍ତରରେ ମଲ୍‌ଟି ଡିସିପ୍ଲିନ ସ୍କ୍ୱାଡ୍ ଗଠନ ହେବ। ଏହି ସ୍କ୍ୱାଡ୍ ଜିଲାପାଳଙ୍କ ଅଧକ୍ଷତାରେ ଗଠନ ହେବ। ଏଥିରେ ଏସ୍‌ପି ଏବଂ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ରହିବେ। ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ସରକାରଙ୍କ ମୂଳ ଲକ୍ଷ୍ୟ। ୨୦ ଜିଲାରେ ମହୁଲି ବିକ୍ରି ଅଧିକ ମାତ୍ରାରେ ରହୁଛି। ଆଦିବାସୀମାନେ ମହୁଲି ଫୁଲ ବିକ୍ରି କରିବା ସାଙ୍ଗକୁ ଏଥିରୁ ମହୁଲି ରସ ପାନ କରୁଛନ୍ତି। ରାଜ୍ୟରେ ୧୧୫୪ଟି ଠିପି ଖୋଲା ମଦ ଦୋକାନ ରହିଛି। ବହୁ ସ୍ଥାନରେ ଗଞ୍ଜେଇ ଗଛକୁ ନଷ୍ଟ କରିଦିଆଯାଇଛି। ୨୦୧୮-୧୯ରେ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୨୪୯.୧୦ କୋଟି ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ କରିଦିଆଯାଇଛି। ଏହାସହ ବିଭାଗରେ ଯେଉଁସବୁ ପଦବୀ ଖାଲି ରହିଛି ସେଗୁଡିକୁ ତୁରନ୍ତ ପୂରଣ କରିବା ସକାଶେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି। ମୁଖ୍ୟତଃ ସରକାର ଆଗକୁ ଚୋରା ମଦ ଉପରେ କଡ଼ା ନଜର ରଖିବେ ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି।

# ଜ୍ୟୋତି ୟୁଥ କ୍ଲବ ପକ୍ଷରୁ ଚାରାରୋପଣ



ଜ୍ୟୋତି ୟୁଥ କ୍ଲବ୍ ପକ୍ଷରୁ ଚାରା ରପଣ କରାଯାଉଛି।

ଦେବଗଡ,୧୫।୭(ଡ଼ି.ଏନ୍.ଏ.)

ତିଲେଇବଣି ବ୍ଲକ ସାମନ୍ତରାପାଲି ଗ୍ରାମର ଜ୍ୟୋତି ୟୁଥ କ୍ଲବ୍ ଆନୁକୂଲ୍ୟରେ କ୍ଲବ ପରିସରରେ ଚାରା ରାପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସମ୍ପାଦକ ତ୍ରିଲୋଚନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଦୟାନିଧି ପାତ୍ର, ଅବସରପ୍ରାପ୍ତ ଅମିନ ଧବଳେଶ୍ୱର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାରା ରୋପଣ କରିଥିଲେ। କ୍ଲବର ଉପସଭାପତି ସୁଜିତ୍ କୁମାର ଛତ୍ରୀଆ, ଦ୍ୱିଜରାଜ ଧଳ, କେଶବ ସାହୁ, ନିରଞ୍ଜନ ପାତ୍ର, ବ୍ରଜମୋହନ ପାତ୍ର, ତ୍ରିଲୋଚନ ବେହେରାଙ୍କ ସହ ଗ୍ରାମର ମହିଳା ପୁରୁଷ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ସିଦ୍ଧେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ

ଦେବଗଡ,୧୫।୭(ଡି.ଏନ.ଏ.)

ତିଲେଇବଣି ବ୍ଲକ ଅଧୀନ ନିକ୍ତିମାଳ ଗ୍ରାମରେ ନିର୍ମାଣାଧୀନ ମହାପ୍ରଭୁ ସିଦ୍ଧେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଆୟୋଜିତ ହୋମଯଜ୍ଞ ଓ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମରେ ସିଦ୍ଧେଶ୍ୱର ମନ୍ଦିର କମିଟି ସଭାପତି ନଗେନ୍ଦ୍ର ରାଉଳ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଉତ୍ସବରେ ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଅମରେନ୍ଦ୍ର ଗଙ୍ଗଦେବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଉତ୍ସବ ଆୟୋଜନରେ କମିଟିର ସମ୍ପାଦକ ବୈକୁଣ୍ଠ ସାହୁ, କୋଷାଧକ୍ଷ ବସନ୍ତ ପ୍ରଧାନ, ଅରବିନ୍ଦ ପ୍ରଧାନ, ଯୋଗେଶ ଚନ୍ଦ୍ର ପ୍ରଧାନ, ଗୋପାଳ ଚନ୍ଦ୍ର ରାଉଳ, ନବୀନ ଚନ୍ଦ୍ର ରାଉଳ, ଦୁର୍ଯ୍ୟୋଧନ ପ୍ରଧାନଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।



ସିଦ୍ଧେଶ୍ୱର ମନ୍ଦିରର ରତ୍ନମୁଦ ଉତ୍ସବ ଅବସରରେ ପୂଜାର୍ଚ୍ଚନା ଚାଲିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନାକୁ ଖନୀ;**
**ଭଲା ଖଞ୍ଜିଛନ୍ତି ଚକରପାଣି ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ !**
**କେତେ ହଉଥାଉ ଛୋପରୀ ଲୋ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବଜାଜ ପ୍ଲାଟିନା ଏଚ୍ ଗିୟର ୧୧୦ରେ ବଜାର ପ୍ରବେଶ



ଆୟୋଜିତ ବଜାର ପ୍ରବେଶ ଉତ୍ସବରେ ଉପସ୍ଥିତ ଅତିଥମାନେ।

ଦେବଗଡ,୧୫।୭(ଡି.ଏନ.ଏ)

ସ୍ଥାନୀୟ ବଜାଜ ବାଇକ୍ ଶୋ' ରୁମ 'ସୁଶ୍ରୀ ବଜାଜ' ପରିସରରେ ନୂଆଁ ବଜାଜ ପ୍ଲାଟିନା ଏଚ୍ ଗିୟର ୧୧୦ର ବଜାର ପ୍ରବେଶ ହୋଇଛି। କମ୍ପାନୀ ପକ୍ଷରୁ ଆୟୋଜିତ ବଜାର ପ୍ରବେଶ ଉତ୍ସବରେ ଅତିଥିଭାବେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଶାଖା ପରିଚାଳକ ଚନ୍ଦନ କୁମାର ଝା, ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଶଶୀଭୂଷଣ ଦାଶ, ସିଦ୍ଧାର୍ଥ ଗୁରୁ ଯୋଗଦେଇ ବାଇକ୍‌ର ଉଦ୍‌ଘାଟନ କରିବା ସହ ବଜାର ପ୍ରବେଶ କରାଇଥିଲେ। କାର୍ଯ୍ୟକ୍ରମକୁ ଲୋକନାଥ ସାହୁ ପରିଚାଳନା କରିଥିବା ବେଳେ 'ସୁଶ୍ରୀ ବଜାଜ'ର ଅମରେନ୍ଦ୍ର ସାହୁ ଓ କାଲିଷ୍ଟା କାଣ୍ଡୁଲାନା ବାଇକର ଫିଚର ସମ୍ପର୍କରେ ଜନସାଧାରଣ ଓ ଗ୍ରାହକଙ୍କୁ ସବିଶେଷ ସୂଚନା ଦେଇଥିଲେ। ନୂଆଁ ବଜାଜ ପ୍ଲାଟିନା ଏଚ୍ ଗିୟର ୧୧୦ରେ ୫ଟି ଗିୟର ରହିଥିବା ବେଳେ ଲିଟର ପିଛା ମାଇଲେଜ ୯୦ କି.ମି.ରହିଛି।

## ନନ୍ଦିଘୋଷ ରଥରେ ଚଢ଼ିଲେ ଅଣସେବକ

**ପୁରୀ ଅଫିସ, ୧୫।୭:**
ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଭକ୍ତଙ୍କ ଲାଗି କେତେକ କଟକଣା ଜାରି କରିଥିଲା। ହେଲେ ଏହାକୁ ଅନେକେ ମାନି ନ ଥିଲେ। ସୋମବାର ନୀଳାଦ୍ରିବିଜେ ପହଣ୍ଡି ସମୟରେ ସବୁ କଟକଣାକୁ ଉଲ୍ଲଂଘନ କରି ଜଣେ ଅଣସେବକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଉପରକୁ ଚଢ଼ିଥିଲେ। ଚାରମାଳ ଉପରେ ଥିବା ବେଳେ ତାଙ୍କୁ ଦଇତାପତି ସେବକମାନେ ଚିହ୍ନି ତଳକୁ ଓହ୍ଲାଇ ଦେଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ସିଂହଦ୍ୱାର ଥାନା ପୋଲିସ ଜିମା ଦିଆଯାଇଥିଲା। ସେବାୟତ ବେଶ ଧାରଣ କରି ସେ ରଥ ଉପରକୁ ଉଠିଥିଲେ। ଏ ସମ୍ପର୍କରେ ସିଂହଦ୍ୱାର ପୋଲିସ କୌଣସି ସ୍ପଷ୍ଟ ସୂଚନା ଦେଇ ନାହିଁ। ତେବେ ସମ୍ପୃକ୍ତ ଯୁବକ ଜଣକ କଲିକତାର ପାର୍ଥପ୍ରତିମ ଶାହା ବୋଲି ଜଣାପଡ଼ିଛି। ସେହିପରି ପହଣ୍ଡି ସମୟରେ ଶ୍ରୀସୁଦର୍ଶନଙ୍କୁ ଏକାଧିକ ଭକ୍ତ ସ୍ପର୍ଶ କରିବାକୁ ଉଦ୍ୟମ କରିଥିଲେ। ସିଂହଦ୍ୱାର ପାଖରେ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ପୋଲିସ କର୍ମଚାରୀ ବି ଠାକୁରଙ୍କୁ ଛୁଇଁବାକୁ ଚେଷ୍ଟା କରିଥିଲେ। ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା ନୀଳାଦ୍ରିବିଜେ ପହଣ୍ଡି। ପ୍ରଥମେ ଗୋଟି ପହଣ୍ଡିରେ ଆସିଥିଲେ ଚକ୍ରରାଜ ଶ୍ରୀସୁଦର୍ଶନ। ଅରୁଣ ସ୍ତମ୍ଭ ପାଖାପାଖି ଗହଳି ଭିତରେ ୨ଜଣ ଭକ୍ତ ଶ୍ରୀସୁଦର୍ଶନଙ୍କୁ ଛୁଇଁବାକୁ ହାତ ବଢ଼ାଇଥିଲେ। କେତେଜଣ ସେବାୟତ ଏହା ଦେଖିଦେବାରୁ ଭିଡ଼ର ସୁଯୋଗ ନେଇ ସେମାନେ କେଉଁଆଡ଼େ ପଳାଇଥିଲେ ବୋଲି କୁହାଯାଉଛି।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

FINANCE FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

DHARITRI Career appointment Every Wednesday and Saturday

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ନିଜର ଉନ୍ନତିରେ ସନ୍ତୁଷ୍ଟ ନ ହୋଇ ସମୂହ ଉନ୍ନତି ପାଇଁ ଚେଷ୍ଟା କର। ଏହାଦ୍ୱାରା ନିଜର ଉନ୍ନତି ଆପେ ଆପେ ହୋଇଯିବ।

- ସ୍ୱାମୀ ବିବେକାନନ୍ଦ

## ସଂକ୍ଷେପରେ

### ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ୪ଘଣ୍ଟା ବିଦ୍ୟୁତ୍ କାଟ

ସମ୍ବଲପୁର, ୧୫।୭ (ବ୍ୟୁରୋ)

ସମ୍ବଲପୁର ସହରସ୍ଥିତ ୧୧ କେଭି ସାକ୍ଷୀପଡା ଫିଡରର ପୁରୁଣା ତାର ପରିବର୍ତ୍ତନ କରାଯାଇ ନୂଆ ତାର ଲାଗିବ । ଏଣୁ ଜୁଲାଇ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ ଯୋଗାଣ ବନ୍ଦ ରହିବ । ତେଣୁ ଜନସାଧାରଣ ଓ ବିଦ୍ୟୁତ ଉପଭୋକ୍ତା ସହଯୋଗ କରିବାକୁ ବୁର୍ଲା ୱେସ୍କୋ ୟୁଟିଲିଟି ଜନସମ୍ପର୍କ ପ୍ରବନ୍ଧକ ଦେବାନନ୍ଦ ସାମଲ ସୋମବାର ପ୍ରେସ ବିବୃତ୍ତିରେ ସୂଚିତ କରିଛନ୍ତି।

### କାନିଜୁରୀରେ ପାନୀୟ ଜଳ ଅଭାବ

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କାନିଜୁରୀଠାରେ ଦୀର୍ଘ ବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏହି ଅଞ୍ଚଳରେ ପ୍ରାୟ ୭ଶହ ପରିବାର ବସବାସ କରୁଛନ୍ତି । ଜିଲା ପ୍ରଶାସନ ଓ ପାନୀୟ ଜଳ ବିଭାଗର ଦୃଷ୍ଟି ଆକର୍ଷଣ କରାଗଲେ ମଧ କିଛି ସୁଫଳ ମିଳୁନାହିଁ । କିଛି ଦିନ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ଅଞ୍ଚଳବାସୀଙ୍କୁ ପାଣି ଯୋଗାଇ ଦିଆଯାଉଥିଲା । ବର୍ଷା ହେବାରୁ ରାସ୍ତା ବିପଦ ସଂକୁଳ ହୋଇଛି । ଏହାକୁ ଦ୍ୱାହି ଦେଇ ଟ୍ୟାଙ୍କର ଯୋଗେ ମଧ ପାଣି ଯୋଗାଣ ବନ୍ଦ କରାଯାଇଛି । ଏଣୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

### ୧୨୪ ଅଭିଯୋଗ ଦାଖଲ

ନାକଟିଦେଉଳ,୧୫।୭(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ କାର୍ଯ୍ୟାଳୟ ପରିସର ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅଞ୍ଚଳର ବିଭିନ୍ନ ଗାଁରୁ ଲୋକେ ଯୋଗଦେଇ ଅଭିଯୋଗ ଦାଖଲ କରିଥିଲେ। ଏଥିରେ ସମୁଦାୟ ୧୨୪ଟି ଅଭିଯୋଗରୁ ୨୪ଟି ସାମୂହିକ ଅଭିଯୋଗ ଥିବା ବେଳେ ୧୦୦ଟି ବ୍ୟକ୍ତିଗତ ଅଭିଯୋଗ ଦାଖଲ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ କୁମାର ତ୍ରିପାଠୀ, ରେଢାଖୋଲ ଉପଜିଲାପାଳ ବିଶିକେଶନ ଦେହୁରୀ, ଏସଡ଼ିପିଓ ହାଡ଼ିବନ୍ଧୁ ସ୍ୱାଇଁ, ନାକଟିଦେଉଳ ବ୍ଲକ ଅଧକ୍ଷା ମନ୍ଦାକିନୀ ରାଉଳ ଏବଂ ବିଡ଼ିଓ ମେଥୋଡ଼ିୟସ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

୫ ଶ୍ରେଣୀକୁ ଜଣେ ଶିକ୍ଷକ ପ୍ରତିବାଦରେ

# ଗୋଗୁଆ ପ୍ରାଥମିକ ସ୍କୁଲରେ ତାଲା ପକାଇଲେ ଲୋକେ

ନାକଟିଦେଉଳ,୧୫।୭(ଡି.ଏନ.ଏ.)



ଗୋଗୁଆ ପ୍ରାଥମିକ ସ୍କୁଲ ଫାଟକରେ ତାଲା ମାରି ଛାତ୍ରୀଛାତ୍ରଙ୍କ ସହ ଅଭିଭାବକ ବସି ରହିଛନ୍ତି।

ଗୋଗୁଆ ପ୍ରାଥମିକ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ଏଠାରେ ୫ଟି ଶ୍ରେଣୀକୁ ମାତ୍ର ଜଣେ ଶିକ୍ଷକ ରହିଛନ୍ତି। ଏଣୁ ପାଠ ପଢା ହୋଇ ପାରୁନି। ଏହାର ପ୍ରତିବାଦ ଓ ଶିକ୍ଷକ ନିଯୁକ୍ତି ଦାବିରେ ସୋମବାର ବିଦ୍ୟାଳୟ ପରିଚାଳନା କମିଟି ଏବଂ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟାଳୟରେ ତାଲା ପକାଯାଇଛି। ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଗିରିଜା ଶଙ୍କର ବେହେରା, ମନୋରଞ୍ଜନ ସାହୁ, କେଶବ ବେହେରା, ନବୀନ ବେହେରା, ଗୋଗୁଆ ପଞ୍ଚାୟତ ସରପଞ୍ଚ ସୁଭଦ୍ରା ବେହେରା, ସୁଧୀର କୁମାର ସାହୁ, ପ୍ରାଣବନ୍ଧୁ ସାହୁ, ସବିତା ସାହୁ, ସରିତା ସାହୁ ଏବଂ ମଞ୍ଜୁଲତା ସେଠୀଙ୍କ ସମେତ ଶତାଧିକ ଅଭିଭାବକ ଏବଂ ଛାତ୍ରଛାତ୍ରୀ ସକାଳ ୧୦ଟାରୁ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ନାକଟିଦେଉଳ ଅତିରିକ୍ତ ବିଇଓ ତ୍ରିନାଥ ଧଳ ଗୋଗୁଆ ସ୍କୁଲରେ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀ ଏବଂ ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାୟୀ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଡଇଁଚା ସ୍କୁଲରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ସେଠାରେ ବର୍ତ୍ତମାନଠାରୁ ନିଯୁକ୍ତି ଦିଆଗଲା ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ୧ଟାରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାର କରିଥିଲେ।

୧୯୮୪ ମସିହାରେ ସ୍ଥାପିତ ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ତେବେ ଏଠାରେ ଥିବା ୨ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣଙ୍କୁ ଗତ ଏପ୍ରିଲ ୧୭ରେ ସିଆରସିସି ଭାବେ ଅନ୍ୟତ୍ର ନିଯୁକ୍ତି ଦିଆଯାଇଛି । ସେହି ଦିନଠାରୁ ଏଠାରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ସେ କୌଣସି ଅଫିସ କାର୍ଯ୍ୟରେ ଗଲେ ସେ ଦିନ ପାଠ ପଢା ସଂପୂର୍ଣ୍ଣ ଭାବେ ଠପ୍ ହୋଇପଡୁଛି । ଏ ସମ୍ପର୍କରେ ଗ୍ରାମବାସୀ ଏବଂ ଅବିଭାବକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇ ଆସୁଥିଲେ ସୁଦ୍ଧା କେହି ଏଥି ପ୍ରତି ପଦକ୍ଷେପ ନେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତାକାରରେ ଜଣାଇ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ହେଲେ କେହି ଶୁଣିଲେ ନାହିଁ। ଅନପକ୍ଷେ ଗତ ୩ ତାରିଖରେ ବ୍ଲକ ଶିକ୍ଷା ଅଧିକାରୀ, ବିଡ଼ିଓ, ପୋଲିସକୁ ଲୋକେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ସେହି ଅନୁସାରେ ସୋମବାର ସ୍କୁଲ ଫାଟକରେ ତାଲା ପଡିଥିଲା।

### ଏସ୍‌ଏଲ୍‌ବି ଫାର୍ମ କର୍ମଚାରୀ ସଂଘର ବିକ୍ଷୋଭ

ସମ୍ବଲପୁର, ୧୫।୭ (ବ୍ୟୁରୋ)

ଏସ୍‌ଏଲ୍‌ବି ଫାର୍ମ କର୍ମଚାରୀ ସଂଘ ବିଭିନ୍ନ ଦାବି ନେଇ ସୋମବାର ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସମ୍ବଲପୁର ଜିଲା ଗୋଶାଳାସ୍ଥିତ ଏସଏଲବି ଫାର୍ମରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀ, ଏନଏମଆର ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନେ ଡିଏ, ଘରଭଡା, ପ୍ରୋଭିଡେଣ୍ଟ ଫଣ୍ଡ, ଇଏସ୍‌ଆଇ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ସମେତ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ପେନସନ ମଧ ପାଇପାରିବେ ନାହିଁ । ଅପରପକ୍ଷେ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ମଧ ପାଇବାରୁ ବଞ୍ଚିତ ହେଉଛନ୍ତି । ଅସ୍ଥାୟୀ କର୍ମଚାରୀ ଓ ଏନଏମଆରମାନଙ୍କୁ ଶୀଘ୍ର ସ୍ଥାୟୀ କରାଯାଉ । ଏଥିସହ ସେମାନଙ୍କ ଦାବି ପୂରଣ କରା ନ ଗଲେ ଆନ୍ଦୋଳନ ଦୁର୍ବାର ହେବ ବୋଲି ଚେତାବନୀ ଦିଆ ଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ଇନ୍‌ପୁଟ୍ ସବ୍‌ସିଡି, ବୀମା ଟଙ୍କା ଦିଅ

ସମ୍ବଲପୁର,୧୪।୭(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ତହସିଲ ଡକରା ପଞ୍ଚାୟତବାସୀ ଇନ୍‌ପୁଟ୍ ସବ୍‌ସିଡି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ପାଇ ନ ଥିବା ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି । ୨୦୧୭- ୧୮ ଖରିଫ ଚାଷରେ ଫସଲ ନଷ୍ଟ ହୋଇଥିଲା । ସରକାରଙ୍କ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ସବ୍‌ସିଡି ଘୋଷଣା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଫସଲ ବୀମାରେ ମଧ ଟଙ୍କା ଦିଆଯିବ ବୋଲି ଘୋଷଣା କରାଯାଇଥିଲା । ହେଲେ ଆଜି ପର୍ଯ୍ୟନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ଟଙ୍କା ମିଳି ପାରିଲା ନାହିଁ। ଏଣୁ ଚାଷୀଙ୍କ ଆର୍ଥିକ ସ୍ଥିତି ଖରାପ ହୋଇପଡିଛି । ଏବେ ଚାଷ ସମୟ। ଚାଷୀମାନେ ବୀମା ଟଙ୍କା ପାଇଁ ଅଫିସ ଧାଇଁଲାବେଳକୁ ଚଳିତ ବର୍ଷ ପୁଣି ଚାଷ କାମରେ ସମସ୍ୟା ହେଉଛି ବୋଲି ଅଭିଯୋଗ ଦର୍ଶା ଯାଇଛି।



ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଡକରା ପଞ୍ଚାୟତ ଚାଷୀମାନେ ।

### ଗ୍ୟାସ୍ ପାଇପ୍ ଲାଇନ କର୍ମଚାରୀଙ୍କ ମୃତ୍ୟୁ

ବାମରା, ୧୫।୭ (ସ୍ୱ.ପ୍ର.)

ବାମରା ବ୍ଲକ ବାଉଁଶଲଗା ପଞ୍ଚାୟତ ଶର୍ଗିଡିହି ନିକଟରେ ଗ୍ୟାସ ପାଇପ ଲାଇନ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ସେ ହେଲେ ବିହାରର ଅମରଜିତ ମଣ୍ଡଳ। ସେ ଜଣେ ଟେକ୍ନିସିଆନ ଥିଲେ। ଏ ନେଇ ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ସୁନ୍ଦରଗଡ ଜିଲା ଧାରୁଆଡିହିଠାରେ ବାମରା ବ୍ଲକ ଦେଇ ବୀରମିତ୍ରପୁର ପର୍ଯ୍ୟନ୍ତ ୯୭ କି.ମି. ପର୍ଯ୍ୟନ୍ତ ଭୂତଳ ଗ୍ୟାସ ପାଇପ ଲାଇନ ବିଛାଇବା କାମ ଚାଲିଛି।

### ଜଗନ୍ନାଥପ୍ରସାଦ ଶିଶୁ ମନ୍ଦିରରେ କଣ୍ଢେଇ ମେଳା

ନାକଟିଦେଉଳ,୧୫।୭(ଡ଼ି.ଏନ.ଏ.)

ଜଗନ୍ନାଥ ପ୍ରସାଦ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ କଣ୍ଢେଇ ମେଳା ଆୟୋଜିତ ହୋଇଯାଇଛି । ଏହି ମେଳାକୁ ଜୟନାରାୟଣ ପ୍ରଧାନ, ଆୟୁଷି ପ୍ରଧାନ ଦ୍ୱୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ, ସାଗରିକା ପ୍ରଧାନ ଏବଂ ମମତା ଦେହୁରୀ ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରିତମ ସାହୁ ପ୍ରଥମ, ଶିଶୁ ପ୍ରାରମ୍ଭର ଦିବ୍ୟଶଙ୍କର ସାହୁ ଦ୍ୱିତୀୟ ଏବଂ ଶିଶୁ ବୋଧର ଆୟୁଷି ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜୟ ବେହେରା, ମନସ୍ୱିନୀ ସାହୁ, ସଙ୍ଗୀତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଚାଷୀଙ୍କୁ ନିଅଣ୍ଟ, କମ୍ପାନୀକୁ ପାଣି ଯୋଗାଣ ବନ୍ଦ କର

ସମ୍ବଲପୁର,୧୫ । ୭(ବ୍ୟୁରୋ)



ସମ୍ବଲପୁର ଏକ ହୋଟେଲରେ ଜୟଦୁର୍ଗା କୃଷକ ସଂଗଠନ ସଦସ୍ୟ ସୂଚନା ଦେଉଛନ୍ତି।

ହରାକୁଦ ଡ୍ୟାମ୍ ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ କେନାଲରେ କମ୍ ପରିମାଣ ପାଣି ଛଡା ଯାଉଛି। ତେଣୁ ଚାଷୀଙ୍କୁ ନିଅଣ୍ଟ ହେଉଛି। ଏଣୁ ଡ୍ୟାମ୍‌ରୁ ପାଣି ନେଉଥିବା କମ୍ପାନୀକୁ ପାଣି ଯୋଗାଣ ବନ୍ଦ କରିଦିଆଯାଉ। ଜଳ ସେଚନ ବିଭାଗ ଚାଷୀମାନଙ୍କୁ ସହଯୋଗ କରୁନାହିଁ । ସ୍ଥାନୀୟ ଅଧିକାରୀ ଅଭିଯୋଗ ଶୁଣୁ ନାହାନ୍ତି ବୋଲି ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜୟଦୁର୍ଗା କୃଷକ ସଂଗଠନ ସଦସ୍ୟମାନେ ସୂଚନା ଦେଇଛନ୍ତି। ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ କେନାଲରେ ୧୧୯ କ୍ୟୁସେକ ପାଣି ପ୍ରବାହିତ ହେବାର କ୍ଷମତା ରହିଛି । ହେଲେ ଜଳସେଚନ ବିଭାଗ ୯୦ କ୍ୟୁସେକ ପାଣି କେନାଲରେ ଛାଡୁଛି । ଫଳରେ ତଳ ଅଞ୍ଚଳକୁ ପାଣି ଆସି ପାରୁନାହିଁ । କାଇଁଶିର, ଶର୍ଙ୍ଗା, ଗଡମୁଣ୍ଡା ପଞ୍ଚାୟତରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଶହ ଶହ ହେକ୍ଟର ଜମି ପଡିଆ ପଡିଛି । ଏ ଦିଗରେ ବିଭାଗ ପଦକ୍ଷେପ ଗ୍ରହଣ କର। ନ ହେଲେ ଚାଷୀ ଆନ୍ଦୋଳନ କରିବେ । କମ୍ପାନୀକୁ ଯାଉଥିବା ପାଣି ନେବାକୁ ବାଧା ଦେବେ ବୋଲି କୁହା ଯାଇଛି। ସଂଗଠନ ସଭାପତି ଅଶ୍ୱିନୀ ପୃଷ୍ଟି, ଏମ.ପି. ସତ୍ୟନାରାୟଣ, ସୁଶାନ୍ତ ଦୀକ୍ଷିତ, ତ୍ରିଲୋଚନ ସାହୁ, ଭୋଳାନାଥ ସାହୁ ମଞ୍ଚାସୀନ ଥିବା ବେଳେ ସଂଗଠନର ଚାଷୀମାନେ ଉପସ୍ଥିତ ଥିଲେ।

## ଆର୍‌ଡିସିଙ୍କୁ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ଦାବିପତ୍ର

ସମ୍ବଲପୁର, ୧୫।୭ (ବ୍ୟୁରୋ)

ଓଡିଶା ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରୀକ କର୍ମଚାରୀ ସଂଘ ୧୦ ଦଫା ଦାବିପତ୍ର ସୋମବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛି। ଆରଡିସି ଅନୁପସ୍ଥିତ ଥିବାରୁ ତାଙ୍କ ଅତିରିକ୍ତ ସଚିବ ବିକାଶ ଚନ୍ଦ୍ର ବେନଙ୍କୁ ସଂଘ ପ୍ରତିନିଧିମାନେ ଦାବିପତ୍ର ଦେଇଛନ୍ତି । ଜନସ୍ୱାସ୍ଥ୍ୟ ଜଳ ଯୋଗାଣ ବିଭାଗରେ କାର୍ଯ୍ୟରତ ଏଚଆର, ଡିଏଲଆର, ସିଏଲଆର, ଅସ୍ଥାୟୀ କର୍ମଚାରୀଙ୍କୁ ସର୍ବନିମ୍ନ ମଜୁରୀ ଯୋଗାଇ ଦେବା, ବ୍ୟାଙ୍କ ଜରିଆରେ ଦରମା ପ୍ରଦାନ, ଏଚଆର ଅସ୍ଥାୟୀ କର୍ମଚାରୀଙ୍କ ମାସିକ ଦରମା ୧୮ ହଜାର ୯ଶହ ଟଙ୍କା ବୃଦ୍ଧି କରିବା, ୱାର୍କଚାର୍ଜ କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଭାବେ ଘୋଷଣା କରିବା ପ୍ରଭୃତି ୧୦ ଦଫା ଦାବି ରହିଛି । କିନ୍ତୁ ରାଜ୍ୟ ସରକାର ସଂଘର ଦାବିକୁ ଗୁରୁତ୍ୱ ଦେଉନାହାନ୍ତି । ଏଣୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ। ଏକ ମାସ ପରେ ୧୦ ଦଫା ଦାବି ପୂରଣ ନେଇ ଗଣଧାରଣା ଦିଆଯିବ । ଦ୍ୱିତୀୟ ଦିନରେ ଆମରଣ ଅନଶନ ଓ ତୃତୀୟ ଦିନରେ ଆତ୍ମହୂତି ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି । ଗୋକୁଳି ଚନ୍ଦ୍ର ପ୍ରଧାନ, ସଦାଶିବ ବିଶୋଇ, ନାରାୟଣ ନାଗ, ମନୋଜ କୁମାର ଦାସ, ଗଣେଶ ବାଗ, ଗୌତମ ଧଳ, ଲକ୍ଷ୍ମୀଧର ପ୍ରଧାନ, ପଦ୍ମଲୋଚନ ସାହୁ, ପିତାମ୍ବର ଚୌଧୁରୀ, ଲିଙ୍ଗରାଜ ରେଢ଼ି, ପର୍ଶୁରାମ ନନ୍ଦ, ଇଂ. ବାସୁଦେବ ରେଢ଼ି, ରବି ବିଶ୍ୱାଳ, ସନ୍ତୋଷ ବଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ।

## ନିରାପଦ ନୁହେଁ କଚେରି ଛକ-ଚାଉଁରପୁର ମହାନଦୀ ବ୍ରିଜ୍

ସମ୍ବଲପୁର, ୧୫।୭ (ବ୍ୟୁରୋ)

ସମ୍ବଲପୁର କଚେରି ଛକରୁ ଚାଉଁରପୁର ମହାନଦୀ ଉପରେ ଅତ୍ୟାଧୁନିକ ସେତୁ ନିର୍ମାଣ ହୋଇଛି । ଏଥିସହ ଚାଉଁରପୁର ଅଞ୍ଚଳବାସୀଙ୍କ ବିକାଶ ହୋଇଛି । କିନ୍ତୁ ମହାନଦୀ ସେତୁ ଉପରେ ନୀତି ଦିନିଆ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ହେବାରେ ଲାଗିଛି । ରାତିର ସୁଯୋଗ ନେଇ ବ୍ରିଜ ଉପରେ ଅନୈତିକ କାର୍ଯ୍ୟ ହେଉଛି। ଏହି ବ୍ରିଜ ଦେଇ ଚାଉଁରପୁରବାସୀ ଯିବା ଆସିବା ବେଳେ ଲୋକଙ୍କଠାରୁ ଲୁଟ୍ ହେଉଥିବା ବୁର୍ଲା ଥାନାରେ ଅଭିଯୋଗ ମଧ ହୋଇଛି। ଏ ନେଇ ସୋମବାର ଚାଉଁରପୁରବାସୀ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲାପାଳ ଶୁଭମ ସକସେନାଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା ଗ୍ରାମବାସୀଙ୍କ ସ୍ମାରକପତ୍ର ଗ୍ରହଣ କରିଥିଲେ । ଏହାପରେ ସେମାନେ ଏସ୍‌ପି ସଞ୍ଜୀବ ଅରୋରାଙ୍କ ମଧ ଦୃଷ୍ଟି ଆକର୍ଷଣ କରିଛନ୍ତି । ବ୍ରିଜ ଉପରେ ଅପରାଧିକ କାର୍ଯ୍ୟକଳାପ ବନ୍ଦ ନ ହେଲେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।



ସୋମବାର ସମ୍ବଲପୁର ଜିଲାପାଳ ଅଫିସରେ ଦାବିପତ୍ର ଦେବାକୁ ଚାଉଁରପୁରବାସୀ ଆସିଛନ୍ତି ।

## ଅଭିଯୁକ୍ତ ଶିକ୍ଷକଙ୍କୁ ନୋଟିସ ଦେଇ ଛାଡ଼ିଦେଲା ପୋଲିସ

ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ ଅଭିଯୋଗ ଘଟଣା

ସମ୍ବଲପୁର,୧୫।୭(ବ୍ୟୁରୋ)

ସମ୍ବଲପୁର ଜିଲା ଧନୁପାଲି ଥାନା କୁମ୍ଭାରପଡା ଉର୍ଦ୍ଦୁ ସ୍କୁଲର ଜଣେ ପ୍ରଥମ ଶ୍ରେଣୀ ଛାତ୍ରଙ୍କୁ ମାଡ ହୋଇଥିବା ଅଭିଯୋଗରେ ପୋଲିସ ଅଟକ ରଖିଥିବା ସମ୍ପୃକ୍ତ ସ୍କୁଲର ଶିକ୍ଷକ ମହମ୍ମଦ ମୁଜଦିନ ରହମନଙ୍କୁ ସୋମବାର ତାଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ନୋଟିସ ଦେଇ ଥାନାରୁ ଛାଡି ଦେଇଛି। ଏହି ଘଟଣା ପ୍ରଚାର ହେବା ପରେ ଏଭଳି ସମ୍ବେଦନଶୀଳ ଘଟଣା ଉପରେ ପୋଲିସ ହାଲୁକା ଭାବେ ନେଇଛି। ଅଭିଯୁକ୍ତ ଶିକ୍ଷକଙ୍କୁ ଥାନାରୁ ଛାଡି ଦେବାକୁ ନିନ୍ଦା କରାଯାଇଛି। ଏ ନେଇ ଧନୁପାଲି ଥାନା ଅଧିକାରୀ କମଳ ଲୋଚନ ପଣ୍ଡାଙ୍କୁ ପଚାରିବାରୁ ଅଭିଯୋଗ ଅନୁସାରେ ଦଫା ଲାଗିଛି। ଆଇପିସିର ଦଫା ୩୨୩, ୨୯୪ରେ ମାମଲା (ନଂ. ୨୬୬/୧୯)ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ଶୁକ୍ରବାର ଛାତ୍ର ଜଣକ ପରିଶ୍ରା କରି କ୍ଲାସ୍ ରୁମ୍‌କୁ ଯାଇଥିଲେ। ହେଲେ ତାଙ୍କ ଗୋଡରେ କାଦୁଅ ଲାଗି କୋଠରି ଅପରିଷ୍କାର ହୋଇଥିଲା। ଏଥିରେ ରାଗିଯାଇ ଶିକ୍ଷକ ତାଙ୍କୁ ମାଡ ମାରିଥିଲେ। ସ୍କୁଲରେ ପଢୁଥିବା ବଡଭାଇଙ୍କ ସହ ସେ ଘରକୁ ଫେରିଥିଲେ। ଦୁଇଭାଇ ପରିବାର ବର୍ଗଙ୍କୁ ଘଟଣା ସମ୍ପର୍କରେ ଶୁକ୍ରବାର କିଛି କହି ନ ଥିଲେ। ହେଲେ ଶନିବାର ଜ୍ୱର ହେବାରୁ ପରିବାର ଲୋକେ ତାଙ୍କୁ ପଚାରିବାରୁ ସବୁକଥା ଜଣା ପଡିଥିଲା। ଏହାପରେ ଘର ଲୋକେ ପୋଲିସରେ ଅଭିଯୋଗ କରିଥିଲେ।

# ଚାଷୀଙ୍କ ପାଇଁ ବାହାରି ୩୪ ଗିରଫ

ବାମରା,୧୫।୭(ସ୍ୱ.ପ୍ର.)



ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାଏକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବାମରା ତହସିଲ ଅଫିସରେ ସୋମବାର ତାଲା ପକାଇବାକୁ ଯାଇ ୩୪ ଜଣ ଗିରଫ ହୋଇଛନ୍ତି। ଚାଷୀଙ୍କୁ ଇନପୁଟ ସବ୍‌ସିଡି ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନ ଦାବି ନେଇ ଗତ ୩ ତାରିଖ ଭାଜପା ତହସିଲଦାରଙ୍କୁ ଏକ ଦାବିପତ୍ର ଦେଇଥିଲା। ୮ ଦିନ ମଧ୍ୟରେ ସମାଧାନ ନ ହେଲେ ୧୫ ତାରିଖ ତହସିଲ ଅଫିସରେ ତାଲା ପକାଇବାକୁ ଏଥିରେ ଚେତାବନୀ ଦିଆଯାଇ ନିଷ୍ପତ୍ତି ହୋଇଥିଲା । ସେହି ଅନୁସାରେ ସୋମବାର ଗୋବିନ୍ଦପୁର ଜଗନ୍ନାଥ ମନ୍ଦିରରୁ ଏକ ରାଲି ବାହାରି ବ୍ଲକ ଅଫିସ ପର୍ଯ୍ୟନ୍ତ ଯାଇଥିଲା । ପୂର୍ବତନ କୁଚିଣ୍ଡା ବିଧାୟକ ରବି ନାଏକଙ୍କ ନେତୃତ୍ୱରେ ସମ୍ବଲପୁର ଜିଲା ପରିଷଦ ଉପାଧକ୍ଷା ପୁଷ୍ପାଞ୍ଜଳି ଧୁରୁଆ, ହେମନ୍ତି ନାଏକ, ରମ୍ଭା ନାଏକ, ବ୍ଲକ ସଭାପତି ଚକ୍ରଧର ସାହୁ, କୁମାର ଚନ୍ଦ୍ର ପଟେଲ, ପଦ୍ମଚରଣ ଗୁରୁ, ନରେଶ ସିଂ ଠାକୁର, ମନୋଜ ରାଜ, ଲାଲ ବିକ୍ରମ ସିଂ, ଗନ୍ଦେ ମାଝୀ, ଦେଓକରଣ ଲୁହା, ବସନ୍ତ ଲୁହା, ମହେଶ ରାଏ, କୁଶଳେଶ୍ୱର ପ୍ରଧାନଙ୍କ ସମେତ ଶତାଧିକ କର୍ମୀ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ । ବାମରା ବ୍ଲକରେ ହୋଇଥିବା ଦୁର୍ନୀତି ଓ ଅନିୟମିତତାକୁ ନେଇ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ତହସିଲ ଅଫିସ ପହଞ୍ଚି ସେଠାରେ ମଧ ବିକ୍ଷୋଭ କରିଥିଲେ । ରାଜ୍ୟ ସରକାରଙ୍କ ଚାଷୀ ମାରଣନୀତି ଏବଂ ଗତ ଖରିଫ ଚାଷର ଇନପୁଟ ସବ୍‌ସିଡି ପ୍ରଦାନ ହୋଇ ନ ଥିବାରୁ କଟୁ ସମାଲୋଚନା କରାଯାଇଥିଲା। ଉପସ୍ଥିତ ଚାଷୀ ଉତ୍ତେଜିତ ହେବା ଦେଖି କୁଚିଣ୍ଡା ଏସଡିପିଓ ରାଜକିଶୋର ମିଶ୍ର ବାମରା ତହସିଲଦାର ଅନୀଲ କୁଲୁଙ୍କୁ ଡକାଇ ସମାଧାନ ପାଇଁ ଚେଷ୍ଟା କରିଥିଲେ । ଇନପୁଟ ସବ୍‌ସିଡି ବକେୟା ରାଶି ମଞ୍ଜୁର ହୋଇସାରିଛି। କିନ୍ତୁ ଆକାଉଣ୍ଟକୁ ଏଯାଏଁ ଯାଇପାରି ନ ଥିବାରୁ ତହସିଲଦାର ଦୁଃଖ ପ୍ରକାଶ କରିଥିଲେ । ମାତ୍ର ଚାଷୀଙ୍କୁ ଠିକ ସୂଚନା ନ ଦେଇ କାହିଁକି ହଇରାଣ କରାଗଲା ବୋଲି ଅଭିଯୋଗ କରି ଉତ୍ତେଜନା ଦେଖାଯାଇଥିଲା । ଏହାକୁ ନେଇ ଉତ୍ତେଜିତ ଚାଷୀମାନେ ଧସେଇ ପଶି ମୁଖ୍ୟ ଫାଟକରେ ତାଲା ଦେବାକୁ ଚେଷ୍ଟା କରିଥିଲେ। ଏଣୁ ପୋଲିସ ୩୪ ଜଣ ଆନ୍ଦୋଳନକାରୀଙ୍କୁ ଗିରଫ କରି ଗୋବିନ୍ଦପୁର ଥାନାକୁ ନେଇ ପରେ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଥିଲା । ପ୍ରକାଶଯୋଗ୍ୟ, ଗତ ବର୍ଷର ଖରିଫ ଚାଷର କ୍ଷୟକ୍ଷତି ବାବଦକୁ ବାମରା ବ୍ଲକର ପ୍ରାୟ ୧୩ ହଜାର ଚାଷୀଙ୍କ ୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ନିଜେ ତହସିଲଦାର ଅନିଲ କୁଲୁ ସୂଚନା ଦେଇଛନ୍ତି।



“ଡ୍ରାଇଭିଂ ଲାଇସେନ୍ସ ଲାଗି ଆଧାର ଯାଞ୍ଚ ପ୍ରକ୍ରିୟା ସରକାର ବନ୍ଦ ରଖିଛନ୍ତି। - ନୀତିନ୍ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ



# ଏନ୍‌ଆଇଏକୁ ମିଳିବ ଅଧିକ କ୍ଷମତା

## ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୧୫।୭(ପି.ଟି.)**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଅଧିକ କ୍ଷମତା ଦେବା ଲାଗି ସଂଶୋଧିତ ବିଲ୍ ଲୋକ ସଭାରେ ସୋମବାର ଗୃହୀତ ହୋଇଛି। ଏନ୍‌ଆଇଏ ସଂଶୋଧନ ବିଲ୍ ଆଇନରେ ପରିଣତ ହେଲେ ଉକ୍ତ ତଦନ୍ତକାରୀ ସଂସ୍ଥା ଭାରତୀୟ ଏବଂ ବିଦେଶରେ ଥିବା ଭାରତୀୟ ସ୍ୱାର୍ଥ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପର ସମେତ ସାଇବର ଅପରାଧ ଏବଂ ମାନବ ଚାଲାଣ ମାମଲାଗୁଡ଼ିକର ମଧ୍ୟ ତଦନ୍ତ କରିବ।

୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟଣା ପରେ ୨୦୦୯ରେ ଏନ୍‌ଆଇଏ ଗଠନ ହୋଇଥିଲା। ବର୍ତ୍ତମାନର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏନ୍‌ଆଇଏକୁ ଅଧିକ କ୍ଷମତା ପ୍ରଦାନ କରିବା ଲାଗି ୨୦୧୭ରୁ ଉଦ୍ୟମ କରିଆସୁଛି। ଏନ୍‌ଆଇଏ ଆଇନର ଦୁରୁପଯୋଗ ହେବା ସହ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ଟାର୍ଗେଟ କରାଯିବ ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବାବେଳେ ସରକାର ଏହାକୁ ଖଣ୍ଡନ କରିଛନ୍ତି।

ଏନ୍‌ଆଇଏ (ସଂଶୋଧନ) ବିଲ୍, ୨୦୧୯ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କହିଥିଲେ, ଆତଙ୍କବାଦ ଓ ସାରା ବିଶ୍ୱକୁ ବାର୍ତ୍ତା ଦେବା ପାଇଁ ଏନ୍‌ଆଇଏକୁ ଅଧିକ



ଅମିତ୍ ଶାହ

କ୍ଷମତା ଦେବା ପ୍ରସ୍ତାବକୁ ପାର୍ଲାମେଣ୍ଟରେ ସମସ୍ତେ ଏକସ୍ୱରରେ ସମର୍ଥନ ଦେବା ଉଚିତ। ଆତଙ୍କବାଦର ମୂଳୋତ୍ପାଟନ ଲକ୍ଷ୍ୟରେ ଏହି ବିଲ୍ ଅଣାଯାଇଛି। କୌଣସି ସମ୍ପ୍ରଦାୟକୁ ଟାର୍ଗେଟ କରିବା ନରେନ୍ଦ୍ର ମୋଦି ସରକାରଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ଶାହ ସ୍ପଷ୍ଟ କରିଥିଲେ। କାର୍ଯ୍ୟାନୁଷ୍ଠାନ ବେଳେ ଅଭିଯୁକ୍ତଙ୍କ ଧର୍ମକୁ ଦେଖାଯିବନାହିଁ ବୋଲି ସେ କହିଥିଲେ।

ଆଲୋଚନାର ଉତ୍ତର ଦେଇ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଥିଲେ, ଦେଶକୁ ଆତଙ୍କବାଦରୁ ରକ୍ଷା କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ଚୌକିଦାରଙ୍କ ଦ୍ୱାରା ପରିଚାଳିତ ସରକାର ହୋଇଥିବାରୁ ଦେଶର ସୁରକ୍ଷାକୁ ସର୍ବାଗ୍ରେ ରଖାଯିବ। ଆତଙ୍କବାଦର କୌଣସି ଧର୍ମ, ଜାତି କିମ୍ବା ଅଞ୍ଚଳ ନାହିଁ ବୋଲି ରେଡ୍ଡୀ କହିଥିଲେ। ତଦନ୍ତ କରିବା ପୂର୍ବରୁ ଏନ୍‌ଆଇଏକୁ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ସଚିବ ଓ ପୋଲିସ ମହାନିର୍ଦ୍ଦେଶକଙ୍କୁ ଲେଖି ଜଣାଇବାକୁ ପଡୁଥିଲା। ତେବେ ସର୍ଜିକାଲ ଷ୍ଟ୍ରାଇକ୍ ଓ ଏୟାରଷ୍ଟ୍ରାଇକ୍‌ରୁ ଜଣାପଡିଲା ପାକିସ୍ତାନ ସମ୍ପୃକ୍ତ ଥିବା ଆତଙ୍କବାଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କର ବିକଳ୍ପ ମାଧ୍ୟମ ରହିଛି। ଏନ୍‌ଆଇଏ ଏବେ ୨୭୨ଟି ମାମଲାର ତଦନ୍ତ କରୁଥିବାବେଳେ ୧୯୯ଟିରେ ଚାର୍ଜଶିଟ୍ ଦାଖଲ କରିଛି। ୫୧ଟି ମାମଲାରେ ଅଦାଲତ ରାୟ ଦେଇସାରିଥିବାବେଳେ ୪୬ଟି ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି ବୋଲି ମନ୍ତ୍ରୀ ଗୃହକୁ ସୂଚନା ଦେଇଥିଲେ। ଆତଙ୍କବାଦ କବଳରୁ ଦେଶର ସୁରକ୍ଷା ପାଇଁ ଦେଶବାସୀ ଜନାଦେଶ ଦେଇଛନ୍ତି। ତେଣୁ ଏନ୍‌ଆଇଏକୁ ସୁଦୃଢ଼ କରିବାକୁ ହେବ ବୋଲି ରେଡ୍ଡୀ କହିଥିଲେ। ବିଲ୍ ଉପରେ ଡିଭିଜନ ଆଣିବାକୁ ଏଆଇଏମ୍‌ଆଇଏମ୍ ନେତା ଆସାଦୁଦ୍ଦିନ ଓ୍ୱାଇସି ଦାବି କରିଥିବା ବେଳେ କେଉଁମାନେ ଆତଙ୍କବାଦ ସପକ୍ଷରେ ଓ ବିରୋଧରେ ତାହା ଦେଖାଯାଉ ବୋଲି ଅମିତ୍ ଶାହ କହିଥିଲେ। ୨୭୬ ଜଣ ଏନ୍‌ଆଇଏର ସୁଦୃଢ଼ୀକରଣକୁ ସମର୍ଥନ କରିଥିବାବେଳେ ୬ ଜଣ ବିରୋଧ କରିଥିଲେ। ପରେ ବାଚନିକ ଭୋଟରେ ବିଲ୍ ଗୃହୀତ ହୋଇଥିଲା।

## ‘ରାଜ୍ୟ ପୋଲିସର ସ୍ୱାୟତ୍ତତା ସ୍ପଷ୍ଟ ହେଉ’

**ନୂଆଦିଲ୍ଲୀ,୧୫।୭**

ଏନ୍‌ଆଇଏ (ସଂଶୋଧନ) ବିଲ୍‌କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ ଜଣାଇଛି। ଦଳ ପକ୍ଷରୁ ବରିଷ୍ଠ ନେତା ଭର୍ତ୍ତୃହରି ମହତାବ ଆଲୋଚନାରେ ଅଂଶଗ୍ରହଣ କରି କହିଥିଲେ, ରାଜ୍ୟ ପୋଲିସର ବିନା ପରାମର୍ଶରେ ସମ୍ପୃକ୍ତ ରାଜ୍ୟରେ ତଦନ୍ତ ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ସ୍ପଷ୍ଟ କରିବା ଆବଶ୍ୟକ। ରାଜ୍ୟ ପୋଲିସକୁ ସୂଚନା ନ ଦେଇ ଏନ୍‌ଆଇଏ ଦ୍ୱାରା ତଦନ୍ତକୁ ଭର୍ତ୍ତୃହରି ବିରୋଧ କରିଥିଲେ। ଏଥିସହିତ ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ କେନ୍ଦ୍ର ନା ରାଜ୍ୟ ସରକାର କିଏ ନିଯୁକ୍ତ କରିବ ବୋଲି ସେ ଜାଣିବାକୁ ଚାହିଁଥିଲେ।

ଭର୍ତ୍ତୃହରି କହିଥିଲେ, ଏନ୍‌ଆଇଏର ତଦନ୍ତ ପରିସର ବୃଦ୍ଧି ପାଇବା ଆବଶ୍ୟକ। ରାଜ୍ୟ ପୋଲିସର ବିନା ପରାମର୍ଶରେ ଏନ୍‌ଆଇଏ ତଦନ୍ତ କରିପାରିବ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି। ସଂଘୀୟ ଶାସନ ବ୍ୟବସ୍ଥାରେ ସର୍ବୋଚ୍ଚ ପୋଲିସ ଅଧିକାରୀ ମଧ୍ୟ ଦେଶର ସେବକ। କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଡିଜିପିଙ୍କୁ ସୂଚନା ଦିଆଯିବ ବୋଲି ବିଲ୍‌ରେ



ଭର୍ତ୍ତୃହରି ମହତାବ

କୁହାଯାଇଛି। କୋଲକାତା ପୋଲିସ କମିଶନରଙ୍କ ମାମଲାର ଉଦାହରଣ ଦେଇ ଭର୍ତ୍ତୃହରି କହିଥିଲେ, ସେଠାରେ ସିବିଆଇ ଏବଂ ରାଜ୍ୟ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ରାଜ୍ୟ ଓ କେନ୍ଦ୍ର ବାହିନୀ ମଧ୍ୟରେ ସେଭଳି ପରିସ୍ଥିତି ସୃଷ୍ଟି ନ ହେବା ଉଚିତ। ବିଦେଶରେ ତଦନ୍ତ କଲାବେଳେ ସମ୍ପୃକ୍ତ ରାଷ୍ଟ୍ର କର୍ତ୍ତୃପକ୍ଷଙ୍କ ସହ ପରାମର୍ଶ କରିବା ବ୍ୟବସ୍ଥା ବିଲ୍‌ରେ ରହିଛି। ତେବେ ନିଜ ଦେଶରେ ଅନ୍ତତଃପକ୍ଷେ ରାଜ୍ୟର ସର୍ବୋଚ୍ଚ ପୋଲିସ ଅଧିକାରୀଙ୍କ ସହ କ’ଣ ପାଇଁ ପରାମର୍ଶ କରାଯିବ ନାହିଁ ବୋଲି ଭର୍ତ୍ତୃହରି ପ୍ରଶ୍ନ କରିଥିଲେ।

## ସରୋଗେସୀ ବିଲ୍ ଆଗତ

**ନୂଆଦିଲ୍ଲୀ,୧୫।୭(ପି.ଟି.)**

ବ୍ୟବସାୟିକ ସରୋଗେସୀକୁ ନିଷିଦ୍ଧ କରିବା ଲାଗି ବିଲ୍ ସୋମବାର ଲୋକ ସଭାରେ ଆଗତ ହୋଇଛି। ଏହି ବିଲ୍ ଆଇନରେ ପରିଣତ ହେଲେ ନିଃସନ୍ତାନ ଦମ୍ପତିଙ୍କ ପାଇଁ କେବଳ ଘନିଷ୍ଠ ସମ୍ପର୍କୀୟଙ୍କୁ ସରୋଗେଟ ମାଆ ହେବାର ଅନୁମତି ମିଳିବ। ସରୋଗେସୀ (ନିୟାମକ) ବିଲ୍, ୨୦୧୯ରେ ଜାତୀୟ ଓ ରାଜ୍ୟ ସ୍ତରରେ ସରୋଗେସୀ ବୋର୍ଡ ଗଠନ ବ୍ୟବସ୍ଥା ରହିଛି। ଏହି ପଦ୍ଧତିରେ ସନ୍ତାନ ଗ୍ରହଣ କରୁଥିବା ଦମ୍ପତି କୌଣସି ପରିସ୍ଥିତିରେ ବି ଉକ୍ତ ସନ୍ତାନଙ୍କୁ ପରିତ୍ୟାଗ କରିପାରିବେ ନାହିଁ। କେବଳ ଭାରତୀୟ ଦମ୍ପତି ଅନ୍ୟୂନ ୫ ବର୍ଷ ବୈବାହିକ ଜୀବନ ପରେ ସରୋଗେସୀ ପାଇଁ ଆବେଦନ କରିପାରିବେ।

## ଗାଡ଼ି ଦୁର୍ଘଟଣାରେ ମୃତକ ପରିବାରକୁ ୫ ଲକ୍ଷ କ୍ଷତିପୂରଣ ପ୍ରସ୍ତାବ

**ନୂଆଦିଲ୍ଲୀ,୧୫।୭(ପି.ଟି.)**

ଲୋକ ସଭାରେ ସୋମବାର ମୋଟରଯାନ ଆଇନରେ ସଂଶୋଧନ ପାଇଁ ବିଲ୍ ଆଗତ ହୋଇଛି। ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ୫ ଲକ୍ଷ ଏବଂ ଗୁରୁତର ଆହତଙ୍କୁ ୨.୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଲାଗି ସରକାର ବିଲ୍‌ରେ ପ୍ରସ୍ତାବ ରଖିଛନ୍ତି। ଏଥିସହିତ ମୋଟରଯାନ ଆଇନକୁ କଡ଼ାକଡି କରିବାକୁ ସରକାର ଚାହୁଁଛନ୍ତି। ଆଇନ ଉଲ୍ଲଂଘନକାରୀଙ୍କୁ ଅଧିକ ଜରିମାନା କରିବା ସହିତ ଲୋକଙ୍କ ସୁରକ୍ଷାକୁ ବିଲ୍‌ରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି।

## ସଂକ୍ଷେପରେ

### ହାଫିଜ୍‌ଙ୍କୁ ମିଳିଲା ଆଗୁଆ ଜାମିନ



**ଲାହୋର,୧୫।୭:** ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଜାମାତ୍ ଉଦ୍ ଦାଓ୍ୱା (ଜେୟୁଡି) ମୁଖ୍ୟ ହାଫିଜ୍ ସଇଦ ଓ ତାଙ୍କର ୩ ସହଯୋଗୀଙ୍କୁ ପାକିସ୍ତାନର ଲାହୋର ଆତଙ୍କ ନିରୋଧୀ ଅଦାଲତ ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ବେଆଇନଭାବେ ଏହି ନିଷିଦ୍ଧ ସଙ୍ଗଠନ ମଦ୍ରାସା ଲାଗି ଜମି ବ୍ୟବହାର କରୁଥିବା ଅଭିଯୋଗ ହୋଇଥିଲା। ହାଫିଜ୍‌ଙ୍କ ବ୍ୟତୀତ ତାଙ୍କ ସହଯୋଗୀ ହାଫିଜ ମସୁଦ, ଅମୀର ହମ୍‌ଜା, ମଲିକ ଜାଫର ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କାର ସିଓରିଟି ବଣ୍ଡ ମାଧ୍ୟମରେ ଅଗଷ୍ଟ ୩୧ ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ମିଳିଛି। ହାଫିଜ୍‌ଙ୍କ ଓକିଲ କୌଣସି ଜମି ବେଆଇନଭାବେ ଗ୍ରହଣ କରାଯାଇ ନ ଥିବା କହି ଜାମିନ ଲାଗି କୋର୍ଟଙ୍କୁ ଅନୁରୋଧ କରିଥିଲେ। ପ୍ରକାଶଥାଉ କି, ଜେୟୁଡିର ୩୦୦ ମଦ୍ରାସା, ସ୍କୁଲ, ହସ୍ପିଟାଲ, ଆମ୍ବୁଲାନ୍ସ ସର୍ଭିସ, ପବ୍ଲିସିଂ ହାଉସ ରହିଛି। ଗତ ମାର୍ଚ୍ଚରେ ପଞ୍ଜାବ ପୋଲିସ ଜେୟୁଡିର ୧୬୦ ମଦ୍ରାସା, ୩୨ ସ୍କୁଲ, ୨ କଲେଜ, ୪ ହସ୍ପିଟାଲ, ୧୭୮ ଆମ୍ବୁଲାନ୍ସ, ୧୫୩ ହସ୍ପିଟାଲକୁ ସିଜ୍ କରିଥିଲା।

### କଲରାଜ୍ ମିଶ୍ର ହିମାଚଳ ରାଜ୍ୟପାଳ



କଲରାଜ୍ ମିଶ୍ର ଆଚାର୍ଯ୍ୟ ଦେବବ୍ରତ

**ନୂଆଦିଲ୍ଲୀ,୧୫।୭:** ପୂର୍ବତନ କେନ୍ଦ୍ରମନ୍ତ୍ରୀ କଲରାଜ୍ ମିଶ୍ରଙ୍କୁ ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ସୋମବାର ନିଯୁକ୍ତି ଦିଆଯାଇଛି। ହିମାଚଳ ପ୍ରଦେଶରେ ଥିବା ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କୁ ଗୁଜରାଟର ରାଜ୍ୟପାଳ ଭାବେ ବଦଳି କରାଯାଇଛି। ଏ ସମ୍ପର୍କରେ ରାଷ୍ଟ୍ରପତି ଭବନ ତରଫରୁ ଘୋଷଣା କରାଯାଇଛି। ୨୦୧୭ରେ କଲରାଜ୍ (୭୮) ନରେନ୍ଦ୍ର ମୋଦି ସରକାରରୁ ଇସ୍ତଫା ଦେଇଥିଲେ। ସେ ଗତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ। ଆଚାର୍ଯ୍ୟ ଦେବରାତ୍(୬୦) ୨୦୧୫ରେ ହିମାଚଳ ପ୍ରଦେଶର ରାଜ୍ୟପାଳ ଭାବେ ନିଯୁକ୍ତି ପାଇଥିଲେ। ଓ.ପି. କୋହଲିଙ୍କ କାର୍ଯ୍ୟକାଳ ସୋମବାର ଶେଷ ହେଉଥିବାରୁ ସେ ତାଙ୍କ ପଦଭାର ଗ୍ରହଣ କରିବେ। ମାର୍ଗାରେଟ ଆଲ୍‌ଭାଙ୍କ ଅବସର ପରେ କୋହଲି ୨୦୧୪ ଜୁଲାଇରେ ରାଜ୍ୟପାଳ ଭାବେ ଅବସ୍ଥାପିତ ହୋଇଥିଲେ।

### ଭାଜପା ନେତାଙ୍କ ବିବାଦୀୟ ବୟାନ

**ନୂଆଦିଲ୍ଲୀ,୧୫।୭:** ମୁସଲମାନଙ୍କ ପାଶବିକ ପ୍ରବୃତ୍ତି ଅଛି ଓ ସେମାନଙ୍କ ବିବାହ ପ୍ରଥା ଏହାର ନିଦର୍ଶନ ବୋଲି ଭାଜପା ନେତା ତଥା ବଲିଆ ବିଧାୟକ ସୁରେନ୍ଦ୍ର ସିଂ କହିଛନ୍ତି। ମୁସଲମାନଙ୍କୁ ଟାର୍ଗେଟ କରି ସେ କହିଛନ୍ତି ଯେ, ସେମାନଙ୍କ ଧର୍ମରେ ୫୦ ସ୍ତ୍ରୀ ଗ୍ରହଣ କରିବା, ୧୦୫୦ ପିଲା ଜନ୍ମ କରିବା ଅଛି। ଏହା ପ୍ରଥା ନୁହେଁ, ବରଂ ପାଶବିକ ପ୍ରବୃତ୍ତି। ପ୍ରକାଶଥାଉ କି, ଗତ ମାର୍ଚ୍ଚରେ ଅଭିନେତ୍ରୀ ସପ୍ନା ଚୌଧୁରୀ କଂଗ୍ରେସରେ ସାମିଲ ହେବା ଖବରକୁ ନେଇ ସେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଓ ସୋନିଆଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ।

## ୧୩ ଯବାନଙ୍କ ସମେତ ୧୪ ମୃତ

### ହିମାଚଳ କୋଠା ଭୁଶୁଡ଼ିବା ଘଟଣା

**ସିମ୍‌ଲା,୧୫।୭**

ହିମାଚଳପ୍ରଦେଶର ସୋଲା ଜିଲାରେ ୪ ମହଲା କୋଠା ଭୁଶୁଡିବା ଘଟଣାରେ ମୃତ୍ୟୁସଂଖ୍ୟା ୧୪କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଆସାମ ରାଇଫଲ୍ସ ବାହିନୀର ୧୩ ଜଣ ଯବାନ ଅଛନ୍ତି। ଏହି ଦୁର୍ଘଟଣାରେ ଅନ୍ୟ ୨୮ ଜଣ ଆହତ ହୋଇଛନ୍ତି। ନାହନ-କୁମରହାଟ୍ଟୀ ରୋଡ୍‌ରେ ଥିବା ଉକ୍ତ କୋଠାରେ ଏକ ରେସ୍ତୋରାଁ ଚାଲୁଥିଲା। ପ୍ରବଳ ବର୍ଷା ଯୋଗୁ ରବିବାର ସନ୍ଧ୍ୟାରେ ବିଲ୍ଡିଂ ଭୁଶୁଡ଼ି ପଡିବାରୁ ଅନେକ ଲୋକ ଭଗ୍ନାବଶେଷ ତଳେ ଚାପିହୋଇ ରହିଯାଇଥିଲେ। ଏବେ ବି କେତେକ ଲୋକ ଭଗ୍ନାବଶେଷ ତଳେ ରହିଥିବା ଆଶଙ୍କା କରାଯାଉଛି।

ମୁଖ୍ୟମନ୍ତ୍ରୀ ଜୟରାମ ଠାକୁର ସୋମବାର ସକାଳେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ବିଲ୍ଡିଂ ନିର୍ମାଣରେ ଉପଯୁକ୍ତ ନିୟମ ପାଳନ କରାଯାଇ ନ ଥିଲା ବୋଲି ପ୍ରାଥମିକ ଅନୁଧ୍ୟାନରୁ ଜଣାପଡିଛି। ବିଲ୍ଡିଂ ଭୁଶୁଡିବା ବେଳେ ସେଥିରେ ୩୫ ଜଣ ଯବାନ ଥିଲେ। ସେମାନଙ୍କ ମଧ୍ୟରୁ ୩୦ ଜଣ ଜୁନିୟର କମିଶନ୍ଡ ଅଫିସର। ରବିବାର ଛୁଟି ଥିବାରୁ ସେମାନେ ପାର୍ଟି ମନାଇବା ପାଇଁ ରେସ୍ତୋରାଁକୁ ଯାଇଥିଲେ। ସେନା ଯବାନଙ୍କୁ ମିଶାଇ ରେସ୍ତୋରାଁରେ ପାଖାପାଖି ୫୦ ଲୋକ ଥିଲେ ବୋଲି ଅନ୍ୟ ଜଣେ ଆହତ ବ୍ୟକ୍ତି କହିଛନ୍ତି।



ତିରୁପତିରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଓ୍ୱାଇ.ଏସ୍. ଜଗନମୋହନ ରେଡ୍ଡୀ ଭଗବାନ ଭେଙ୍କଟେଶ୍ୱରଙ୍କ ପ୍ରତିମୂର୍ତ୍ତି ଉପହାର ଦେଉଛନ୍ତି।

## କାର୍‌ଗିଲ ବିଜୟର ସ୍ମାରକୀ ଟ୍ରେନ୍

**ନୂଆଦିଲ୍ଲୀ,୧୫।୭(ପି.ଟି.)**

କାର୍‌ଗିଲ ବିଜୟ ସ୍ମାରକୀ ଦିଲ୍ଲୀ-ବାରାଣସୀ କାଶୀ ବିଶ୍ୱନାଥ ଏକ୍ସପ୍ରେସକୁ ଉଦ୍‌ଘାଟନ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନ, ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଦି ଏବଂ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି ପତାକା ହଲାଇ ଟ୍ରେନ୍ ଚଳାଚଳ ଶୁଭାରମ୍ଭ କରିଥିଲେ। କାର୍‌ଗିଲ ବିଜୟର ୨୦ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ୧୦ଟି ନୂଆ ଟ୍ରେନ୍ ଚଳାଇବା ପାଇଁ ଯୋଜନା ହୋଇଥିବା ବେଳେ କାଶୀ ବିଶ୍ୱନାଥ ଏକ୍ସପ୍ରେସ ତନ୍ମଧ୍ୟରୁ ଅନ୍ୟତମ।

## ପିଓକେରେ ବନ୍ୟା: ୨୩ ମୃତ



**ଇସ୍‌ଲାମାବାବାଦ, ୧୫।୭**

ପାକିସ୍ତାନ ଅଧିକୃତ କଶ୍ମୀରର ନୀଲମ୍ ଉପତ୍ୟକାରେ ମୂଷଳ ଧାରାରେ ବର୍ଷା ହେବା ସହ ବନ୍ୟା ପରିସ୍ଥିତି ଦେଖାଦେଇଛି। ଅଦ୍ୟାବଧି ୨୩ ଲୋକ ପ୍ରାଣ ହରାଇଥିବାବେଳେ କେତେକେ ନିଖୋଜ ଥିବା ଜଣାପଡ଼ିଛି। ଲସଓ୍ୱା ଅଞ୍ଚଳରେ ଲଗାଣ ବର୍ଷା ଓ ଭୂସ୍ଖଳନ ଯୋଗୁ ଅନେକ ଘର ଭାଙ୍ଗିଯିବାରୁ ଲୋକମାନେ ବନ୍ୟାରେ ଭାସିଯାଇଛନ୍ତି। ବନ୍ୟାରେ ଦୁଇଟି ମସ୍‌ଜିଦ ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଛି। କେତେକ ସ୍ଥାନରେ ଇଣ୍ଟରନେଟ ସେବା ପ୍ରଭାବିତ ହୋଇଥିବା ପ୍ରକାଶ। ଜିଲା ପ୍ରଶାସନ, ସ୍ଥାନୀୟ ପୋଲିସ, ବିପର୍ଯ୍ୟୟ ପରିଚାଳନା ଅଥର୍ଟିର କର୍ମକର୍ତ୍ତା ଉଦ୍ଧାର କାର୍ଯ୍ୟ ଚଳାଇଥିବା ଜଣାପଡ଼ିଛି। ଗତ ସପ୍ତାହରେ ବରଫ ତରଳିବାରୁ ଚିତ୍ରାଲ ଜିଲାରେ ଭୟଙ୍କର ବନ୍ୟା ଦେଖାଦେଇଥିଲା।

## ଆଶାରାମଙ୍କ ଜାମିନ ଆବେଦନ ଖାରଜ

**ନୂଆଦିଲ୍ଲୀ,୧୫।୭(ପି.ଟି.)**

ବଳାତ୍କାର ମାମଲାରେ ଜେଲରେ ଥିବା ଆଶାରାମ ବାପୁଙ୍କ ଜାମିନ ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଗୁଜରାଟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କୋର୍ଟରେ ହାଜର ହୋଇ କହିଥିଲେ, ମାମଲାର ବିଚାର ପ୍ରକ୍ରିୟା ଜାରି ରହିଛି ଏବଂ ଏବେବି ଆଉ ୧୦ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ବାକି ଅଛି। ସଲିସିଟର ଜେନେରାଲଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ ଏନ୍.ଭି. ରମାନା ଏବଂ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶାରାମଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି। ସୂଚନାଯୋଗ୍ୟ, ଆଶାରାମ ଓ ତାଙ୍କ ପୁଅ ନାରାୟଣ ସାଇଙ୍କ ବିରୋଧରେ ସୁରଟର ଦୁଇ ଭଉଣୀ ବଳାତ୍କାର ଅଭିଯୋଗ ଆଣିଥିଲେ।

■ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲା

## ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିଲେ ବିଚାରପତି

**ନୂଆଦିଲ୍ଲୀ, ୧୫।୭**

ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାର ଶୁଣାଣି କରୁଥିବା ସ୍ୱତନ୍ତ୍ର ବିଚାରପତି ଏସ୍.କେ. ଯାଦବ ଶୁଣାଣି ଶେଷ କରିବା ଲାଗି ସୁପ୍ରିମକୋର୍ଟଙ୍କୁ ଅଧିକ ସମୟ ମାଗିଛନ୍ତି। ଏହି ମାମଲାରେ ଭାଜପାର ବରିଷ୍ଠ ନେତା ଏଲ୍.କେ. ଆଡଭାନୀ, ମୁରଲୀ ମନୋହର ଜୋଷୀ, କଲ୍ୟାଣ ସିଂ ପ୍ରମୁଖ ଅଛନ୍ତି। ଗତ ମେ’ରେ ଲେଖିଥିବା ଚିଠିରେ ସେ ଦର୍ଶାଇଛନ୍ତି ଯେ, ସେପ୍ଟେମ୍ବର ୩୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଗତ ୨ ବର୍ଷ ହେଲା ସେ ଏହି ମାମଲାର ଦୈନନ୍ଦିନ ଶୁଣାଣି କରିଆସୁଛନ୍ତି। ଶୁଣାଣି ଶେଷ ଲାଗି ଆଉ ୬ ମାସ ସମୟ ଲାଗିବ। ଜଷ୍ଟିସ ଆର୍.ଏଫ୍. ନରିମାନଙ୍କ ନେତୃତ୍ୱରେ ଗଠିତ ଦୁଇଜଣିଆ ଖଣ୍ଡପୀଠଙ୍କ ନିକଟକୁ ମାମଲା ଆସିବା ପରେ ସୋମବାର ଏ ସମ୍ପର୍କରେ ଜଣାପଡ଼ିଛି। ବିଚାରପତି ଏସ୍.କେ. ଯାଦବଙ୍କ କାର୍ଯ୍ୟକାଳ ବୃଦ୍ଧି ନେଇ ଉତ୍ତରପ୍ରଦେଶ ସରକାରଙ୍କଠାରୁ ମତାମତ ମଗାଯାଇଛି। ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୧୯ ତାରିଖରେ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରକାଶଥାଉ କି, ୨୦୧୭ ଏପ୍ରିଲରେ ସୁପ୍ରିମକୋର୍ଟ ୨ ବର୍ଷ ମଧ୍ୟରେ ଶୁଣାଣି ଶେଷ କରିବାକୁ ସ୍ୱତନ୍ତ୍ର ବିଚାରପତିଙ୍କୁ କହିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଅଯୋଧ୍ୟାରେ ଥିବା ବାବ୍ରୀ ମସ୍‌ଜିଦକୁ ୧୯୯୨ ଡିସେମ୍ବର ୬ରେ ଭଙ୍ଗାଯାଇଥିଲା।

## ଚନ୍ଦ୍ରୟାନ-୨: ଉତ୍କ୍ଷେପଣ ତାରିଖକୁ ଅପେକ୍ଷା

**ଶ୍ରୀହରିକୋଟା,୧୫।୭-** ଚନ୍ଦ୍ରୟାନ-୨ର ଉତ୍କ୍ଷେପଣ ଶେଷ ମୁହୂର୍ତ୍ତରେ ଅଟକିଯାଇଛି। ଆଗାମୀ ୪ ଦିନ ମଧ୍ୟରେ ଏହାର ଉତ୍କ୍ଷେପଣ କରା ନ ଗଲେ ଏହି କାର୍ଯ୍ୟକ୍ରମ ୩ ମାସ ପରେ ହେବ ବୋଲି କୁହାଯାଉଛି। ଏଥିପାଇଁ ଇସ୍ରୋ ପକ୍ଷରୁ ପୁଣି ତାରିଖ ଏବଂ ସମୟ ଘୋଷଣାକୁ ଅପେକ୍ଷା କରାଯାଇଛି। କ୍ରାୟୋଜେନିକ୍ ଇଞ୍ଜିନ୍ ଏବଂ ଚନ୍ଦ୍ରୟାନ-୨କୁ ସଂଯୋଗ କରୁଥିବା ଯାନ ମଧ୍ୟରେ ଆବଶ୍ୟକ ଚାପ ସୃଷ୍ଟି ହେଉ ନ ଥିବାରୁ ଉତ୍କ୍ଷେପଣରେ ଅସୁବିଧା ଉପୁଜିବା ଆଶଙ୍କାକୁ ଦୃଷ୍ଟିରେ ରଖି ଶେଷ ମୁହୂର୍ତ୍ତରେ ଏହାକୁ ବନ୍ଦ କରିଦିଆଯାଇଛି। ଇସ୍ରୋ ବୈଜ୍ଞାନିକ ଏହାର ଉତ୍କ୍ଷେପଣ ୪ଦିନ ମଧ୍ୟରେ କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି। ଏହା ସଫଳ ନ ହେଲେ ଉତ୍କ୍ଷେପଣ ଅକ୍ଟୋବର ୧୦ରୁ ୨୬ ମଧ୍ୟରେ ହେବା ଯଥେଷ୍ଟ ସମ୍ଭାବନା ଅଛି।

## ଅକ୍ଟୋବର ୨ରେ ‘ଓ୍ୱାର’ ରିଲିଜ

**ମୁମ୍ବାଇ:** ଟାଇଗର ଶ୍ରଫ୍ ଓ ହ୍ରିତିକ୍ ରୋଶନଙ୍କ ଅପ୍‌କମିଂ ଆକ୍ସନ ଫିଲ୍ମ ‘ଓ୍ୱାର’ ଅକ୍ଟୋବର ୨ରେ ରିଲିଜ ହେବାକୁ ଯାଉଛି। ଏହା ହିଟ୍ ହେବା ବହୁ ସମ୍ଭାବନା ଅଛି ବୋଲି ଏହାର ନିର୍ମାତା ସୋମବାର ଘୋଷଣା କରିଛନ୍ତି। ଯଶରାଜ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଉକ୍ତ ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ସିଦ୍ଧାର୍ଥ ଆନନ୍ଦ। ଆନନ୍ଦ ପୂର୍ବରୁ ହ୍ରିତିକ୍‌ଙ୍କ ଅଭିନୀତ ‘ବ୍ୟାଙ୍ଗ ବ୍ୟାଙ୍ଗ’ର ନିର୍ଦ୍ଦେଶନା ଦେଇଥିଲେ। ସିଦ୍ଧାର୍ଥଙ୍କ କହିବାନୁଯାୟୀ, ‘ଓ୍ୱାର’ରେ ଦୁଇଜଣ ସର୍ବଶ୍ରେଷ୍ଠ ଆକ୍ସନ୍ ସୁପରଷ୍ଟାର ଏକାଠି ହୋଇଛନ୍ତି ଏବଂ ଫିଲ୍ମ ହିଟ୍ ପାଇଁ ସେ ଦୁହିଁଙ୍କୁ ପରସ୍ପର ମଧ୍ୟରେ ଲଢ଼େଇ କରିବାକୁ ପଡିବ। ହ୍ରିତିକ ଏବଂ ଟାଇଗରଙ୍କ ମଧ୍ୟରେ ଯେଉଁଭଳି ଘମାଘୋଟ ଲଢ଼େଇ ହେବ ଦର୍ଶକମାନେ ଭାବିବେ ଏଭଳି ଭୟଙ୍କର ଯୁଦ୍ଧରେ କିଏ ବିଜୟୀ ହେଉଛି?

ଏଭଳି ଏକ ଟାଇଟଲ୍ ଦିଆଯିବାର କାରଣ ହେଉଛି ଏହାକୁ ବିଶ୍ୱବ୍ୟାପୀ ରିଲିଜ କରାଯିବା ପାଇଁ ପ୍ରସ୍ତୁତି ଚାଲିଥିବା ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଏଥିରେ ହ୍ରିତିକଙ୍କ ସହ ବାଣୀ କପୁର ଅଭିନୟ କରୁଥିବାବେଳେ ଏହା ହିନ୍ଦୀ, ତାମିଲ ଏବଂ ତେଲୁଗୁରେ ରିଲିଜ ହେବାକୁ ଯାଉଛି।



## ଇତିହାସର ଆଇନାରେ

### ଜୁଲାଇ ୧୬ର ପ୍ରମୁଖ ଘଟଣା

୨୦୦୪ ଜୁଲାଇ ୧୬ରେ ଚିକାଗୋର ପ୍ରଥମ ମିଲେନିୟମ୍ ପାର୍କ ମେୟର ରିଚାର୍ଡ ଏମ୍. ଡାଲେଙ୍କ ଦ୍ୱାରା ସର୍ବସାଧାରଣଙ୍କ ନିମନ୍ତେ ଉଦ୍‌ଘାଟିତ ହୋଇଥିଲା। ଏକବିଂଶ ଶତାବ୍ଦୀର ସ୍ଥାପତ୍ୟ ଇତିହାସରେ ଏହା ଏକ ଅଭିଳଷିତ ପ୍ରକଳ୍ପ। ଚିକାଗୋ ସଂସ୍କୃତି ବ୍ୟାପାର ବିଭାଗ ଦ୍ୱାରା ଏହାକୁ ଅପରେଟ୍ କରାଯିବା ସହିତ ଏମ୍‌ବି ରିୟାଲ ଇଷ୍ଟେଟ୍ ଦ୍ୱାରା ପରିଚାଳନା କରାଯାଉଛି।

୨୦୦୭ ଜୁଲାଇ ୧୬ରେ ଜାପାନର ନିଗାଟା ଉପକୂଳରେ ୬.୮ ତୀବ୍ରତାର ଭୂକମ୍ପ ଯୋଗୁ ୮ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୮୦୦ ଆହତ ହୋଇଥିଲେ। ଆଣବିକ ଶକ୍ତିକେନ୍ଦ୍ର କ୍ଷତିଗ୍ରସ୍ତ ହୋଇଥିଲା। ୩୪୨ ଅଟ୍ଟାଳିକା ସମ୍ପୂର୍ଣ୍ଣ ଧ୍ୱଂସ ପାଇଯାଇଥିଲା।


## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୮.୦ | ୨୫.୯ |
| ଚାନ୍ଦବାଲି | ୩୭.୦ | ୨୭.୨ |
| କଟକ | ୩୫.୫ | ୨୪.୫ |
| ପାରାଦ୍ୱୀପ | ୩୩.୪ | ୨୭.୮ |
| ଭୁବନେଶ୍ୱର | ୩୫.୮ | ୨୬.୦ |
| ଗୋପାଳପୁର | ୩୨.୦ | ୨୫.୮ |
| ପୁରୀ | ୩୪.୬ | ୨୬.୬ |
| ଅନୁଗୋଳ | ୩୫.୭ | ୨୩.୬ |
| ବାରିପଦା | ୩୮.୨ | ୨୮.୫ |
| ଝାରସୁଗୁଡ଼ା | ୩୫.୮ | ୨୭.୪ |
| କେନ୍ଦୁଝର | ୩୪.୫ | ୨୬.୪ |
| ସମ୍ବଲପୁର | ୩୫.୬ | ୨୬.୫ |
| ସୁନ୍ଦରଗଡ଼ | --- | ୨୩.୦ |
| ହୀରାକୁଦ | ୩୫.୧ | ୨୭.୧ |
| ତାଳଚେର | ୩୫.୪ | ୨୫.୩ |
| ଭବାନୀପାଟଣା | --- | ୨୪.୫ |
| ବଲାଙ୍ଗୀର | ୩୩.୭ | ୨୬.୩ |
| କୋରାପୁଟ | ୨୯.୬ | ୧୯.୬ |
| ଫୁଲବାଣୀ | --- | ୨୪.୫ |
| ଟିଟିଲାଗଡ଼ | ୩୦.୦ | ୨୩.୫ |
| ମାଲକାନଗିରି | ୩୩.୨ | ୨୦.୦ |
| ସୋନପୁର | ୩୫.୨ | ୨୫.୮ |
| ଦାରିଙ୍ଗିବାଡ଼ି | ୨୯.୫ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

# ତଦନ୍ତରେ ସୀମିତ ନ୍ୟାୟିକ କମିଶନ

**ଭୁବନେଶ୍ୱର,୧୫।୭(ବ୍ୟୁରୋ)**

ଗଣ୍ଡଗୋଳ, ବଳାତ୍କାର, ପୋଲିସ ଗୁଳିକାଣ୍ଡ, ଦଳାଚକଟା ଭଳି ଅନେକ ଘଟଣାକୁ ଶାନ୍ତ କରିବାକୁ ରାଜ୍ୟ ସରକାର ବିଭିନ୍ନ ସମୟରେ ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଥାଆନ୍ତି। ଏଥିପାଇଁ ତଦନ୍ତ କମିଶନ ଗଠନ କରାଯାଇଥାଏ। ଘଟଣାର ତଦନ୍ତ ୩ ମାସ ମଧ୍ୟରେ ସାରିବାକୁ ସରକାର ଡେଡ୍‌ଲାଇନ ଦେଇଥାଆନ୍ତି। ମାତ୍ର ତଦନ୍ତର ଅନ୍ତ କେବେ ହେବ, ତାହା ସରକାରଙ୍କୁ ମଧ୍ୟ ମାଲୁମ ନ ଥାଏ। ୩ ମାସର ତଦନ୍ତ ଗଡ଼ି ଗଡ଼ି ୭୩ ମାସରେ ବି ପହଞ୍ଚିଯାଉଛି। ସେତେବେଳକୁ ଘଟଣା ଲୋକମାନଙ୍କ ମନରୁ ଅପସରି ଯାଇଥାଏ। କମିଶନ ରିପୋର୍ଟ ଦେବା ପରେ ମଧ୍ୟ ତାହାକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଆହୁରି ସମୟ ଲାଗିଯାଉଛି। ତଦନ୍ତ ବାହାନାରେ ଦୀର୍ଘସମୟ ଅପଚୟ ହେବା ସହ ରାଜ୍ୟ ରାଜକୋଷରୁ ବହୁ କୋଟି ଟଙ୍କା ବରବାଦ ହେଉଛି। ଏ କଥାକୁ ଖୋଦ୍ ସରକାର ସ୍ୱୀକାର କରିଛନ୍ତି। କଂଗ୍ରେସ ସଦସ୍ୟ ନରସିଂହ ମିଶ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ, ୨୦୧୦ରୁ ୨୦୧୯ ମଧ୍ୟରେ ରାଜ୍ୟ ସରକାର ୯ଟି ବିଚାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ପାଇଁ ରାଜ୍ୟ ତହବିଲ୍‌ରୁ ୬ କୋଟି ୭୭ ଲକ୍ଷ ୭୧ ହଜାର ୬୮ ଟଙ୍କା ଖର୍ଚ୍ଚ ହୋଇଛି। ସେଥିରୁ ବିଧାନସଭାରେ ମାତ୍ର ୩ଟିର ରିପୋର୍ଟ ଉପସ୍ଥାପନ କରାଯାଇଥିବା ବେଳେ ଅନ୍ୟ ୬ଟି ବିଭିନ୍ନ ପର୍ଯ୍ୟାୟରେ ରହିଛି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୧୦ ଅଗଷ୍ଟ ୨୩ ତାରିଖରେ କଟକ ଜିଲା ବାଗଲପୁର ପୋଲିସ ଗୁଳିକାଣ୍ଡ ଘଟଣା ହୋଇଥିଲା। ସରକାର ଏହାକୁ ୩ ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ କମିଶନ ବସାଇଥିଲେ। ୩ ମାସ ବଦଳରେ ଏହି ତଦନ୍ତ ୫୭ ମାସ ଚାଲିଲା। ଏଥିପାଇଁ ୩୧ ଲକ୍ଷ ୬୧ ହଜାର ୩୯୧ ଟଙ୍କା ଖର୍ଚ୍ଚ ହେଲା। ସେହିପରି ୨୦୧୧ ଏପ୍ରିଲ ୨ ତାରିଖରେ ରାଉରକେଲା ପୋଲିସ ଓ ବିଚାରପତିଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ପାଇଁ ତଦନ୍ତ କମିଶନ ବସାଇଥିଲେ ରାଜ୍ୟ ସରକାର। ୩ ମାସ ବଦଳରେ ତଦନ୍ତ ଶେଷହେବାକୁ ୨୧ ମାସ ସମୟ ଲାଗିଲା। ଏଥିପାଇଁ ଖର୍ଚ୍ଚ ହେଲା ୩୧ ଲକ୍ଷ ୬ ହଜାର ୮୬୦ ଟଙ୍କା। ଉକ୍ତ ଦୁଇଟି ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ୨୦୧୧ ନଭେମ୍ବର ୩୦ ତାରିଖରେ ପୁରୀ ଜିଲାର ପିପିଲି ଅନ୍ତର୍ଗତ ଅର୍ଜୁନଗୋଦା ଗ୍ରାମରେ ଜଣେ ଝିଅର ଦୁର୍ଘଟଣାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିପାଇଁ ରାଜ୍ୟ ସରକାର ତଦନ୍ତ କମିଶନ ବସାଇଥିଲେ। କମିଶନ ୩ ମାସ ବଦଳରେ ୫୨ ମାସରେ ତଦନ୍ତ ଶେଷ କରିଥିଲେ। କମିଶନ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ବିଧାନସଭାରେ ଉପସ୍ଥାପନ କରାଯାଇନାହିଁ। ଏଥିପାଇଁ ୫୩ ଲକ୍ଷ ୩୬ ହଜାର ୮୧୮ ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୧୨ ମାର୍ଚ୍ଚ ୩୧ ତାରିଖରେ ଗଞ୍ଜାମ ଜିଲାର ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଫାସିପଡାଠାରେ ହୋଇଥିବା ପୋଲିସ ଗୁଳିକାଣ୍ଡର ତଦନ୍ତ କରାଇଥିଲେ ସରକାର। ଏଥିପାଇଁ କୌଣସି ଖର୍ଚ୍ଚ ହୋଇ ନ ଥିବା ବେଳେ ୩ ମାସ ବଦଳରେ ତଦନ୍ତ ଶେଷହେବାକୁ ୩୭ ମାସ ଲାଗିଗଲା। ବିଧାନସଭାରେ ଏହାର ରିପୋର୍ଟ ଉପସ୍ଥାପନ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଚିଟ୍‌ଫଣ୍ଡ ପାଇଁ ସରକାର ତଦନ୍ତ କମିଶନ ବସାଇଛନ୍ତି। ତେବେ ଏହି କମିଶନ କେବେଠାରୁ ବସାଯାଇଛି ସେ ବିଷୟରେ ମନ୍ତ୍ରୀ କିଛି କହି ନ ଥିବା ବେଳେ ୩ ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦେବାକୁ କୁହାଯାଇଥିଲେ ମଧ୍ୟ ୭୩ ମାସ ସମୟ ଲାଗିଯାଇଛି। ଏଥିପାଇଁ ସର୍ବାଧିକ ୫ କୋଟି ୫୫ ଲକ୍ଷ ୩୦ ହଜାର ୯୬୯ ଟଙ୍କା ଖର୍ଚ୍ଚ କରାଯାଇଛି। ଇତିମଧ୍ୟରେ ରାଜ୍ୟ ସରକାରଙ୍କୁ କମିଶନ ୭ଟି ଅନ୍ତରୀଣ ରିପୋର୍ଟ ଦେଇଛନ୍ତି। ସରକାରଙ୍କ ଅର୍ଥ ବିଭାଗ ସେଥିରୁ ୬ଟି ରିପୋର୍ଟ ଉପରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛି। ୨୦୧୬ ଜୁଲାଇ ୮ ତାରିଖରେ କନ୍ଧମାଳ ଜିଲା ଗୁମୁଡିମାହା ପୋଲିସ ଗୁଳିକାଣ୍ଡ ଘଟଣାର ତଦନ୍ତ କମିଶନ ବସାଯାଇଥିଲା। ୩ ମାସରେ ତଦନ୍ତ ରିପୋର୍ଟ ଦେବା ବଦଳରେ କମିଶନ ୨୦ ମାସ ପରେ ରିପୋର୍ଟ ସରକାରଙ୍କୁ ଦେଲେ। ଏଥିପାଇଁ ରାଜ୍ୟ ରାଜକୋଷରୁ ୧ ଲକ୍ଷ ୭୩ ହଜାର ୭୪୩ ଟଙ୍କା ଖର୍ଚ୍ଚ ହୋଇଛି। ୨୦୧୬ ଅକ୍ଟୋବର ୧୭ ତାରିଖରେ ସମ୍ ହସ୍ପିଟାଲରେ ଅଗ୍ନିକାଣ୍ଡ ଘଟି ବହୁ ଲୋକଙ୍କର ଜୀବନ ଯାଇଥିଲା। ୨ ମାସ ମଧ୍ୟରେ ତଦନ୍ତ ସାରିବାକୁ କମିଶନଙ୍କୁ କୁହାଯାଇଥିବା ବେଳେ ୫ ମାସ ପରେ ସରକାରଙ୍କୁ ରିପୋର୍ଟ ମିଳିଥିଲା। ୩ ବର୍ଷ ପରେ ସେହି ରିପୋର୍ଟକୁ ସରକାର ପରୀକ୍ଷା ନିରୀକ୍ଷା କରୁଛନ୍ତି। ସେହିପରି ୨୦୧୭ ଅକ୍ଟୋବର ୧୦ ତାରିଖରେ କୋରାପୁଟ ଜିଲାର ଏକ ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ଘଟଣାରେ ସରକାର ତଦନ୍ତ କମିଶନ ବସାଇଥିଲେ। ମାତ୍ର କମିଶନ ୩ ମାସ ବଦଳରେ ୮ ମାସରେ ତଦନ୍ତ ଶେଷ କରିଛନ୍ତି। ଏଥିପାଇଁ ୩୯,୩୭୦ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ରାଜ୍ୟ ସରକାର ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କରାଇଥିଲେ। ଏହି ତଦନ୍ତ କମିଶନ ୩ ମାସ ବଦଳରେ ୬ ମାସରେ ତଦନ୍ତ ଶେଷ କରିଥିଲେ। ଏଥିପାଇଁ ରାଜକୋଷରୁ ୨୨ ଲକ୍ଷ ୨୭ ହଜାର ୯୧୮ ଟଙ୍କା ଖର୍ଚ୍ଚ ହୋଇଛି। ଉକ୍ତ ରିପୋର୍ଟ ପାଇବା ପରେ ସରକାର ପରୀକ୍ଷା ନିରୀକ୍ଷା କରୁଥିବା ମନ୍ତ୍ରୀ ମିଶ୍ର କହିଛନ୍ତି।

- ୯ ତଦନ୍ତ କମିଶନ ପାଇଁ ବରବାଦ ହେଲାଣି ୬ କୋଟି ୭୭ ଲକ୍ଷ
- ଚିଟ୍‌ଫଣ୍ଡ ତଦନ୍ତ ପାଇଁ ଖର୍ଚ୍ଚ ହୋଇଛି ୫ କୋଟି ୫୫ ଲକ୍ଷ

# 'ସାହାଯ୍ୟ ପାଇଁ ବିଜେଡିର ଗୋଡ଼ାଣିଆ ହେବୁନାହିଁ'

***ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ କଳାହାଣ୍ଡି ଜିଲା ଭବାନୀପାଟଣାରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି ପ୍ରଦୀପ୍ତ ନାଏକ। ରାଜ୍ୟରେ ପ୍ରଥମ ଥର ଲାଗି ଭାଜପା ମୁଖ୍ୟ ବିରୋଧୀ ଦଳ ଭୂମିକା ଗ୍ରହଣ କରିଥିବା ବେଳେ ତାଙ୍କୁ ଦଳ ବିରୋଧୀ ଦଳ ନେତାଭାବେ ଚୟନ କରିଛି। ତାଙ୍କୁ ଏତେବଡ଼ ଦାୟିତ୍ୱ ମିଳିବା ଏବଂ ରାଜ୍ୟରେ ଭାଜପା ଦୁଇ ନମ୍ବର ଦଳ ଭାବେ ଉଭା ହେବା ପରେ ଆଗକୁ କ'ଣ ରହିବ ଦଳୀୟ ଆଭିମୁଖ୍ୟ ସେନେଇ ପ୍ରଦୀପ୍ତ ନାଏକଙ୍କ ସହ ଧରିତ୍ରୀର ଆଳାପ।***



ପ୍ରଦୀପ୍ତ ନାଏକ

***୨୦୧୯ ନିର୍ବାଚନ କିପରି ଥିଲା?***

▸୨୦୧୯ ସାଧାରଣ ନିର୍ବାଚନ ବହୁତ କଠିନ ଥିଲା। ୧୯୯୫, ୨୦୦୦ ଏବଂ ୨୦୦୪ରେ ବିଧାୟକ ଥିବାବେଳେ ଲୋକମାନେ ଦଳ ଏବଂ ପ୍ରାର୍ଥୀର ଚରିତ୍ରକୁ ଦେଖି ଭୋଟ ଦେଉଥିଲେ। ସେହି ମୂଲ୍ୟବୋଧ ଆଉନାହିଁ। ମାତ୍ର ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଲୋକେ ଦେଖୁଛନ୍ତି, କିଏ ଆସି ପହଞ୍ଚିଲା ଏବଂ କେତେ ଦେଲା।

***ଭାଜପା ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିବା ଲାଗି କେତେ କଷ୍ଟ ହୋଇଛି?***

▸ଆମେ ଏଥର ନିର୍ବାଚନରେ ଅଧିକ ଆସନ ପାଇ ସରକାରରେ ଆସିଯିବା ବିଧାୟକ କାହିଁକି କରିବ ନାହିଁ।

***ଭାଜପାର ୧୨୦ ମିଶନ ଫେଲ୍ ହେବାର କାରଣ କ'ଣ? ଅନ୍ୟ ରାଜ୍ୟରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ରଣନୀତି ଠିକ୍ ହୋଇଛି, ହେଲେ ଓଡ଼ିଶାରେ ତାଙ୍କ ଅଙ୍କ ଭୁଲ୍ କାହିଁକି ହୋଇଗଲା?***

▸ସବୁ ରାଜ୍ୟରେ ଯାହା କହିଲେ ତାହା ହେଲା। ଆମେ ଲୋକଙ୍କୁ ଭରସା ଦେଇପାରିଲୁ ନାହିଁ। ଲୋକଙ୍କ ପାଖରେ ଆମେମାନେ ପହଞ୍ଚି ବିଶ୍ୱାସ ଦେଇପାରିଲୁ ନାହିଁ। ହେଲେ ଆଜି ସ୍ଥିତି ଯାହା ଅଛି, ବିଜେଡି ପରେ ଭାଜପା ଏଠାରେ ସରକାର କରିବ। କଥା। ଲୋକ ଆମକୁ ଭରସା କରିପାରିଲେ ନାହିଁ, ଆମେ ମଧ୍ୟ ସେମାନଙ୍କୁ ଭରସା ଦେଇ ପାରିଲୁନାହିଁ ଯେ, ଭାଜପା ଏକ ନମ୍ବର ଦଳ ହେବ।

***ପୂର୍ବରୁ ଆପଣ ଲଗାତର ୩ ଥର ବିଧାୟକ ହୋଇଥିଲେ, ଏହାପରେ ୨ ଥର ହାରିଯିବାର କାରଣ କ'ଣ?***

▸ଏହି ୨ ଥର ହାରିଯିବାର କାରଣ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପଞ୍ଚାୟତ ନିର୍ବାଚନରେ ଟଙ୍କାର ତୁଷାରପାତ କଲେ। ଲୋକମାନଙ୍କ ଅନୁଭବ ହେଲା ସାଧାରଣ ସରପଞ୍ଚ ଯେତେବେଳେ ଏତେ ଟଙ୍କା ଖର୍ଚ୍ଚ କରୁଛି ତେବେ

***ବିଜେଡି ଗୋଟିଏ ରାଜ୍ୟ ସଭା ଆସନ ଭାଜପାକୁ ଛାଡ଼ିବା ପରେ ଦୁଇ ଦଳ ମଧ୍ୟରେ ଗୋଟିଏ ବୁଝାମଣା କଥା ଉଠୁଛି, ତାକୁ ଆପଣ କେମିତି ଦେଖୁଛନ୍ତି?***

▸ଆମେ ଆଗରୁ ମେଣ୍ଟରେ ଥିଲୁ। ଏହାପରେ ମେଣ୍ଟ ଭାଙ୍ଗିବା ପରେ ଆମେ ଠିକ୍ ଭାବେ ଲଢ଼ିନାହୁଁ କି? ରାଜ୍ୟ ସଭାରେ ସାହାଯ୍ୟ କରିଦେଇ କ'ଣ ମିତ୍ର ହୋଇଗଲେ। ନବୀନ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରିବା ଓ ବିଗତ ଦିନରେ କେନ୍ଦ୍ରମନ୍ତ୍ରୀ କରିବାର ମୁଖ୍ୟ ଭୂମିକା ଭାଜପାର ଥିଲା। ଏକଥାକୁ କେହି ଅସ୍ୱୀକାର କରିବେ ନାହିଁ। ରାଜ୍ୟ ସଭା ନିର୍ବାଚନରେ ସାହାଯ୍ୟ କରିଦେଲେ ବୋଲି ଆମେ ବିଜେଡିର ଗୋଡ଼ାଣିଆ ହେବୁନାହିଁ।

***କେନ୍ଦ୍ରରେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳଭାବେ ସରକାର କରିବା ପରେ ଏମିତି କ'ଣ ଆବଶ୍ୟକତା ପଡ଼ିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟେଲିଫୋନ କରି ଗୋଟିଏ ରାଜ୍ୟ ସଭା ଆସନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ?***

▸ଏହାର ଜବାବ କେବଳ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ, ପ୍ରଧାନମନ୍ତ୍ରୀ କିମ୍ବା ନବୀନ ପଟ୍ଟନାୟକ ହିଁ ଦେଇପାରିବେ।

***ପ୍ରଧାନମନ୍ତ୍ରୀ ଗୋଟିଏ ରାଜ୍ୟ ସଭା ଆସନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ। ସେତେବେଳେ ଦଳର ବହୁ ଯୋଗ୍ୟ ବ୍ୟକ୍ତିଙ୍କୁ ଅଣଦେଖା କରି ଅଶ୍ୱିନୀ ବୈଷ୍ଣବଙ୍କୁ କାହିଁକି ପଠାଇଲେ?***

▸ରାଜ୍ୟରେ ଅଶ୍ୱିନୀ ଜିଲାପାଳ ଥିଲେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସେବା ସେ ନିଃସ୍ୱାର୍ଥପର ଭାବେ କରିଥିଲେ। ଏଥିପାଇଁ ବୋଧହୁଏ ତାଙ୍କୁ ଦଳ ତରଫରୁ ରାଜ୍ୟ ସଭା ପଠାଯାଇଥିବ ବୋଲି ଭାବୁଛି।

*–ସାକ୍ଷାତ୍: ସୁନୀତ୍ ମିଶ୍ର*


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସୋରଡା

ପତ୍ର ସଂଖ୍ୟା.୨୨୦୮ ତାରିଖ.୧୫।୦୭।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର ପତ୍ର ସଂଖ୍ୟା.୫୭୯୦ ତା.୨୭।୦୫।୨୦୧୯ଙ୍କ ନିର୍ଦ୍ଦେଶ କ୍ରମେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ୨୦୧୮-୧୯ ଆର୍ଥିକ ବର୍ଷରେ ୧ ଅପ୍ରେଲ୍ ୨୦୧୮ଠାରୁ ୩୧ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମୀ ନିଯୁକ୍ତି ଯୋଜନା ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପଗୁଡିକର ଶତପ୍ରତିଶତ ମଷ୍ଟର ରୋଲ ଯାଞ୍ଚ, କାର୍ଯ୍ୟସ୍ଥଳ ପରିଦର୍ଶନ ଓ ଯାଞ୍ଚ ଏବଂ NSAPର ସାମାଜିକ ସମୀକ୍ଷା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ସାମାଜିକ ସମୀକ୍ଷା OSSAAT ତତ୍ତ୍ୱାବଧାନରେ BSA ଏବଂ VRPSଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦିବା ୧୧ଘଣ୍ଟା ସମୟରେ ଗ୍ରାମସଭା ଅନୁଷ୍ଠିତ ହେବ। ସରପଞ୍ଚ ମହାଶୟ/ମହାଶୟାମାନେ ଉକ୍ତ କାର୍ଯ୍ୟସୂଚୀ ସମ୍ବନ୍ଧରେ ବିଜ୍ଞାପନ ଓ ଧେଣ୍ଡୁରା ମାଧ୍ୟମରେ ବହୁଳ ଭାବେ ପ୍ରଚାର କରିବା ପାଇଁ ଅନୁରୋଧ କରାଗଲା। ଏହି ସଭାରେ ପୁନର୍ବାର ଅବଗତି କରାଯାଉଛି ଯେ, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛା ସେବୀ ଅନୁଷ୍ଠାନର ସଦସ୍ୟ/ସଦସ୍ୟା, ପଞ୍ଚାୟତି ରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି, ଜନସାଧାରଣ, ମେଟ, କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ସରପଞ୍ଚ, ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ଦରକାରୀ ରେକର୍ଡ ଉପସ୍ଥାପିତ କରାଇବେ।

| କ୍ର. ନଂ. | ଗ୍ରାମପଞ୍ଚାୟତ | ସାମାଜିକ ସମୀକ୍ଷା NSAP (ନଥିପତ୍ର ଓ କ୍ଷେତ୍ର ଯାଞ୍ଚ) | ସାମାଜିକ ସମୀକ୍ଷା MGNREGS (ନଥିପତ୍ର ଓ କ୍ଷେତ୍ର ଯାଞ୍ଚ) | ଗ୍ରାମ ପଞ୍ଚାୟତ ଜନ ଶୁଣାଣି/ ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ନୋଡାଲ ଅଧିକାରୀଙ୍କ ନାମ |
|---|---|---|---|---|---|
| ୧ | ବଡଗୋଛା,ମେରିକୋଟ,ବୋରଦା, ଗୌଡଗୋଠ,ଏକଲପୁର,ଗାଙ୍ଗପୁର | ୧୫।୦୭।୨୦୧୯ ଠାରୁ ୧୮।୦୭।୨୦୧୯ | ୧୯।୦୭।୨୦୧୯ ଠାରୁ ୨୮।୦୭।୨୦୧୯ | ୨୯।୦୭।୨୦୧୯ | BPM, WEO, AE, GPTA, GPEO, BSA |
| ୨ | ଗାଜଲବାଡି, ଗୋଛା, ଭଗବାନପୁର, ଅସୁରବନ୍ଧ, ବଡବଦାଙ୍ଗୀ | ୩୦।୦୭।୨୦୧୯ ଠାରୁ ୦୨।୦୮।୨୦୧୯ | ୦୩।୦୮।୨୦୧୯ ଠାରୁ ୧୨।୦୮।୨୦୧୯ | ୧୫।୦୮।୨୦୧୯ | APO, WEO, AE, GPEO, BSA |
| ୩ | ହିଞ୍ଜଳକୁଦା, କୁଲାଙ୍ଗୀ, ଲାଠିପଡା, ପାଲକାଟୁ, ଗୋପାଳପୁରଶାସନ | ୧୬।୦୮।୨୦୧୯ ଠାରୁ ୧୯।୦୮।୨୦୧୯ | ୨୦।୦୮।୨୦୧୯ ଠାରୁ ୨୯।୦୮।୨୦୧୯ | ୩୦।୦୮।୨୦୧୯ | APO, WEO, AE, GPEO, BSA |
| ୪ | ଗେଞ୍ଜା, ବୋରସିଙ୍ଗୀ, ହୁକୁମା, ଅମୃତୁଲୁ, ରାଇବନ୍ଧ | ୦୪।୦୯।୨୦୧୯ ଠାରୁ ୦୭।୦୯।୨୦୧୯ | ୦୮।୦୯।୨୦୧୯ ଠାରୁ ୧୭।୦୯।୨୦୧୯ | ୧୮।୦୯।୨୦୧୯ | APO, WEO, AE, GPEO, BSA |
| ୫ | ସିଦ୍ଧପୁର, ସରାବାଡି, ବଡଗଡ, ନୂଆଗଡ, ସୁରମଣି | ୨୦।୦୯।୨୦୧୯ ଠାରୁ ୨୩।୦୯।୨୦୧୯ | ୨୪।୦୯।୨୦୧୯ ଠାରୁ ୦୩।୧୦।୨୦୧୯ | ୦୪।୧୦।୨୦୧୯ | APO, WEO, AE, GPEO, BSA |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୋରଡା, ପଞ୍ଚାୟତ ସମିତି



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗଞ୍ଜାମ

ପତ୍ର ସଂଖ୍ୟା: ୧୬୩୧ ତାରିଖ: ୧୨.୦୭.୨୦୧୯

ଏତଦ୍ୱାରା ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଉଅଛି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅଧିନରେ ୨୦୧୮-୧୯ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି, ଶାଖା ବିଭାଗ ଏବଂ ସମସ୍ତ ଗ୍ରାମ ପଞ୍ଚାୟତମାନଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପ୍ରକଳ୍ପ ନିମିତ୍ତ ବ୍ୟବହୃତ ମଷ୍ଟର୍ ରୋଲ ଓ NSAPର ଶତ ପ୍ରତିଶତ ତନଖି ତଥା ସାମାଜିକ ସମୀକ୍ଷା (Social Audit) ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଆଲୋଚ୍ୟ ବିଷୟ ସହିତ ପ୍ରକଳ୍ପ ଗୁଡିକରେ ବ୍ୟବହୃତ ମଷ୍ଟର ରୋଲ ଗୁଡିକ ନିମ୍ନ ଦର୍ଶିତ କାର୍ଯ୍ୟସୂଚୀ ଅନୁଯାୟୀ OSSAT ତତ୍ତ୍ୱାବଧାନରେ BSA ଏବଂ VRPଙ୍କ ଦ୍ୱାରା ସୁକ୍ଷ୍ମାତିସୁକ୍ଷ୍ମ ଯାଞ୍ଚ ଓ ସମୀକ୍ଷା କରାଯିବ। ଏଣୁ ଉପରୋକ୍ତ କାର୍ଯ୍ୟକ୍ରମରେ ସଂପୃକ୍ତ ଗ୍ରାମ ପଞ୍ଚାୟତର ସର୍ବସାଧାରଣ, ପଞ୍ଚାୟତିରାଜ ଅନୁଷ୍ଠାନର ସମସ୍ତ ସଭ୍ୟ/ ସଭ୍ୟା (ପି. ଆର୍. ଆଇ ମେମ୍ବର) ତଥା ପଞ୍ଜିକୃତ ଅଣକୁଶଳୀ ଶ୍ରମିକ ମାନଙ୍କୁ ଅନୁରୋଧ କରାଗଲା ଯେ ନିଜର କାର୍ଯ୍ୟପତ୍ର (Job Card) ସହ ନିର୍ଦ୍ଧାରିତ ସ୍ଥାନ ଓ ସମୟରେ [illegible]

ସାମାଜିକ ସମୀକ୍ଷା ଅଧିବେଶନ କାର୍ଯ୍ୟସୂଚୀ

[illegible]

ସ୍ୱା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗଞ୍ଜାମ



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଇଁନ୍ତଳା

ସଂଖ୍ୟା.୧୩୨୩ ତା.୧୧।୦୭।୧୯

ଏତଦ୍ୱାରା ପଞ୍ଚାୟତ ସମିତି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଓଡ଼ିଶା ସରକାରଙ୍କ Odisha Society for Social Audit Accountability and Transparency ପତ୍ର ସଂଖ୍ୟା.୧୬୧/OS ତା.୨୨।୦୬।୨୦୧୯ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ବଲାଙ୍ଗୀରଙ୍କ ପତ୍ର ସଂଖ୍ୟା.୨୦୪୧ / ତା-୨୭।୦୬।୨୦୧୯ (ସଂଲଗ୍ନ କରାଗଲା) ଅନୁଯାୟୀ ସଇଁନ୍ତଳା ପଞ୍ଚାୟତ ସମିତିର ସମସ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଏମଜିଏନ୍‌ଆର୍‌ଇଜିଏ ମାଧ୍ୟମରେ ତା.୦୧।୦୪।୨୦୧୮ରୁ ୩୧।୦୩।୨୦୧୯ ମଧ୍ୟରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଲାଇନ ଡିପାର୍ଟମେଣ୍ଟ ମାଧ୍ୟମରେ ସମ୍ପାଦିତ ହୋଇଥିବା ସମସ୍ତ ପ୍ରକଳ୍ପ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP)ର ସାମାଜିକ ସମୀକ୍ଷା ତା.୧୬।୦୭।୨୦୧୯ରୁ ତା.୨୩।୦୯।୨୦୧୯ ମଧ୍ୟରେ ଓ ଜନଶୁଣାଣି କାର୍ଯ୍ୟକ୍ରମ ତା.୨୧।୧୦।୨୦୧୯ ଦିନ ବ୍ଲକ୍ କାର୍ଯ୍ୟାଳୟରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ।

| କ୍ର. ସଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା ତାରିଖ ଓ ସମୟ | ଜନଶୁଣାଣି ତାରିଖ |
|---|---|---|---|---|
| ୧ | ଡୁଙ୍ଗୁରିପାଲି, ଆମ୍ବପାଲି, କଅଁସର, ଘୁନସର, ଶିଶକେଲା, ବେଲଗାଁ, ଭଦ୍ରା | ୧୬।୦୭।୨୦୧୯ ରୁ ୨୯।୦୭।୨୦୧୯ | ୩୧।୦୭।୨୦୧୯ ପୂର୍ବାହ୍ନ ୧୦.୦୦ଘଣ୍ଟା ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ | ତା ୨୧।୧୦।୨୦୧୯ ପୂର୍ବାହ୍ନ ୧୦.୦୦ଘଣ୍ଟା ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟ |
| ୨ | ବିବିନା, କୁଇକେଡା, ଗଣ୍ଡପତ୍ରାପାଲି, ଧରପଗଡ, କନ୍ଧକେଲଗାଁ, ସଇଁନ୍ତଳା | ୦୨।୦୭।୨୦୧୯ ରୁ ୧୭।୦୮।୨୦୧୯ | ୨୦।୦୮।୨୦୧୯ ପୂର୍ବାହ୍ନ ୧୦.୦୦ଘଣ୍ଟା ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ | |
| ୩ | ବୁଢାବାହାଲ, କେରମେଲି, ତାଲବାହାଲ, କୁମ୍ଭାରୀ, ଡେଙ୍ଗ | ୨୧।୦୮।୨୦୧୯ ରୁ ୦୫।୦୯।୨୦୧୯ | ୦୬।୦୯।୨୦୧୯ ପୂର୍ବାହ୍ନ ୧୦.୦୦ଘଣ୍ଟା ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ | |
| ୪ | କରମତଲା, ଝିଙ୍କିଡୁଙ୍ଗୁରି, ଟିକ୍ରାପଡା, ଯୁରାବନ୍ଧ | ୦୭।୦୯।୨୦୧୯ ରୁ ୨୦।୦୯।୨୦୧୯ | ୨୩।୦୯।୨୦୧୯ ପୂର୍ବାହ୍ନ ୧୦.୦୦ଘଣ୍ଟା ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟରେ | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସଇଁନ୍ତଳା



## OFFICE OF THE MUNICIPAL COUNCIL, NAYAGARH

No.2569 Dt: 15.07.2019

1st CORRIGENDUM NOTICE
To Tender Call Notice No.2488, Dt: 05.07.2019
E-Procurement Notice No.MUNLNGR-1/2019-20

Due to some un-avoidable circumstances, the development work mentioned against at Sl No.1 published in E-Procurement Notice No.MUNLNGR-1/2019-20 is hereby cancelled. All other works along with the terms & conditions remain unaltered.

| Sl. No. | Name of work | Value of work (appr.) in Rs. |
|---|---|---|
| 1 | 2 | 3 |
| 1 | Construction of RCC Drain with Cover Slab from Chandan Kumar Sahu House to Jitu Pradhan House in ward No.1 of Ratanpur Area | 4,34,000.00 |

Sd./- Executive Officer
Nayagarh Municipality



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଟିଟିଲାଗଡ

ପତ୍ର ସଂଖ୍ୟା: ୧୦୩୪ // ତା: ୦୬.୦୭.୨୦୧୯

ଲେଖି ଜଣାଇବାର କାରଣ ଏମନ୍ତ କିଯେ, ଟିଟିଲାଗଡ ବ୍ଲକ ଅନ୍ତର୍ଗତ ସମସ୍ତ ୨୪ ଗୋଟି ଗ୍ରାମ ପଂଚାୟତରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା.. ୧୬.୦୭.୨୦୧୯ ଠାରୁ ତା. ୨୩.୦୯.୨୦୧୯ ଯାଏ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକର "ସାମାଜିକ ସମୀକ୍ଷା ଗ୍ରାମସଭା" (୧ ଏପ୍ରିଲ ୨୦୧୮ ଠାରୁ ୩୧ ମାର୍ଚ୍ଚ ୨୦୧୯) ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଂଚାୟତରେ ଗ୍ରାମ ଗୁଡିକରେ ସକାଳ ୯ ଘଟିକା ଠାରୁ ଆରମ୍ଭ ହେବ। ତେଣୁ ଆପଣମାନଙ୍କ ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ ସହିତ ସର୍ବସାଧାରଣ ନାଗରିକ, କୁଶଳୀ, ଅର୍ଦ୍ଧ କୁଶଳୀ ଓ ଅଣ କୁଶଳୀ, ସେଚ୍ଛାସେବୀ ସଂଗଠନର ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ ର ସଭ୍ୟା ଆଦିଙ୍କୁ ବନ୍ଧୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜ ନିଜ ଗ୍ରାମ ପଂଚାୟତରେ ଉପସ୍ଥିତ ରହିବାକୁ ଆପଣଙ୍କ ଜରିଆରେ ନିବେଦନ କରାଯାଉ ଅଛି।

ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ

[illegible]

ଗୋଷ୍ଠୀ ଉନ୍ନୟନ ଅଧିକାରୀ
ଟିଟିଲାଗଡ



## BERHAMPUR MUNICIPAL CORPORATION, BERHAMPUR

No. 8442 Date: 12.07.19

**TENDER CALL NOTICE**

**No. 58-C:-** Berhampur Municipal Corporation (BeMC) invites quotations from Individual, Sole proprietorship concern, Partnership Firm, Registered Society/ Registered Co-operative Society, Public Limited Company or a Private Limited Company for supply of Iron Gabions Tree Guard for the plantation by BeMC. For more information visit www.berhampur.gov.in. The last date of submission of quotation is 20.07.19, Time 5PM by hand or registered post. Date of opening of the Bid 22.07.19 at 11.00AM.

*Sd./- Commissioner, BeMC*

13035/11/0018/1920



## TDCCOL
## TRIBAL DEVELOPMENT CO-OPERATIVE CORPORATION OF ORISSA LTD.

Tel: 0674-2542475/ 2542617, Fax: 2544828,
Email: admin@tdccorissa.org,
Website: www.tdccodisha.org

**Notice No. 1581, Dated 15.07.2019**

**Tender Call Notice for supply of Printed Non-Woven Bags, Glass Bottles, Bags, Plastic Bottles, Cartoon Boxes for packaging of Minor Forest Produce & Surplus Agriculture Produce and Framing of Handicraft items**

**No.CAD-192:-** Sealed Tender(s) are invited from only registered dealers/ manufacturers/ authorized suppliers for supply of Carry Bags, paper sticker for product branding, Cartoon Boxes for packaging of Minor Forest Produce & Surplus Agriculture Produce and Framing of Handicraft items to be supplied to TDCCOL HO. The detail terms and conditions can be downloaded from the official website- **www.tdccodisha.org.** The last date and time of receipt of tender documents is up to **2.00 PM on 26.07.2019**.

26005/11/0004/1920 **Sd./- Managing Director**



## OFFICE OF THE ANGUL MUNICIPALITY, ANGUL

No.55-C

**GOVERNMENT OF ODISHA**
**e-Procurement Notice, Angul Municipality office, Angul**
**Bid Identification No.- EO/AGLM-01 OF 2019-20**
**e-mail ID- angulmunicipality@gmail.com**

**No.3779 Date:09.07.2019**

| | | | |
|---|---|---|---|
| 1. | Number of works | : | 1 (One) number of Drain work |
| 2. | Approximate estimated cost (put to tender) | : | Rs. 78.766 Lakhs |
| 3. | Period of completion | : | 6 (Six) calendar months |
| 4. | Date & Time of availability of bid document in the portal | : | Dt. 12.07.2019 at 10.00 A.M. |
| 5. | Last date / Time for receipt of bid in the portal | : | Dt. 26.07.2019 up to 5.00 P.M. |
| 6. | Date of opening (Technical Bid) | : | Dt. 31.07.2019 at 11.00 A.M. |
| 7. | Name and address of the Office Inviting Bid | : | Executive Officer, Angul Municipality, Angul |
| 8. | The bidders have to participate in ONLINE bidding only. Further details can be seen from the e-procurement portal **https:/tendersodisha.gov.in** | | |

**Sd./-S.K.Jena**
**Executive Officer**
**Angul Municipality**

13085/11/0001/1920



## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ୍ ୨୦୧୯-୨୦), ଅନୁଗୁଳ

ଚଳିତ ଖରିଫ୍ ଋତୁରେ ଅନୁଗୁଳ ଜିଲ୍ଲାରେ ୬ଗୋଟି ଫସଲ ଯଥା ଧାନ ଓ ମକା (ସମସ୍ତ ବ୍ଲକ୍), ହରଡ଼ (ତାଳଚେର ବ୍ୟତୀତ ସମସ୍ତ ବ୍ଲକ୍), ଚିନାବାଦାମ (କଣିହାଁ, ପାଲଲହଡ଼ା, ତାଳଚେର ବ୍ୟତୀତ ସମସ୍ତ ବ୍ଲକ୍), ଅଦା (କେବଳ ଛେଣ୍ଡିପଦା), ହଳଦୀ (କେବଳ ଛେଣ୍ଡିପଦା) ବୀମା ପାଇଁ ନିର୍ଦ୍ଧାରିତ ହୋଇଛି। ଏହି ଯୋଜନାରେ ବୀମାରାଶି ଦାଖଲ କରିବାର ଶେଷ ତାରିଖ ତା୩୧।୦୭।୨୦୧୯ରିଖ। ତେଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ନିଜ ନିଜର ଫସଲ ପାଇଁ ନିମ୍ନଲିଖିତମତେ ବୀମା ପ୍ରିମିୟମ ଦାଖଲ କରି ଫସଲକୁ ବୀମାଭୁକ୍ତ କରି ଲାଭବାନ ହୁଅନ୍ତୁ। ଏଥିପାଇଁ ନିକଟସ୍ଥ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ବ୍ୟାଙ୍କ, ସମ୍ପାଦକ- ପ୍ରାଥମିକ କୃଷି ସେବା ସମବାୟ ସମିତି, ଜନସେବା କେନ୍ଦ୍ର, ବୀମା କମ୍ପାନୀ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ। ରିଲାଏନ୍ସ ଜି.ଆଇ.ସି. ଲିମିଟେଡ୍ କମ୍ପାନୀକୁ ଅନୁଗୁଳ ଜିଲ୍ଲା ପାଇଁ ମନୋନୀତ କରାଯାଇଅଛି।

**ଅଧିକ ବିବରଣୀ ପାଇଁ ନିକଟସ୍ଥ କୃଷି ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।**

| ନିର୍ଦ୍ଧାରିତ ଫସଲ | ହେକ୍ଟର ପିଛା ବୀମା ପରିମାଣ | ନିର୍ଦ୍ଧାରିତ ବୀମା ପ୍ରିମିୟମ ଦର (%) | ଚାଷୀଙ୍କ ଦେୟ ହେକ୍ଟର ପିଛା ପ୍ରିମିୟମ | ନିର୍ଦ୍ଧାରିତ ବ୍ଲକ୍ |
|---|---|---|---|---|
| ଧାନ | ୬୦୧୨୫ | ୨% | ଟ.୧୨୦୩/- | ସମସ୍ତ ବ୍ଲକ୍ |
| ମକା | ୫୫୨୫୦ | ୨% | ଟ.୧୧୦୫/- | ସମସ୍ତ ବ୍ଲକ୍ |
| ହରଡ଼ | ୨୯୭୫୦ | ୧.୨% | ଟ.୩୫୭/- | ତାଳଚେର ବ୍ୟତୀତ ସମସ୍ତ ବ୍ଲକ୍ |
| ଚିନାବାଦାମ | ୬୫୬୨୫ | ୧.୨% | ଟ.୭୮୮/- | କଣିହାଁ, ପାଲଲହଡ଼ା, ତାଳଚେର ବ୍ୟତୀତ ସମସ୍ତ ବ୍ଲକ୍ |
| ଅଦା | ୧୧୮୭୫୦ | ୧.୫% | ଟ.୧୭୮୧/- | କେବଳ ଛେଣ୍ଡିପଦା |
| ହଳଦୀ | ୧୦୮୭୫୦ | ୪% | ଟ.୪୩୫୦/- | କେବଳ ଛେଣ୍ଡିପଦା |

**ଉପ କୃଷି ନିର୍ଦ୍ଦେଶକ, ଅନୁଗୁଳ**



## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE EXECUTIVE ENGINEER, MAIN DAM DIVISION, BURLA

**Government of Orissa"e" Procurement Notice**
**Bid Identification No.MDD-e-01/2019-20 (Online)**
**Email:- ee_mddburla@rediffmail.com**

No. 6231 /Date:- 12.07.2019

No. 138-A

| | | | |
|---|---|---|---|
| 1. | No. of work | : | 19 nos. |
| 2. | Estimated cost | : | Rs.1.28 to 31.74 lakhs |
| 3. | Period of completion | : | 1 month to 6 months. |
| 4. | Date & Time of available of bid document in the Portal. | : | **20.07.2019 at 10 A.M.** |
| 5. | Last date/Time for receipt of bids in the portal | : | **29.07.2019 up to 05.00 P.M.** |
| 6. | Date of opening of bid | : | **30.07.2019 at 11.00 A.M.** |
| 7. | Name & Address of the Officer inviting bid | : | Executive Engineer, Main Dam Division, Burla, At/PO- Burla, Dist-Sambalpur, Odisha, Email:- ee_mddburla@rediffmail.com |

Further details, any corrigendum or addendum can be seen from the e-procurement portal http://tendersorissa.gov.in

Executive Engineer,
Main Dam Division, Burla

32017/11/0001/1920



133-A

**Govt. Of Odisha**
**DEPARTMENT OF WATER RESOURCES**
Office of the Executive Engineer, Upper Kolab Head Works Division,
At/Po: Kolabnagar, Dist.: Koraput
E-Procurement Notice: EE-UKHWD-02/2019-20 Dated 06.7.2019

| | | |
|---|---|---|
| 1. | No of work- | 10(Ten) |
| 2. | Type of work | Civil works . |
| 3. | Value of work: | Varies from Rs. 4,45,857/- To 14,61,271/- |
| 4. | Class of contractor ' | 'D' & 'C' , |
| 5. | Period of completion | three Calendar months to Four calendar months |
| 6. | Date &Time of availability Of Bid documents on line | 15.7.2019 10.00 AM to 26.7.2019upto05.00PM |
| 7. | Date &Place of opening of Bid on line | 31.7.2019 (11.30 AM) At Office of Executive Engineer, U.K.Head Works Division, Kolabnagar, Koraput, Odisha |
| 8. | Name of the officer inviting Bids | ExecutiveEngineer,U.K.H.W Division, Kolabnagar,Dist:Koraput ODISHA. |

Further details can be seen in the Govt. of Odisha e-procurement Web Site http:// www. tenders orissa. gov.in /

Sd/-
Executive Engineer
U.K.Head Works Division,
Kolabnagar(KPT.)

32015/11/0004/1920



## OFFICE OF THE EXECUTIVE ENGINEER
## RURAL WORKS DIVISION No-II, KEONJHAR

**"e" Procurement Notice for Road & Building Works**
**Identification No Online NCB - 01/2019-20.**

183-O

| | | |
|---|---|---|
| 1. Name of the Work | : | 15 Nos. Building Work, 1 No. Road Work |
| 2. Total Number of Work | : | 16 Nos. |
| 3. Estimated Cost | : | Rs. 7.44 Lakhs to 52.77 Lakhs |
| 4. Class of Contractor | : | "C", "B" & "A" |
| 5. Period of Completion | : | 6 (Six) Calendar Months Sl. No. 1 to 16. |
| 6. Other Details | : | |

| Procurement Officer | Bid Identification No | Availability of Tender on line for bidding | | Date & Time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer R.W.Divn.No-II, Keonjhar | Road & Building Works Online N.C.B 01 / 2019-20 | Dt. 19.07.19 at 11.00 AM | Dt. 31.07.19 up to 3.00 PM | Dt. 03.08.19 at 11.00 A.M |

Further details can be seen from the Website www.tenderorissa.gov.in

Sd/-
Executive Engineer
R.W.Divn.No-II, Keonjhar

25093/11/0001/1920



## ନିରୁଦ୍ଦିଷ୍ଟଙ୍କ ସମ୍ବନ୍ଧରେ

**ସୂଚନା:** ସହିଦନଗର ଥାନା ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ କ୍ରମିକ ସଂଖ୍ୟା-୩୯, ତା୨୮।୦୬।୨୦୧୯

**ବିଜ୍ଞାପନ**

**No. 63-D:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଗତ ତା୨୮।୦୬।୨୦୧୯ରିଖରେ ଦେବାଶିଷ ପଣ୍ଡା (୩୨ ବର୍ଷ), ପି: ରବୀନ୍ଦ୍ର ପଣ୍ଡା, ସା- ପ୍ଲଟ୍ ନମ୍ବର ୯୪୭/୯୪୮, ନିଗମାନନ୍ଦ ନଗର, ଲେନ୍-୨, ବୋମିଖାଲ/କେନାଲ ରୋଡ୍, ପୋଷ୍ଟ- ରସୁଲଗଡ଼, ଭୁବନେଶ୍ୱର (ନିରୁଦ୍ଦିଷ୍ଟଙ୍କର ବିସ୍ତୃତ ପରିଚୟ ବିବରଣୀ ନିମ୍ନରେ ଦିଆଗଲା) ଅଞ୍ଚଳରୁ ନିଖୋଜ ହୋଇଯାଇଛନ୍ତି। ଏ ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରୁନାହିଁ। ଯଦି କୌଣସି ସହୃଦୟ ବ୍ୟକ୍ତି ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ ପାଆନ୍ତି, ତେବେ ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ନିରୁଦ୍ଦିଷ୍ଟଙ୍କ ସମ୍ବନ୍ଧରେ ସଠିକ୍ ସୂଚନା ପ୍ରଦାନକାରୀଙ୍କୁ ୨ହଜାର ଟଙ୍କା ପୁରସ୍କାର ରାଶି ଉପଆୟୁକ୍ତ (ଡି.ସି.ପି.), ଭୁବନେଶ୍ୱରଙ୍କ ତରଫରୁ ପ୍ରଦାନ କରାଯିବ।

**ନିରୁଦ୍ଦିଷ୍ଟ ପିଲାର ସବିଶେଷ ବିବରଣୀ**



SAHEED NAGAR PS MAN MISSING
No- 39/2019
DEBASIS PANDA- AGE- 32 YEAR
CON.06742541064,9437436075

| | | |
|---|---|---|
| ନାମ | : | ଦେବାଶିଷ ପଣ୍ଡା |
| ବୟସ | : | ୩୨ ବର୍ଷ |
| ବର୍ଣ୍ଣ | : | ଗୋରା |
| ସ୍ୱାସ୍ଥ୍ୟ | : | ମଧ୍ୟମ |
| ଉଚ୍ଚତା | : | ୫ ଫୁଟ୍, ୮ ଇଞ୍ଚ |
| ଭାଷା | : | ଓଡ଼ିଆ |
| ପିନ୍ଧିଥିବା ପୋଷାକ | : | ମେରୁନ୍ ରଙ୍ଗ ବରମୁଣ୍ଡା ହାଫ୍ ପ୍ୟାଣ୍ଟ, ଗୋଲାପି ରଙ୍ଗର ଗଞ୍ଜି |

| | | |
|---|---|---|
| ଡି.ସି.ପି., ଭୁବନେଶ୍ୱରଙ୍କ ଫୋନ୍ ନମ୍ବର | : | ୦୬୭୪-୨୫୪୦୫୫୫ |
| ସହିଦନଗର ଥାନା ଫୋନ୍ ନମ୍ବର | : | ୦୬୭୪-୨୫୪୧୦୬୪ |
| ସହିଦନଗର ଥାନା ଅଧିକାରୀ ଫୋନ୍ ନମ୍ବର | : | ୯୪୩୭୪୩୬୦୭୫ |

12015/11/0006/1920

ଧରିତ୍ରୀ
DHARITRI
ମଙ୍ଗଳବାର, ୧୬ ଜୁଲାଇ , ୨୦୧୯



ସୌନ୍ଦର୍ଯ୍ୟ

# ବର୍ଷାଦିନରେ କେଶର ଯତ୍ନ



**ବର୍ଷାଦିନରେ ବଢୁଥିବା କେଶ ସମସ୍ୟା ଚିନ୍ତାର କାରଣ ହୋଇପାରେ। ଏଥିଲାଗି ଆପଣଙ୍କୁ କେତୋଟି ଉପାୟ ଦିଆଯାଉଛି ଯାହାକୁ ଆପଣାଇ ହେବେ ଟେନସନ୍ ଫ୍ରି । ଜାଣନ୍ତୁ ଏ ସମ୍ପର୍କରେ ...**

- ମନ୍ସୁନ୍‌ରେ ସ୍କାଲ୍ପକୁ ଡ୍ରାଏ ରଖନ୍ତୁ ।
- ଯଦି ବର୍ଷାରେ କେଶ ଓଦା ହୋଇଯାଇଛି ତେବେ ତାକୁ ଶୁଖାଇ ଦିଅନ୍ତୁ। ଓଦା କେଶକୁ ବାନ୍ଧନ୍ତୁ ନାହିଁ। ଏହାଦ୍ୱାରା ଫଙ୍ଗାଲ ଇନ୍‌ଫେକ୍‌ସନ୍ ହେବାର ଆଶଙ୍କା ରହିଛି।
- ଭଲ ହେବ ଯଦି କେଶ ଓଦା ହୋଇଛି ତେବେ କେଶକୁ ନଖ ଉଷୁମ ପାଣିରେ ଧୋଇ ଦିଅନ୍ତୁ। କାହିଁକି ନା ବର୍ଷାପାଣିରେ ଏସିଡିକ୍ ଥାଏ। ଯାହା କେଶକୁ ଖରାପ୍ କରିପାରେ।
- ସପ୍ତାହରେ ଦୁଇ ତିନିଥର ନିଶ୍ଚିତ ମୁଣ୍ଡ ଧୁଅନ୍ତୁ।
- ମୁଣ୍ଡ ସଫା କରିବା ପୂର୍ବରୁ ତେଲ ନିଶ୍ଚିତ ଭାବେ ଲଗାନ୍ତୁ।
- ନଖ ଉଷୁମ ତେଲରେ ମୁଣ୍ଡକୁ ମସାଜ୍ କରନ୍ତୁ।
- କେଶକୁ ନାଚୁରାଲ ଉପାୟରେ ଶୁଖାଇବାକୁ ଚେଷ୍ଟା କରନ୍ତୁ। ହେୟାର ଡ୍ରାୟର ବ୍ୟବହାର କରନ୍ତୁ ନାହିଁ।
- ଅଧିକ କେମିକାଲ ଯୁକ୍ତ ପ୍ରଡକ୍ଟ ବ୍ୟବହାର କରନ୍ତୁ ନାହିଁ।
- ଓଦା କେଶକୁ କୁଣ୍ଡାନ୍ତୁ ନାହିଁ।
- ବଡ଼ ଦାନ୍ତ ଥିବା ପାନିଆ ବ୍ୟବହାର କରନ୍ତୁ। ଏହାଦ୍ୱାରା କେଶ ଛିଡ଼ିବ ନାହିଁ। ହେୟାର ବ୍ରଶ ସବୁବେଳେ ଭଲ କ୍ୱାଲିଟିର ହେବା ଦରକାର। ମଝିରେ ମଝିରେ ଏହାକୁ ସଫା କରିବାକୁ ଚେଷ୍ଟା କରନ୍ତୁ।
- ବହୁତ ଜୋର୍‌ରେ ରଗଡ଼ି ରଗଡ଼ି କେଶକୁ ପୋଛନ୍ତୁ ନାହିଁ।
- ହେୟାର ଷ୍ଟାଇଲ୍ ସିମ୍ପଲ ଓ ଶର୍ଟ ରଖନ୍ତୁ।
- ଭିଟାମିନ୍ ଇ ଯୁକ୍ତ ଖାଦ୍ୟ ଖାଆନ୍ତୁ।



## କିପରି ହେବ ବର୍ଷାଦିନର ପରିଧାନ

ବର୍ଷାଦିନ ଆରମ୍ଭ ହୋଇଗଲେ ମହିଳାଙ୍କ ଚିନ୍ତା ରହିଥାଏ ଯେ ଏହି ଦିନରେ କ'ଣ ପିନ୍ଧିବେ ଆଉ ପିନ୍ଧିବେନି। ଯଦି ଆପଣ ଏଥିରେ ସାମିଲ ତେବେ ବ୍ୟସ୍ତ ହୁଅନ୍ତୁ ନାହିଁ। କାହିଁକି ନା ଆମେ ଏଠାରେ କେତୋଟି ଟିପ୍ସ ଦେଉଛୁ କ'ଣ ପିନ୍ଧିବେ ଆଉ ପିନ୍ଧିବେନି। ଜାଣନ୍ତୁ ସେ ସମ୍ପର୍କରେ....

- ବର୍ଷାଦିନରେ ସବୁବେଳେ ଏମିତି କପଡ଼ା ବ୍ୟବହାର କରନ୍ତୁ ଯାହା ଓଦାହେବା ମାତ୍ରେ ଶୁଖୁ ଯାଉଥିବ।
- ବର୍ଷାଦିନରେ କର୍ଟନ କପଡ଼ା ପିନ୍ଧନ୍ତୁ ନାହିଁ। ଏହା ଜଲ୍‌ଦୀ ଶୁଖି ନଥାଏ।
- ପଲିଷ୍ଟର, କ୍ରେପ୍ସ, ନାଇଲନ୍ ଭଳି କପଡ଼ା ଭିଜିବା ପରେ ଶୀଘ୍ର ଶୁଖିଯାଏ। ଏଥିଲାଗି ଏହାକୁ ବ୍ୟବହାର କରନ୍ତୁ।
- ଜର୍ଜଟ, ଶିଫନ୍ ଓ ଅନ୍ୟ ପାରଦର୍ଶୀ କପଡ଼ା ପିନ୍ଧନ୍ତୁ ନାହିଁ।
- ଯଦି ଆପଣଙ୍କୁ ଲାଗୁଥାଏ ବର୍ଷାରେ ଓଦାହେଲେ ଆପଣଙ୍କ ଅନ୍ତର୍ବସ୍ତ୍ର ଦେଖାଯିବ ତେବେ ଡ୍ରେସ ଭିତରେ ମୋଟା ସ୍ଲିପ୍ ଓ ସ୍ଲାକ୍ସ ପିନ୍ଧନ୍ତୁ।
- ବର୍ଷାଦିନରେ ଲେଦର ଫ୍ୟାଶନେବଲ ଜିନିଷ ବ୍ୟବହାର କରନ୍ତୁ ନାହିଁ।
- ଯଦି ବର୍ଷାଦିନରେ ଭିଜିବାର ଆଶଙ୍କା ରହିଛି ସବୁବେଳେ ଗାଢ଼ା ରଙ୍ଗର ଡ୍ରେସ ପିନ୍ଧନ୍ତୁ ଫଳରେ ଓଦା





ହେଲେ ବି ଅନ୍ତର୍ବସ୍ତ୍ର ଦେଖାଯିବନି।

–ଅଧିକ ପତଳା ଡ୍ରେସ ପିନ୍ଧନ୍ତୁ ନାହିଁ ଏହା ଓଦା ହେବା ମାତ୍ରେ ପୂରା ଶରୀର ଦେଖାଯିବ।

–ବର୍ଷାଦିନରେ ନାଇଲନ୍, ପୋଲୀ କର୍ଟନ ଟିଶର୍ଟ ଓ ଥ୍ରିଫୋର୍ଥ ପ୍ୟାଣ୍ଟ ପିନ୍ଧିବା ସୁବିଧାଜନକ ରହିବ।

–ବର୍ଷାଦିନରେ ଶାଢ଼ି ପିନ୍ଧନ୍ତୁ ନାହିଁ। ଢିଲା ଓ ଆରାମଦାୟକ କପଡ଼ା ପିନ୍ଧନ୍ତୁ।

–ପିରିୟଡ୍ ସମୟରେ ରେନ୍‌କୋର୍ଟ ଯେମିତି ହେଲେ ପିନ୍ଧନ୍ତୁ। ଏହା ଦ୍ୱାରା କପଡ଼ା ଓଦା ହେବନି ଓ ଆପଣଙ୍କୁ ଆରାମ ବି ଲାଗିବ।

# ସ୍ମାର୍ଟ କିଚେନ୍





**ଆଜିକାଲି ସମସ୍ତେ ମଡ୍ୟୁଲାର କିଚେନ୍ ପସନ୍ଦ କରୁଛନ୍ତି। କିଚେନ୍ ମଡ୍ୟୁଲାର ହେବା ସହ ଏହାର ଯତ୍ନନେବା ମଧ୍ୟ ଜରୁରୀ। ଏହାର ସଫାସୁତରା ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ। ସାଧାରଣତଃ କିଚେନ୍ ଅପରିଷ୍କାର ରହିଲେ ଅଧିକ ବ୍ୟାକ୍ଟେରିଆ ଜନ୍ମ ନେଇଥାନ୍ତି । ବିଶେଷ ଭାବରେ ରୋଷେଇ ସମୟରେ ବ୍ୟବହୃତ ହେଉଥିବା ଟାୱେଲ, ଡଷ୍ଟବିନ୍, ଚୁଲା ଓ ସିଙ୍କ ହେଉଛି ସେମାନଙ୍କର ବାସସ୍ଥଳ। କିଚେନ୍‌କୁ କିପରି ସଫାସୁତରା ରଖିବେ ଜାଣନ୍ତୁ ସେ ସମ୍ପର୍କରେ...**

**ଟାଇଲ୍ସ :** ରୋଷେଇ କରିବା ସମୟରେ ଗ୍ୟାସ ଚୁଲାର ପାଖାପାଖି ଟାଇଲ୍ସକୁ ପୋଛି ତୁରନ୍ତ ସଫା କରି ଦିଅନ୍ତୁ। ଯଦି ଏହାକୁ ସଙ୍ଗେ ସଙ୍ଗେ ସଫା କରା ନ ଯାଏ ତେବେ ଏହା ପରେ ସଫା କରିବା ଟିକେ କଷ୍ଟକର ହୋଇପାରେ। ସପ୍ତାହରେ ଦୁଇଥର ସଫା କରିବା ପାଇଁ ବେକିଂ ସୋଡାର ବ୍ୟବହାର କରିପାରିବେ। ପାଖାପାଖି ଅଧବାଲ୍‌ଟି ପାଣିରେ ଅଧା କପ ବେକିଂ ସୋଡା ମିଶାଇ ଦିଅନ୍ତୁ। ଏବେ ଏହାକୁ ସ୍ୱଞ୍ଜରେ ନେଇ କିଚେନ୍‌ର ଟାଇଲ୍ସକୁ ସଫା କରନ୍ତୁ। ପୁଣି ଶୁଖିଲା କପଡ଼ାରେ ପୋଛି ଦିଅନ୍ତୁ। କିଚେନ୍‌କୁ ସଫା କରିବା ଲାଗି ବେକିଂ ସୋଡା ହୋମମେଡ୍ କ୍ଲିନର ପରି କାମ କରିଥାଏ। ଟାଇଲ୍ସକୁ ସଫା କରିବା ପାଇଁ ସିର୍‌କା ମଧ୍ୟ ବ୍ୟବହାର କରି ପାରିବେ। ଦୁଇକପ୍ ସିର୍‌କା ଓ ଦୁଇକପ୍ ପାଣିର ଘୋଳ ପ୍ରସ୍ତୁତ କରନ୍ତୁ। ଏହାକୁ ସ୍ପ୍ରେ ବୋତଲରେ ଭରି ଟାଇଲ୍ସ ଉପରେ ସ୍ପ୍ରେ କରନ୍ତୁ। ଏହାପରେ ମୁଲାୟମ୍ କପଡ଼ା ସାହାଯ୍ୟରେ ସଫା କରନ୍ତୁ।

**ସିଙ୍କ୍:** ସିଙ୍କରେ ସବୁଠୁ ଅଧିକ ବ୍ୟାକ୍ଟେରିଆ ଦେଖାଯାନ୍ତି। ଏଥିପାଇଁ ଏହାକୁ ପ୍ରତିଦିନ ସଫା କରନ୍ତୁ। କିଚେନ୍ ସିଙ୍କ ସଫା କରିବାକୁ ପ୍ରଥମେ ତା' ଭିତରେ ରଖାଯାଇଥିବା ବାସନକୁ କାଢ଼ି ସଫା କରି ଦିଅନ୍ତୁ। ତା'ପରେ ସିଙ୍କରେ ପଡ଼ିଥିବା ଅପରିଷ୍କାର ଜିନିଷକୁ କାଢ଼ି ସଫା କରନ୍ତୁ। ଯଦି ସିଙ୍କରେ ଡ୍ରେନ୍ ଷ୍ଟପରରେ ଲାଗିଥିବା ଅଳିଆକୁ କାଢ଼ି ସଫା କରନ୍ତୁ। କିଚେନ୍‌ର ସିଙ୍କକୁ ଘରୋଇ ଉପାୟରେ ସଫା କରିବାକୁ ହେଲେ ଏକ ଚାମଚ ବେକିଂ ସୋଡ଼ା, ଏକ ଚାମଚ ଲେମ୍ବୁ ରସ ସହିତ ଅଧାକପ୍ ହ୍ୱାଇଟ୍ ଭିନେଗାର ମିଶାନ୍ତୁ। ଏହି ମିଶ୍ରଣକୁ ସିଙ୍କର ଚାରିଆଡ଼େ ପକାଇ ଦିଅନ୍ତୁ। ଏହାକୁ ଦଶ ମିନିଟ୍ ରଖିବା ପରେ ବେସିନ୍ ସଫା ବ୍ରଶ ସାହାଯ୍ୟରେ ସଫା କରନ୍ତୁ। ଏହା ପରେ ପାଣି ଦ୍ୱାରା ସିଙ୍କକୁ ଭଲଭାବେ ସଫା କରନ୍ତୁ। ଏକଥା ବି ଧ୍ୟାନ ରଖନ୍ତୁ ଯେ ସିଙ୍କରେ ସବୁବେଳେ ବାସନ ପଡ଼ି ନ ରହୁ। ପ୍ଲେଟ, ଗ୍ଲାସ, ଗିନା ଅନ୍ୟ ସବୁ ବାସନ ବ୍ୟବହାର କରିବା ପରେ ତୁରନ୍ତ ସଫା କରି ତା' ସ୍ଥାନରେ ରଖି ଦିଅନ୍ତୁ। ଅପରିଷ୍କାର ବାସନ ପଡ଼ିରହିଲେ ତା' ଭିତରେ ଜୀବାଣୁ ଜନ୍ମ ନେଇଥାନ୍ତି ଏଥିଲାଗି ଏହାକୁ ସଫା କରି ରଖିଦିଅନ୍ତୁ।

**କିଚେନ୍ କାନ୍ଥ:** କିଚେନ୍‌ର କାନ୍ଥରେ ଦୁଇ ପ୍ରକାର ଦାଗ ଲାଗିଯାଏ। ଗୋଟିଏ ତେଲ, ହଳଦୀ ଦାଗ ଓ ଆଉଗୋଟେ ବାଙ୍ଗ ପାଣି ଛିଟା ଦାଗ। ଏହାକୁ ସଫା କରିବାକୁ ହେଲେ ବାସନ ମଜା ସାବୁନ୍‌ରେ ଅଳ୍ପ ପାଣିରେ ଡିଟରଜେଣ୍ଟ ମିଶାଇ ଦିଅନ୍ତୁ। ଏବେ ଏକ କପଡ଼ା ନେଇ ସେଇ ପାଣିରେ ବୁଡ଼ାଇ କାନ୍ଥରେ ଘଷନ୍ତୁ। ଦେଖିବେ ଏହିପରି କାନ୍ଥରେ ଲାଗିଥିବା ଦାଗ ତୁରନ୍ତ ସଫା ହୋଇଯିବ।

**ଫ୍ଲୋର :** ଫ୍ଲୋର ସଫା କରିବାକୁ ହେଲେ ପାଣିରେ ବେକିଂ ସୋଡ଼ା ମିଶାଇ ଦିଅନ୍ତୁ ଓ କପଡ଼ା ସାହାଯ୍ୟରେ ସଫା କରନ୍ତୁ। ଯଦି କିଚେନ୍‌ରେ ଫ୍ଲୋର ଉଡେନ୍ ହୋଇଥାଏ ତେବେ ଏକ ବାଲ୍‌ଟି ପାଣିରେ ଧଳା ଭିନେଗାର ମିଶାନ୍ତୁ ଏହାପରେ ଓଦା କପଡ଼ା ସାହାଯ୍ୟରେ ଫ୍ଲୋରକୁ ପୋଛନ୍ତୁ। କିଚେନ୍‌କୁ ପ୍ରତିଦିନ ପୋଛନ୍ତୁ। ପୋଛୁଥିବା ପାଣିରେ ଜୀବାଣୁନାଶକ ଓ ଡିଟରଜେଣ୍ଟ ବ୍ୟବହାର କରିପାରିବେ। ଧ୍ୟାନ ରଖନ୍ତୁ ଯେ ଯେଉଁ କପଡ଼ାରେ ପୋଛୁଛନ୍ତି ତାକୁ ସଫା କରିବାକୁ ଭୁଲନ୍ତୁ ନାହିଁ।

**ଡଷ୍ଟବିନ୍ :** କିଚେନ୍‌ର ଡଷ୍ଟବିନ୍ ସଫା କରିବାକୁ ହେଲେ ଅଧା କପ୍ ପାଣିରେ ସିର୍‌କା ମିଶାଇ ସାରିବା ପରେ ଡଷ୍ଟବିନ୍ ସଫା କରନ୍ତୁ। ଡିସ୍‌ଇନଫେକ୍ଟେଡ୍ ଲିକ୍ୱିଡ୍‌କୁ କ୍ଲିନର ରୂପେ ବ୍ୟବହାର କରିପାରିବେ।

**ଗ୍ୟାସ ଚୁଲା :** ଗ୍ୟାସ୍ ଚୁଲାକୁ ସଫା କରିବାକୁ ହେଲେ ପ୍ରଥମେ ଏଥିରେ ବେକିଂ ସୋଡ଼ା ଓ ଉଷୁମପାଣି ଛିଟା ମାରନ୍ତୁ ୩୦ମିନିଟ୍ ପରେ ସ୍କ୍ରବ ସାହାଯ୍ୟରେ ରଗଡ଼ି ସଫା କଲେ ତେଲର ଛିଟା ଛାଡ଼ିଯିବ। ପରେ ଏହାର ବର୍ଣ୍ଣରରେ ଥିବା ଛୋଟଛୋଟ କଣାକୁ ପିନ୍ ସାହାଯ୍ୟରେ ସଫା କରିପାରିବେ।

**କ୍ୟାବିନେଟ୍:** ଏହାକୁ ସଫା କରିବାକୁ ହେଲେ ଅଳ୍ପ ତେଲରେ ଏକ ଚାମଚ୍ ବେକିଂ ସୋଡ଼ା ମିଶାଇ ଦିଅନ୍ତୁ। ଏହାପରେ ଏକ ସ୍ୱଞ୍ଜ ସାହାଯ୍ୟରେ କ୍ୟାବିନେଟ୍‌କୁ ସଫା କରିବା ସହଜ ହେବ।

**ଏଗ୍‌ଜଷ୍ଟ ଫ୍ୟାନ୍:** ଏଗ୍‌ଜଷ୍ଟ ଫ୍ୟାନ୍‌ରେ ଯଦି ତେଲ ଲାଗିଲା ଏହା ବୁଲିବା ବନ୍ଦ ହୋଇଯାଏ। ଏହାକୁ ସଫା କରିବାକୁ ହେଲେ ଅଳ୍ପ ପାଣିରେ ବେକିଂ ସୋଡ଼ା ମିଶାନ୍ତୁ। ଏବେ ଏହା ସାହାଯ୍ୟରେ ସଫା କରନ୍ତୁ।

**ଫ୍ରିଜ୍ :** ଫ୍ରିଜ୍‌କୁ ବି ମଝିରେ ମଝିରେ ସଫା କରିବା ଜରୁରୀ। ଏହାକୁ ସଫା କରିବାକୁ ହେଲେ କର୍ଟନ ବଲ୍‌ସକୁ ଲେମ୍ବୁ ରସରେ ବୁଡ଼ାନ୍ତୁ ଏବଂ ଏହାକୁ ଫ୍ରିଜ୍‌ରେ କିଛି ସମୟ ରଖନ୍ତୁ। ଫ୍ରିଜ୍‌ରେ ଲାଗିଥିବା ଦାଗ ଦୂର କରିବାକୁ ହେଲେ ଲେମ୍ବୁକୁ ଫାଳ କରି କାଟିଦେଇ ସେଥିରେ ଲୁଣ ଲଗାଇ ଦିଅନ୍ତୁ। ଏହାପରେ ଦାଗ ଲାଗିଥିବା ସ୍ଥାନକୁ ରଗଡ଼ି ସଫା କରନ୍ତୁ ଦେଖିବେ ଦାଗ ଛାଡ଼ି ଯାଇଛି। ଲେମ୍ବୁରେ ସଫା କରିବା କାରଣରୁ ଫ୍ରିଜ୍ ଏତେଟା ଦୁର୍ଗନ୍ଧ ହୋଇ ନ ଥାଏ।

**ସେଲଫ୍ :** ରୋଷେଇ ଘରେ ଜିନିଷ ରଖିବା ଲାଗି ଯେଉଁ ସେଲ୍‌ଫ ବ୍ୟବହାର କରୁଛନ୍ତି ଏହାକୁ ମଝିରେ ମଝିରେ ସଫା କରନ୍ତୁ। ଏଥିପାଇଁ ମଧ୍ୟ ଡିଟରଜେଣ୍ଟ ବ୍ୟବହାର କରି ପାରିବେ। ସେଲଫ୍ ବଦଳରେ ଷ୍ଟେନ୍‌ଲେସ୍ ଷ୍ଟିଲ ର୍ୟାକ୍ ଲଗାଇପାରିବେ । ଏହାକୁ ସଫା କରିବା ସହଜ ହୋଇଥାଏ।

## ଏମାନେ କ'ଣ କହନ୍ତି



ରଶ୍ମି



ସୁଜାତା

### ନିଜେ କିଚେନ୍ ସଫା କରିଥାଏ

*–ରଶ୍ମି ପଟ୍ଟନାୟକ, ସୂର୍ଯ୍ୟନଗର, ଭୁବନେଶ୍ୱର*

ବର୍ଷାଦିନରେ କିଚେନ୍‌କୁ ପିମ୍ପୁଡ଼ିଠାରୁ ଦୂରେଇ ରଖିବାକୁ ଲକ୍ଷ୍ମଣରେଖା ଟାଣେ। କିଚେନ୍‌କୁ ସଫାସୁତରା ରଖିଲେ ଏହା ଆମ ପାଇଁ ଭଲ। କିଚେନ୍‌କୁ ସଫା ମୁଁ ନିଜେ କରିଥାଏ। ମୁଁ ଏତିକି କହିବି ନିଜ କିଚେନ୍‌କୁ ଆମେ ନିଜେ ଯେପରି ସଫା କରିବା ଅନ୍ୟଜଣେ ସେପରି ସଫା କରିବ ନାହିଁ। ଆଉ ଏକ କଥା–କିଚେନ୍‌ରେ ସୁଜି ରଖୁଥିଲେ ଯଦି ସମ୍ଭବ ହେଉଛି ଖରା ଦେଇ ଶୁଖାଇବେ ନ ହେଲେ ଏହାକୁ ଭାଜି ଦେଇ ରଖିବେ। ଚଣା, ବୁଟ ଆଦି ଜିନିଷକୁ ଫ୍ରିଜ୍‌ରେ ରଖିପାରିବେ। ଫ୍ରିଜ୍‌ରେ ରହିଲେ ଏହା ଖରାପ୍ ହୋଇ ନ ଥାଏ।

### କିଚେନ୍‌କୁ ସବୁବେଳେ ହାଇଜେନିକ୍ ରଖିଥାଏ

*–ସୁଜାତା ନାୟକ, ଭାରତୀପୁର, ପିପିଲି, ପୁରୀ*

ବର୍ଷାଦିନରେ ସାଧାରଣତଃ କିଚେନ୍ ଓଦା ଓଦା ଲାଗିଥାଏ। ଏଥିପାଇଁ ପ୍ରତିଦିନ ଫିନାଇଲ ଏବଂ ଡେଟଲ ସାହାଯ୍ୟରେ କିଚେନ୍‌କୁ ସଫା କରନ୍ତୁ। ଖାଦ୍ୟପଦାର୍ଥକୁ ଘୋଡ଼ାଇ ରଖିବା ଦରକାର। ଶସ୍ୟ ଜାତୀୟ ପଦାର୍ଥ ଯେପରି ଡାଲି, ଚାଉଳକୁ ଖରାରେ ଶୁଖାଇବା ଆବଶ୍ୟକ। ବାସନଗୁଡ଼ିକୁ ଭଲଭାବେ ମାଜି ଉଷୁମ ପାଣିରେ ଧୋଇ ଦିଅନ୍ତୁ। କିଚେନ୍‌ରେ ଥିବା ଡବା ଆଦି ସାମଗ୍ରୀକୁ ସୁନ୍ଦରଭାବେ ସଜାଇ ରଖନ୍ତୁ। କିଚେନ୍ ସଫା ରଖିଲେ ଆମେ ବିଭିନ୍ନ ରୋଗଠୁ ଦୂରେଇ ରହିପାରିବା। ସେଥିପାଇଁ ମୁଁ ସବୁବେଳେ କିଚେନ୍‌କୁ ହାଇଜେନିକ୍ ରଖିଥାଏ।





## ପିଲା ଯଦି ଏକୁଟିଆ ଘରେ ଅଛି

–ଘରେ ପିଲା ଏକୁଟିଆ ଥିଲେ ଇଲେକ୍ଟ୍ରିକ୍ ବୋର୍ଡରେ ଟେପ୍ ଲଗାଇ ରଖନ୍ତୁ। ଯଦି ସେ ଘରେ ଏକୁଟିଆ ଅଛି କିଛି ଅସୁବିଧା ନାହିଁ।

–ୱାର୍କିଂ ହୋଇଥିଲେ ପିଲାକୁ ଯଦି ଏକୁଟିଆ ଛାଡୁଛନ୍ତି ରୋଷେଇ କରୁଥିବା ଗ୍ୟାସ୍ ସିଲିଣ୍ଡର ଚାବି ବନ୍ଦ କରି ଦିଅନ୍ତୁ।

–କିଛି ପିଲାଙ୍କ ମନ ଭିତରେ ଡରଥାଏ ତାଙ୍କ ଡରକୁ କମ୍ କରିବାକୁ ହେଲେ ତାଙ୍କୁ କିଛି ସମୟ ଏକୁଟିଆ ଛାଡ଼ନ୍ତୁ। ଆମକୁ ବହୁତ କିଛି କାମ କରିବାର ଅଛି ସେଥିଲାଗି ଏବେଠୁ ପ୍ରସ୍ତୁତ ହେବା ଜରୁରୀ।



–ଘରେ କଇଁଚି, ଛୁରି, ଛୁଞ୍ଚି ଭଳି ଜିନିଷ ପିଲାଠାରୁ ଦୂରରେ ରଖନ୍ତୁ।

–ଘରେ ରଖିଥିବା ପୋଷା ଜୀବଜନ୍ତୁଠୁ ଦୂରରେ ରଖନ୍ତୁ। ପଶୁଙ୍କ ଉପରେ କୌଣସି ଭରସା ନ ଥାଏ। ପୋଷା ଜୀବଙ୍କୁ ଅଲଗା ଗୋଟିଏ ରୁମ୍‌ରେ ବନ୍ଦ କରି ରଖନ୍ତୁ।

–ପିଲା ଯଦି ଏକୁଟିଆ ଘରେ ଅଛି କେମିତି ନିଜକୁ ସୁରକ୍ଷିତ ରଖିବ ସେ ଉପାୟ ତାକୁ ଶିଖାନ୍ତୁ। ଏଥିସହିତ ଘରର ମା'ବାପାଙ୍କ ମୋବାଇଲ୍ ନମ୍ବର ଓ ଏମରଜେନ୍ସି ନମ୍ବର ମନେରଖାନ୍ତୁ।

ଖାଦ୍ୟରୁଚି

## ପଞ୍ଜାବୀ କଡ଼ାଇ ଛୋଲେ



**ଆବଶ୍ୟକ ସାମଗ୍ରୀ:** ୨୫୦ଗ୍ରାମ କାବୁଲିଚଣା, ଏକ ଚାମଚ ଚା' ପତି ଏକ କପଡ଼ାରେ ବନ୍ଧା ହୋଇଥିବା, ଏକ ଚାମଚ ଗୋଟା ଜୀରା, ଗୋଟା ଧନିଆଁ, ଦୁଇଖଣ୍ଡ ଡାଲଚିନି, ଦୁଇଟି ଇଲାଇଚ, ଦୁଇଟି ଲବଙ୍ଗ, ଏକ ଚାମଚ ଡାଳିମ୍ବମଞ୍ଜି, ଏକ ଚାମଚ ଘିଅ, କଟା ହୋଇଥିବା ଅଦା ଏକ ଚାମଚ, କଟା ହୋଇଥିବା ଦୁଇ-ତିନୋଟି କଞ୍ଚାଲଙ୍କା, ସିଝା ହୋଇଥିବା ଗୋଟିଏ ଆଳୁକୁ ଖଣ୍ଡ ଖଣ୍ଡ ଆକାରରେ କାଟନ୍ତୁ, ଏକ ଚାମଚ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ଭିଜା ହୋଇଥିବା ଛୋଲେରେ କପଡ଼ା ବନ୍ଧା ହୋଇଥିବା ଚା ପତି ବାନ୍ଧି ପ୍ରେସର କୁକରରେ ବସାଇ ଦିଅନ୍ତୁ। ଜୀରା, ଧନିଆଁ, ଗୋଲମରିଚ, ଇଲାଇଚ, ଲବଙ୍ଗ, ଡାଳିମ୍ବ ମଞ୍ଜିକୁ ଏକ ସଙ୍ଗେ ଭାଜି ଦିଅନ୍ତୁ। ଏବେ ଛୋଲେ ପେସା ହୋଇଥିବା ମସଲା ପକାନ୍ତୁ। କଡ଼ାଇରେ ଘିଅ ଗରମ କରନ୍ତୁ। ଅଦା, କଞ୍ଚାଲଙ୍କା, ଆଳୁ ପକାଇ ଭଲ ଭାବେ ଘାଣ୍ଟନ୍ତୁ। ଏଥିରେ ଛୋଲେ, ଲୁଣ, ଅଧାକପ ପାଣି ପକାଇ ଫୁଟାନ୍ତୁ।



ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରୋସେସିଂ ବେଳେ ଆଧାର ବ୍ୟବହାରକୁ ବନ୍ଦ କରାଯାଇଛି।
– ନୀତିନ ଗଡକରୀ, କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ



ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ବଡ ସଫଳତା ମିଳିଥିବା ବେଳେ ମୋଟ ହିତାଧିକାରୀଙ୍କ ମଧ୍ୟରୁ ୮୬% ଦ୍ୱିତୀୟ ଥର ରିଫିଲିଂ ପାଇଁ ଆସିଛନ୍ତି।
– ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ

## ସଂକ୍ଷେପରେ

### ୨୩ ମାସର ସର୍ବନିମ୍ନ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୫-୭:** ମୋଦି ସରକାରଙ୍କୁ ମୁଦ୍ରାସ୍ଫୀତି କ୍ଷେତ୍ରରେ ଆଶ୍ୱସ୍ତି ମିଳିଛି। ପାଇକାରୀ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ତଥ୍ୟ ସୋମବାର ଜାରି କରାଯାଇଛି। ଜୁନ୍‌ରେ ମୁଦ୍ରାସ୍ଫୀତି ୨.୦୨ ପ୍ରତିଶତ ରହିଛି। ଗତ ମାସରେ ଏହା ୨.୪୫% ରହିଥିଲା। ଏପରି ଦେଖିଲେ ଗୋଟିଏ ମାସ ମଧ୍ୟରେ ମୁଦ୍ରାସ୍ଫୀତି ହାର ୦.୪୩% ହ୍ରାସ ପାଇଛି। ଜୁନ୍‌ର ତଥ୍ୟ ଗତ ୨୩ ମାସର ସର୍ବନିମ୍ନ ସ୍ତର କୁହାଯାଉଛି। ଏଥିପୂର୍ବରୁ ୨୦୧୭ ଜୁଲାଇରେ ପାଇକାରୀ ମୁଦ୍ରାସ୍ଫୀତି ହାର ୧.୮୮ ପ୍ରତିଶତ ରହିଥିଲା। ସେହିପରି ଏକ ବର୍ଷ ପୂର୍ବର ତଥ୍ୟ ସହ ତୁଳନା କଲେ ଜଣାପଡେ ଯେ, ୨୦୧୮ ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୫.୬୮ ପ୍ରତିଶତ ରହିଥିଲା। ପ୍ରକାଶିତ ତଥ୍ୟ ଅନୁଯାୟୀ, ପନିପରିବା, ଇନ୍ଧନ ଓ ବିଜୁଳି କ୍ଷେତ୍ର ସହ ଜଡ଼ିତ ସାମଗ୍ରୀ ଦର ହ୍ରାସ ପାଇବା କାରଣରୁ ମୁଦ୍ରାସ୍ଫୀତି କ୍ରମାଗତ ଦ୍ୱିତୀୟ ମାସ ହେବ କମିଛି। ଖାଦ୍ୟପଦାର୍ଥ ମୁଦ୍ରାସ୍ଫୀତି ସାମାନ୍ୟ କମି ୬.୯୮ ପ୍ରତିଶତ ରହିଥିବା ବେଳେ ପନିପରିବା ମୁଦ୍ରାସ୍ଫୀତି ହାର ୨୪.୭୬ ପ୍ରତିଶତକୁ ହ୍ରାସ ପାଇଛି। ସୂଚନାଥାଉ କି, ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ସାମାନ୍ୟ ବୃଦ୍ଧି ପାଇବା କାରଣରୁ ଜୁନ୍‌ରେ ଏହା ୩.୧୮%କୁ ବୃଦ୍ଧି ପାଇଥିଲା। ଗତବର୍ଷ ଏହା ୪.୯୨% ଥିଲା। ଚଳିତ ବର୍ଷ ଜାନୁୟାରୀରୁ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଚାଲିଛି।

### ବିମୁଦ୍ରୀକରଣ ପରେ ଫେରିଛି ୧୫ ଲକ୍ଷ କୋଟି

**ନୂଆଦିଲ୍ଲୀ,୧୫-୭:** ମୋଦି ସରକାରଙ୍କ ପ୍ରଥମ କାର୍ଯ୍ୟକାଳରେ ବିମୁଦ୍ରୀକରଣ ଘୋଷଣା ହୋଇଥିଲା। ୨୦୧୬-୧୭ରେ ସେତେବେଳେ ବଜାରରେ ପ୍ରଚଳନରେ ଥିବା ୧୫,୩୧,୦୭୩ କୋଟି ନୋଟ୍ ଫେରି ଆସିଛି ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ସୂଚନାଥାଉ କି, ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା କରାଯାଇ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦିଆଯାଇଥିଲା। ଅନ୍ୟ କେତେକ ପ୍ରଶ୍ନର ଉତ୍ତର ଦେଇ ଠାକୁର କହିଛନ୍ତି ଯେ, ଆର୍‌ବିଆଇ ଡାଟା ଅନୁଯାୟୀ ୨୦୧୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବ୍ୟାଙ୍କଗୁଡ଼ିକର ଗ୍ରସ୍ ଋଣ ପ୍ରଦାନ ତୁଳନାରେ ଗ୍ରସ୍ ଏନ୍‌ପିଏ ପରିମାଣ ୯.୨% ରହିଥିବା ବେଳେ ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୯.୦୮ ପ୍ରତିଶତକୁ ଖସିଛି। ବର୍ତ୍ତମାନର ମୂଲ୍ୟ ହାରରେ ୨୦୧୬-୧୭, ୨୦୧୭-୧୮ ଓ ୨୦୧୮-୧୯ରେ ଜିଡିପି ହିସାବରେ ଏହା କ୍ରମଶଃ ୧,୫୩,୬୨,୩୮୬ କୋଟି, ୧,୭୦,୯୫,୦୦୫ କୋଟି ଏବଂ ୧,୯୦,୧୦,୧୬୪ କୋଟି ଟଙ୍କା ହେବ।

### ରପ୍ତାନି, ବାଣିଜ୍ୟ ନିଅଣ୍ଟ ହ୍ରାସ

**ନୂଆଦିଲ୍ଲୀ,୧୫-୭:** ଦେଶର ରପ୍ତାନୀ ଜୁନ୍‌ରେ ୯.୭୧% ହ୍ରାସ ପାଇ ୨୫.୦୧ ବିଲିୟନ ଡଲାରରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ଏହା ୨୭.୭ ବିଲିୟନ ଡଲାର ଥିଲା। ଜେମ୍ସ ଆଣ୍ଡ ଜୁଏଲେରୀ, ଇଞ୍ଜିନିୟରିଂ ସାମଗ୍ରୀ, ପେଟ୍ରୋଲିୟମ ପଦାର୍ଥ ରପ୍ତାନି ହ୍ରାସ ପାଇଥିବା ସରକାରୀ ଡାଟାରୁ ଜଣାପଡିଛି। ସେହିପରି ଆଲୋଚ୍ୟ ମାସରେ ଆମଦାନୀ ମଧ ୯% ହ୍ରାସ ପାଇ ଜୁନ୍‌ରେ ୪୦.୨୯ ବିଲିୟନ ଡଲାର ହୋଇଛି। ୨୦୧୮ର ଏହି ମାସରେ ଏହା ୪୪.୩ ବିଲିୟନ ଡଲାର ଥିଲା। ଅଶୋଧିତ ତେଲ ଦର ହ୍ରାସ ପାଇବା କାରଣରୁ ଦେଶର ଆମଦାନୀ ବାବଦ ଅର୍ଥ ଖର୍ଚ୍ଚ କମିଛି। ତଦନୁଯାୟୀ ଦେଶର ବାଣିଜ୍ୟ ନିଅଣ୍ଟ ପରିମାଣ ଆଲୋଚ୍ୟ ମାସରେ ୧୫.୨୮ ବିଲିୟନ ଡଲାରକୁ ହ୍ରାସ ପାଇଛି। ୨୦୧୮ ଜୁନ୍‌ରେ ଏହା ୧୬.୬ ବିଲିୟନ ଡଲାର ଥିଲା।

## ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ହବ୍
# ଚାଇନାକୁ ଟକ୍କରଦେବା ଯୋଜନା

ନୂଆଦିଲ୍ଲୀ,୧୫-୭

ଦେଶକୁ ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ ହବ୍ ଭାବେ ତିଆରି କରିବା ଲାଗି କେନ୍ଦ୍ର ସରକାର ପ୍ରୟାସ ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟି ପକ୍ଷରୁ ଆପଲ୍, ସାମସଙ୍ଗ, ସିସ୍କୋ, ସିମେନ୍ସ, ଫକ୍ସୱାଗନ, ଇଣ୍ଟେଲ ଓ ବଶ୍ ଭଳି ବିଶ୍ୱସ୍ତରର କମ୍ପାନୀ ମୁଖ୍ୟମାନଙ୍କ ସହ ଆଲୋଚନା କରାଯାଇଛି। ଭାରତକୁ ଉତ୍ପାଦନ ବେସ୍ ତିଆରି କରିବା ଲାଗି କମ୍ପାନୀଗୁଡ଼ିକୁ କେଉଁଭଳି ସୁବିଧା ଦେବାର ଆବଶ୍ୟକତା ରହିଛି ଜଣାଇବାକୁ ସେମାନଙ୍କୁ କୁହାଯାଇଛି। ଏହାଦ୍ୱାରା ଇଲେକ୍ଟ୍ରୋନିକ୍ସ ମାନୁଫାକ୍ଚରିଂ କ୍ଷେତ୍ରରେ ଚାଇନାକୁ ଭାରତ କଡା ଟକ୍କର ଦେଇପାରିବ। ଏଥିସହ ଦେଶରେ ଅଧିକ ବିଦେଶୀ ନିବେଶ ମଧ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି।



### ବୈଠକରୁ ବାଦ୍ ପଡ଼ିଲେ ଚାଇନା କମ୍ପାନୀ

ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ଭାରତରେ ଅଧାରୁ ଅଧିକ ସ୍ମାର୍ଟଫୋନ ବଜାରକୁ କବ୍‌ଜା କରିଥିବା ସାଓମୀ, ଓପୋ, ଭିଭୋ ଓ ହୁଆଇ ଭଳି ଚାଇନା କମ୍ପାନୀଗୁଡ଼ିକୁ କମିଟିର ବୈଠକରେ ସାମିଲ କରାଯାଇ ନ ଥିଲା। ଭାରତକୁ ଚାଇନା ନିଜର ଏକ ରପ୍ତାନି ବଜାର ଭାବେ ଗ୍ରହଣ କରୁଥିବାରୁ ସେଠାକାର କମ୍ପାନୀଗୁଡ଼ିକ ଦେଶରେ ପ୍ଲାଣ୍ଟ ପ୍ରତିଷ୍ଠା କରିବେ ନାହିଁ ବୋଲି ମନେ କରାଯାଉଛି।

### ପିଏମ୍‌ଓକୁ ରିପୋର୍ଟ ଦେବ କମିଟି

ନିକଟରେ ଏହି କମିଟିର ସଦସ୍ୟମାନେ ଆମେରିକା, ୟୁରୋପ, ତାଇୱାନ ଓ ଦକ୍ଷିଣ କୋରିଆର ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଏହି କମ୍ପାନୀଗୁଡ଼ିକୁ ଯଥାଶୀଘ୍ର ଭାରତ ଆଣିବା ଲାଗି ନୀତିରେ ଆବଶ୍ୟକ ହେଉଥିବା ପରିବର୍ତ୍ତନ ସମ୍ପର୍କରେ ପ୍ରସ୍ତାବ ଦିଆଯାଇ କମିଟି ପକ୍ଷରୁ ଏକ ରିପୋର୍ଟ ଖୁବଶୀଘ୍ର ପ୍ରସ୍ତୁତ କରାଯିବ ବୋଲି ଜଣାପଡିଛି। କମିଟି ମତରେ ଇଲେକ୍ଟ୍ରୋନିକ୍ସ ଏକ୍ସପୋର୍ଟ ବୃଦ୍ଧି କରିବାକୁ ହେଲେ ସ୍ମାର୍ଟଫୋନ୍ ଉତ୍ପାଦନ ଉପରେ ଜୋର୍ ଦେବାକୁ ହେବ। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଏହାର ଫାଇଦା ଉଠାଇ ଆମେରିକାର କମ୍ପାନୀଗୁଡ଼ିକୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ପ୍ରବର୍ତ୍ତାଇବା ଲାଗି ଭାରତ ଉଦ୍ୟମ ଆରମ୍ଭ କରିଥିଲା। ଏଦିଗରେ ପିଏମ୍‌ଓ ସକ୍ରିୟ ହୋଇଛି। ଏଥିପାଇଁ ନୀତି ଆୟୋଗ ସହାୟତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି।

### ଆମଦାନୀ ହେଉଛି ଅଧିକ ଇଲେକ୍ଟ୍ରୋନିକ ସାମଗ୍ରୀ

ଅଶୋଧିତ ତେଲକୁ ଛାଡ଼ି ଦେଲେ ସ୍ମାର୍ଟଫୋନ ସହିତ ଅନ୍ୟ ଇଲେକ୍ଟ୍ରୋନିକ ସାମଗ୍ରୀର ଆମଦାନୀ ଯୋଗୁ ଦେଶକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡୁଛି। ଆମେରିକା ଓ ଚାଇନା ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଭାରତ ନିଜକୁ ଏକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦକ ଦେଶ ଭାବେ ଗଢ଼ିତୋଳିବାର ସୁଯୋଗ ପାଇଛି। ଭିଏତନାମ ଭଳି ଦେଶ ସହିତ ଭାରତକୁ ତୁଳନୀୟ ହେବାକୁ ହେଲେ ଯଥାଶୀଘ୍ର ଏକ ଉନ୍ନତ ରପ୍ତାନି ନୀତି ଘୋଷଣା କରିବାକୁ ହେବ। ଭିଏତ୍‌ନାମ ବିଭିନ୍ନ ପ୍ରକାର ଛାଡ଼ ମାଧ୍ୟମରେ ଦକ୍ଷିଣ କୋରିଆର ସାମସଙ୍ଗ ଭଳି କମ୍ପାନୀର ମାନୁଫାକ୍ଚରିଂ ପ୍ଲାଣ୍ଟ ନିଜ ଦେଶରେ ବସାଇବାରେ ସକ୍ଷମ ହୋଇଛି।

### ଭିଏତ୍‌ନାମ ଯୋଗୁ ସ୍ଥାନୀୟ ଉତ୍ପାଦନ ପ୍ରଭାବିତ

ଭିଏତ୍‌ନାମରୁ ଶସ୍ତାରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଆମଦାନୀ ହେଉଥିବାରୁ ସ୍ଥାନୀୟ ଉତ୍ପାଦକଙ୍କୁ ଭାରି କ୍ଷତିର ସମ୍ମୁଖୀନ ହେବାକୁ ପଡୁଛି। ଆସିଆନ ଦେଶ ସହିତ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତି କାରଣରୁ ଭିଏତନାମରୁ ଶସ୍ତା ଦରରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଭାରତକୁ ଆସୁଛି। ୨୦୨୫ ସୁଦ୍ଧା ସ୍ମାର୍ଟଫୋନର ମୋଟ ବଜାର ୬୪୮ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏଥିରୁ ପ୍ରାୟ ୩୭୦ ବିଲିୟନ ଡଲାର ରପ୍ତାନି ହେବ। ଏହି ବଜାରରେ ଶୀର୍ଷ ୩ କମ୍ପାନୀ ହେଲେ ଆପଲ୍, ସାମସଙ୍ଗ ଓ ହୁଆଇ।

## ଚାଷୀଙ୍କ ଲାଗି ସ୍ୱେଚ୍ଛାକୃତ ହେବ ଫସଲ ବୀମା ଯୋଜନା

ନୂଆଦିଲ୍ଲୀ,୧୫-୭



କେନ୍ଦ୍ର ସରକାର ଖୁବଶୀଘ୍ର ପିଏମ୍ କିଷାନ ଫସଲ ବୀମା ଯୋଜନାରେ ଏକାଧିକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ସାମିଲ ହେବା ଏଣିକି ଚାଷୀଙ୍କ ଲାଗି ସ୍ୱେଚ୍ଛାକୃତ ହେବ। ଏହି ଯୋଜନାରୁ ଉଚ୍ଚ ପ୍ରିମିୟମଯୁକ୍ତ ଫସଲଗୁଡ଼ିକୁ ବାଦ୍ ଦିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ତାଙ୍କର କହିବାନୁଯାୟୀ, ଜଳସେଚନ ଅଞ୍ଚଳ ଅନୁଯାୟୀ ଫସଲର ପ୍ରିମିୟମ ନିର୍ଦ୍ଧାରିତ ହେବ। ଜଳସେଚନ କ୍ଷେତ୍ରର ୫୦ ପ୍ରତିଶତରୁ ଅଧିକ ସ୍ଥାନରେ ଫସଲ ହେଉଥିଲେ ୨୫% ଏବଂ ୫୦%ରୁ କମ୍ ହେଲେ ପ୍ରିମିୟମ ସିଲିଂ ୩୦% ହେବ। ବର୍ତ୍ତମାନର ପ୍ରିମିୟମ ଦର ହିସାବରେ ଖରିଫ ଫସଲ ଉପରେ ୨%, ରବି ଫସଲ ଉପରେ ୧.୫%, ଔଦ୍ୟୋଗିକ ଏବଂ ବାଣିଜ୍ୟ ଫସଲ ଉପରେ ୫% ପ୍ରିମିୟମ ରାଶି ଚାଷୀ ଦେଉଛନ୍ତି। ପ୍ରତ୍ୟେକ ପ୍ରିମିୟମ ଉପରେ ଚାଷୀଙ୍କୁ ଫସଲ ବୁଣା ପୂର୍ବରୁ ଏବଂ ପରବର୍ତ୍ତୀ ଅବଧି ଲାଗି ବ୍ୟାପକ ବୀମା ଉପଲବ୍ଧ କରାଯାଉଛି। ୨୦୧୬ରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ସରକାରଙ୍କ ନିକଟକୁ ୨୦୧୭ ସେପ୍ଟେମ୍ବର ସୁଦ୍ଧା ୨ ହଜାର କୋଟି ଟଙ୍କାର ପ୍ରିମିୟମ ଆସିଛି। ଏହି ସମୟରେ ସରକାର ୮ ହଜାର କୋଟି ଟଙ୍କାର ବୀମା ଦାବି ପ୍ରଦାନ କରିଛନ୍ତି। ବର୍ତ୍ତମାନ ଫସଲ ବୀମାର ଲାଭ ଦେଶର ୩୦% ଫସଲ ଉତ୍ପାଦନ ହେଉଥିବା ଅଞ୍ଚଳରେ ମିଳୁଛି।

## ରାଜ୍ୟଗୁଡ଼ିକର ଜିଏସ୍‌ଟି ସଂଗ୍ରହ ୫.୧୮ ଲକ୍ଷ କୋଟିକୁ ବୃଦ୍ଧି

ନୂଆଦିଲ୍ଲୀ,୧୫-୭




୨୦୧୮-୧୯ ଆର୍ଥିକ ବର୍ଷରେ ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ପରିମାଣ ୫.୧୮ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ୨୦୧୭-୧୮ରେ ୯ ମାସରେ ୨.୯୧ ଲକ୍ଷ କୋଟି ଟଙ୍କା ରହିଥିଲା ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର କହିଛନ୍ତି। ଏହା ବାଦ କେନ୍ଦ୍ର ଜିଏସ୍‌ଟି କ୍ଷତିପୂରଣ ବାବଦକୁ ୨୦୧୮-୧୯ରେ ରାଜ୍ୟଗୁଡିକୁ ୮୧,୧୭୭ କୋଟି ଟଙ୍କା ପ୍ରଦାନ କରିଛି। ଏହା ୨୦୧୭-୧୮ ଆର୍ଥିକ ବର୍ଷର ଜୁଲାଇ-ମାର୍ଚ୍ଚ ସମୟ ମଧ୍ୟରେ ୪୮,୧୭୮ କୋଟି ଟଙ୍କା ରହିଥିଲା। ଟିକସ ଅନୁପାଳନକୁ ଉନ୍ନତ କରିବାକୁ ପ୍ରୟାସ ଜାରି ରହିଛି ବୋଲି ଲୋକସଭାକୁ ଏକ ଲିଖିତ ଉତ୍ତରରେ ନିର୍ମଳା ଏହା କହିଛନ୍ତି। ଜିଏସ୍‌ଟି ସଂଗ୍ରହରେ ରାଜ୍ୟଗୁଡିକ ଧୀରେ ଧୀରେ ଉନ୍ନତି କରୁଛନ୍ତି। କେନ୍ଦ୍ର ସରକାର କ୍ଷତିପୂରଣ ସହ ଟିକସ ସଂଗ୍ରହରେ ୧୪% ଅଭିବୃଦ୍ଧି ନେଇ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି।

ବିଜ୍‌ନେସ ଧାରାରେ ବିସ୍ତୃତ ଅଟୋମେଶନ, ଇ-ୱେ ବିଲ୍ ବ୍ୟବସ୍ଥା, ଦୃଢ ଅନୁପାଳନ ଯାଞ୍ଚ ବ୍ୟବସ୍ଥା, ପ୍ରସ୍ତାବିକ ଇଲେକଟ୍ରୋନିକ୍ସ ଇନ୍‌ଭଏସ ସିଷ୍ଟମ ଭଳି ବ୍ୟବସ୍ଥା ଟିକସ ସଂଗ୍ରହ ବୃଦ୍ଧି ପାଇଁ ଗ୍ରହଣ କରାଯାଇଥିବା ନିର୍ମଳା କହିଛନ୍ତି। ୨୦୧୭ ଜୁଲାଇ ପହିଲାରୁ ଜିଏସ୍‌ଟି ଲାଗୁ କରାଯାଇଥିବା ବେଳେ ଏହା ମଧ୍ୟରେ ରାଜ୍ୟ ସ୍ତରର ୧୭ ଟିକସ ବିଲୀନ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ହାରାହାରି ମାସିକ ଜିଏସ୍‌ଟି ସଂଗ୍ରହ ୯୮,୧୧୪ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ଏହା ୨୦୧୭-୧୮ରେ ୮୯,୮୮୫ କୋଟି ଟଙ୍କା ରହିଥିଲା।

## ରେନୋ ଭୁବନେଶ୍ୱର ଶୋ'ରୁମରେ ନୂଆ 'ଡଷ୍ଟର' ମଡେଲର ବଜାର ପ୍ରବେଶ



ଭୁବନେଶ୍ୱର,୧୫-୭(ବ୍ୟୁରୋ)

ପ୍ରମୁଖ କମ୍ପାନୀ ରେନୋ ପକ୍ଷରୁ ନୂଆ 'ଡଷ୍ଟର' ମଡେଲ ଯାନର ସ୍ଥାନୀୟ ରେନୋ ଭୁବନେଶ୍ୱର ଶୋ'ରୁମରେ ବଜାର ପ୍ରବେଶ କରାଯାଇଛି। ଯାନଟିକୁ ଗର୍ଗସନ ଅଟୋମୋବାଇଲର ଏମ୍‌ଡି ସତୀଶ ଗର୍ଗ ଏବଂ ଡାଇରେକ୍ଟର ସିଦ୍ଧାର୍ଥ ଗର୍ଗ ଉନ୍ମୋଚନ କରିଥିଲେ। ରେନୋ ଡଷ୍ଟର ଏକ ଲୋକପ୍ରିୟ ଏସ୍‌ୟୁଭି ମଡେଲ ହୋଇଥିବା ବେଳେ ଏହା ସଦ୍ୟତମ ତଥା ପରିବର୍ତ୍ତିତ ରୂପରେ ବଜାରକୁ ଆସିଛି। ଯାନଟିରେ ୨୫ ଅତ୍ୟାଧୁନିକ ଫିଚର ଉପଲବ୍ଧ। ଏହାର ବାହ୍ୟ ଏବଂ ଅଭ୍ୟନ୍ତରରେ ବିଭିନ୍ନ ଅତ୍ୟାଧୁନିକ ଫିଚର ସଂଯୋଗ କରାଯାଇଛି। ସେହିଭଳି ନିରାପତ୍ତା, ଡିଜାଇନ, ଇନୋଭେସନ, ଗୁଣବତ୍ତା ଏବଂ ହାଇଟେକ୍ ଇନ୍‌ଫୋଟେନମେଣ୍ଟ ସୁବିଧା ଏଥିରେ ରହିଛି। ୩ ଇଞ୍ଜିନ ବିକଳ୍ପ ଏବଂ ୯ ଭାରିଆଣ୍ଟରେ ଏହା ଆସୁଛି। କାସ୍ପିଆନ ବ୍ଲୁ ସମେତ ୭ ବଡି କଲର ବିକଳ୍ପରେ ଏହା ଉପଲବ୍ଧ। ଯାନଟିର ବଜାର ଦର ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ। କାର୍ଯ୍ୟକ୍ରମ ଅବସରରେ ସେଲ୍‌ସ ଏଜିଏମ୍ ଅମୂଲ୍ୟ ରଞ୍ଜନ ଦାସ, ସେଲ୍‌ସ ବିଭାଗର ସଂଗ୍ରାମ ମହାନ୍ତି, ସର୍ଭିସ ଜିଏମ୍ ଦିଲିପ ରଞ୍ଜନ ଷଡଙ୍ଗୀ ଏବଂ ଏଜିଏମ୍ ଶୁଭ୍ରାଂଶୁ ଶେଖର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## ହିରୋ ଚ୍ୟାଲେଞ୍ଜର ବିଜେତା ହେଲେ ମାଟ୍ ଫିଟଜ ପ୍ୟାଟ୍ରିକ




ନୂଆଦିଲ୍ଲୀ,୧୫-୭

ଚଳିତ ସିଜନର ହିରୋ ଚ୍ୟାଲେଞ୍ଜର ବିଜେତା ଭାବେ ମାଟ୍ ଫିଟଜ ପ୍ୟାଟ୍ରିକଙ୍କ ନାମ ଘୋଷଣା କରାଯାଇଛି। ଚଳିତ ସିଜିନର ପ୍ରତିଯୋଗିତା ଇଡେନବର୍ଗ ନିକଟସ୍ଥ ନର୍ଥ ବେରୱିକର ରିନାଇସାନ୍ସ କ୍ଲବରେ ଅନୁଷ୍ଠିତ ହୋଇଥିଲା। ସ୍କଟିସ ଓପନ ୨୦୧୯ ପୂର୍ବରୁ ଏହା ସମ୍ପନ୍ନ ହୋଇଛି। ବିଜେତା ମାଟ୍ ଫିଟଜ ପ୍ୟାଟ୍ରିକ ଆମେରିକାର ମାଟ କୁଚରଙ୍କୁ ପରାଜିତ କରିଛନ୍ତି। ଏହା ଦ୍ୱାରା ୨୪ ବର୍ଷୀୟ ପ୍ୟାଟ୍ରିକ ହିରୋ ଚ୍ୟାଲେଞ୍ଜ ଜିତିବାରେ ପ୍ରଥମ ଖେଳାଳି ହୋଇ ପାରିଛନ୍ତି। ହିରୋମୋଟୋକର୍ପ ଅଧ୍ୟକ୍ଷ ପୱନ ମୁଞ୍ଜାଲ ପ୍ୟାଟ୍ରିକଙ୍କୁ ବିଜେତା ଟ୍ରଫି ପ୍ରଦାନ କରିଥିଲେ।

## ବ୍ୟବସାୟ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ ଲକ୍ଷ୍ୟ: ଆଇଟିସି ଅଧ୍ୟକ୍ଷ

ନୂଆଦିଲ୍ଲୀ,୧୫-୭

ଆଇଟିସି ଲିମିଟେଡ ଏହାର ପ୍ରତିଟି ବ୍ୟବସାୟ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନୀକୁ ଆଗାମୀ ଦିନରେ ଏକ ଶ୍ରେଷ୍ଠ ଉଦ୍ୟୋଗ ଭାବେ ଗଢି ତୋଳିବା ଲାଗି ଉଦ୍ୟମ ଜାରି ରହିଥିବା ଆଇଟିସି ଅଧ୍ୟକ୍ଷ ସଞ୍ଜୀବ ପୁରୀ କହିଛନ୍ତି। ଏଥି ଲାଗି ୯ ସୂତ୍ରୀ ପଦକ୍ଷେପ ଉପରେ କାର୍ଯ୍ୟକ୍ରମ ଜାରି ରହିଛି। ଅଂଶୀଦାରଙ୍କ ଲାଗି ଭାଲ୍ୟୁ ସଂଯୋଗ, ନିଯୁକ୍ତି ସୃଷ୍ଟି ଏବଂ ପରିବେଶ ସୁରକ୍ଷା ଦିଗରେ କମ୍ପାନୀ ସଚେତନ ରହିଥିବା ୧୦୮ତମ ବାର୍ଷିକ ସାଧାରଣ ବୈଠକରେ ପୁରୀ ଏହା କହିଛନ୍ତି। ସମସ୍ତଙ୍କୁ ନେଇ ଅଗ୍ରସର ହେବା, ସମସ୍ତଙ୍କ ସହ ଅଭିବୃଦ୍ଧି, ସର୍ବୋତ୍ତମ ଉତ୍ପାଦ ଏବଂ ସେବା ଯୋଗାଣ, କୃଷି ବାଣିଜ୍ୟରେ ମୂଲ୍ୟ ଯୁକ୍ତ ଉତ୍ପାଦ, ଏଣ୍ଟର ପ୍ରାଇଜକୁ ଦୃଢ କରିବା, ବିଶ୍ୱ ସ୍ତରୀୟ ବ୍ରାଣ୍ଡ ପ୍ରତିଷ୍ଠା, କୃଷକଙ୍କ ଆୟ ବୃଦ୍ଧି, ଉଦ୍ଭାବନ, ଡିଜିଟାଲ କୌଶଳ, ମେକ୍ ଇନ ଇଣ୍ଡିଆକୁ ପ୍ରୋତ୍ସାହନ, ନିରନ୍ତର ଗୋଷ୍ଠୀ ବିକାଶ ଏବଂ ନୂଆ ପ୍ରତିଭାଙ୍କୁ ଆଗକୁ ବଢିବା ଲାଗି ସୁଯୋଗ ଦେବା ଉପରେ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ପୁରୀ କହିଛନ୍ତି।

## ୫୬ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ସ୍ଥିତି ଅତ୍ୟଧିକ ଖରାପ

ନୂଆଦିଲ୍ଲୀ,୧୫-୭



ଆର୍ଥିକ ସ୍ଥିତି ଦୃଷ୍ଟିରୁ ଦେଶରେ ରାଷ୍ଟ୍ରାୟତ୍ତ କମ୍ପାନୀଙ୍କ ସଂଖ୍ୟା ଗତ ୩ ବର୍ଷରେ ବଢ଼ିଚାଲିଛି। ୨୦୧୫-୧୬ରେ ଏହି ସଂଖ୍ୟା ୪୮ ଥିବା ବେଳେ ୨୦୧୭-୧୮ରେ ଏହା ବୃଦ୍ଧି ପାଇ ୫୬ରେ ପହଞ୍ଚିଲାଣି। ଏମାନଙ୍କ ମଧ୍ୟରେ ଏୟାର ଇଣ୍ଡିଆ ସର୍ବାଗ୍ରେ ରହିଛି। ସବୁଠୁ ଖରାପ ସ୍ଥିତିରେ ଥିବା ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ହେଲେ ଏୟାର ଇଣ୍ଡିଆ ଏକ୍ସପ୍ରେସ, ଏୟାର ଇଣ୍ଡିଆ ଇଞ୍ଜିନିୟରିଂ ସର୍ଭିସେସ୍ ଲିମିଟେଡ୍, ଭାରତ କୁକିଂ କୋଲ୍ ଲିମିଟେଡ୍, ଭେଲ୍ ଇଲେକ୍ଟ୍ରୋନିକ୍ସ ମେସିନ ଲିମିଟେଡ୍ ଏବଂ ଏମ୍‌ଟିଏନ୍‌ଏଲ୍। ସମସ୍ତ ୫୬ କମ୍ପାନୀଙ୍କ ନେଟ୍‌ୱର୍ଥ ୨୦୧୭-୧୮ରେ ମାଇନସ୍ ୮୮,୫୫୬ କୋଟି ଟଙ୍କା ରହିଥିବା ବେଳେ ସେମାନଙ୍କ ମୋଟ୍ କ୍ଷତିର ପରିମାଣ ୧,୩୨,୩୬୦ କୋଟି ଟଙ୍କାରେ ପହଞ୍ଚିଲାଣି। ଏୟାର ଇଣ୍ଡିଆର ନେଟ୍‌ୱର୍ଥ ମାଇନସ ୨୪,୮୯୩ କୋଟି ଟଙ୍କା ଥିବା ବେଳେ ଏହାର କ୍ଷତିର ପରିମାଣ ୫୩,୯୧୪ କୋଟି ଟଙ୍କା ହୋଇଥିବାରୁ ଏହା କ୍ଷତି ଦୃଷ୍ଟିରୁ ସମସ୍ତ କମ୍ପାନୀଙ୍କ ଆଗରେ ରହିଛି ବୋଲି ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ଭାରି ଉଦ୍ୟୋଗ ଏବଂ ରାଷ୍ଟ୍ରାୟତ୍ତ ସଂସ୍ଥା ମନ୍ତ୍ରୀ ଅରବିନ୍ଦ ଗନପତ ସାୱନ୍ତ କହିଛନ୍ତି। କ୍ଷତିରେ ଚାଲୁଥିବା ଏହି କମ୍ପାନୀଙ୍କୁ ପୁନର୍ବାର ମୂଳ ସ୍ଥାନକୁ ଫେରାଇ ଆଣିବା ଲାଗି ପୁନର୍ଗଠନ ଯୋଜନା ହାତକୁ ନିଆଯିବ। ଏଭଳି କମ୍ପାନୀ ଯେପରି ଲାଭର ମୁହଁ ଦେଖିପାରିବେ ସେନେଇ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ଇତିମଧ୍ୟରେ ୬ କମ୍ପାନୀର ପୁନରୁଜ୍ଜୀବନ ପାଇଁ ଆଗତ ଯୋଜନାକୁ ସରକାର ମଞ୍ଜୁରୀ ପ୍ରଦାନ କରିସାରିଛନ୍ତି ବୋଲି ସେ କହିଛନ୍ତି। ସେଗୁଡ଼ିକ ହେଲା ବ୍ରହ୍ମପୁତ୍ର ଭ୍ୟାଲି ଫର୍ଟିଲାଇଜର ନିଗମ ଲିମିଟେଡ୍, ହିନ୍ଦୁସ୍ତାନ ଷ୍ଟିଲ୍‌ୱର୍କସ କନଷ୍ଟ୍ରକଶନ ଲିମିଟେଡ୍, ରିଚାର୍ଡସନ ଆଣ୍ଡ କ୍ରୁଡଡାସ ଲିମିଟେଡ୍, ନେପା ଲିମିଟେଡ, ହୁଗଲୀ ପ୍ରିଣ୍ଟିଂ ଲିମିଟେଡ ଓ କୋଙ୍କଣ ରେଲୱେ ନିଗମ ଲିମିଟେଡ୍।

## ଇଣ୍ଡିଗୋ ବିବାଦରେ ନୂଆ ମୋଡ଼
# ପ୍ରମୋଟର ଗଙ୍ଗୱାଲଙ୍କୁ ଜେରା କରିବ ବୋର୍ଡ

ନୂଆଦିଲ୍ଲୀ,୧୫-୭



ଇଣ୍ଡିଗୋ ଏୟାରଲାଇନ୍ ପ୍ରମୋଟରଙ୍କ ବିବାଦ ଏବେ ନୂଆ ମୋଡ ନେଇଛି। ଅସନ୍ତୁଷ୍ଟ ଜଣେ ପ୍ରମୋଟରଙ୍କ ପତ୍ରରୁ ସୃଷ୍ଟି ହୋଇଥିବା ଏହି ବିବାଦ ଏବେ ଗମ୍ଭୀର ରୂପ ଧାରଣ କଲାଣି। କମ୍ପାନୀର ଦୁଇ ପ୍ରମୋଟର ରାକେଶ ଗଙ୍ଗୱାଲ ଓ ରାହୁଲ ଭାଟିଆଙ୍କ ମଧ୍ୟରେ ଏବେ ଅଭିଯୋଗ ପ୍ରତ୍ୟାଭିଯୋଗ ଜୋର୍‌ଦାର ହୋଇଛି। କମ୍ପାନୀ ମ୍ୟାନେମେଣ୍ଟରେ ପରିବର୍ତ୍ତନ ପାଇଁ ଗଙ୍ଗୱାଲ ଜୋର୍ ଦେଉଥିଲା ବେଳେ ରାହୁଲ ଏହାକୁ ନିଜ ନିୟନ୍ତ୍ରଣରେ ଏହା ରଖିବାକୁ ଚାହୁଁଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏବେ ଇଣ୍ଡିଗୋ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଗଙ୍ଗୱାଲଙ୍କୁ ଡାକି ଜେରା କରିବାକୁ ଯାଉଛି। କମ୍ପାନୀ ବାଲାନ୍ସ ସିଟ୍ କୌଣସି ସରକାରୀ ଏଜେନ୍ସି ଦ୍ୱାରା ଯାଞ୍ଚ କରାଇବାକୁ ଭାଟିଆ ରାଜି। କାରଣ ତାଙ୍କ ମତରେ କମ୍ପାନୀର କାର୍ଯ୍ୟ ପ୍ରଣାଳୀରେ କୌଣସି ତ୍ରୁଟିବିଚ୍ୟୁତି ହୋଇନାହିଁ। ମିଡିଆ ରିପୋର୍ଟ ଅନୁଯାୟୀ ଇଞ୍ଜିନ ନିର୍ମାତା ପ୍ର୍ୟାଟ୍ ଆଣ୍ଡ ହ୍ୱିଟ୍‌ନୀ ବଦଳରେ ସିଏଫ୍‌ଏମ୍ ଠାରୁ ନୂଆ ବିମାନ ଇଞ୍ଜିନ କିଣିବା ପାଇଁ ଗଙ୍ଗୱାଲ କାହିଁକି ନିର୍ଦ୍ଦେଶ ଦେଲେ ବୋଲି ବୋର୍ଡ ଜାଣିବାକୁ ଚାହୁଁଛି। ସେ ଏହି ନିର୍ଦ୍ଦେଶ ଦେବା ପୂର୍ବରୁ ବୋର୍ଡ ଠାରୁ ଅନୁମତି ନେଇ ନ ଥିଲେ। ଏଥିପୂର୍ବରୁ ଇଣ୍ଡିଗୋର ସମସ୍ତ ଇଞ୍ଜିନ ପ୍ରାଟ୍ ଆଣ୍ଡ ହ୍ୱିଟନୀରୁ କିଣାଯାଉଥିଲା। ତେବେ ଗଙ୍ଗୱାଲଙ୍କ ନିର୍ଦ୍ଦେଶରେ ୨୦ ବିଲିୟନ ଡଲାର ମୂଲ୍ୟର ଇଞ୍ଜିନ ଏବେ ସିଏଫ୍‌ଏମ୍‌ରୁ କିଣାଯିବ। ଜଣେ ଏକ୍‌ଜିକ୍ୟୁଟିଭ ମିଡିଆକୁ କହିଛନ୍ତି ଯେ, ସମ୍ବନ୍ଧିତ ପକ୍ଷ ହସ୍ତାନ୍ତରଣ(ଆର୍‌ପିଟି) ଏବଂ କର୍ପୋରେଟ ନିୟନ୍ତ୍ରଣ ସହ ଜଡ଼ିତ ପ୍ରସଙ୍ଗକୁ ଉଠାଯାଇ ଗଙ୍ଗୱାଲଙ୍କଠାରୁ ଉତ୍ତର ଲୋଡାଯିବ। ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଓ ଶୀର୍ଷ ଅଧିକାରୀମାନଙ୍କ ନିକଟକୁ ପଠାଯାଇସାରିଛି। ଇଣ୍ଡିଗୋରେ ଗଙ୍ଗୱାଲ ଓ ତାଙ୍କ ପରିବାରର ୩୭% ଏବଂ ଭାଟିଆ ଓ ତାଙ୍କ ପରିବାରର ୩୮% ଅଂଶଧନ ରହିଛି। ପ୍ରାୟ ୨୫% ଶେୟାର ଷ୍ଟକ୍ ବଜାର ମାଧ୍ୟମରେ ଅନ୍ୟମାନଙ୍କ ହାତରେ ରହିଛି। ଉଲ୍ଲେଖଥାଉ କି, ଭାଟିଆଙ୍କ ନିକଟରେ ଅଖଣ୍ଡ କ୍ଷମତା ରହିଛି। ସେ ୬ ମଧ୍ୟରୁ ୩ ନିର୍ଦ୍ଦେଶକଙ୍କୁ ନିଯୁକ୍ତ କରିପାରିବେ। ଏହାବ୍ୟତୀତ ସେ ଏମ୍‌ଡି, ସିଇଓ ଓ ପ୍ରେସିଡେଣ୍ଟଙ୍କୁ ମଧ୍ୟ ନିଯୁକ୍ତ କରିପାରିବେ। ଏହି ଅଧିକାରର ଉପଯୋଗ ଠିକ୍ ଭାବେ ହେଉନାହିଁ ବୋଲି ଗଙ୍ଗୱାଲ ଅଭିଯୋଗ କରିଛନ୍ତି।



“ବିଶ୍ୱକପ ପରି ଏକ ବଡ଼ ଇଭେଣ୍ଟରୁ ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆଯିବା ଠିକ୍ ନୁହେଁ, ଉଭୟ ମୋର୍ଗାନ ଓ ୱିଲିୟମସନ ବିଶ୍ୱକପ ଟ୍ରଫି ଧରିବାକୁ ହକ୍‌ଦାର ଥିଲେ।

–ମାଇକ୍ ହେସନ, ପୂର୍ବତନ ନ୍ୟୁଜିଲାଣ୍ଡ କୋଚ୍




“ପାକିସ୍ତାନରେ ଭଲ ଆତିଥ୍ୟ ମିଳିଥାଏ, ତେଣୁ ସେଠାରେ ଡେଭିସ୍ କପ୍ ଖେଳିବା ନେଇ ମୋର ଆପତ୍ତି ନାହିଁ ଏବଂ ନିରାପତ୍ତାକୁ ନେଇ ଭୟ ମଧ୍ୟ ନାହିଁ।

–ରୋହନ ବୋପାନ୍ନା, ଭାରତୀୟ ଟେନିସ ତାରକା

# ବିଶ୍ୱକପ୍‌ରୁ ଭାରତୀୟ ଦଳ ୭ କୋଟି ୩୯ ଲକ୍ଷ ଟଙ୍କା ପାଇଲା

**ନୂଆଦିଲ୍ଲୀ, ୧୫।୭:** କ୍ରିକେଟ୍ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ରୋମାଞ୍ଚକ ଭାବେ ଶେଷ ହୋଇଛି। ଫାଇନାଲରେ ଉଭୟ ମ୍ୟାଚ୍ ଓ ସୁପର୍ ଓଭର ଟାଇ ରହିବା ଫଳରେ ଅଧିକ ବାଉଣ୍ଡରି ମାରିଥିବାରୁ ନ୍ୟୁଜିଲାଣ୍ଡକୁ ହରାଇ ଇଂଲଣ୍ଡ ବିଶ୍ୱକପ୍ ଚାମ୍ପିୟନ ହୋଇଛି। ପ୍ରଥମଥର ଲାଗି ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଚାମ୍ପିୟନ ପୁରସ୍କାର ରାଶି ବାବଦକୁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ନିକଟରୁ ୪ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨୭ କୋଟି ୪୦ ଲକ୍ଷ ଟଙ୍କା)ପାଇଥିବାବେଳେ ରନର୍ସଅପ୍ ନ୍ୟୁଜିଲାଣ୍ଡ (୨ ନିୟୁତ ଡଲାର ବା ଭାରତୀୟ ମୁଦ୍ରାରେ ପାଖାପାଖି ୧୩ କୋଟି ୭୦ ଲକ୍ଷ ଟଙ୍କା)କୁ ଏହାର ଅଧା ଅର୍ଥରାଶି ମିଳିଥିଲା। ତେବେ ସେମିଫାଇନାଲରୁ ପରାସ୍ତ ହୋଇ ବିଦାୟ ନେଇଥିଲେ ମଧ ବିରାଟ ବାହିନୀ ବିଶ୍ୱକପ୍‌ରୁ କେତେ ଅର୍ଥରାଶି ଆଇସିସି ନିକଟରୁ ପାଇଛି, ତାହା ଜାଣିବା ପାଇଁ କ୍ରିକେଟ୍ ପ୍ରଶଂସକଙ୍କ ମନରେ ଆଗ୍ରହ ପ୍ରକାଶ ପାଇଛି। ଆଇସିସି ପୁରସ୍କାର ରାଶି ତାଲିକା ଉପରେ ନଜର ପକାଇଥିଲେ ଗ୍ରୁପ୍ ପର୍ଯ୍ୟାୟର ପ୍ରତି ମ୍ୟାଚ୍‌ର ବିଜୟୀ ଦଳକୁ ୪୦ ହଜାର ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୨୭ ଲକ୍ଷ ୪୦ ହଜାର ଟଙ୍କା) ପ୍ରଦାନ କରାଯାଇଥାଏ। ସେହି ଦୃଷ୍ଟିରୁ ଭାରତ ଗ୍ରୁପ୍ ପର୍ଯ୍ୟାୟର ପ୍ରଦର୍ଶନକୁ ଦେଖିଲେ ୭ ମ୍ୟାଚ୍ ଜିତି ପାଖାପାଖି ଏକ କୋଟି ୯୧ ଲକ୍ଷ ଟଙ୍କା ଲାଭ କରିଛି। ଏହାପରେ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ଭାରତ ପରାସ୍ତ ହୋଇଥିଲେ ମଧ ୮ ନିୟୁତ ଡଲାର ପାଇଥିଲା। ସେମିଫାଇନାଲରେ ପ୍ରବେଶ କରିଥିବା ପ୍ରତି ଦଳକୁ ଆଇସିସି ଏହି ପୁରସ୍କାର ରାଶି ପ୍ରଦାନ କରିଥାଏ। ସେହିଦୃଷ୍ଟିରୁ ବିରାଟ କୋହଲିଙ୍କ ଦଳକୁ ଭାରତୀୟ ମୁଦ୍ରାରେ ପାଖାପାଖି ୫ କୋଟି ୪୮ ଲକ୍ଷ ଟଙ୍କା ମିଳିଥିଲା। ଫଳରେ ଗ୍ରୁପ୍ ପର୍ଯ୍ୟାୟ ଓ ସେମିଫାଇନାଲ ଅର୍ଥରାଶିକୁ ମିଶାଇଲେ ଭାରତୀୟ ଦଳ ମୋଟ୍ ଉପରେ ପାଖାପାଖି ୭ କୋଟି ୩୯ ଲକ୍ଷ ଟଙ୍କା ପାଇଛି। ଏଥିପୂର୍ବରୁ ମେନ୍ ଇନ୍ ବ୍ଲୁ ୨୦୧୧ ବିଶ୍ୱକପ୍‌ରେ ଚାମ୍ପିୟନ ହୋଇ ମୋଟ୍ ଉପରେ ୧୭ କୋଟି ୨୨ ଲକ୍ଷ ୫୦ ହଜାର ଟଙ୍କା ପାଇଥିଲା। ସେହିଭଳି ୨୦୧୫ ବିଶ୍ୱକପ୍‌ରେ ସେମିଫାଇନାଲରେ ବିଦାୟ ହୋଇ ୫ କୋଟି ୭୪ ଲକ୍ଷ ୨୦ ହଜାର ଟଙ୍କାରେ ସନ୍ତୁଷ୍ଟ ରହିଥିଲା। ୨୦୧୫ରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ୬ ମ୍ୟାଚ୍ ଜିତିଥିବାବେଳେ ପ୍ରତି ମ୍ୟାଚ୍ ପିଛା ସେତେବେଳେ ଆଇସିସି ୪୫ ହଜାର ଆମେରିକୀୟ ଡଲାର ପ୍ରଦାନ କରୁଥିଲା। ସେହିଭଳି ସେମିଫାଇନାଲରେ ପ୍ରବେଶ କରିଥିବା ଦଳକୁ ୬ ଲକ୍ଷ ଆମେରିକୀୟ ଡଲାର ମିଳୁଥିଲା।

**(ବି.ଦ୍ର: ୨୦୧୯ ଜୁଲାଇ ୧୫ରେ ୧ ଡଲାର= ୬୮ ଟଙ୍କା ୫୨ ପଇସା। ସେହିଦୃଷ୍ଟିରୁ ୨୦୧୯ ଆଇସିସି ପୁରସ୍କାର ରାଶିକୁ ହିସାବ କରାଯାଇଛି।)**



ଟୁର୍ ଡି ଫ୍ରାନ୍ସ ସାଇକେଲ ରେସ୍‌ର ସୋମବାର ଅନୁଷ୍ଠିତ ୧୦ମ ଷ୍ଟେଜ ଅବସରରେ ପ୍ରତିଯୋଗୀମାନେ।

# ଟୁର୍ ଡି ଫ୍ରାନ୍ସ: ୯ମ ଷ୍ଟେଜ୍ ସୁଦ୍ଧା ଜୁଲିଆନ ଆଗରେ

**ପ୍ୟାରିସ, ୧୫।୭:** ବିଶ୍ୱରେ ଅନୁଷ୍ଠିତ ହେଉଥିବା ତିନୋଟି ଗ୍ରାଣ୍ଡ ସାଇକ୍ଲିଂ ଟୁର୍‌ର ଅନ୍ୟତମ ଶ୍ରେଷ୍ଠ ପ୍ରତିଯୋଗିତା ଟୁର୍ ଡି ଫ୍ରାନ୍ସର ୧୦୬ତମ ସଂସ୍କରଣ ଇତିମଧ୍ୟରେ ୯ମ ଷ୍ଟେଜ୍ ଅତିକ୍ରମ କରିଛି। ଜୁଲାଇ ୬ରେ ଏହା ବେଲ୍‌ଜିୟମର ବ୍ରୁସେଲ୍ସରୁ ଆରମ୍ଭ ହୋଇଥିଲା। ୨୧ ଷ୍ଟେଜ୍‌ବିଶିଷ୍ଟ ଏହି ପ୍ରତିଯୋଗିତାରେ ୯ମ ଷ୍ଟେଜ୍ ଶେଷସୁଦ୍ଧା ଫ୍ରାନ୍ସର ଜୁଲିଆନ ଆଲାଫିପେ ଅଗ୍ରଣୀ ରହି ହଳଦିଆ ଜର୍ସିର ଅଧିକାରୀ ହୋଇଛନ୍ତି। ୩,୪୮୦ କିଲୋମିଟର ବିଶିଷ୍ଟ ଏହି ରେସ୍ ଚଳିତମାସ ୨୮ ତାରିଖରେ ଶେଷ ହେବ। ଏଥିରେ ୨୨ଟି ଟିମ୍‌ର ୧୭୬ ରାଇଡର ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାର ୧୦ମ ଷ୍ଟେଜ୍ (ଫ୍ଲାଟ୍) ସେଣ୍ଟ-ଫ୍ଲୋରରୁ ଆଲ୍‌ବି ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଗତଥରର ଚାମ୍ପିୟନ ଗେରାଣ୍ଟ ଥୋମାସ ୯ମ ଷ୍ଟେଜ୍ ଶେଷସୁଦ୍ଧା ଓଭରଅଲ୍ ୫ମ ସ୍ଥାନରେ ରହିଛନ୍ତି।

# ଆଇସିସି ଏକାଦଶରେ ରୋହିତ, ବୁମ୍‌ରା

ଲଣ୍ଡନ, ୧୫।୭(ପି.ଟି.)

କ୍ରିକେଟ ବିଶ୍ୱକପ୍‌ର ଦ୍ୱାଦଶ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲ ଟାଇ ରହିବାପରେ ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏହା ମଧ ଟାଇ ରହିବାରୁ ଅଧିକ ବାଉଣ୍ଡରୀ ମାରିଥିବା ଇଂଲଣ୍ଡ ଚାମ୍ପିୟନ ହୋଇ ଇତିହାସ ରଚିଛି। ଦୀର୍ଘ ୪୪ ବର୍ଷର ବିଶ୍ୱକପ୍ ଇତିହାସରେ ଇଂଲଣ୍ଡ ପ୍ରଥମଥର ପାଇଁ ଟାଇଟଲ ଜିତିବାର ସ୍ୱାଦ ଚାଖିଛି। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ(ଆଇସିସି) ବିଶ୍ୱକପ୍ ଏକାଦଶରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କୁ ଏହି ଏକାଦଶର ଅଧିନାୟକ କରାଯାଇଥିବାବେଳେ ଇଂଲଣ୍ଡ ଖେଳାଳିଙ୍କ ଆଧିପତ୍ୟ ଦେଖିବାକୁ ମିଳିଛି। ସେମିଫାଇନାଲରୁ ବିଦାୟ ନେଇଥିବା ଭାରତୀୟ ଦଳରୁ କେବଳ ରୋହିତ ଶର୍ମା ଓ ଯଶପ୍ରୀତ ବୁମ୍‌ରା ଏହି ଏକାଦଶରେ ସ୍ଥାନ ପାଇବାକୁ ସକ୍ଷମ ହୋଇଛନ୍ତି।

ଆଇସିସି ପକ୍ଷରୁ ଗଠିତ ଚୟନ ପ୍ୟାନେଲ ଇଂଲଣ୍ଡର ୪ ଏବଂ ନ୍ୟୁଜିଲାଣ୍ଡର ୨ ଜଣ ଖେଳାଳିଙ୍କୁ ଏହି ଏକାଦଶରେ ନେଇଛନ୍ତି। ସେମିଫାଇନାଲରେ ପରାଜିତ ଦୁଇ ଦଳ ଭାରତ ଓ ଅଷ୍ଟ୍ରେଲିଆରୁ ୨ ଜଣ ଲେଖାଏ ଖେଳାଳି ଏବଂ ଶ୍ରେଷ୍ଠ ଅଲରାଉଣ୍ଡର ଭାବେ ବାଂଲାଦେଶର ଶାକିବ ଅଲ ହାସନ ସ୍ଥାନ ପାଇଛନ୍ତି। ରୋହିତ ଟୁର୍ନାମେଣ୍ଟର ଟପ୍ ସ୍କୋରର ଭାବେ ୬୪୮ ରନ୍ କରିଥିବାବେଳେ ବୁମ୍‌ରା ୧୮ଟି ଉଇକେଟ ନେଇ ଭାରତର ଶ୍ରେଷ୍ଠ ବୋଲର ରହିଛନ୍ତି। ଆହତ ସମସ୍ୟାରୁ ମୁକୁଳି ଇଂଲଣ୍ଡକୁ ଟାଇଟଲ ବିଜୟରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥିବା



ରୋହିତ ଶର୍ମା



ଯଶପ୍ରୀତ୍ ବୁମ୍‌ରା

ଜାସନ ରୟ ଟପ୍ ଅର୍ଡରରେ ସ୍ଥାନ ଦଖଲ କରିବାରେ ସକ୍ଷମ ହୋଇଛନ୍ତି। ସେ ଖେଳିଥିବା ୭ ଇନିଂସ୍‌ରୁ ୫ ଥର ୫୦ରୁ ଅଧିକ ରନ୍ ସଂଗ୍ରହ କରିଥିବାବେଳେ ବାଂଲାଦେଶ ବିପକ୍ଷରେ ୧୨୧ ବଲ୍‌ରୁ ୧୫୩ ରନ୍ ସଂଗ୍ରହ କରିଥିଲେ। ଏହାବ୍ୟତୀତ ସୁପର ଓଭରରେ ଆଉଟ୍ ଫିଲ୍ଡରୁ ତାଙ୍କର ଥ୍ରୋ ଇଂଲଣ୍ଡର ବିଶ୍ୱକପ୍ ବିଜୟ ସ୍ୱପ୍ନକୁ ସାକାର କରିଥିଲା। ରେକର୍ଡ ୫ ଶତକ ସହ ଟୁର୍ନାମେଣ୍ଟର ଟପ୍ ସ୍କୋରର ହୋଇଥିବାରୁ ରୋହିତଙ୍କୁ ଜାସନଙ୍କ ଓପନିଂ ପାର୍ଟନର କରାଯାଇଛି। ଜଣେ ଅଧିନାୟକ ଭାବେ କୌଣସି ବିଶ୍ୱକପ୍‌ରେ ସର୍ବାଧିକ ରନ୍ କରିଥିବା ୱିଲିୟମସନଙ୍କୁ ୩ୟ ସ୍ଥାନ ପାଇଁ ଚୟନ କରାଯାଇଛି। ଇଂଲଣ୍ଡର ଟପ୍ ସ୍କୋରର ଜୋ ରୁଟ୍‌ଙ୍କୁ ୫ମ ସ୍ଥାନ ଦିଆଯାଇଛି। ସେ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଶତକ ହାସଲ କରିଥିବାବେଳେ ୩ ଅର୍ଦ୍ଧଶତକ ଅର୍ଜନ କରିଥିଲେ।

ବିଶ୍ୱକପ୍‌ରେ ଶାକିବ ୩ ନମ୍ବରରେ ଆସି ବାଂଲାଦେଶକୁ ଫାଇଦା ଦେଇଥିଲେ ହେଁ କ୍ୟାରିୟରରେ ସେ ସାଧାରଣତଃ ୫ ନମ୍ବରରେ ହିଁ ଖେଳିଥାନ୍ତି। ତେଣୁ ତାଙ୍କୁ ସେହି ସ୍ଥାନରେ ରଖାଯାଇଛି। ସେ ଗତ ବିଶ୍ୱକପ୍‌ରେ ୨ ଶତକ ଓ ୫ ଅର୍ଦ୍ଧଶତକ ସହ ୮୭.୦୦ ଆଭରେଜ୍‌ରେ ରନ୍ ସଂଗ୍ରହ କରିଛନ୍ତି। ଏହାବ୍ୟତୀତ ତାଙ୍କୁ ୧୧ଟି ଉଇକେଟ ମଧ୍ୟ ମିଳିଛି। ବିଶ୍ୱକପ୍ ଫାଇନାଲର ହିରୋ ବେନ୍ ଷ୍ଟୋକ୍ସ ସ୍ୱାଭାବିକ ଭାବେ ୬ଷ୍ଠ ସ୍ଥାନର




ହକ୍‌ଦାର ହୋଇଛନ୍ତି। ଟୁର୍ନାମେଣ୍ଟରେ ସେ ସ୍ଥିର ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲେ। ଷ୍ଟମ୍ପ ପଛରେ ଅଷ୍ଟ୍ରେଲିଆର ଆଲେକ୍ସ କାରେ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ସେ ୨୦ଟି ଡିସ୍‌ମିଶାଲ କରିଥିଲେ। କେବଳ ନ୍ୟୁଜିଲାଣ୍ଡର ଟମ୍ ଲଥାମ ତାଙ୍କଠାରୁ ଅଧିକ ଡିସ୍‌ମିଶାଲ କରିଥିଲେ। ତେବେ କାରେ ୬୦.୦୦ ଆଭରେଜ୍‌ରେ ୩୭୫ ରନ୍ କରିଥିବାରୁ ଲଥାମଙ୍କୁ ପଛରେ ପକାଇ ଦେଇଛନ୍ତି।

ବୋଲିଂ ଲାଇନ୍‌ଅପ୍‌ରେ ସବୁଠାରୁ ଆଗରେ ରହିଛନ୍ତି ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ। ସେ ସର୍ବାଧିକ ୨୭ଟି ଉଇକେଟ ନେଇଛନ୍ତି। ଫାଇନାଲରେ ସୁପର ଓଭରର ହିରୋ ଜୋଫ୍ରା ଆର୍ଚର ନିଜର ପ୍ରଥମ ବିଶ୍ୱକପ୍ ଖେଳିଥିଲେ ହେଁ ପ୍ରଭାବୀ ବୋଲିଂ କରି ୪.୫୭ ଇକୋନୋମି ହାରରେ ୨୦ଟି ଉଇକେଟ ଦଖଲ କରିଛନ୍ତି। ତେଣୁ ତାଙ୍କୁ ମଧ୍ୟ ଏଥିରେ ସ୍ଥାନ ଦିଆଯାଇଛି। ନ୍ୟୁଜିଲାଣ୍ଡର ଲୋକି ଫର୍ଗୁସନ ସର୍ବାଧିକ ଉଇକେଟ ହାସଲକାରୀ ତାଲିକାରେ ଦ୍ୱିତୀୟ ସ୍ଥାନରେ ଥିବାରୁ ସ୍ୱାଭାବିକ ଭାବେ ସ୍ଥାନ ପାଇଛନ୍ତି। ସେ ଫାଇନାଲରେ ୩ଟିକୁ ମିଶାଇ ମୋଟ ୨୧ଟି ଉଇକେଟ ନେଇଥିଲେ। ସେ ଓଭର ପିଛା ୫ରୁ କମ୍ ରନ୍ ବ୍ୟୟ କରିଥିଲେ। ଶେଷରେ ରହିଛନ୍ତି ଭାରତର ଯଶପ୍ରୀତ ବୁମ୍‌ରା। ଏକଦିବସୀୟ କ୍ରିକେଟରେ ସମ୍ପ୍ରତି ସର୍ବଶ୍ରେଷ୍ଠ ବୋଲର ବିବେଚିତ ହେଉଥିବା ବୁମ୍‌ରା ୪.୪୧ ଇକୋନୋମି ହାରରେ ୧୮ଟି ଉଇକେଟ ନେଇଛନ୍ତି। ଆଇସିସି ଚୟନ କମିଟି ପ୍ୟାନେଲରେ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଭାଷ୍ୟକାର ଇଆନ ବିଶପ, ଇଆନ ସ୍ମିଥ୍, ଇସା ଗୁହା, କ୍ରିକେଟ ଲେଖକ ଲରେନ୍ସ ବୁଥ୍ ରହିଥିଲେ। ଆଇସିସି ଜେନେରାଲ ମ୍ୟାନେଜର(କ୍ରିକେଟ) ଜେଫ୍ ଆଲାର୍ଡିସ ଏହି ପ୍ୟାନେଲର ୫ମ ସଦସ୍ୟ ଏବଂ ସଂଯୋଜକ ଦାୟିତ୍ୱ ନିର୍ବାହ କରିଥିଲେ।

## ଆଇସିସି ଏକାଦଶ

- ଜାସନ ରୟ (ଇଂଲଣ୍ଡ): ୬୩.୨୮ ଆଭରେଜ୍‌ରେ ୪୪୩ ରନ୍
- ରୋହିତ ଶର୍ମା (ଭାରତ): ୮୧.୦୦ ଆଭରେଜ୍‌ରେ ୬୪୮ ରନ୍
- କେନ୍ ୱିଲିୟମସନ (ଅଧିନାୟକ, ନ୍ୟୁଜିଲାଣ୍ଡ): ୮୨.୫୭ ଆଭରେଜ୍‌ରେ ୫୭୮ ରନ୍
- ଜୋ ରୁଟ୍ (ଇଂଲଣ୍ଡ): ୬୧.୭୭ ଆଭରେଜ୍‌ରେ ୫୫୬ ରନ୍
- ଶାକିବ ଅଲ୍ ହାସନ (ବାଂଲାଦେଶ): ୮୬.୫୭ ଆଭରେଜ୍‌ରେ ୬୦୬ ରନ୍, ୩୬.୨୭ ଆଭରେଜ୍‌ରେ ୧୧ ଉଇକେଟ
- ବେନ୍ ଷ୍ଟୋକ୍ସ (ଇଂଲଣ୍ଡ): ୬୬.୪୨ ଆଭରେଜ୍‌ରେ ୪୬୫ ରନ୍, ୩୫.୧୪ ଆଭରେଜ୍‌ରେ ୭ ଉଇକେଟ
- ଆଲେକ୍ସ କାରେ (ଉଇକେଟ କିପର, ଅଷ୍ଟ୍ରେଲିଆ) : ୬୨.୫୦ ଆଭରେଜ୍‌ରେ ୩୭୫ ରନ୍, ୨୦ ଡିସ୍‌ମିଶାଲ୍ସ
- ମିଚେଲ ଷ୍ଟାର୍କ (ଅଷ୍ଟ୍ରେଲିଆ): ୧୮.୫୯ ଆଭରେଜ୍‌ରେ ୨୭ ଉଇକେଟ
- ଜୋଫ୍ରା ଆର୍ଚର (ଇଂଲଣ୍ଡ): ୨୩.୦୫ ଆଭରେଜ୍‌ରେ ୨୦ ଉଇକେଟ
- ଲୋକି ଫର୍ଗୁସନ (ନ୍ୟୁଜିଲାଣ୍ଡ): ୧୯.୪୭ ଆଭରେଜ୍‌ରେ ୨୧ ଉଇକେଟ
- ଯଶପ୍ରୀତ ବୁମ୍‌ରା (ଭାରତ): ୨୦.୬୧ ଆଭରେଜ୍‌ରେ ୧୮ ଉଇକେଟ
- ଟ୍ରେଣ୍ଟ ବୋଲ୍ଟ (ନ୍ୟୁଜିଲାଣ୍ଡ, ଦ୍ୱାଦଶ ଖେଳାଳି): ୨୮.୧୭ ଆଭରେଜ୍‌ରେ ୧୭ ଉଇକେଟ

# ବିଶ୍ୱନାଥଙ୍କୁ ଟିକେଟ ନ ମିଳିବା ଦୁଃଖଦାୟକ: ଗାଭାସ୍କର

**ଲଣ୍ଡନ,୧୫।୭:** ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରୋମାଞ୍ଚଭରା ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍ ଲାଗି ପୂର୍ବତନ ଭାରତୀୟ କ୍ରିକେଟର ଗୁଣ୍ଡପା ବିଶ୍ୱନାଥ ଓ ତାଙ୍କ ଶାଳକଙ୍କୁ ଟିକେଟ୍ ମିଳି ନ ଥିଲା। ଗୁଣ୍ଡପାଙ୍କୁ ଫାଇନାଲ ଟିକେଟ୍ ଦେବା ଲାଗି ବିସିସିଆଇ କର୍ମକର୍ତ୍ତା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଠିକ୍ ସମୟରେ ଉକ୍ତ କର୍ମକର୍ତ୍ତା ଫୋନ ଉଠାଇ ନ ଥିଲେ। ଏ ନେଇ ପୂର୍ବତନ ଭାରତୀୟ ଅଧିନାୟକ ତଥା ଭାଷ୍ୟକାର ସୁନୀଲ ଗାଭାସ୍କର ଦୁଃଖ ପ୍ରକାଶ କରିଛନ୍ତି। ବିସିସିଆଇ କିଛି ବକ୍ସ ଟିକେଟ୍ ରଖିଥିବା ନେଇ ମୁଁ ନିଶ୍ଚିତ। ମୋ ମତରେ ବିସିସିଆଇ ୧୯୮୩ ବିଶ୍ୱକପ୍ ଚାମ୍ପିୟନ କପିଳ ଦେବ ଓ ମହିନ୍ଦର ଅମରନାଥ ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଯୁବରାଜ ସିଂଙ୍କୁ ମଧ୍ୟ ଫାଇନାଲ ଲାଗି ଆମନ୍ତ୍ରଣ କରିବା କଥା। ଭାରତୀୟ ଦଳର ବିଶ୍ୱକପ୍ ସଫଳତାରେ ଏମାନଙ୍କର ବଡ଼ ହାତ ରହିଛି। ସେମାନଙ୍କୁ ସମ୍ମାନିତ କରାଯିବା ଉଚିତ। ଏପରି କି କିମ୍ବଦନ୍ତୀ କ୍ରୀଡ଼ାବିତ ପ୍ରକାଶ ପାଦୁକୋନ ଓ ମିଲଖା ସିଂଙ୍କୁ ମଧ ଆମନ୍ତ୍ରଣ କରାଯାଇ ପାରିଥାନ୍ତା ବୋଲି ଗାଭାସ୍କର କହିଛନ୍ତି। ରବିବାର ଐତିହାସକ ମ୍ୟାଚ୍ ଉପଭୋଗ କରିବା ଲାଗି ବିସିସିଆଇ କର୍ମକର୍ତ୍ତା ଓ ପୂର୍ବତନ କର୍ମକର୍ତ୍ତା ଲର୍ଡ୍ସରେ ଉପସ୍ଥିତ ଥିଲେ।

# ଇଂଲଣ୍ଡ ବିଶ୍ୱର ଏକମାତ୍ର ଦେଶ

**ଲଣ୍ଡନ, ୧୫।୭:** ଆଇସିସି ବିଶ୍ୱକପ୍ ଦ୍ୱାଦଶ ସଂସ୍କରଣର ଫାଇନାଲରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଇଂଲଣ୍ଡ ଚାମ୍ପିୟନ ହୋଇଛି। ଏଥିସହ କ୍ରିକେଟ୍ ବିଶ୍ୱକପ୍‌ର ୪୪ ବର୍ଷର ଇତିହାସରେ ପ୍ରଥମଥର ଲାଗି କ୍ରିକେଟ୍‌ର ଜନକଭାବେ ପରିଚିତ ଇଂଲଣ୍ଡ ବିଶ୍ୱ ବିଜେତା ହୋଇଛି। ଏହି ବିଜୟ ସହିତ ବିଶ୍ୱର ପ୍ରଥମ ଦେଶ ଭାବେ ଇଂଲଣ୍ଡ କ୍ରିକେଟ୍ ବିଶ୍ୱକପ୍, ଫୁଟ୍‌ବଲ ବିଶ୍ୱକପ୍ ଓ ରଗ୍‌ବୀ ବିଶ୍ୱକପ୍ ଜିତିବାର ବିରଳର କୃତିତ୍ୱ ଲାଭ କରିଛି।

କ୍ରୀଡ଼ା ଇତିହାସରେ ଇଂଲଣ୍ଡ ପ୍ରଥମଥର ଲାଗି ୧୯୬୬ରେ ମେଜର ଟାଇଟଲ ଜିତିଥିଲା। ଫିଫା ବିଶ୍ୱକପ୍‌ର ୮ମ ସଂସ୍କରଣ ଇଂଲଣ୍ଡରେ ୧୯୬୬ରେ ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଆୟୋଜକ ଇଂଲଣ୍ଡ ୪-୨ ଗୋଲ ବ୍ୟବଧାନରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରି ବିଶ୍ୱକପ୍ ମୁକୁଟ ପିନ୍ଧିଥିଲା। ଏହାପରେ ଇଂଲଣ୍ଡ ରଗ୍‌ବୀ ବିଶ୍ୱକପ୍ ଟ୍ରଫି ହାତେଇଥିଲା। ୨୦୦୩ରେ ଅଷ୍ଟ୍ରେଲିଆରେ ରଗ୍‌ବୀ ବିଶ୍ୱକପ୍ ଆୟୋଜିତ ହୋଇଥିଲା। ଫାଇନାଲରେ ଆୟୋଜକ ଅଷ୍ଟ୍ରେଲିଆକୁ ୧୭-୨୦ ପଏଣ୍ଟରେ ପରାସ୍ତ କରି ଇଂଲଣ୍ଡ ଚାମ୍ପିୟନ ହୋଇଥିଲା। ୧୯୬୬ (ଫିଫା ବିଶ୍ୱକପ୍) ପରେ ଇଂଲଣ୍ଡର ଏହା ୨ୟ ବିଶ୍ୱକପ୍ ଟ୍ରଫିଥିଲା। ଶେଷରେ ରବିବାର ଅନୁଷ୍ଠିତ ରୋମାଞ୍ଚକଭରା ଆଇସିସି ପୁରୁଷ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଟାଇ (ନ୍ୟୁଜିଲାଣ୍ଡ- ୨୪୧/୮, ଇଂଲଣ୍ଡ- ୨୪୧/୧୦)ରହିଥିଲା। ଏହାପରେ ସୁପର୍ ଓଭରରେ ମଧ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୧୫ ରନ କରିଥିବାବେଳେ ନ୍ୟୁଜିଲାଣ୍ଡ ସମାନ ସଂଖ୍ୟକ ରନ୍ କରିବାରୁ ମ୍ୟାଚ୍ ପୁଣି ଟାଇରେ ସମାପ୍ତ ହୋଇଥିଲା। ଫଳରେ ମ୍ୟାଚ୍‌ରେ ଅଧିକ ବାଉଣ୍ଡାରୀ ମାରିଥିବାରୁ ଇଂଲଣ୍ଡକୁ ଚାମ୍ପିୟନ ହୋଇଥିଲା।

ଇଂଲଣ୍ଡ ମଧ ଆଇସିସି ମହିଳା ବିଶ୍ୱକପ୍ (୫୦ ଓଭର) ଟାଇଟଲ ହାସଲ କରିଛି। ୨୦୧୭ ଆଇସିସି ମହିଳା ବିଶ୍ୱକପ୍ ଫାଇନାଲରେ ହେଥର୍ ନାଇଟ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡ ୯ ରନରେ ଭାରତକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା।

### ବିଶ୍ୱ କ୍ରୀଡ଼ାରେ ଇଂଲଣ୍ଡ

- ଇଂଲଣ୍ଡ ପ୍ରଥମଥର ଲାଗି ୧୯୬୬ରେ ଫିଫା ବିଶ୍ୱକପ୍ ଜିତିଥିଲା।
- ୨୦୦୩ ରଗ୍‌ବୀ ବିଶ୍ୱକପରେ ଅଷ୍ଟ୍ରେଲିଆକୁ ହରାଇ ଇଂଲଣ୍ଡ ଚାମ୍ପିୟନ ହୋଇଥିଲା।
- ୨୦୧୭ରେ ଜିତିଥିଲା ଆଇସିସି ମହିଳା ଦିନିକିଆ ବିଶ୍ୱକପ୍।
- ୨୦୧୯ରେ ନ୍ୟୁଜିଲାଣ୍ଡକୁ ହରାଇ ଆଇସିସି ପୁରୁଷ ଦିନିକିଆ ବିଶ୍ୱକପ୍ ବିଜେତା।



ସୋମବାର ଓଭାଲଠାରେ ଆଇସିସି ବିଶ୍ୱକପ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନ ଓ ସାଥୀ ଖେଳାଳିମାନେ ଖୁସି ମନାଉଛନ୍ତି।

# ଶୀର୍ଷସ୍ଥାନରେ ସ୍ଥିତି ମଜଭୁତ କଲେ ଜୋକୋଭିଚ୍

**ପ୍ୟାରିସ, ୧୫।୭ (ଏଏଫ୍‌ପି):** ନୋଭାକ ଜୋକୋଭିଚ୍ ସଫଳତାର ସହ ୱିମ୍ବେଲଡନ ଓପନ ଟାଇଟଲ ବଜାୟ ରଖିଛନ୍ତି। ଏହି ବିଜୟ ଯୋଗୁ ସର୍ବିଆ ଖେଳାଳି ଏଟିପି ର୍ୟାଙ୍କିଙ୍ଗ୍ ଶୀର୍ଷ ସ୍ଥାନରେ ନିଜ ସ୍ଥିତିକୁ ଦୃଢ଼ଭୂତ କରିଛନ୍ତି। ଏହା ଦର୍ଶାଇଛି ସୋମବାର ପ୍ରକାଶ ପାଇଥିବା ନୂଆ ଏଟିପି ର୍ୟାଙ୍କିଙ୍ଗ୍। ୩୨ ବର୍ଷୀୟ ଜୋକୋଭିଚ୍ ପ୍ରାୟ ୫ ଘଣ୍ଟା ଧରି ଚାଲିଥିବା ଫାଇନାଲରେ ରୋଜର ଫେଡରରଙ୍କୁ ହରାଇ କ୍ୟାରିୟରର ୫ମ ୱିମ୍ବେଲଡନ ଓ ମୋଟ ଉପରେ ୧୬ତମ ଟାଇଟଲ ହାତେଇଛନ୍ତି। ସେ ଏବେ ଦ୍ୱିତୀୟ ସ୍ଥାନରେ ଥିବା ରାଫାଲ ନାଡାଲଠାରୁ ସାଢ଼େ ୪ ହଜାର ପଏଣ୍ଟ ଆଗରେ ଅଛନ୍ତି। ରନର୍ସ ଅପ୍ ୩୭ ବର୍ଷୀୟ ଫେଡରର ଏବେ ଦ୍ୱିତୀୟ ସ୍ଥାନଠାରୁ ୪୮୫ ପଏଣ୍ଟ ପଛରେ ରହିଛନ୍ତି। ଚଳିତ ଥର ରବର୍ଟ ବୌତିସ୍ତାଙ୍କ ର୍ୟାଙ୍କିଙ୍ଗରେ ଉଲ୍ଲେଖନୀୟ ଉନ୍ନତି ଆସିଛି। ୱିମ୍ବେଲଡନ ଓପନ ସେମିଫାଇନାଲରୁ ପ୍ରେବଶ କରିବାରୁ ସେ ପୂର୍ବପେକ୍ଷା ୯ ସ୍ଥାନ ଉପରକୁ ଉଠି ୧୩ତମ ର୍ୟାଙ୍କ ଅଧିକାର କରିଛନ୍ତି।

# ଭାରତ ଏ’ ୨-୦ରେ ସିରିଜ ଅଗ୍ରଣୀ

**ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୧୫।୭ (ପି.ଟି.):** ଘରୋଇ ୱେଷ୍ଟଇଣ୍ଡିଜ-ଏ ବିପକ୍ଷରେ ଏଠାରେ ଅନୁଷ୍ଠିତ ୨ୟ ଅନ୍‌ଅଫିସିଆଲ ଦିନିକିଆ ମ୍ୟାଚ୍‌କୁ ମନୀଷ ପାଣ୍ଡେଙ୍କ ନେତୃତ୍ୱାଧୀନ ଭାରତ-ଏ ଦଳ ୬୫ ରନରେ ଜିତି ନେଇଛି। ଏହି ବିଜୟ ସହ ଭାରତ-ଏ ୫ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୨-୦ରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ଭ୍ରମଣକାରୀ ଦଳ ମଧ ସମାନ ୬୫ ରନରେ ଜିତିଥିଲା। ସିରିଜର ୩ୟ ମ୍ୟାଚ୍ ମଙ୍ଗଳବାର ଏଠାରେ ଖେଳାଯିବ। ଦିନିକିଆ ସିରିଜ ପରେ ଭାରତ-ଏ ଦଳ ୩ ମ୍ୟାଚ୍‌ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

ସ୍ଥାନୀୟ ସାର୍ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ-ଏ ଦୁଇ ଓପନର୍ ଋତୁରାଜ ଗାଏକ୍ୱାଡ ଓ ଶୁବମନ ଗିଲଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ୍ ହରାଇ ୨୫୫ ରନ କରିଥିଲା। ଋତୁରାଜ ୧୦୨ ବଲରୁ ୫ ଚୌକା ଓ ୨ ଛକା ସହାୟତାରେ ସର୍ବାଧିକ ୮୫ ରନ କରିଥିଲେ। ସେହିଭଳି ଗିଲ୍ ୬୨ ରନ (୮୩ ବଲ) କରି ଆଉଟ୍ ହୋଇଥିଲେ। ଓପନିଂ ଯୋଡ଼ିରେ ଉଭୟ ୩୦.୪ ଓଭରରେ ୧୫୧ ରନର ଭାଗୀଦାରି କରି ଦଳ ପାଇଁ ଦୃଢ଼ ମୂଳଦୁଆ ପକାଇଥିଲେ। କିନ୍ତୁ ମଧ୍ୟକ୍ରମ ବିଫଳତା ଯୋଗୁ ଭାରତ-ଏ ବଡ଼ ସ୍କୋର କରିବାରେ ସମର୍ଥ ହୋଇପାରି ନ ଥିଲା। ଶ୍ରେୟାସ ଆୟର (୨), ମନୀଷ ପାଣ୍ଡେ (୨୭), ହନୁମା ବିହାରୀ (୨୩), ଉଇକେଟ୍ କିପର ଇଶାନ କିଶାନ (୨୪) ଓ ଅକ୍ଷର ପଟେଲ (୧୩) ବଡ଼ ସ୍କୋର କରିପାରି ନ ଥିଲେ। ଘରୋଇ ଦଳ ପକ୍ଷରୁ ଦ୍ରୁତ ବୋଲର ରୋମାରିଓ ସେଫର୍ଡ ସର୍ବାଧିକ ୪ ଉଇକେଟ୍ ଅକ୍ତିଆର କରିଥିଲେ।

ଜବାବରେ ୨୫୬ ରନର ପିଛା କରିଥିବା ୱେଷ୍ଟଇଣ୍ଡିଜ-ଏ ରେମନ ରିଲିଫ୍ (୭୧ ରନ, ୧୦୫ ବଲ)ଙ୍କ ଲଢୁଆ ଅର୍ଦ୍ଧଶତକ ସତ୍ତ୍ୱେ ୪୩.୫ ଓଭରରେ ୧୯୦ ରନରେ ସୀମିତ ରହିଥିଲା। ଓପନର ସୁନୀଲ ଆମ୍ବ୍ରିସ ୨୪, ରୋମାରିଓ ଅପରାଜିତ ୩୪ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଡାହାଣହାତୀ ମଧ୍ୟଗତିର ବୋଲର ନବଦୀପ ସାଇନି (୮.୫-୦-୪୬-୫) ସୁନ୍ଦର ବୋଲିଂ ଫିଗର ହାସଲ କରିଥିଲେ। ଋତୁରାଜଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

### ୨ୟ ଅନ୍‌ଅଫିସିଆଲ ଦିନିକିଆ

"ଦୀର୍ଘ ୪ ବର୍ଷ କଠିନ ପରିଶ୍ରମର ମୂଲ୍ୟ ମିଳିଛି। ଜଣେ ପେସାଦାର ଖେଳାଳିଭାବେ ମୁଁ ମୋ କର୍ତ୍ତବ୍ୟ କରିଛି। ଆଶା କରୁଛି ଏହା ଯୁବ ପିଢ଼ିଙ୍କୁ ଉତ୍ସାହିତ କରିବ ।"
–ବେନ୍ ଷ୍ଟୋକ୍ସ, ଇଂଲଣ୍ଡ ଖେଳାଳି



"ଆଇସିସି ପକ୍ଷରୁ ପ୍ରଣୟନ ନିୟମ ଉପରେ ଖେଳାଳିଙ୍କର କୌଣସି ନିୟନ୍ତ୍ରଣ ନାହିଁ। ସୁପର ଓଭର ଟାଇ କ୍ଷେତ୍ରରେ ପ୍ରଚଳିତ ବାଉଣ୍ଡାରୀ ନିୟମ ନୂଆ ନୁହଁ ।"
–ଇଅନ ମୋର୍ଗାନ, ଇଂଲଣ୍ଡ କ୍ରିକେଟ ଅଧିନାୟକ



## ସଂକ୍ଷେପରେ

### 'ଧୋନୀ ଯୁବ ଖେଳାଳିଙ୍କୁ ବାଟ ଛାଡ଼ିବା ଉଚିତ୍'

**ଲଣ୍ଡନ,୧୫।୭:** ଭାରତୀୟ ଦଳର ଚୟନକର୍ତ୍ତା, ସାଥୀ ଖେଳାଳି ଓ ପ୍ରଶଂସକମାନେ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସନ୍ୟାସ ନେବେ କି ନାହିଁ ବୋଲି ଅନୁମାନ ଚଳାଇଛନ୍ତି। କିନ୍ତୁ ଭାରତୀୟ ଖେଳାଳି ଭାବେ ଧୋନୀଙ୍କ କ୍ୟାରିୟରର ପ୍ରାୟତଃ ଶେଷ ହୋଇସାରିଛି। ୩୮ ବର୍ଷୀୟ କ୍ରିକେଟର ଯୁବ ଖେଳାଳିଙ୍କ ଲାଗି ବାଟ ଛାଡ଼ିବା ଉଚିତ ବୋଲି କେତେକ ପୂର୍ବତନ ଖେଳାଳି ମତ ଦେଇଛନ୍ତି। ବିଶ୍ୱକପ୍‌ରେ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଧୋନୀ ନିମ୍ନ କ୍ରମରେ ବ୍ୟାଟିଂ କରି ୩୧ ବଲରୁ ୪୨ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ଭାରତୀୟ ଦଳ ନିକଟରେ ବିଜୟ ସୁଯୋଗ ଥିଲା। ହେଲେ ଧୋନୀ ବାଉଣ୍ଡ୍ରି ଲଗାଇବାକୁ ଉଦ୍ୟମ କରି ନ ଥିଲେ। ଏହି ପରାଜୟ ପାଇଁ କିଛି ପୂର୍ବତନ ଖେଳାଳି ଧୋନୀଙ୍କୁ ଦାୟୀ କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦ ଖୁବଶୀଘ୍ର ଧୋନୀଙ୍କ ସହ ଆଲୋଚନା କରିବେ। ଯଦି ସେ ଏପର୍ଯ୍ୟନ୍ତ ନିଷ୍ପତ୍ତି ନେଇ ନାହାନ୍ତି ତେବେ ତାଙ୍କ ଅବସର ନେବାର ସମୟ ଆସିପାରେ ବୋଲି ବୁଝାଇବେ। ସେ ଏପର୍ଯ୍ୟନ୍ତ ଅବସର ସମ୍ପର୍କରେ ଘୋଷଣା କରି ନାହାନ୍ତି, ଯାହା କି ଆମକୁ ଆଶ୍ଚର୍ଯ୍ୟ କରିଛି। ରିଷଭ ପନ୍ତଙ୍କ ଭଳି ଯୁବ ଖେଳାଳି ସୁଯୋଗ ହାତେଇବା ଅପେକ୍ଷାରେ ରହିଛନ୍ତି। ଆମେ ବିଶ୍ୱକପ୍‌ରେ ଦେଖିଛୁ, ଧୋନୀ ଆଉ ପୂର୍ବଭଳି ବ୍ୟାଟ୍ସମ୍ୟାନ ନାହାନ୍ତି। ବ୍ୟାଟିଂ କ୍ରମର ୬ଷ୍ଠ କିମ୍ବା ୭ମ ସ୍ଥାନରେ ଆସିବା ସତ୍ତ୍ୱେ ସେ ଦ୍ରୁତ ବୋଲରଙ୍କ ବିପକ୍ଷରେ ସ୍କୋର କରିପାରୁ ନାହାନ୍ତି। ଏହା ଦଳକୁ କ୍ଷତି ପହଞ୍ଚାଉଛି ବୋଲି ସୂତ୍ରରୁ ଜଣାପଡ଼ିଛି। ଏହାବାଦ୍ ଆଗାମୀ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ୍ ଲାଗି ଧୋନୀଙ୍କୁ ଚୟନ କରାଯିବ ନାହିଁ କାରଣ ସେ ୨୦୨୦ ଟି୨୦ ବିଶ୍ୱକପ୍ ଲାଗି ଚୟନକର୍ତ୍ତାଙ୍କ ଯୋଜନାରେ ନାହାନ୍ତି।

# ବାଉଣ୍ଡାରୀ ନିୟମକୁ ସମାଲୋଚନା



ସୁପର୍ ଓଭରରେ ମାର୍ଟିନ୍ ଗୁପ୍‌ଟିଲ୍‌ଙ୍କ ରନ୍ ଆଉଟ୍।

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**

ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆଇସିସି ବିଶ୍ୱକପ୍ ମ୍ୟାଚର ଯେପରି ରୋମାଞ୍ଚକ ପରିସମାପ୍ତି ଘଟିଲା, ସେନେଇ କ୍ରିକେଟ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ଏହି ମ୍ୟାଚ ଟାଇ ରହିବା ପରେ ସୁପର ଓଭରର ସହାୟତା ନିଆଯାଇଥିଲା। ମାତ୍ର ତାହା ମଧ୍ୟ ଟାଇ ରହିଥିଲା। ଫଳରେ ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍‌ସିଲ (ଆଇସିସି)ର ନିୟମାନୁସାରେ ଅଧିକ ବାଉଣ୍ଡାରୀ ମାରିଥିବା ଦଳ ଇଂଲଣ୍ଡ ବିଜୟୀ ବିବେଚିତ ହୋଇଥିଲା।

ଇଂଲଣ୍ଡ ୨୨ ଚୌକା ଓ ୨ ଛକା ଲଗାଇଥିବାବେଳେ ନ୍ୟୁଜିଲାଣ୍ଡର ବାଉଣ୍ଡାରୀ ସଂଖ୍ୟା ୧୬ ରହିଥିଲା। ଏହି ନିୟମକୁ ଅତୀତ ଓ ବର୍ତ୍ତମାନର ବହୁ କ୍ରିକେଟର ନାପସନ୍ଦ କରିଛନ୍ତି। କ୍ରିକେଟର କିଛି ନିୟମ ରହିଛି, ଯାହାର ପରିବର୍ତ୍ତନ ଆବଶ୍ୟକ ବୋଲି ଟୁର୍ନାମେଣ୍ଟର ଟପ୍ ସ୍କୋରର ରୋହିତ ଶର୍ମା କହିଛନ୍ତି। ରୋହିତ ୬୪୮ ରନ ସ୍କୋର କରିଥିଲେ। ଏଥିରେ ତାଙ୍କର ୫ ଶତକ ସାମିଲ ଥିଲା। ଲିଗ୍ ପର୍ଯ୍ୟାୟରେ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଥିଲେ ମଧ୍ୟ ସେମିଫାଇନାଲରୁ ବିଦାୟ ନେଇଥିଲା। ପୂର୍ବତନ ଭାରତୀୟ ଓପନର ତଥା ବର୍ତ୍ତମାନର ପାର୍ଲାମେଣ୍ଟାରିଆନ ଗୌତମ ଗମ୍ଭୀର ଆଇସିସିର ଏହି ନିୟମକୁ ହାସ୍ୟାସ୍ପଦ ବୋଲି କହିଛନ୍ତି। ମ୍ୟାଚ ଟାଇ ହେବା ପରେ କେଉଁ ଭିତ୍ତିରେ ଅଧିକ ବାଉଣ୍ଡାରୀ ମାରିଥିବା ଦଳକୁ ବିଜୟୀ ଘୋଷଣାର ବ୍ୟବସ୍ଥା ରହିଛି, ତାହାର ହିସାବ ମୁଁ ପାଉନାହିଁ। ତେବେ ଫାଇନାଲରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ପ୍ରଦର୍ଶନକୁ ନେଇ ଉଭୟ ଦଳକୁ ବଧେଇ ଜଣାଉଛି। ଗମ୍ଭୀରଙ୍କ ପୂର୍ବତନ ଟିମ୍‌ମେଟ୍ ଯୁବରାଜ ସିଂ କହିଛନ୍ତି, ଯଦିଓ ମୁଁ ଏହି ନିୟମ ସପକ୍ଷରେ ନାହିଁ। କିନ୍ତୁ ନିୟମ ହେଉଛି ନିୟମ। ବିଶ୍ୱକପ୍ ଜିତିଥିବାରୁ ମୁଁ ଇଂଲଣ୍ଡକୁ ଅଭିନନ୍ଦନ ଜଣାଉଛି। କିନ୍ତୁ ନ୍ୟୁଜିଲାଣ୍ଡର ପ୍ରଦର୍ଶନ ହୃଦୟସ୍ପର୍ଶୀ ଥିଲା। ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ସ୍କଟ ଷ୍ଟାଇରିସ ଆଇସିସିକୁ ଏକ 'ଜୋକ୍' ବୋଲି ଅଭିହିତ କରିଛନ୍ତି। ଭାରତୀୟ ସ୍ପିନ କିମ୍ବଦନ୍ତୀ ବିଶେନ ସିଂ ବେଦୀ ମଧ୍ୟ ଆଇସିସି ନିୟମକୁ କଟୁ ସମାଲୋଚନା କରିଛନ୍ତି। ଆଇସିସି ନିୟମ ଇଂଲଣ୍ଡକୁ ବିଶ୍ୱକପ୍ ଜିତାଇବାରେ ସହାୟକ ହେଲା। ମୋ ମତରେ ଉଭୟ ଦଳକୁ ଯୁଗ୍ମ ବିଜେତା ଘୋଷଣା କରାଯାଇଥିଲେ ଭଲ ହୋଇଥାନ୍ତା। ଅଷ୍ଟ୍ରେଲିଆର ପୂର୍ବତନ ବ୍ୟାଟ୍ସମ୍ୟାନ ଡିନ୍ ଜୋନ୍ସ ତାଙ୍କ ଟୁଇଟର ପେଜ୍‌ରେ କହିଛନ୍ତି, ଡିଏଲ ସିଷ୍ଟମ ପ୍ରକୃତରେ ରନ ଏବଂ ଉଇକେଟ ପତନ ଭିତ୍ତିରେ ପର୍ଯ୍ୟବେଶିତ। କିନ୍ତୁ ଟାଇ ଭାବେ ଶେଷ ହୋଇଥିବା ଏକ ମ୍ୟାଚର ଫଳାଫଳ ବାଉଣ୍ଡାରୀ ହିଟ୍ ଭିତ୍ତିରେ ନିରୂପଣ କରାଯିବା ଯଥାର୍ଥ ନୁହେଁ।

ସୁପର ଓଭରରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରିଥିଲା। ବେନ ଷ୍ଟୋକ୍ସ ଏବଂ ଜୋସ୍ ବଟଲର ଦଳ ପାଇଁ ୧୫ ରନ ସ୍କୋର କରିଥିଲେ। ଜବାବରେ ନ୍ୟୁଜିଲାଣ୍ଡ ଏକ ଉଇକେଟ ବିନିମୟରେ ସମାନ ସ୍କୋର କରିଥିଲା। ଇଂଲଣ୍ଡ ମ୍ୟାଚରେ ଅଧିକ ବାଉଣ୍ଡାରୀ ମାରିଥିବାରୁ ବିଜୟୀ ବିବେଚିତ ହୋଇଥିଲା। ଅଷ୍ଟ୍ରେଲିଆର ପୂର୍ବତନ ପେସ୍ ବୋଲର ବ୍ରେଟ୍ ଲି' ନିୟମର ପରିବର୍ତ୍ତନ ଲୋଡା ବୋଲି କହିଛନ୍ତି। ଟାଇ ମ୍ୟାଚର ବିଜେତା ଯେଉଁ ଭିତ୍ତିରେ ଘୋଷଣା କରାଗଲା ତାହା ଅତ୍ୟନ୍ତ ସାଂଘାତିକ। ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟରମାନେ ମଧ୍ୟ ସେମାନଙ୍କ ଅସନ୍ତୋଷ ଜାହିରି କରିଛନ୍ତି। ନିୟମକୁ ଅଯୌକ୍ତିକ ଏବଂ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ନ୍ୟୁଜିଲାଣ୍ଡର ପୂର୍ବତନ ଅଲରାଉଣ୍ଡର ଡିଅନ୍ ନାଶ କହିଛନ୍ତି, ବର୍ତ୍ତମାନ ଏହି ନିୟମକୁ ବିରୋଧ କରିହେବ ନାହିଁ। କାରଣ ଟୁର୍ନାମେଣ୍ଟ ପୂର୍ବରୁ ଏହି ନିୟମ ତିଆରି ହୋଇଛି। ଏହି ନିୟମ ଯେଉଁମାନେ ପ୍ରସ୍ତୁତ କରିଛନ୍ତି ସେମାନେ ଏନେଇ ମତାମତ ଲୋଡିବାର ଆବଶ୍ୟକତା ଥିଲା। ଅତୀତରେ ଯେଉଁ ନିୟମ ପ୍ରଚଳିତ ହୋଇଆସୁଥିଲା, ତଦନୁସାରେ ମ୍ୟାଚ ଯଦି ଟାଇ ରୁହେ ତେବେ ତୁଳନାତ୍ମକ ଭାବେ କମ୍ ଉଇକେଟ ହରାଇଥିବା ଦଳକୁ ବିଜେତା ଘୋଷଣା କରାଯାଉଥିଲା। ଏହି ନିୟମର ଅବା କାହିଁକି ପରିବର୍ତ୍ତନ କରାଗଲା। ୨୦୧୫ ବିଶ୍ୱକପ୍ ଫାଇନାଲିଷ୍ଟ ନ୍ୟୁଜିଲାଣ୍ଡ ଦଳର ଅନ୍ୟତମ ସଦସ୍ୟ କାଇଲ ମିଲ୍ସ ମଧ୍ୟ ସମାନ ମତ ଦେଇଛନ୍ତି। ସେ କହିଛନ୍ତି, ଏହା ଦୁର୍ଭାଗ୍ୟଜନକ ବିଷୟ ଯେ, ଆମେ ନିୟମ ବିରୋଧରେ ଅଭିଯୋଗ କରିପାରିବା ନାହିଁ।



ଇଟାଲୀର ନାପୋଲିଠାରେ ଅନୁଷ୍ଠିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ମହିଳା ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିବା ଓଡ଼ିଶାର ଦୂତୀ ଚାନ୍ଦ ସୋମବାର ଭୁବନେଶ୍ୱର ଫେରିବା ପରେ ବିମାନବନ୍ଦରରେ ପଦକ ପ୍ରଦର୍ଶନ କରୁଛନ୍ତି।

## ସ୍ୱର୍ଣ୍ଣ ଜିତିଲେ ଇଲାଭେନିଲ୍

**ନୂଆଦିଲ୍ଲୀ, ୧୫।୭ (ପି.ଟି.):** ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଜୁନିୟର ବିଶ୍ୱକପ୍‌ର ମହିଳା ୧୦ ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାରତର ଇଲାଭେନିଲ ଭାଲାରିଭାନ୍ ନିଜ ଦେଶର ମେହୁଲି ଘୋଷଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଇଲାଭେନିଲ ମୋଟ ୨୫୧.୬ ସ୍କୋର କରି ଥିବାବେଳେ ମେହୁଲ ୨୫୦.୨ ସ୍କୋର ସହ ରୌପ୍ୟ ଜିତିଛନ୍ତି। ଫ୍ରାନ୍ସର ମାରିଏନ୍ ମୁଲର ଏହି ଇଭେଣ୍ଟରେ ବ୍ରୋଞ୍ଜ ପାଇଛନ୍ତି। ଭାରତ ମହିଳା ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ଜୁନିୟର ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଟୁର୍ନାମେଣ୍ଟରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଥିବା ଭାରତ ଏପର୍ଯ୍ୟନ୍ତ ସୁଦ୍ଧା ୬ ସ୍ୱର୍ଣ୍ଣ, ସମାନ ସଂଖ୍ୟକ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ ସହ ମୋଟ ୧୪ ପଦକ ସହ ଟେବୁଲର ଶୀର୍ଷରେ ରହିଛି। ଚାଇନା ଦୁଇ ସ୍ୱର୍ଣ୍ଣ ସହ ମୋଟ ୬ ପଦକ ପାଇ ଦ୍ୱିତୀୟରେ ରହିଛି।

## ସପୋର୍ଟ ଷ୍ଟାଫ୍‌ଙ୍କ ସମେତ ଶାସ୍ତ୍ରୀ ଆବେଦନ କରିବେ

**ନୂଆଦିଲ୍ଲୀ, ୧୫।୭ (ପି.ଟି.)**

ଭାରତୀୟ କ୍ରିକେଟ ଦଳର ବିଭିନ୍ନ ସପୋର୍ଟ ଷ୍ଟାଫ୍ ପଦବୀ ସମେତ ମୁଖ୍ୟ କୋଚ୍ ଲାଗି ବିସିସିଆଇ ଖୁବ୍ ଶୀଘ୍ର ଦରଖାସ୍ତ ଆହ୍ୱାନ କରିବ। ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ ଗସ୍ତ ସମାପ୍ତ ହେବା ପରେ ବର୍ତ୍ତମାନର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ କାର୍ଯ୍ୟକାଳ ପୂରଣ ହେବ। ଫଳରେ ମୁଖ୍ୟ କୋଚ୍ ପଦବୀ ଲାଗି ତାଙ୍କୁ ମଧ୍ୟ ପୁନଃ ଆବେଦନ କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି।

ଶାସ୍ତ୍ରୀଙ୍କ ସମେତ ସପୋର୍ଟ ଷ୍ଟାଫ୍ ତାଲିକାରେ ବୋଲିଂ କୋଚ୍ ଭରତ ଅରୁଣ, ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଓ ଫିଲ୍ଡିଂ କୋଚ୍ ଆର୍. ଶ୍ରୀଧର ରହିଛନ୍ତି। ୱେଷ୍ଟଇଣ୍ଡିଜ ଗସ୍ତ (ଅଗଷ୍ଟ ୩ରୁ ସେପ୍ଟେମ୍ବର ୩)କୁ ନଜରରେ ରଖି ଏମାନଙ୍କ କାର୍ଯ୍ୟକାଳକୁ ବିଶ୍ୱକପ୍ ପରେ ୪୫ ଦିନ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଦରଖାସ୍ତ କରାଯିବାକୁ ଥିବା ବିଭିନ୍ନ ପଦବୀ ଲାଗି ଏହି ସମସ୍ତ ଷ୍ଟାଫ୍ ପୁନଃ ଆବେଦନ କରିପାରିବେ। କିନ୍ତୁ ଶଙ୍କର ବସୁ ଓ ପ୍ୟାଟ୍ରିକ ଫରହଟ୍‌ଙ୍କ ପରେ ବିସିସିଆଇ ଯଥାକ୍ରମେ ନୂଆ ଟ୍ରେନର ଓ ଫିଜିଓ ସନ୍ଧାନରେ ରହିଛି। ଚଳିତ ବିଶ୍ୱକପ୍ ସେମିଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ପରାସ୍ତ ହେବା ପରେ ଟ୍ରେନର ବସୁ ଓ ଫିଜିଓ ପ୍ୟାଟ୍ରିକ ଭାରତୀୟ ଦଳ ଛାଡ଼ି ଦେଇଥିଲେ। ୱେଷ୍ଟଇଣ୍ଡିଜ ଗସ୍ତ ପରେ ଭାରତ ଘରୋଇ ମାଟିରେ ସେପ୍ଟେମ୍ବର ୧୫ରୁ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି।

ବିବାଦୀୟ ଘଟଣାକ୍ରମେ ଅନିଲ କୁମ୍ବଲେ ୨୦୧୭ରେ ଭାରତୀୟ ଦଳ ଛାଡ଼ିବା ପରେ ଶାସ୍ତ୍ରୀଙ୍କୁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତ କରାଯାଇଥିଲା। ୫୭ ବର୍ଷୀୟ ଶାସ୍ତ୍ରୀ ଏଥିପୂର୍ବରୁ ଅଗଷ୍ଟ ୨୦୧୪ରୁ ୨୦୧୬ ଜୁନ୍ ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଡିରେକ୍ଟର ରହିଥିଲେ। ତେବେ ଶାସ୍ତ୍ରୀଙ୍କ ପ୍ରଶିକ୍ଷଣ କାଳରେ ଭାରତ ଆଇସିସିର ଗୋଟିଏ ହେଲେ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଜିତିପାରି ନାହିଁ। ଚଳିତ ବର୍ଷ ପ୍ରାରମ୍ଭରେ ଭାରତ କେବଳ ଅଷ୍ଟ୍ରେଲିଆ ମାଟିରେ ଐତିହାସିକ ଟେଷ୍ଟ ସିରିଜ ଜିତିପାରିଥିଲା। ଆଉ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଆମର ୱେବସାଇଟ୍‌ରେ ଭାରତୀୟ ଦଳର ସହାୟକ ପଦବୀ ନେଇ ଦରଖାସ୍ତ ଆହ୍ୱାନ କରାଯିବ। ସେହିଭଳି ଟିମ୍ ମ୍ୟାନେଜର ପଦବୀ ପାଇଁ ମଧ୍ୟ ଆବେଦନ କରାଯିବ' ବିସିସିଆଇର ଜୈନିକ ଅଧିକାରୀ ପ୍ରକାଶ କରିଛନ୍ତି। ତାମିଲନାଡୁର ପ୍ରାକ୍ତନ ଅଧିନାୟକ ସୁନିଲ ସୁବ୍ରମଣିୟମଙ୍କୁ ୨୦୧୭ରେ ଗୋଟିଏ ବର୍ଷ ଲାଗି ଭାରତୀୟ ଦଳର ମ୍ୟାନେଜର ନିଯୁକ୍ତ କରାଯାଇଥିଲା। କିନ୍ତୁ ପରେ ତାଙ୍କ କାର୍ଯ୍ୟକାଳକୁ ବଢ଼ାଇ ଦିଆଯାଇଥିଲା। ସମସ୍ତ ପଦବୀ ପୂରଣ ଲାଗି ବିସିସିଆଇ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ପାଳନ କରିଛି।

## ବିଶ୍ୱକପ୍ ଫାଇନାଲରେ ଅମ୍ପାୟରିଂ ତ୍ରୁଟି

**ଲଣ୍ଡନ/ମେଲବୋର୍ନ, ୧୫।୭ (ପି.ଟି.)**

ରବିବାର ଲର୍ଡ୍ସଠାରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍ ଫାଇନାଲରେ ଅମ୍ପାୟରିଂରେ ଏକ ତ୍ରୁଟି ରହିଥିବା ପୂର୍ବତନ ଅନ୍ତର୍ଜାତୀୟ ଅମ୍ପାୟର ସିମନ ଟଫେଲ ଏବଂ କେ. ହରିହରନ ପ୍ରକାଶ କରିଛନ୍ତି। ଏକ ଓଭର ଥ୍ରୋ ପାଇଁ ମ୍ୟାଚ ଅଫିସିଆଲମାନେ ଇଂଲଣ୍ଡକୁ ୫ ରନ ପରିବର୍ତ୍ତେ ୬ ରନ ଦେଇଥିଲେ। ଏହି ମ୍ୟାଚରେ ଇଂଲଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୨୪୨ ରନ ଚେଜ୍ କରୁଥିବାବେଳେ ଶ୍ରୀଲଙ୍କାର କୁମାର ଧର୍ମସେନା ଏବଂ ଦକ୍ଷିଣ ଆଫ୍ରିକାର ମାରିଅସ୍ ଇରାସମସ୍ ଫିଲ୍ଡ ଅମ୍ପାୟର ଦାୟିତ୍ୱ ତୁଲାଉଥିଲେ। ମ୍ୟାଚ୍‌ର ଫାଇନାଲ ଓଭରରେ ନ୍ୟୁଜିଲାଣ୍ଡ ଫିଲ୍ଡର ମାର୍ଟିନ ଗୁପ୍‌ଟିଲଙ୍କ ଏକ ଥ୍ରୋ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବାଜି ବାଉଣ୍ଡାରୀ ଆଡକୁ ଚାଲିଯାଇଥିଲା। ଇଂଲଣ୍ଡକୁ ୬ ରନ ମିଳିଯିବାରୁ ମ୍ୟାଚ ଟାଇ ହୋଇଯାଇଥିଲା ଏବଂ ସୁପର ଓଭର ପର୍ଯ୍ୟାୟକୁ ଚାଲିଯାଇଥିଲା। ଅମ୍ପାୟର ଭୁଲ ବଶତଃ ଇଂଲଣ୍ଡକୁ ୫ ପରିବର୍ତ୍ତେ ୬ ରନ ଦେଇଥିଲେ। ପରିସ୍ଥିତିକୁ ଦେଖିଲେ ଏହା ସ୍ପଷ୍ଟ ବାରିହୋଇଯାଉଛି ବୋଲି ୫ଥର ଆଇସିସି ଅମ୍ପାୟର ଅଫ୍ ଦି ଇୟର ବିବେଚିତ ଟଫେଲ ଏକ ସାକ୍ଷାତ୍କାରରେ କହିଛନ୍ତି।



ରନ୍ ନେବା ଅବସରରେ ବେନ୍ ଷ୍ଟୋକ୍ସଙ୍କ ବ୍ୟାଟ୍‌ରେ ବଲ୍ ବାଜି ଅତିରିକ୍ତ ୪ ରନ୍ ହୋଇଛି।

ଭାରତୀୟ ଅମ୍ପାୟର କେ. ହରିହରନ ମଧ୍ୟ ତାଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି କୁମାର ଧର୍ମସେନାଙ୍କ ତ୍ରୁଟି ଯୋଗୁ ନ୍ୟୁଜିଲାଣ୍ଡ ବିଶ୍ୱକପ୍‌ରୁ ବଞ୍ଚିତ ହେଲା ବୋଲି କୁହାଯାଇପାରେ। ଆଇସିସି ଏହି ପ୍ରସଙ୍ଗ ଉପରେ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଛି। ଏହାର ଜଣେ ମୁଖପାତ୍ର କହିଛନ୍ତି, ଖେଳ ବେଳେ ଅମ୍ପାୟର ନିୟମାନୁସାରେ ନିଷ୍ପତ୍ତି ନେଇଥାନ୍ତି। ନୀତି ଅନୁସାରେ ଆମେ ସେମାନଙ୍କ ନିଷ୍ପତ୍ତି ଉପରେ କୌଣସି ଟିପ୍ପଣୀ ଦେବା ଉଚିତ ହେବ ନାହିଁ।




କଟକର ଜବାହରଲାଲ୍ ନେହେରୁ ଇନ୍‌ଡୋର ଷ୍ଟାଡ଼ିୟମ୍‌ରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ୍ ଟେନିସ୍ ଚାମ୍ପିୟନ୍‌ଶିପ୍‌ରେ ଭାଗନେବା ପାଇଁ ସୋମବାର ଭୁବନେଶ୍ୱରରେ ପହଞ୍ଚି ଥିବା ୱେଲ୍ସ ଦଳ।

## ବିସିସିଆଇ ନିକଟରେ ରୋହିତ-କୋହଲି ଫାଟ

**ଲଣ୍ଡନ,୧୫।୭:** ୨୦୧୯ ବିଶ୍ୱକପ୍ ସେମିଫାଇନାଲରୁ ବାଦ୍ ପଡ଼ିବା ପରେ ଭାରତୀୟ ଦଳରେ ସୃଷ୍ଟି ହୋଇଥିବା ଫାଟ ସମ୍ପର୍କରେ ପ୍ରବଳ ଆଲୋଚନା ଚାଲିଛି। ଭାରତୀୟ ଦଳ ବହୁଳ ଭାବେ ଅଧିନାୟକ ବିରାଟ କୋହଲି ଓ ଉପ ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ନିର୍ଭରଶୀଳ। ଏହା ଦର୍ଶାଉଛି ବିଶ୍ୱକପ୍‌ରେ ଭାରତୀୟ ଦଳର ଅଭିଯାନ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦଳର ନେତୃତ୍ୱକୁ ନେଇ ବିବାଦ ଚାଲିଥିବା ସମ୍ପର୍କରେ ମଧ୍ୟ ଆଲୋଚନା କରିବ। ବୋର୍ଡର ଜଣେ ସଦସ୍ୟ କହିଛନ୍ତି, ଗୋଟିଏ ଟୁର୍ନାମେଣ୍ଟ ଶେଷ ହେବା ପରେ ତୁରନ୍ତ ପରବର୍ତ୍ତୀ ଇଭେଣ୍ଟ ଲାଗି ପ୍ରସ୍ତୁତ ହେବା ବଡ଼ ଦଳର ପରିଚୟ। ଏଣୁ ଭାରତୀୟ ଦଳକୁ ୨୦୨୦ରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ। ରୋହିତ ଶର୍ମାଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯିବା ମଧ୍ୟ ଏକ ବିକଳ୍ପ। କୋହଲି ଟେଷ୍ଟ ଓ ଟି୨୦ ଦଳର ନେତୃତ୍ୱ ସମ୍ଭାଳିବେ। ରୋହିତଙ୍କୁ ବଡ଼ ଦାୟିତ୍ୱ ଦେବା ଲାଗି ଏହା ଉପଯୁକ୍ତ ସମୟ।




CLASSIFIED DISPLAY

ଶ୍ରବଣ ସମସ୍ୟା?
ଶ୍ରବଣ ଯନ୍ତ୍ର
ମାଗଣା ଶ୍ରବଣ ପରୀକ୍ଷା (HEARING TEST) ଓ ଡ଼ିଜିଟାଲ ଶ୍ରବଣ ଯନ୍ତ୍ର (DIGITAL HEARING AID) TRIAL ପାଇଁ ସମ୍ପର୍କ କରନ୍ତୁ।
EMI FACILITY WITH ATTRACTIVE DISCOUNT*
signia Life sounds brilliant. Hearing Systems SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR Baramunda 9777806331 | BHUBANESWAR Saheed Nagar 6371045707 | BHUBANESWAR Jaydev Vihar 6372287878 | CUTTACK Link Road 7381770531 | KORAPUT In front of S.L.N Hospital 6372307123

ADMISSION NOTICE FOR BA.LLB COURSE
MAHAMAYA INSTITUTE OF LEGAL SCIENCE, NUAPADA
Approved by Bar Council of India, New Delhi
Recognised by Dept. Higher Education Govt. of Odisha
Affiliated by Sambalpur University, Jyoti Vihar, Burla
BUILD YOUR CAREER IN LAW
Course:- BA.LLB (Semester System)
Duration:- 5 years
Eligibility:- 12th or +2 Arts/ Science/ Commerce or equivalent degree recognized by CHSE, Odisha (40% for SC/ST, 42% for OBC & 45% for General)
Scholarship for ST/SC/ Minority Students.
Hostel facilities for Girls & Boys.
CONTACT- 7077415312

ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ଅଜୟ କୁମାର କାନୁନ୍‌ଗୋ
ନୂଆଗାଁ, ଭୁବନେଶ୍ୱର
ତିରୋଧାନ: ୧୫।୦୭।୨୦୧୧
ଦୁଃଖ, ଯନ୍ତ୍ରଣା ଆଉ ଅସହାୟତା ମୁହୂର୍ତ୍ତରେ ମନେପଡ଼େ ତୁମର ସେଇ ପଦିଏ କଥା– " ବ୍ୟସ୍ତ ହୁଅନି, ମୁଁ ଅଛି"... ସେଇ କଥା ପଦଟିକୁ ନେଇ ବଞ୍ଚିବାର ଚେଷ୍ଟା କରି ଚାଲିଛୁ।
ତୁମ ପାଦତଳେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି: ତୁମର ଆପଣାର ସଭିଏଁ।
ଧ-୧୩୩୯୮

ଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ବନମାଳୀ ସାମନ୍ତରା
କୁସୁମୀ, ଭୁଷଣ୍ଡପୁର
ଆବିର୍ଭାବ: ୨୭।୧୦।୧୯୪୪
ତିରୋଧାନ: ୦୭।୦୭।୨୦୧୯
(ଆଷାଢ଼ ଶୁକ୍ଳପକ୍ଷ ପଞ୍ଚମୀ)
ନନା, ଆପଣ ଥିଲେ ମା' ଉଗ୍ରତାରାଙ୍କର ପରମ ସେବକ। ଆପଣଙ୍କର ଅନୁପସ୍ଥିତି ଆମ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ଆପଣଙ୍କ ଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ, ପୁତ୍ର, ସୁନ୍ଦୁ, ବୋହୂ, ଝିଅଜ୍ୱାଇଁ, ନାତି ଓ ନାତୁଣୀମାନେ।
ଧ-୧୩୪୨୧

ପଞ୍ଚମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ମଇନା ମାହାରୀ
କେରେଣ୍ଡିଆ ପାଳ, ପୁରୀ
ତିରୋଧାନ: ୩୧।୦୭।୨୦୧୪
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୩୩୯୩

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଜୁଲାଇ ୧୬/୨୦୧୯ Sambalpur, Tuesday, July 16 / 2019

## ସଂକ୍ଷେପରେ

ବଡ଼ଗାଁ ଫରେଷ୍ଟ ରେଞ୍ଜରେ ୧୭ ହାତୀ

### ଧାନତଳି ଖାଇଲେ, ନଷ୍ଟକଲେ

ବଡ଼ଗାଁ, ୧୫।୭ (ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ୧୭ଟି ବଣୁଆ ହାତୀ ପ୍ରବେଶ କରି ଆତଙ୍କ ସୃଷ୍ଟି କରିଛନ୍ତି। ପଞ୍ଚରା ଫରେଷ୍ଟ ବିଟ୍ ଅଧୀନ କେତେକ ଗ୍ରାମରେ କିଛି ଦିନ ପୂର୍ବେ ଏହି ହାତୀପଲ ଉପଦ୍ରବ କରିଥିଲେ । ସେହି ପଲ ରବିବାର ରାତି ୩ଟାରେ ବଡ଼ଗାଁ ନିକଟ ମକୁନ୍ଦପୁର ଗାଁ ପାଖ ଜଙ୍ଗଲରେ ଅବସ୍ଥାନ କରିଛନ୍ତି। ହାତୀପଲ ମକୁନ୍ଦପୁର, ରଉତିଆପଡା, ବାଗବୁଡ ଗାଁରେ ଲୋକଙ୍କ ବିଲରେ ପକାଯାଇଥିବା ତଳି ଦଳି ନଷ୍ଟ କରିଛନ୍ତି। ବହୁ ତଳି ଖାଇଦେଇଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ହାତୀ ଆକ୍ରମଣରେ ଛାମୁଣ୍ଡା ଗ୍ରାମର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା ।

### ଗଛକୁ ପିଟିଲା ବାଇକ, ଚାଳକ ମୃତ

କଣ୍ଟାବାଞ୍ଜି, ୧୫।୭(ଡି.ଏନ.ଏ.) ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି-ତୁରେକେଲା ପିଡବ୍ଲୁଡି ରାସ୍ତାର କର୍ଲାଫାଟକ ନିକଟରେ ସୋମବାର ଅପରାହ୍ଣରେ ଏକ ବାଇକ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱସ୍ଥ ଗଛରେ ପିଟି ହୋଇଯାଇଥିଲା। ଫଳରେ ବାଇକ ଚାଳକ ତୁରେକେଲା ଥାନା ଗଭରା ଗାଁର ଚନ୍ଦ୍ର ଭୋଇ (୨୫)ଙ୍କର ମୃତ୍ୟୁ ଘଟିଛି। ବାଇକ୍ ପଛରେ ବସିଥିବା ଉଦିଆ ମାଜି (୨୪) ଆହତ ହୋଇଛନ୍ତି। ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଚନ୍ଦ୍ର ଓ ଉଦିଆ କଣ୍ଟାବାଞ୍ଜିରୁ ନିଜ ଗାଁକୁ ବାଇକରେ ଯାଉଥିବା ବେଳେଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ଚନ୍ଦ୍ରଙ୍କର ମୃତ୍ୟୁ ଘଟିଥିଲା। ତୁରେକେଲା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ମଣ୍ଡିରୁ ଧାନ ନ ଉଠିବା ପ୍ରତିବାଦ

# ଧାନବସ୍ତା ରଖି ରାସ୍ତା ଅବରୋଧ

ଧର୍ମଗଡ,୧୫।୭(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଚଳିତ ରବି ଋତୁରେ ମଣ୍ଡି ଖୋଲିବା ଦିନଠାରୁ ଅବ୍ୟବସ୍ଥା ଲାଗି ରହିଛି । ଏ ପର୍ଯ୍ୟନ୍ତ ସମସ୍ୟା ଚାଷୀଙ୍କ ପିଛା ଛାଡୁନି। ଧାନ ନ ଉଠିବା ପ୍ରତିବାଦରେ ଚାଷୀମାନେ ସୋମବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଦୀର୍ଘ ୬ ଘଣ୍ଟା ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଥିଲେ। ଏଥିଯୋଗୁ ବଲଦିଆମାଲ-ଛତିଶଗଡ଼ ୧୩୦ (ସି) ନମ୍ବର ଜାତୀୟ ରାଜପଥ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡିମୋଟର ଅଟକି ରହିଥିଲା । ଖବର ପାଇ ପ୍ରଶାସନ ତରଫରୁ ଧର୍ମଗଡ଼ ଉପଜିଲାପାଳ ପଦ୍ମନାଭ ବେହେରା ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ଖରିଫ ଋତୁରେ ମଣ୍ଡି ଖୋଲିବା କ୍ଷଣି ଏହି ଚାଷୀମାନଙ୍କ ବକେୟା ରହିଯାଇଥିବା ଧାନକୁ ପ୍ରାଥମିକତା ଭିତ୍ତିରେ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଅନ୍ୟପକ୍ଷେ ଚାଷୀମାନେ ପ୍ରଶାସନ ଏବଂ ସରକାର ପାଖରେ ବହୁ ଗୁହାରି କରିବା ପରେ ମଧ ଧାନ ନ ଉଠିବାରୁ ଗଣତାନ୍ତ୍ରିକ ଅଧିକାର ଅନୁସାରେ ଆନ୍ଦୋଳନକୁ ଓହ୍ଲାଇଲେ । ଚାଷୀଙ୍କ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ପ୍ରଶାସନ ନଭେମ୍ବରରେ ଧାନ ଉଠାଇବା ପ୍ରତିଶ୍ରୁତି



ଚାଷୀମାନେ ଧର୍ମଗଡ଼ଠାରେ ରାସ୍ତା ଅବରୋଧ କରିଛନ୍ତି ।

### ପୁଣି ମିଳିଲା ପ୍ରତିଶ୍ରୁତି, ହଟିଲା ଆନ୍ଦୋଳନ

ଏବଂ ନିରୀହ ଚାଷୀମାନଙ୍କୁ ପୋଲିସ ଲଗାଇ ଜୋର ଜବରଦସ୍ତ ଗିରଫ ଧମକ ଦେଇ ଆନ୍ଦୋଳନ ପ୍ରତ୍ୟାହାର କରିବା ପାଇଁ ବାଧ୍ୟ କରାଗଲା ବୋଲି ଚାଷୀ ନେତା ସୁଧୀର ରଞ୍ଜନ ପାଟଯୋଷୀ ଅଭିଯୋଗ କରିଛନ୍ତି । ଯୁବ ଚାଷୀ ନେତା ହିମାଂଶୁ ପଣ୍ଡାଙ୍କ ନେତୃତ୍ୱରେ ୧୫ ଖଣ୍ଡ ଗାଁର ପ୍ରଭାବିତ ଚାଷୀ ଆନ୍ଦୋଳନରେ ଯୋଗଦେଇଥିଲେ। ଏହାକୁ ବରିଷ୍ଠ କଂଗ୍ରେସ ନେତା ଦିଗାମ୍ବର ଦୁରିଆ ସମର୍ଥନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ମାଝି, ଲକ୍ଷ୍ମୀକାନ୍ତ ବାଗ, ଜଗନ୍ନାଥ ସେବା ସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରମୁଖ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହୋଇଥିଲେ ।

ସୂଚନାଯୋଗ୍ୟ, କଳାହାଣ୍ଡି ଜିଲାରେ ଗତ ୩୦ ତାରିଖରୁ ଧାନମଣ୍ଡି ବନ୍ଦ ହୋଇଯାଇଛି। ଧର୍ମଗଡ଼ ମଣ୍ଡିରେ ୧ ଲକ୍ଷ ୩୨ ହଜାର ଟାର୍ଗେଟ ରହିଥିବା ବେଳେ ମଣ୍ଡି ବନ୍ଦ ହେବା ପୂର୍ବରୁ ୮୨ ହଜାର ୯୦୦ କୁଇଣ୍ଟାଲ ଧାନ ଉଠିଥିବା ବେଳେ ବାକି ବିକ୍ରି ନ ହୋଇ ପଡିରହିଥିଲା। କିନ୍ତୁ ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ତତ୍ପରତା ଦେଖାଯାଇ ନ ଥିଲା। ଏହି ମଣ୍ଡି ଅଧୀନରେ ଥିବା ବିଭିନ୍ନ ଗ୍ରାମର ୨୧୬ ଜଣ ଚାଷୀଙ୍କ ପ୍ରାୟ ୧୦ ହଜାର କୁଇଣ୍ଟାଲ ଧାନ ବିକ୍ରି ନ ହୋଇ ପଡିରହିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଚାଷୀ ଅସନ୍ତୋଷ ବଢିଥିଲା। ଚାଷୀମାନେ କିଭଳି ଏହି ଧାନକୁ ବିକ୍ରି କରିବେ ସେ ନେଇ ପ୍ରଶ୍ନ ଉଠାଇଛନ୍ତି । ମଣ୍ଡି ବନ୍ଦ ହେବା ପୂର୍ବରୁ ଚାଷୀଙ୍କୁ ଅବଗତ କରାଇବା ନିୟମ ଥିବା ବେଳେ କୌଣସି ସୂଚନା ନ ଦେଇ ହଠାତ୍ ମଣ୍ଡି ବନ୍ଦ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ଦଶରଥଙ୍କ ୩୫ ବର୍ଷର ଅନୁଭୂତି



ଖବରକାଗଜ ବିକ୍ରେତା ଦଶରଥ ଯୋଷୀ ।

ସେତେବେଳେ ମୋ ବୟସ ୨୦ କି ୨୧ ବର୍ଷ। ଅଜବ ଉତ୍ସାହ ନେଇ ଖବରକାଗଜ ବିକ୍ରୟ କ୍ଷେତ୍ରକୁ ପଶି ଆସିଲି। ଯୁବାବସ୍ଥାର ସ୍ଫୂର୍ତ୍ତି ଉତ୍ସାହକୁ ଦ୍ୱିଗୁଣିତ କରୁଥାଏ। ଭୋର ୪ଟାରୁ ସାଇକେଲ ନେଇ ବସଷ୍ଟାଣ୍ଡରେ ହାଜର ହୋଇଯାଏ । ଅନ୍ୟ ହକର ବନ୍ଧୁମାନେ ବି ଆସିଯାଆନ୍ତି । ଭୋରୁ ତାଜା ଖବର ପଢ଼ି ଆରମ୍ଭ ହେଉଥିଲା ଆଲୋଚନା । ଏଭଳି ଉତ୍ସାହ କେତେବେଳେ ଅଭ୍ୟାସ ଓ ବ୍ୟବସାୟରେ ପରିଣତ ହୋଇଗଲା ଜଣାପଡିଲା ନାହିଁ । ଦେଖୁ ଦେଖୁ ଇତିମଧ୍ୟରେ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଛି। ଖବର କାଗଜର ଚେହେରା ବଦଳିଛି । କଳାଧଳାରୁ ରଙ୍ଗିନ ହୋଇଛି । ପ୍ରସାରଣ ସଂଖ୍ୟା ବଢ଼ିଛି। ହେଲେ ଆଜି ଯୁବାବସ୍ଥାର ସେହି ଉତ୍ସାହ ନ ଥିଲେ ବି ବିଗତ ଦିନର ଅନୁଭୂତିରୁ ଅନେକ କିଛି ଶିକ୍ଷା ମିଳିଛି ବୋଲି କୁହନ୍ତି ବଲାଙ୍ଗୀରର ଜଣେ ସଫଳ ଖବରକାଗଜ ବିକ୍ରେତା ଦଶରଥ ଯୋଷୀ (୫୬)।

ଦିନକର କାହାଣୀ

ବଲାଙ୍ଗୀର ସହର ଗୋପବନ୍ଧୁ ନଗରରେ ଦଶରଥଙ୍କ ଘର। ଘରେ ସ୍ତ୍ରୀ, ଦୁଇ ପୁଅ ଓ ଗୋଟିଏ ଝିଅ । ଝିଅକୁ ବିବାହ ଦେଇସାରିଛନ୍ତି ସେ । ବଡ ପୁଅ ବିଏ ପଢ଼ିଛନ୍ତି । ସାନ ପୁଅ ଏବେ ଅଧ୍ୟୟନରତ। ଏତିକିରେ ହିଁ ଦଶରଥଙ୍କ ସୁଖୀ ସଂସାର । ଭୋର ସାଢ଼େ ୪ଟାରୁ ଦଶରଥଙ୍କ ସକାଳ ଆରମ୍ଭ ହୁଏ । ନିଜ ନିତ୍ୟକର୍ମ ସାରିବା ପରେ ସିଧା ଚାଲି ଆସନ୍ତି ହକର୍ସ ପଏଣ୍ଟକୁ। ସେଠାରେ ବିଭିନ୍ନ ଖବରକାଗଜ ସଂଗ୍ରହ କରିବା ପରେ ତାଙ୍କ ଯାତ୍ରା ଆରମ୍ଭ ହୁଏ ଗ୍ରାହକଙ୍କ ଘରକୁ, ଏ ଗଳିରୁ ସେ ଗଳି। ବିଭିନ୍ନ ସ୍କୁଲ, କଲେଜ ତ ଅନ୍ୟ କେଉଁ ସରକାରୀ ଅଫିସରେ ତାଙ୍କୁ ଖବରକାଗଜ ପକାଇବାକୁ ପଡେ। ଏମିତି ଭିତରେ ଦିନ ୧୨ଟା ବାଜେ । ବାଟରେ ଖିଆ ଯାଇଥିବା ଚା'ଜଳଖିଆ ହଜମ ହୋଇ ପୁଣି ଥରେ ଭୋକ ଲାଗେ। ତା'ପରେ ସେ ଘରକୁ ଫେରନ୍ତି । ଘରେ ପହଞ୍ଚି ଗାଧୋଇ ସାରିବା ପରେ ଦିଅଁ ଦର୍ଶନ । ତା'ପରେ ପରିବାର ଲୋକଙ୍କ ସହ ବସି ମଧ୍ୟାହ୍ନ ଭୋଜନ। ଖାଇବେଳେ ଖାଇ ସାରିବା ପରେ ଦଶରଥ କିଛି ସମୟ ବିଶ୍ରାମ ନିଅନ୍ତି । ପ୍ରତିମାସର ପହିଲା ବେଳକୁ ଦୁଇ ଚାରିଦିନ ତାଙ୍କୁ ଗ୍ରାହକଙ୍କ ପାଖକୁ ଯାଇ ମାସିକିଆ ଦେୟ ଆଦାୟ କରିବାକୁ ପଡ଼େ । ସନ୍ଧ୍ୟାରେ ପରିବାର ସଦସ୍ୟଙ୍କ ସହ କିଛି ସମୟ କାଟିବା ପରେ ରାତି ଭୋଜନ । ତା'ପରେ ଶୀଘ୍ର ଶୋଇବାକୁ ଚାଲି ଯାଆନ୍ତି ଦଶରଥ। ଏମିତି ଗୋଟିଏ ଦିନ କଟିଯାଏ ତାଙ୍କର । ୧୯୮୪ ମସିହା କଥା। ୮୦/୯୦ ଦଶକରେ ଖବରକାଗଜର ଚାହିଦା ଖୁବ୍ ବେଶୀ। ଲୋକେ ରେଡିଓ ଓ ଖବରକାଗଜରୁ ସୂଚନା ପାଉଥିଲେ । କାଁ ଭାଁ ଟିଭି ଥିଲା। ଦେଶ ବିଦେଶ କଥା ଜାଣିବା ପାଇଁ ଲୋକେ ଖବରକାଗଜକୁ ହିଁ ଅପେକ୍ଷା କରି ରହୁଥିଲେ । ଭୋରୁ ସରକାରୀ ବସଷ୍ଟାଣ୍ଡରେ ଭିଡ ଜମୁଥିଲା। ସାଇକେଲ ଧରି ହକରମାନେ ଆସିଯାଉଥିଲେ । କେତେଜଣ ପାଠକ ବି ଆସି ସେଠାରେ ପହଞ୍ଚି ଯାଉଥିଲେ । ଖବରକାଗଜ ବଣ୍ଡଲ ଖୋଲିବା ମାତ୍ରେ ବିକ୍ରି ଆରମ୍ଭ ହୋଇଯାଉଥିଲା । ଟିଭି, ମୋବାଇଲ, ଇଣ୍ଟରନେଟ୍, ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ପରେ ବି ଲୋକେ ଆଜିବି ଖବରକାଗଜକୁ ଅପେକ୍ଷା କରି ରହୁଛନ୍ତି। ଖବରକାଗଜ ବଣ୍ଟନରେ ବିଳମ୍ବ ହେଲେ ଫୋନ୍ କରି ପଚାରିଥାନ୍ତି ବୋଲି ଦଶରଥ କୁହନ୍ତି।

**– ବୀରେନ୍ଦ୍ର କୁମାର ଝାଙ୍କର**

୧୫ ବଛର ହେଲା ମାନସିକ୍ ରୋଗ୍‌ରେ ପୀଡ଼ିତ

# ବଁଦୀ ଜୀବନ୍ ବିତଉଛନ୍ ସୁଭଦ୍ରା



ନିଜର ଦଦ୍‌ରା କୁରିଆ ଆଘେ ସୁଭଦ୍ରା ବସିଛନ୍।

**ଶୁଭ୍ରାଂଶୁ କୁମାର ନାଏକ**
**ସିନାପାଲି, ୧୫।୭ (ଡି.ଏନ୍.ଏ)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ଲିଟିଗୁଡ଼ା ପଁଚେତ୍ କୋକପଦର ଗାଁର ନୀଳକଣ୍ଠ ହରିଜନକଁର ଝିଁ' ସୁଭଦ୍ରା ହରିଜନ(୩୫)। ଆଏଜ୍‌କେ ୧୫ ବଛର ହେଲା ସେ ମାନ୍‌ସିକ ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଟଁକା ପଏସା ଅଭାବୁ ବାପା ଝିଁ'ର ଚିକିତ୍ସା କରେଇ ନାଇଁପାରି କରି ଭଗବାନ ଭରସାରେ ରହିଛନ୍।

ସୂଚନା ହିସାବେ ସିନାପାଲି ବ୍ଲକ କୋକପଦର ଗାଁର ନୀଳକଣ୍ଠ ହରିଜନକଁର ପରିବାର କହେଲେ ମାଏକିନା ଜେମଣୀ ହରିଜନ, ଦୁଇ ପୁଓ ଆର ୨ ଝିଁ'କୁ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ନୀଳକଣ୍ଠ ପରହର ଗୁତି କରି, ଦାଦନ୍ ଖଟି କୁଟୁମ ପୁଷୁଛନ୍। ଆଏଜ୍‌କେ ପାଖାପାଖି ୨୦ ବଛର ତଲେ ସେ ମଝିଆଁ ଝିଁ' ସୁଭଦ୍ରାକେ ବ୍ଲକର ବ୍ରାହ୍ମଣୀଗୁଡ଼ା ଗାଁରେ ବିହା କରେଇଥିଲେ। ବିହାଘର ଉତାରୁ ବନେ ବଛରକେତେ ତାକର ଘର ସଁସାର ହଁସ୍‌ଖୁସିରେ ଚାଲ୍‌ଲା, ଝିଁ'ପୁଓ ଦୁଇଟା ବି ହେଲେ। ପଛେ ସୁଭଦ୍ରା କେହେନ୍‌ସି କାରନ୍‌ରୁ ମାନସିକ ରୋଗ୍‌ର ଶିକାର ହେଲେ। ଶାଶ୍ ଘର ଲୋକ୍ ତାକର ଚିକିତ୍ସା କରେଇ ନିରାଶ ହେଲେ। ସେଦିନ୍‌ଠାନୁ ଆଏଜ୍‌କେ ୧୫ ବଛର ହେଲା ସୁଭଦ୍ରା ବାପ୍ ଘରେ ଆଶ୍‌ରେ ନେଇଛନ୍। ଏନ୍‌ତାଥି ବାପ୍ ବି ଯାହା ପାରଲେ ଝିଁ'ର ଚିକିତ୍ସା କରେଇ ନିରାଶ ହେଲେ। ଏହେଦେ ନୀଳକଣ୍ଠ ବି ଉପେ ଶୂଇନ୍ ହେଇ ଭଗବାନ ଭରସାରେ ରହିଛନ୍। ଏନ୍‌ତା ପରିସ୍ଥିତିରେ ସେ ଘରନୁ ଖଁଡ଼େ ଦୂରେ ସୁଭଦ୍ରାର ଲାଗି ଗୁଟେ ଝାଟିମାଟିର କୁରିଆ ବନେଇ ଦେଇଛନ୍। ହେଲେ ସେ କୁରିଆରେ ସୁଭଦ୍ରା ସବୁବେଲେ ବିପଦ୍ ଅବସ୍‌ତାରେ ରହିଛନ୍, କାରନ୍ ଗାଁର ଚାରହିକୁତି ଝାରଜଂଗଲ ରହିଛେ। ସବୁବେଲେ ସାଁପ୍, କଁଟିଆ, ଜଂଗଲି ଜୀବ୍‌ଜଁତୁକର ଆକ୍‌ରମନ୍ ଭଏ ରହୁଛେ। ଇଆଡ଼େ ଘରର ଲୋକ୍ ଫିଦିନ ସୁଭଦ୍ରାକେ ଦୁଇବେଲି ଦୁଇମୁଠା ଖାଏବାକେ ଦେଉଛନ୍। ସରକାରୀ ଯୋଜନାରେ ସୁଭଦ୍ରା ୫ଶହ ଟଁକା ଭତା ପାଉଛନ୍ ସତ୍, ହେଲେ କିଛି ଲାଭ ନାଇଁ। ଇଆଡ଼େ ସରକାର ନିସାହା ବିଧବା, ଛାର୍‌ରି, ଦିବ୍ୟାଙ୍ଗମାନକର ଲାଗି ଯୋଜନା ଉପରେ ଯୋଜନା କରୁଥିଲାବେଲେ ଇ ସବୁରୁ ସୁଭଦ୍ରା ବଁଚିତ୍ ହେଇ ରହିଛନ୍। ସେନ୍‌ତା ବାପ୍‌ଘର ବି ନିହାତି ଗରିବ୍ ହେଇଥିଲାବେଲେ ଅନେକ ପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। ସୁଭଦ୍ରାକଁର ମା'ର କହେବାର ହେଲା, ଆମେ ଝିଁ'ର ଲାଗି ଯାହା ପାରଲୁଁ କଲୁଁ, ଆମରନେ ପଏସା କଉଡ଼ ନାଇଁ ବଲି ଝିଁ'କେ ଭଲ କରି ନାଇଁ ପରବାର। ଯଦି ତାର ଚିକିତ୍ସା ଲାଗି ସରକାରୀ ସାହାଯ୍ ମିଲତା ମୋର ଝିଁ' ଫେନ୍‌ଘାଏ ତାର ସୁନାର ସଁସାରକେ ଫିରିପାରତା ବଲି କହିଛନ୍। ଇ ବାବ୍‌ଦେ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ସୁକାନ୍ତି ପଣ୍ଡାକୁଁ ପଚରାଲାରୁ ଘଟନା ବାବ୍‌ଦେ ମୋର ପାସେ ଖବର ନାଇଁଥାଇ। ଯେତେ ଜଲଦି ହେବା ଗୁଟେ ଡାକ୍‌ତରି ଦଲ ପଠେଇ ସୁଭଦ୍ରାର ଚିକିତ୍ସା ବେବସ୍‌ତା କରାଯିବା। ଦରକାର ପଡ଼ଲେ ଉଚ ଚିକିତ୍ସା ଲାଗି ବାହାରକେ ପଠାବାର ବେବସ୍‌ତା କରାଯିବା ବଲି ସେ କହିଥିଲେ। ସେନ୍‌ତା ଘଟନା ବାବ୍‌ଦେ ସିନାପାଲି ବିଡିଓ ସୁରେନ୍ଦ୍ର ମେହେରକୁଁ ପଚରାଲାରୁ ଘଟନାର ତଦଁତ୍ କରି ତାହାକୁ ପକାଘର ଖଁଡ଼େ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି ସେ କହିଥିଲେ।

# ମଦ କାରବାର ବନ୍ଦ ଦାବିକଲେ ମହିଳା

ଲୋଇସିଂହା, ୧୫।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବ୍ୟାପକ ମଦ କାରବାର ଚାଲିଛି । ଅବକାରୀ ଓ ପୋଲିସ ବିଭାଗ ଏସବୁ ଜାଣି ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରୁନାହାଁ। ଏହାର ପ୍ରତିବାଦ କରି ସୋମବାର ବିଭିନ୍ନ ଏସ୍‌ଏଚ୍‌ଜି ସଂଗଠନର ମହିଳାମାନେ ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଚେତାବନୀ ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ବୁର୍ଡା ଗ୍ରାମଦେଇ ବରଗଡ-ବଲାଙ୍ଗୀର ୨୬ନଂ ଜାତୀୟ ରାଜପଥ ଯାଇଛି । ବସ୍‌ଷ୍ଟାଣ୍ଡଠାରେ ପ୍ରାଥମିକ ବିଦ୍ୟାଳୟ ଏବଂ ହାଇସ୍କୁଲ ଅବସ୍ଥିତ। ଏଠାରେ ଦିନରାତି କେତେକ ବ୍ୟକ୍ତି ମଦ କାରବାର ଚଳାଇଛନ୍ତି। ଏଠାରେ ହାତପାଆନ୍ତାରେ ମଦପାଇ ନିଶାସକ୍ତ ଅବସ୍ଥାରେ ମଦୁଆମାନେ ବୁଲୁଛନ୍ତି। ଏହାଫଳରେ ସ୍କୁଲ ଛାତ୍ରୀଛାତ୍ର, ପଥଚାରୀ ଏବଂ ଗ୍ରାମର ମହିଳାମାନେ ଅସୁରକ୍ଷିତ ମଣୁଛନ୍ତି। ଏହାକୁ ନେଇ ଅନେକ ପରିବାରରେ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ଏସବୁ ବିଷୟରେ ମହିଳାମାନେ ଥାନା ଏଏସଆଇ ପି.କେ. ପୁରୋହିତଙ୍କୁ ଅବଗତ କରିଥିଲେ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

ଜଙ୍ଗଲକୁ ଛତୁ ଆଣିବାକୁ ଯିବା କାଳ ହେଲା

# ଯୁବକଙ୍କୁ ଦଳି ମାରିଲା ଦନ୍ତା

ବାଲିଶଙ୍କରା,୧୫।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବନରେଞ୍ଜର କିଁଅିରକେଲା ସେକ୍ସନ ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ସୋମବାର ସକାଳେ ଜଙ୍ଗଲକୁ ଛତୁ ଆଣିବାକୁ ଯାଇଥିବା ଜଣେ ଯୁବକଙ୍କ ପାଇଁ କାଳ ହୋଇଛି। ଦନ୍ତାହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ କିଁଅିରକେଲା ଗ୍ରାମ ଓଡ଼ିଆପଡାର କୁଶ ଦଣ୍ଡସେନା (୪୫)।

ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଆପଡାର କୁଶ ଓ ଅନ୍ୟ ୩ ଯୁବକ ଏକାଠି ସାଙ୍ଗ ହୋଇ ପଡା ନିକଟସ୍ଥ ଜଙ୍ଗଲକୁ ଛତୁ ସଂଗ୍ରହ ପାଇଁ ଯାଇଥିଲେ। ଛତୁ ସଂଗ୍ରହ କରୁଥିବାବେଳେ ହଠାତ୍ ଦନ୍ତାହାତୀ ହାବୁଡରେ ପଡିଯାଇଥିଲେ। ହାତୀ ଗୋଡ଼ାଇବାରୁ ସମସ୍ତେ ଜୀବନ ବିକଳରେ ଏଣେତେଣେ ଦୌଡି ପଳାଇଥିଲେ। ମାତ୍ର କୁଶ (୪୫)ଙ୍କୁ ଶୁଣ୍ଢରେ ଧରି ହାତୀ କଚାଡି ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟମାନେ ଗ୍ରାମରେ ଖବର ଦେବାପରେ ଗ୍ରାମବାସୀ କିଁଅିରକେଲା ବନପାଳ ଅଶ୍ୱିନୀ ପଟେଲଙ୍କୁ ଖବର ଦେଇଥିଲେ। ବନପାଳ ଓ ବନରକ୍ଷୀ ହାତୀକୁ ଘଉଡାଇ ପରେ ମୃତଦେହ ଉଦ୍ଧାର କରିଥିଲେ । ବନବିଭାଗ ତରଫରୁ କୁଶଙ୍କ ପରିବାରକୁ ପ୍ରଥମେ ୧୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପରେ ତାଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି। ମୃତଦେହକୁ କିଁଅିରକେଲା ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଝାଡ଼ଖଣ୍ଡରୁ ଏହି ଅଞ୍ଚଳକୁ ଆସିଥିବା ହାତୀପଲରୁ ଉକ୍ତ ହାତୀଟି ଦଳ ଛଡ଼ା ହୋଇ ରହିଯାଇଛି। ହାତୀପଲ ଝାଡ଼ଖଣ୍ଡ ଫେରିଯାଇଥିଲେ ମଧ ଏହି ଦନ୍ତାହାତୀ ଏକୁଟିଆ ରହିଯାଇ ଉପଦ୍ରବ ଚଳାଇଛି। ସେହି ହାତୀକୁ ଘଉଡ଼ାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ବନ କର୍ମଚାରୀ କୁଶଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରୁଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ଜୁଲାଇ, ୨୦୧୯



"ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ଗାଈକୁ ଧକ୍କା ଦେଲା କାର୍: ଚାଳକ ଫେରାର

**ବିନିକା,୧୫।୭(ଡି.ଏନ୍.ଏ):** ବିନିକା-ରାମପୁର ରାଜ୍ୟ ରାଜପଥ ସିଂଘିଯୁବା କିଷାନ୍ ଛକ ନିକଟରେ ସୋମବାର ଏକ କାର(ନଂ-ସିଜି.୦୬ଜିକେ.୫୪୫୭) ଏକ ଗାଈକୁ ଧକ୍କା ଦେଇଥିଲା। ଫଳରେ ଗାଈର ୨ଟି ଗୋଡ ଭାଙ୍ଗିଯାଇଛି। ଅନ୍ୟପକ୍ଷେ କାର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଖବର ପାଇ ଗାଈ ମାଲିକ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇ ସ୍ଥାନୀୟ ପଶୁ ଡାକ୍ତରଙ୍କୁ ସୂଚନା ଦେଇଥିଲେ। ପଶୁ ଡାକ୍ତର ପହଞ୍ଚି ଗାଈର ଚିକିତ୍ସା କରିଥିଲେ। ଏପରି କି ଗାଈର ୧୫ଦିନ ଯତ୍ନନେବାକୁ ଡାକ୍ତର ମାଲିକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷେ ଗାଡି ଚଳାଉଥିବା ଡ୍ରାଇଭର ଜଣକ ନାବାଳକ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କିଭଳିସ୍ଥିତିରେ ନାବାଳକ ଜଣକ କାର ଚଳାଉଥିଲେ ତାହା ତଦନ୍ତ ସାକ୍ଷେପ ବୋଲି ସାଧାରଣରେ ଦାବି ହୋଇଛି।

### ବିନିକାରେ ଜନ ଅଭିଯୋଗ ଶୁଣାଣି

**ବିନିକା,୧୫।୭(ଡି.ଏନ୍.ଏ) :** ବିନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ଭବନଠାରେ ଜିଲା ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା , ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶଙ୍କ ମିଳିତ କ୍ରମେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିବିରରେ ୮୩ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ ଏବଂ ୫ଟି ଗ୍ରାମ୍ୟ ସମସ୍ୟା ରହିଥିବା ବେଳେ ୨ଟି ସିଏମ୍ଆର୍ଏଫ୍ ସମ୍ପର୍କିତ ଅଭିଯୋଗ ହୋଇଥିଲା। ପ୍ରଶାସନ ପକ୍ଷରୁ ୪୩ଟି ଅଭିଯୋଗର ତୁରନ୍ତ ଫଇସଲା କରି ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବା ପାଇଁ ଅତିରିକ୍ତ ଜିଲାପାଳ ପଣ୍ଡା ନିର୍ଦ୍ଦେଶ ଦେଇଥିଲେ । ଅବଶିଷ୍ଟ ୪୦ଟି ଅଭିଯୋଗର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ ପଣ୍ଡା ପ୍ରକାଶ କରିଥିଲେ । ସେହିପରି ଅନ୍ୟ ୨ ପ୍ରମୁଖ ଅଭିଯୋଗରେ, ସେଲେଡି ଗ୍ରାମର ଶତାଧିକ ମହିଳା ପୁରୁଷ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରିଥିଲେ। ଦାବିପତ୍ର ପାଇ ଅତିରିକ୍ତ ଜିଲାପାଳ ପଣ୍ଡା ଜିଲା ବନ ବିଭାଗ ଅଧିକାରୀଙ୍କୁ ଡକାଇ ଆବଶ୍ୟକ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ବିନିକା ସହର ୮ନଂ ୱାର୍ଡ ନୂଆଁପଡ଼ା ରାସ୍ତାରେ ଡ୍ରେନେଜ ସମସ୍ୟା ରହିଥିବାରୁ ପାଣି ନିଷ୍କାସନ ହେଉ ନ ଥିବା ନେଇ ସ୍ୱେଚ୍ଛାସେବୀ ଗୋପାଳ ସାହୁ ଲିଖିତ ଅଭିଯୋଗ କରିଥିଲେ।ଏପରି କି ଅଞ୍ଚଳବାସୀଙ୍କ ପକ୍ଷରୁ ଅନ୍ୟ ପ୍ରମୁଖ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଉପ ଜିଲାପାଳ ବଳରାମ ମଲ୍ଲିକଙ୍କ ସମେତ ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା କୃଷି ଅଧିକାରୀ ଶ୍ରୀନିବାସ ମଲ୍ଲିକ, ଡିଡିଏ ସନ୍ତୋଷ କୁମାର ଜେନା, ବିନିକା ତହସିଲଦାର ଅଲେଖ ଘୁଟା, ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ବିନିକା କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି, ବିନିକା ବନ ଅଧିକାରୀ ପ୍ରେମରାଜ ଧରୁଆ, ବିଦ୍ୟୁତ୍ ବିଭାଗର ବିନିକା ଏସ୍‌ଡିଓ ରଶ୍ମି ରଞ୍ଜନ ଜେନା, ବିନିକା ଉଦ୍ୟାନ କୃଷି ବିଭାଗ ଅଧିକାରୀ ହିତେଶ ବଢ଼େଇ, ସିଡିପିଓ ଶୋଭାଗିନୀ ହରିପାଲ, ବ୍ଲକ ମୁଖ୍ୟ କିରାଣି ସତ୍ୟ ନାରାୟଣ ମିଶ୍ର, କେନାଲ ବିଭାଗର ନିର୍ବାହୀ ଯନ୍ତ୍ରୀ ଚନ୍ଦ୍ର ମୋହନ ହାଁସଦା, ବିନିକା ଥାନା ଅଧିକାରୀ ରାଜେନ୍ଦ୍ର ସମରିଆଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

### ପାଟଣାଗଡ: ନର୍ସ, ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ପାଟଣାଗଡ, ୧୫।୭(ଡି.ଏନ.ଏ.):** ବଲାଙ୍ଗୀର ମେଡିକାଲ କଲେଜ ଆଇସିୟୁରେ ଗତ ଜୁନ ୨୬ତାରିଖରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପର୍କୀୟମାନେ ସେଠାକାର କାର୍ଯ୍ୟରତ ଷ୍ଟାଫ ନର୍ସ ଏବଂ ଜଣେ ଆଟେଣ୍ଡାଣ୍ଟଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାକୁ ନେଇ ଥାନାରେ ମାମଲା ମଧ ହୋଇଥିଲା। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦ କରି ସୋମବାର ପାଟଣାଗଡର ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ଷ୍ଟାଫ ନର୍ସ ଓ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

ବନ ବିଭାଗର ଶ୍ରମିକମାରଣ ନୀତି

# ନର୍ସରିର ୪୧ ଶ୍ରମିକଙ୍କୁ ମିଳୁନି ମଜୁରି

**ସୋନପୁର,୧୫।୭(ନି.ପ୍ର.)**

ସୁବର୍ଣ୍ଣପୁର ବନଖଣ୍ଡ ଅଧୀନ ବୀରମହାରାଜପୁର ବନାଞ୍ଚଳର ହାଡୁଲିମୁଣ୍ଡା ନର୍ସରିରେ କାମ କରୁଥିବା ୪୧ ଜଣ ଶ୍ରମିକଙ୍କୁ ମଜୁରି ମିଳିନାହିଁ। ମଜୁରି ପାଇଁ ଶ୍ରମିକମାନେ ପ୍ରାୟ ୧ ବର୍ଷେ ହେଲା ବାରଦୁଆର ହେଉଛନ୍ତି। ହେଲେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ବନବିଭାଗ ବନ ମହୋତ୍ସବ ଓ ବୃକ୍ଷରୋପଣ ଭଳି ବିଭିନ୍ନ କାର୍ଯ୍ୟକ୍ରମ କରି ବାହାବା ନେଉଥିବା ବେଳେ, ପରିଶ୍ରମ କରି ଚାରା ପ୍ରସ୍ତୁତ କରିଥିବା ଶ୍ରମିକଙ୍କୁ ଠକି ଦିଆଯାଉଛି। ଅନ୍ୟପକ୍ଷେ ଶ୍ରମିକଙ୍କ ମଜୁରି ହଡପ କରାଯାଇବା ଅଭିଯୋଗ ହୋଇଛି। ଏନେଇ ସୋମବାର ଶ୍ରମିକମାନେ ଜିଲା ବନଖଣ୍ଡ ଅଧିକାରୀଙ୍କୁ ଭେଟିଥିଲେ। ତେବେ ଶ୍ରମିକମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇଥିବା ଅଧିକାରୀ ଜଣକ ଜଣାଇଥିଲେ । ପରେ ଶ୍ରମିକମାନେ ନିରାଶ ହୋଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ବନ ବିଭାଗ ୨୦୧୭-୧୮ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହାଡୁଲିମୁଣ୍ଡା ନର୍ସରୀରେ ବନୀକରଣ ପାଇଁ ବିଭିନ୍ନ କିସମର ଚାରା ପ୍ରସ୍ତୁତ କରାଯାଇଥିଲା। ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତର ପାତ୍ରପାଲି ଓ ବିଶାଳପାଲି ଗ୍ରାମର ୪୧ରୁ ଉର୍ଦ୍ଧ୍ୱ ଶ୍ରମିକ ପଲିଥିନରେ ମାଟି ଭରିବାଠୁ ଆରମ୍ଭ କରି ଚାରାରୋପଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟରେ ନିୟୋଜିତ ଥିଲେ । ଶ୍ରମିକମାନେ ନର୍ସରୀରେ ୨ରୁ ସାଢେ ୩ ମାସ ପର୍ଯ୍ୟନ୍ତ କାମ କରିଥିଲେ। ସେମାନଙ୍କୁ ଦୈନିକ ୨୦୦ଟଙ୍କା ମଜୁରି ପ୍ରଦାନର ପ୍ରତିଶ୍ରୁତି ମିଳିଥିଲା। ମଜୁରି ପ୍ରଦାନ ପାଇଁ ବନ ବିଭାଗ ଶ୍ରମିକଙ୍କ ଆଧାର କାର୍ଡ, ଜବ୍ କାଡ ଓ ବ୍ୟାଙ୍କ ପାସ ବହି ନେଇଥିଲା। ହେଲେ ପରବର୍ତ୍ତୀ ସମୟରେ ଦାୟିତ୍ୱରେ ଥିବା ଅଧିକାରୀମାନେ ଅନ୍ୟ ଶ୍ରମିକଙ୍କ ନାମରେ ବିଲ କରି ଟଙ୍କା ହଡପ କରିଥିବା ଜଣାପଡିଛି। ପାତ୍ରପାଲିର ଶ୍ରମିକ ସ୍ୱାଧୀନ ପଧାନ ୯୦ ଦିନ, ଜଗନ୍ନାଥ ମେଣ୍ଡଲି ୧୦୧ ଦିନ, ରସା ବୁଡା ୧୫୦ ଦିନ, ବଳରାମ ପଧାନ ୧୧୧ ଦିନ, ହେମସାଗର ପଧାନ ୪୯ ଦିନ, ଧରଣୀ ପଧାନ ୧୦୦ ଦିନ, ହନୁ କାଳିଆ ୧୦୦ ଦିନ, ସଦାଶିବ ପଧାନ ୫୮ ଦିନ କାମ କରି ମଜୁରି ପାଇ ନ ଥିବା ଅଭିଯୋଗ କରିଛନ୍ତି । ବିଭିନ୍ନ ଘଟଣାକୁ ନେଇ ବନ ବିଭାଗ ଚର୍ଚ୍ଚାରେ ଥିବା ବେଳେ ଶ୍ରମିକଙ୍କୁ ଖଟାଇ ମଜୁରି ନ ଦେବା ଓ ଉପରିସ୍ଥ ଅଧିକାରୀ ପ୍ରାପ୍ୟ ବାକି ନ ଥିବା କହିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଜିଲା ପ୍ରଶାସନ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି।



ମଜୁରି ପାଇ ନ ଥିବା ପାତ୍ରପାଲିର ଶ୍ରମିକମାନେ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟିବାକୁ ଆସିଛନ୍ତି।

ଲୁଡୁରପଙ୍କରେ ନିଆରା ପରମ୍ପରା

# ଶ୍ରୀଜୀଉଙ୍କ ନୀଳାଦ୍ରି ବିଜେରେ କଳିଗୀତ

**ଅମରପାଲି,୧୫।୭(ଡି.ଏନ.ଏ.)**

ଜଗନ୍ନାଥ ସଂସ୍କୃତି ସହ ସୁବର୍ଣ୍ଣପୁରର ବେଶ ନିବିଡ ସମ୍ପର୍କ। ଏହି ମାଟିରେ ମହାପ୍ରଭୁ ଜଗନ୍ନାଥ ୧୪୪ ବର୍ଷ ଧରି ପାତାଳୀ ହୋଇଥିଲେ। ଏପରି କି ଜଗନ୍ନାଥ ସଂସ୍କୃତିର ନୀଳାଦ୍ରି ବିଜେ ବା ରତ୍ନ ସିଂହାସନକୁ ଫେରିବା ସମୟର ପାରମ୍ପରିକ ଲକ୍ଷ୍ମୀ-ନାରାୟଣଙ୍କ କଳିଗୀତ ବେଶ୍ ନିଆରା। ଏପରିସ୍ଥିତିରେ ବୀରମହାରାଜପୁର ଉପଖଣ୍ଡର ଲୁଡୁରପଙ୍କଠାରେ ଦଧିବାମନଙ୍କ ନୀଳାଦ୍ରି ବିଜେକୁ ଚାହି ରହିଥାନ୍ତି ଜନସାଧାରଣ। ମା' ଲକ୍ଷ୍ମୀଙ୍କ ପକ୍ଷରୁ ମହିଳାମାନେ ପ୍ରତିନିଧିତ୍ୱ କରି ଗୀତରେ ଗାଳି ବର୍ଷା କରୁଥିବା ବେଳେ ଜଗନ୍ନାଥଙ୍କ ପକ୍ଷରୁ ପୁରୁଷ ଲୋକେ ଉତ୍ତର ରଖିଥାନ୍ତି। ଏଇଠି ଦେଖିବାକୁ ମିଳେ ପରମ୍ପରାର ମହକ। ଆଷାଢ ମାସରେ ପ୍ରଭୁ ଜଗନ୍ନାଥଙ୍କ ଘୋଷଯାତ୍ରାର ପ୍ରତିଟି ମୁହୂର୍ତ୍ତ ବେଶ୍ ମାଧୁର୍ଯ୍ୟ। ଏପରି କି ମହାପ୍ରଭୁ ଜଗନ୍ନାଥଙ୍କ ଉପରେ ମା' ଲକ୍ଷ୍ମୀଙ୍କ ଅଭିମାନ ବେଶ ନିଆରା। ନଅ ଦିନ ଯାତ୍ରା ସାରି ମହାପ୍ରଭୁ ରତ୍ନସିଂହାସନକୁ ଆସୁଥିବା ବେଳେ ଗମ୍ଭୀରୀରେ କବାଟ ପଡିଥାଏ। ସେତିକିବେଳେ ଜଗନ୍ନାଥ ଲକ୍ଷ୍ମୀଙ୍କୁ ଗୀତ ମାଧ୍ୟମରେ ବୁଝାଇଥାନ୍ତି। ଏହି ସାମାଜିକ ଓ ପ୍ରାଚୀନ ପରମ୍ପରାକୁ ଗ୍ରାମବାସୀ ଉଜ୍ଜୀବିତ ରଖିଛନ୍ତି। ନାରୀମାନେ ଲକ୍ଷ୍ମୀଙ୍କ ପ୍ରତୀକରେ ଗୀତ ଗାଉଥିବା ବେଳେ ପୁରୁଷମାନେ ଜଗନ୍ନାଥଙ୍କ ପ୍ରତିନିଧିତ୍ୱ କରିଥାନ୍ତି। ଏଥିରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭାବେ ମମତା ପ୍ରଧାନ ରହିଥିବା ବେଳେ ଜଗନ୍ନାଥଙ୍କ ପ୍ରତିନିଧି ସ୍ୱରୂପ ହାଡିବନ୍ଧୁ ପ୍ରଧାନ ରହିଥିଲେ । ବାସ୍ତବରେ ଏହା ସାମାଜିକ ଚଳଣିର ପ୍ରତୀକ। ଏହି ପରମ୍ପରା ଶତାଧିକ ବର୍ଷ ତଳର। ଯାହାକୁ ଶୁଣିବାକୁ ଓ ଦେଖିବାକୁ ଲୋକେ ଅପେକ୍ଷା କରି ରହିଥାନ୍ତି। କେତେକ ସ୍ଥାନରେ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଥିବାବେଳେ ବୀରମହାରାଜପୁରର ଲୁଡୁରପଙ୍କରେ ମହିଳାମାନେ ଲକ୍ଷ୍ମୀଙ୍କ ପ୍ରତିନିଧିତ୍ୱ କରିଆସୁଛନ୍ତି ନୀଳାଦ୍ରିବିଜେରେ। ଦୁଇଶହ ବର୍ଷର ପରମ୍ପରାରେ ନାରୀମାନଙ୍କ ସହଭାଗିତା ଯାତ୍ରାକୁ ଅଧିକ ମହକ କରୁଥିବା ବେଳେ ପାରମ୍ପରିକ କଳିଗୀତ ବେଶ୍ ନିଆରା। ପହଣ୍ଡି ଗୀତକୁ ସତ୍ୟମୋହନ ଦେଓ, ଧର୍ମୁପଧାନ ଓ ନନ୍ଦ କିଶୋର ପ୍ରଧାନ ଗାଇଥିବା ବେଳେ ଲୁଡୁରପଙ୍କ, ବର୍ଡାକଟା, ବହଲପଦର ଓ ଅମରପାଲି ଗ୍ରାମର ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ।



ଜଗନ୍ନାଥଙ୍କ ନୀଳାଦ୍ରି ବିଜେରେ ସେବାୟତମାନେ କଳିଗୀତ ଗାନ କରୁଛନ୍ତି।

ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ

# ରୋହିଣୀଙ୍କ ପରିବାରକୁ ଭଗବାନ ଭରସା

**ସୋନପୁର,୧୫।୭(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମେଣ୍ଡଲିପାଲି ଗ୍ରାମର ରୋହିଣୀ ପାତ୍ର(୩୫)। ସ୍ୱାମୀ ସୁଦାମଙ୍କ ୨ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ବର୍ତ୍ତମାନ ରୋହିଣୀ ଅସହାୟ ହୋଇପଡିଛନ୍ତି। ଏପରିସ୍ଥିତିରେ ୫୦୦ ଟଙ୍କା ବିଧବା ଭତ୍ତା ହିଁ ତାଙ୍କର ସମ୍ବଳ। ଏଥିରେ ୨ ଝିଅ ଓ ୨ଟି ପୁଅଙ୍କ ବୋଝ। ଜମି ବାଡି କିଛି ନାହିଁ । ମରାମତି ଅଭାବରୁ ନଡା ଛପର ଘର ଭାଙ୍ଗିଯାଇଛି । ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ନାହିଁ । ହେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ତାଙ୍କୁ ଘର ଖଣ୍ଡେ ମିଳିପାରି ନାହିଁ। ସେ ଏବେ ଅର୍ଚ୍ଚଣ୍ଡାସ୍ଥିତ ବାପାଙ୍କ ଘରେ ପିଲାଛୁଆକୁ ଧରି ଆଶ୍ରୟ ନେଉଛନ୍ତି । ଏଭଳି ସ୍ଥିତିରେ ସହାୟତା ପାଇଁ ସେ ସୋମବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ସେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଭେଟି ଝିଅ ଓ ପୁଅର ପାଠ ପଢା ସହାୟତା ନେଇ ଅନୁରୋଧ କରିଥିଲେ। ବଡ ଝିଅ ଝୁମି ପାତ୍ର(୧୮) ସ୍ଥାନୀୟ କାଦୋଦର କଲେଜରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ପାଠ ପଢୁଛନ୍ତି । ଦ୍ୱିତୀୟ ଝିଅ ସତ୍ୟବତୀ(୧୫) ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବେ। ପୁଅ ଦୁଷ୍ମନ୍ତ(୧୧) ଷଷ୍ଠ ଶ୍ରେଣୀରେ ଓ ସାନ ପୁଅ ଆଶୀର୍ବାଦ(୩) ସ୍ଥାନୀୟ ଅଙ୍ଗନୱାଡିକୁ ଯାଉଛନ୍ତି। ତେଣୁ ଝୁମିଙ୍କୁ ପୃଷ୍ଠପୋଷକତା, ସତ୍ୟବତୀ ଓ ଦୁଷ୍ମନ୍ତଙ୍କୁ ଅନୁଷ୍ଠାନରେ ରହି ପାଠ ପଢିବାର ବ୍ୟବସ୍ଥା କରିବାକୁ ମା ରୋହିଣୀ ଅନୁରୋଧ କରିଛନ୍ତି । ସୋମବାର ଶିଶୁ ସୁରକ୍ଷା ଅଧିକାରୀ ବିଜୟ ବିଶ୍ୱାଳ ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରିଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅସହାୟ ମହିଳାଙ୍କ ସାମାଜିକ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ପରେ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ହିମାଂଶୁ ଭୂଷଣ ନାୟକ ସୂଚନା ଦେଇଛନ୍ତି ।



ରୋହିଣୀ ନିଜ ପିଲାଛୁଆଙ୍କୁ ଧରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।

# ଠାକୁରଙ୍କ ନୀଳାଦ୍ରିବିଜେ



**ସୋନପୁର,୧୫।୭(ନି.ପ୍ର.)**

ଆଷାଢ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ସୋମବାର ସୋନପୁରର ପ୍ରସିଦ୍ଧ ରଥଯାତ୍ରା ଆନନ୍ଦ ଉଲ୍ଲାସର ସହ ଶେଷ ହୋଇଛି । ଚକ୍ରରାଜ ସୁଦର୍ଶନ, ବଡଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ସାଥିରେ ଧରି ମହାପ୍ରଭୁ ଜଗନ୍ନଥ ନିଳାଦ୍ରୀ ବିଜେ କରିଛନ୍ତି । ଶନିବାର ରଥ ଗୁଣ୍ଡିଚା ମନ୍ଦିରରୁ ଗଡଭିତର ଜଗନ୍ନାଥ ମନ୍ଦିର ଅଭିମୁଖେ ଯାଇଥିଲା। ସୋମବାର ରଥଟଣାର ତୃତୀୟ ଦିବସରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି । ମଝିପଡାସ୍ଥିତ ରଥ ଖଳାରେ ମଙ୍ଗଳାର୍ପଣ ହୋଇ ରାତିରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇଥିଲା। ଏନେଇ ସହର ଗଡଭିତରର ଜଗନ୍ନାଥ ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା । ସମସ୍ତ ନୀତି ସମ୍ପନ୍ନ ପରେ ମହାପ୍ରଭୁ ଗର୍ଭଗୃହକୁ ପ୍ରବେଶ କରିଛନ୍ତି । ଦେବୋତ୍ତର ବିଭାଗ ଓ ରଥଯାତ୍ରା କମିଟି ପକ୍ଷରୁ ଚଳିତ ବର୍ଷ ରଥ ଯାତ୍ରା ଉତ୍ସବକୁ ସଫଳ ଭାବେ ଆୟୋଜନ କରାଯାଇଛି।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

FINANCE FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846


DHARITRI Career appointment Every Wednesday and Saturday

See Color Display Classified on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ଜୁଲାଇ, ୨୦୧୯



"ନିଜକୁ ସମାଲୋଚନା କରିବାର କଳା ଯେ ଶିଖିଛି, ସେ ଉନ୍ନତି ପଥରେ ନିଶ୍ଚୟ ଆଗେଇ ଯାଇଛି।
- ଫ୍ରାଙ୍କଲିନ୍



## ସଂକ୍ଷେପରେ

### ଡ୍ରେନରେ କୁଢ଼ କୁଢ଼ ମଇଳା, ପ୍ରଶାସନର ନଜର ନାହିଁ

ମନମୁଣ୍ଡା, ୧୫।୭ (ଡି.ଏନ.ଏ)
ମନମୁଣ୍ଡାରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଡ୍ରେନରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ପଡା ଗଳି ରାସ୍ତାରେ ଜମା ରହୁଛି ଓ ଘର ଭିତରକୁ ପଶୁଛି। ଏନଏଚ-୫୭ ବସ୍ତି ଦେଇ ଯାଇଥିବାରୁ ବିଭାଗ ତରଫରୁ ଡ୍ରେନ ଖୋଲାଯାଇଛି । କେତେକ ସ୍ଥାନରେ ଢ଼ାଙ୍କୁଣି ଥିବାବେଳେ ଅନେକ ଜାଗାରେ ଖୋଲା ଛଡା ଯାଇଛି । ଫଳରେ ଲୋକମାନେ ମଇଳା, ଆବର୍ଜନା ସବୁ ତା ଭିତରେ ପକାଇ ଦେବାରୁ ଜାମ୍ ହୋଇଯାଇଛି । ସାମାନ୍ୟ ବର୍ଷାରେ ପ୍ରବଳ ଦୁର୍ଗନ୍ଧ ହେବା ସହ ମଶାଙ୍କ ସଂଖ୍ୟା ବଢୁଛି । ଏହା ଗ୍ରାମପଞ୍ଚାୟତ ହୋଇଥିବାରୁ ଡ୍ରେନ ସଫେଇ ପାଇଁ ରୀତିମତ ବ୍ୟବସ୍ଥା ନାହିଁ । ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଜନସାଧାରଣଙ୍କ ଅସୁବିଧାକୁ ଦେଖି ପଞ୍ଚାୟତ ପକ୍ଷରୁ ଡ୍ରେନ ସଫା କରାଯାଉଥିଲେ ମଧ କୌଣସି ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ଯଥା ପୂର୍ବଂ ତଥା ପରଂ ଅବସ୍ଥା ହୋଇ ରହୁଛି ।

### ସଂସ୍କାର ସ୍କୁଲରେ ବୃକ୍ଷରୋପଣ

ବରଗଡ଼ ଅଫିସ୍,୧୫।୭
ବରଗଡ଼ସ୍ଥିତ ସଂସ୍କାର ବିଦ୍ୟାଳୟରେ ରବିବାର ସ୍ଥାନୀୟ ଜାଗୃତି କ୍ଲବ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱାଡ଼ିୟା, ଡାଇରେକ୍ଟର ଅଜିତ ପଟ୍ଟନାୟକ, ପ୍ରଧାନଶିକ୍ଷକ କରନ ସାହୁଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାଗୃତି କ୍ଲବର ସଦସ୍ୟା ଅନୁରାଧା ଅଗ୍ରୱାଲ, ପ୍ରୀତି ଅଗ୍ରୱାଲ, ରଶ୍ମି ବଲୋଦିଆ, ସ୍ୱପ୍ନା ଧାନୁକା, ବିଦ୍ୟାଳୟର ଏକାଦଶ, ଦ୍ୱାଦଶ ଶ୍ରେଣୀର ଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଜିଲାସ୍ତରୀୟ ସ୍ୱାଧୀନତା ପାଇଁ ପ୍ରସ୍ତୁତି

ବୌଦ୍ଧ,୧୫।୭(ସ୍ୱ.ପ୍ର)
ବୌଦ୍ଧରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ଆଗାମୀ ସ୍ୱାଧୀନତା ଦିବସକୁ ମହାସମାରୋହରେ ପାଳନ କରାଯିବାକୁ ଉପସ୍ଥିତ ବୁଦ୍ଧିଜୀବୀ ଓ ଅନୁଷ୍ଠାନର ମୁଖ୍ୟମାନଙ୍କ ନିକଟରୁ ପ୍ରସ୍ତାବ ଆଗତ କରାଯାଇଥିଲା । ପ୍ରତିବର୍ଷ ପରି ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ଆୟୋଜନ କରାଯିବାକୁ ଜିଲାପାଳ ପରାମର୍ଶ ଦେବା ସହ ଏହି ଅବସରରେ ଜିଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ଓ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପ୍ରକାଶ କରିଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲାରେ ସମସ୍ତ ବିଦ୍ୟାଳୟ ଓ ଅନୁଷ୍ଠାନ ଗୁଡିକରେ ଠିକ ସମୟରେ ପତାକା ଉତ୍ତୋଳନ କରିବାକୁ କୁହାଯାଇଥିଲା । ଏହି ବୈଠକରେ ବିଦ୍ୟାଳୟ ଗୁଡିକର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସହରର ବୁଦ୍ଧିଜୀବୀ ଯୋଗ ଦେଇଥିଲେ ।

■ ଆଇଆଇସିଙ୍କ ଦୁର୍ବ୍ୟବହାର ଅଭିଯୋଗ ପ୍ରସଙ୍ଗ

# ତେଜିଲା ଓକିଲ-ପୋଲିସ ବିବାଦ

ବରଗଡ଼ ଅଫିସ୍,୧୫।୭

ବରଗଡ଼ ଜିଲା ଓକିଲ ସଂଘର ସଭ୍ୟ ବିନୟ ଯୋଷୀଙ୍କୁ ଗତ ୧୦ତାରିଖରେ ସ୍ଥାନୀୟ ସଦର ଥାନା ଆଇଆଇସି କଲ୍ୟାଣୀ ବେହେରା ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ଘଟଣାକୁ ନେଇ ଓକିଲ-ପୋଲିସ ବିବାଦ ତେଜିବାରେ ଲାଗିଛି । ଘଟଣାର ୫ଦିନ ବିତିଯିବା ସତ୍ତ୍ୱେ ଓକିଲ ସଂଘର ଦାବିକ୍ରମେ ଆଇଆଇସି ତଥା ସମ୍ପୃକ୍ତ ତାଙ୍କ ସହକର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି । ଉକ୍ତ ପ୍ରସଙ୍ଗକୁ ନେଇ ସୋମବାର ଅନୁଷ୍ଠିତ ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ସେହି ଘଟଣାରେ କାର୍ଯ୍ୟାନୁଷ୍ଠାନରେ ନେବାରେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଶିଥିଳତାକୁ ନେଇ ଉଦବେଗ ପ୍ରକାଶ ପାଇଥିଲା । ଫଳରେ ସମ୍ପୃକ୍ତ ଆଇଆଇସି ଓ ତାଙ୍କ ସହକର୍ମୀଙ୍କୁ ବହିଷ୍କୃତ ଦାବି ନେଇ ଓକିଲ ସଂଘ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କୋର୍ଟ, କଚେରୀ ତଥା ଆଇନ ଅଦାଲତରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବା ପାଇଁ ସୋମବାର ବୈଠକରେ ନିଷ୍ପତ୍ତି ନେଇଛି। ସେହିପରି ବୁଧବାର ପରବର୍ତ୍ତୀ ବୈଠକ ରହିଥିବାବେଳେ ସେହି ବୈଠକରେ ଅଞ୍ଚଳର ସମସ୍ତ ସାମାଜିକ ସଙ୍ଗଠନ ସାମିଲ ହେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି ।



ସାଧାରଣ ପରିଷଦ ବୈଠକରେ ମଞ୍ଚାସୀନ ଓକିଲ ସଂଘର କର୍ମକର୍ତ୍ତାବୃନ୍ଦ ।

**ବରଗଡ଼**
- କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି
- ବୁଧବାର ପରବର୍ତ୍ତୀ ବୈଠକ
- ସବୁ ସଙ୍ଗଠନ ସାମିଲ ଆହ୍ୱାନ

ପ୍ରକାଶ ଯେ, ଗତ ବୁଧବାର ଓକିଲ ଯୋଶୀ କୌଣସି ଏକ ମାମଲା କାମରେ ସଦର ଥାନାକୁ ଯାଇଥିବାବେଳେ ସେଠାରେ କାର୍ଯ୍ୟରତ ଆଇଆଇସି ବେହେରା ଓ ସହକର୍ମୀ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା । ଏହାର ପ୍ରତିବାଦରେ ଘଟଣା ଦିନ ସନ୍ଧ୍ୟାରେ ଜିଲା ଓକିଲ ସଂଘ ପକ୍ଷରୁ ବରଗଡ଼ ସଦର ଥାନା ଆଗରେ ଧାରଣା ଦେଇଥିଲା । ସେତେବେଳେ ଡିଏସପି ନଗେନ୍ଦ୍ର ପ୍ରସାଦ ନାୟକ ସେଠାକୁ ପହଞ୍ଚି ଓକିଲ ସଂଘର କର୍ମକର୍ତ୍ତା, ସଭ୍ୟଙ୍କ ସହିତ ଆଲୋଚନା କରିଥିଲେ । ଏସପିଙ୍କ ସହିତ ଆଲୋଚନା କରି ଘଟଣା ଉପରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେତେବେଳେ ଡିଏସପି ନାୟକ କହିଥିଲେ। ତେବେ ଘଟଣାର ପରଦିନ ଅର୍ଥାତ୍ ଗତ ଗୁରୁବାର ଓକିଲ ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲା । ସେହିପରି ଜିଲା ପୋଲିସ ମୁଖ୍ୟାଳୟରେ ଓକିଲ ସଂଘର କର୍ମକର୍ତ୍ତା ଏସପି ମୁକେଶ କୁମାର ଭାମୁଙ୍କ ସହିତ ଆଲୋଚନା କରିଥିଲେ ଏବଂ ଘଟଣାକୁ ନେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ଦୋହରାଇଥିଲେ ।

କିନ୍ତୁ ଏପର୍ଯ୍ୟନ୍ତ ଘଟଣାକୁ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଫଳରେ ସୋମବାର ଓକିଲ ସଂଘ ସାଧାରଣ ପରିଷଦ ବୈଠକ ଡାକିଥିଲା । ବୈଠକରେ ସଂଘ ସଭାପତି ବେଲାଳସେନ ସରାଫ, ସମ୍ପାଦକ ହେମନ୍ତ ପୁରୋହିତ, ଉପସଭାପତି ସରୋଜ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ଲଲାଟେନ୍ଦୁ ବେହେରାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ।

ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା

## କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକଲେ ପରିବାର

ବରଗଡ଼ ଅଫିସ୍,୧୫।୭

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ଲଉଡ଼ିଦର୍ହା ଗ୍ରାମ କ୍ଷେତରେ ଥିବା ଏକ କୂଅରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ମାସେ ବିତିଯାଇଛି। ମୃତକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ପରିବାର ଲୋକେ ସ୍ଥାନୀୟ ପୋଲିସର କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି। ଏହି କ୍ରମରେ ସୋମବାର ମୃତ ଯୁବତୀଙ୍କ ବାପା ବିରଞ୍ଚି ସାମଲଙ୍କ ସମେତ ଅନ୍ୟ ପରିବାର ଓ ସମ୍ପର୍କୀୟମାନେ ବରଗଡ଼ ଏସପିଙ୍କୁ ଫେରାଦ ହୋଇଥିଲେ। ଏସପି ମୁକେଶ କୁମାର ଭାମୁଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରି ଉକ୍ତ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

ପ୍ରକାଶ ଯେ, ବିରଞ୍ଚିଙ୍କ ଝିଅ ସୀମା ଗତ ମାସ ୧୨ତାରିଖରେ ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଉଛି ବୋଲି କହି ଆଉ ଫେରି ନ ଥିଲେ । ପରିବାର ଲୋକେ ଖୋଜାଖୋଜି କରିବା ପରେ ପରଦିନ କ୍ଷେତରେ ଥିବା ଏକ କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା । ସେତେବେଳେ ମୃତକଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଥିଲା ଏବଂ ତାହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା । କିନ୍ତୁ ପୋଲିସ ସେ ଦିଗରେ କିଛି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ଏବଂ ପୋଲିସ ପ୍ରତି ଆସ୍ଥା ହରାଇ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି ।



ଏସପିଙ୍କୁ ଫେରାଦ ହୋଇଥିବା ପରିବାର ଲୋକେ ।

## ରାସ୍ତା କାମବେଳେ ପାଣି ପକାଇବା ଦାବିରେ ରାସ୍ତାରୋକୋ

ପୁରୁଣାକଟକ,୧୫।୭(ଡି.ଏନ.ଏ)
ବୌଦ୍ଧ ଜିଲା ଚାରିଛକ-ହରଭଙ୍ଗା ପୂର୍ତ୍ତ ବିଭାଗ ରାସ୍ତାର ବାଘଛେପରାଠାରୁ କରଞ୍ଜକଟା ପର୍ଯ୍ୟନ୍ତ ରାସ୍ତାକାମ ଚାଲିଛି । ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା ନିୟମିତ ରାସ୍ତାରେ ପାଣି ପକାଉ ନ ଥିବାରୁ ଧୂଳି ଉଡୁଛି । ଫଳରେ ଉକ୍ତ ରାସ୍ତାରେ ଯାତାୟାତ କରିବାରେ ଅସୁବିଧା ହେଉଥିବା ଅଭିଯୋଗ କରି ସ୍ଥାନୀୟ ଲୋକ ପ୍ରଦୀପ ସାହୁ, ଶୁଭମ ପ୍ରଧାନ, ଶ୍ୟାମଘନ ନାଏକ, ସୁବଳ ନାଏକ, ବଂଶୀଧର ସାହୁ ପ୍ରମୁଖ ସୋମବାର ସକାଳେ କରଞ୍ଜକଟାଠାରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ପୁରୁଣାକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ମାତ୍ର ପାଣି ଟ୍ୟାଙ୍କର ଆସିବା ପରେ ଲୋକେ ରାସ୍ତାରୁ ହଟିଥିଲେ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଚୈତନ୍ୟ ଦେହୁରୀଙ୍କୁ ପଚାରିବାରୁ ପ୍ରତିଦିନ ପାଣି ପକାଯାଉଥିଲା । ଆଜି ପାଣି ଟ୍ୟାଙ୍କର ଖରାପ ଯୋଗୁ ପାଣି ପକାଇବାରେ ସାମାନ୍ୟ ବିଳମ୍ବ ହୋଇଥିଲା ବୋଲି କହିଛନ୍ତି ।




ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି ।

### ଆଦିବାସୀ ହରିଜନ ଶିକ୍ଷକ ସଂଘର ବୈଠକ

ପଦ୍ମପୁର, ୧୫।୭ (ଡି.ଏନ.ଏ)

ପଦ୍ମପୁର ଶିକ୍ଷା ଜିଲା ଅଧୀନ ଆଦିବାସୀ, ହରିଜନ ଶିକ୍ଷକ ସଂଘର ଏକ ବୈଠକ ପଦ୍ମପୁରଠାରେ ଅନୁଷ୍ଠିତ ହୋଇଛି। ଏଥିରେ ପାଇକମାଳ, ଝାରବନ୍ଧ, ଗାଇସିଲେଟ, ବିଜେପୁର, ସୋହେଲା, ପଦ୍ମପୁର ବ୍ଲକର ଆଦିବାସୀ ହରିଜନ ବିଦ୍ୟାଳୟର ଶତାଧିକ ଶିକ୍ଷକ ଯୋଗଦାନ କରିଥିଲେ। ଓଡିଶା ରାଜ୍ୟ ଆଦିବାସୀ ହରିଜନ ଶିକ୍ଷକ ମହାସଂଘର ସାଧାରଣ ସମ୍ପାଦକ ନୀଳମଣି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ । ବୈଠକରେ ଆରଏସିପି ଶିକ୍ଷକଙ୍କ ପଦୋନ୍ନତି ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପଦ୍ମପୁରର ତରଣୀସେନ ବରିହା ଧନ୍ୟବାଦ ଅର୍ପଣ କରିଥିଲେ ।

### ଆଇଟିଆଇରେ ଦକ୍ଷତା ଦିବସ ପାଳିତ

ଭେଡ଼େନ, ୧୫।୭ (ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଦୁଇମୁହାଣି ଠାରେ ଥିବା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଆଇଟିଆଇରେ ସୋମବାର ବିଶ୍ୱ ଦକ୍ଷତା ଦିବସ ପଳିତ ହୋଇ ଯାଇଛି। ଆଇଟିଆଇ ଅଧକ୍ଷ ବିଦ୍ୟୁତ କୁମାର ପୁରୋହିତଙ୍କ ସଭାପତିତ୍ୱ ତଥା ଟ୍ରେନିଂ ଅଫିସର ଗୋକୁଳ ସୁନାଙ୍କ ପରିଚାଳନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡ଼ିଓ ମୁରଲିଧର ନାୟକ ମୁଖ୍ୟଅତିଥି, ପପଙ୍ଗା ସରପଞ୍ଚ ପୁରୁଷୋତ୍ତମ ସାହୁ, ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରିବା ସହ ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ।

### ୫୭ ୟୁନିଟ ସଂଗ୍ରହ

ଭେଡ଼େନ, ୧୫।୭ (ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ରେମଣ୍ଡାଠାରେ ବିଜେଡି ପକ୍ଷରୁ ରବିବାର ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୋଟ ୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିରକୁ ବିଡ଼ିଓ ମୁରଲିଧର ନାୟକ, ଆଇଆଇସି ହେମନ୍ତ ରାଓ, ବ୍ଲକ ବିଜେଡ଼ି ସଭାପତି ହରିଶଙ୍କର ବେହେରା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବରଗଡ଼ ରକ୍ତଭଣ୍ଡାର କର୍ମଚାରୀ ଅମରଜିତ ମହାନ୍ତି, ରେବତୀକାନ୍ତ ସାହୁ, ରୋହିତ କଲେତ, ମହେନ୍ଦ୍ର ମେହେର, ସଂଯୋଜକ ଶୁକଦେବ ଶତପଥି, ଅଙ୍କୁର ପ୍ରଧାନ ସହଯୋଗ କରିଥିଲେ ।

ଅବ୍ୟବସ୍ଥା ଘେରରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟ

## ବାରଣ୍ଡାରେ ଗଡୁଛନ୍ତି ରୋଗୀ

ବୌଦ୍ଧ,୧୫।୭(ସ୍ୱ.ପ୍ର)
ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ପ୍ରତ୍ୟହ ଶହ ଶହ ରୋଗୀ ଚିକିତ୍ସା ପାଇଁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବାବେଳେ ସ୍ଥାନାଭାବ ଯୋଗୁ ସମସ୍ୟା ସୃଷ୍ଟି ହେଉଛି। ରୋଗୀଙ୍କ ସଂଖ୍ୟା ଏତେ ମାତ୍ରାରେ ବୃଦ୍ଧି ଯୋଗୁ ମୁଖ୍ୟଚିକିତ୍ସାଳୟ ଭିତରକୁ ପଶିବା କଷ୍ଟକର ହୋଇପଡୁଥିବାବେଳେ ଡାକ୍ତରମାନଙ୍କ ନିକଟରେ ଲମ୍ବାଧାଡି ଦେଖିବାକୁ ମିଳୁଛି। ତେବେ ମୁଖ୍ୟ ଚିକିତ୍ସାଳୟରେ ଶଯ୍ୟା ସଂଖ୍ୟା ବୃଦ୍ଧି କରିବା ପାଇଁ ଦୀର୍ଘ ଦିନରୁ ଦାବି ହେଉଥିଲେ ମଧ୍ୟ ସ୍ଥାନାଭାବ ଯୋଗୁ ସମ୍ଭବ ହୋଇ ପାରୁ ନ ଥିବା ଜଣାଯାଇଛି। ଚିକିତ୍ସା ପାଇଁ ଭର୍ତ୍ତି ହେଉଥିବା ରୋଗୀମାନେ ଅନ୍ୟ ଉପାୟ ନ ପାଇ ବାରଣ୍ଡାରେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଏହି ଚିକିତ୍ସାଳୟ ଉପରେ ପଡୋଶୀ ଅନୁଗୋଳ ଓ ସମ୍ବଲପୁର ଜିଲାର ରୋଗୀ ମଧ ନିର୍ଭର କରନ୍ତି । ଏଠାରେ ଡାକ୍ତର ସମସ୍ୟା ସମାଧାନ ହୋଇଥିଲେ ମଧ୍ୟ ଚିକିତ୍ସାଳୟରେ ଆନୁସଙ୍ଗିକ ସୁବିଧା ସୁଯୋଗ ନ ଥିବାରୁ ରୋଗୀ ବହୁ ସମୟରେ ହଇରାଣ ହେଉଛନ୍ତି । ସେହିପରି ଚିକିତ୍ସାଳୟ ପରିସରରୁ ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶିଶୁମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର କେୟାର ୟୁନିଟ କାର୍ଯ୍ୟକ୍ଷମ କରିଥିବାବେଳେ ସାମାନ୍ୟ ବର୍ଷାରେ ଏସଏନସିୟୁ ସମ୍ମୁଖରେ ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ସେହିପରି ଚିକିତ୍ସାଳୟ ପରିସରରେ ରୋଗୀମାନଙ୍କ ସମ୍ପର୍କୀୟଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।



ରୋଗୀମାନେ ଡାକ୍ତରଖାନା ବାରଣ୍ଡାରେ ତଳେ ଶୋଇଛନ୍ତି ।

## ସ୍ୱାମୀଙ୍କ ଚିକିତ୍ସା ପାଇଁ ସ୍ତ୍ରୀ, ଝିଅଙ୍କ ଗୁହାରି

ବରଗଡ଼ ଅଫିସ୍,୧୫।୭
ବରଗଡ଼ ସହର ଉପକଣ୍ଠ ଖଲିଆପାଲି ଗ୍ରାମରୁ ଅସୁସ୍ଥ ତଥା ଶଯ୍ୟାଶାୟୀ ସ୍ୱାମୀ ବଲ୍ଲଭ ମେହେରଙ୍କୁ ଏକ ଅଟୋରେ ଧରି ଚିକିତ୍ସା ସହାୟତା ପାଇଁ ସୋମବାର ସ୍ତ୍ରୀ ଚିତ୍ରା ଓ ତାଙ୍କ ଝିଅ ବରଗଡ଼ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ।

ପ୍ରକାଶ ଯେ, ବଲ୍ଲଭ ଦିନ ମଜୁରିଆ । ସେ କୁଲି ମଜୁରୀ କରି ପରିବାର ପୋଷଣ କରୁଥିଲେ । ଗତ ୪ମାସ ତଳେ ବରଗଡ଼ ସହରର ବାନ୍ଧୁଟିକ୍ରାର ଏକ ଘର ନିର୍ମାଣ କାମରେ ନିୟୋଜିତ ଥିବାବେଳେ ସେ ଛାତ ଉପରୁ ପଡ଼ି ଯାଇଥିଲେ । ସେହିଦିନଠାରୁ ସେ ଗୁରୁତର ଆହତ ହୋଇ ପଡ଼ିଛନ୍ତି । ତାଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା । ସେଠାରୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା । କଟକରୁ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିଲେ । ମାତ୍ର ଏପର୍ଯ୍ୟନ୍ତ ଆରୋଗ୍ୟ ହୋଇ ପାରି ନାହାନ୍ତି । ତାଙ୍କର ଅସ୍ତ୍ରୋପଚାରର ଆବଶ୍ୟକତା ଅଛି ବୋଲି ଡାକ୍ତରମାନେ କହିଛନ୍ତି । ମାତ୍ର ଏଥିପାଇଁ ବଲ୍ଲଭଙ୍କ ପରିବାର ଲୋକଙ୍କୁ ଅର୍ଥ ପ୍ରତିବନ୍ଧକ ସାଜିଛି । ବଲ୍ଲଭଙ୍କ ପୁଅ କ୍ରିଷ୍ଣା ନବମ ଶ୍ରେଣୀରେ ପଢୁଥିବାବେଳେ ଝିଅ ଆଶା ସପ୍ତମ ଓ ଅଙ୍କିତା ପଞ୍ଚମରେ ପଢୁଛନ୍ତି । ବଲ୍ଲଭ ଶଯ୍ୟାଶାୟୀ ଥିବା ଯୋଗୁ ପରିବାର ଲୋକେ ସମ୍ପୂର୍ଣ୍ଣ ବେରୋଜଗାରକ୍ଷମ ହୋଇ ପଡ଼ିଛନ୍ତି । ଚିତ୍ରାଙ୍କ ଉପରେ ପରିବାର ବୋଝ ପଡ଼ିଛି । ସ୍ୱାମୀଙ୍କ ଚିକିତ୍ସା ସାଙ୍ଗକୁ ଝିଅପୁଅଙ୍କ ପାଠପଢ଼ା ନେଇ ଚିତ୍ରା ଚିନ୍ତିତ ହୋଇ ପଡ଼ିଛନ୍ତି ଏବଂ ଜିଲା ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଗଲେ ତାଙ୍କ ପରିବାର ଲୋକେ ଉପକୃତ ହେବେ ବୋଲି ଆଶା ବାନ୍ଧିଛନ୍ତି। ଏହି ଆଶା ନେଇ ଚିତ୍ରା ସ୍ୱାମୀଙ୍କୁ ଧରି ଜିଲାପାଳ ଅଫିସ ଆସିଥିଲେ । ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡା ଓ ରେଡ଼କ୍ରସର ସମ୍ପାଦକ ପ୍ରଫୁଲ୍ଲ କୁମାର ବେହେରା ଚିତ୍ରା ଓ ତାଙ୍କ ସ୍ୱାମୀଙ୍କୁ ଭେଟି ଚିକିତ୍ସା ସହାୟତା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଅସୁସ୍ଥ ବଲ୍ଲଭ ମେହେର ।

## ବୀମା କ୍ଷତିପୂରଣ ଦାବି, ଜିଲାପାଳଙ୍କୁ ଫେରାଦ

ବରଗଡ଼ ଅଫିସ୍,୧୫।୭
ବରଗଡ଼ ଜିଲାରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେବାକୁ କେନ୍ଦ୍ର କରି ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୋମବାର ଜିଲାର ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣା ପଞ୍ଚାୟତ ଏବଂ ଭଟଲି ବ୍ଲକ ଅନ୍ତର୍ଗତ ହାତୀସର ପଞ୍ଚାୟତର ଚୋରଗ୍ରୀଣ୍ଡୋଲା ଗ୍ରାମବାସୀ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଜିଲାପାଳ ଅଫିସ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ବରଗଡ଼ ତହସିଲଦାର ସବ୍ୟସାଚୀ ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ଚୋରଗ୍ରୀଣ୍ଡୋଲା ଗ୍ରାମର ଚାଷୀମାନେ ଦେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି, ସେମାନଙ୍କୁ ଏପର୍ଯ୍ୟନ୍ତ ୨୦୧୮ ଫସଲକ୍ଷତିର ବୀମା କ୍ଷତିପୂରଣ ମିଳିପାରି ନାହିଁ । ଅନ୍ୟପଟେ ପଡ଼ୋଶୀ ଗ୍ରାମର କ୍ଷତିଗ୍ରସ୍ତ ଚାଷୀଙ୍କୁ ତାହା ପ୍ରଦାନ କରାଯାଇଛି। ଫଳରେ ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି । ଗ୍ରାମର ଚକ୍ରପାଣି ମିଶ୍ର, ଗୋବିନ୍ଦ ସା, ପ୍ରଫୁଲ୍ଲ କୁମାର ଦାଶ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବ ।ବେଳେ ଚାଷୀନେତା ରମେଶ ମହାପାତ୍ର, ହର ବଣିଆ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଗର୍ଭଣା ପଞ୍ଚାୟତର ଚାଷୀମାନେ ଅଭିଯୋଗ କରିଛନ୍ତି, ଗର୍ଭଣା ପଞ୍ଚାୟତ ମରୁଡ଼ି କ୍ଷତିଗ୍ରସ୍ତ ହୋଇଥିଲେ ସୁଦ୍ଧା ବୀମା କ୍ଷତିପୂରଣ ପ୍ରଦାନରେ ଏହି ପଞ୍ଚାୟତକୁ ବାଦ୍ ଦିଆଯାଇଛି। କ୍ଷୟକ୍ଷତି ଆକଳନ ମନମୁଖୀ ଭାବେ କରାଯାଇଥିଲା ଏବଂ ସେମାନଙ୍କ ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ସତ୍ତ୍ୱେ ସେଥିରୁ ବାଦ୍ ଦିଆଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏଥିପ୍ରତି ଦୃଷ୍ଟି ଦେଇ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଯୁବରାଜ ନାଏକ, ନିମାଇଁ ସାହୁ, ଟିକେଶ୍ୱର ପଧାନ ଚାଷୀ ଦାବି କରିଛନ୍ତି ।



ଜିଲାପାଳଙ୍କୁ ଫେରାଦ ହୋଇଥିବା ହାତୀସର ପଞ୍ଚାୟତର ଚାଷୀବୃନ୍ଦ ।



ସମସ୍ତ ଧର୍ମ ଛାଡି ଭଗବାନଙ୍କ ଶରଣ ନିଅ। ସେ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବେ।
-ବ୍ୟାସଦେବ



## ସଂକ୍ଷେପରେ

### ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦେବାକୁ ଆହ୍ୱାନ

**ଖପ୍ରାଖୋଲ, ୧୫।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦରଠାରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ତଥା ବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ପରିସରରୁ ଛାତ୍ରୀଛାତ୍ରଙ୍କୁ ନେଇ ବାହାରିଥିବା ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରିଥିଲା। ଜନସାଧାରଣ ଜଙ୍ଗଲ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦିଆଯାଇଥିଲା । ପରେ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ନବକିଶୋର ନନ୍ଦଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା, ମୁଖ୍ୟବକ୍ତା ତେଲେନପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶ ଓ ସମ୍ମାନିତ ଅତିଥିଭାବେ ହରିଶଙ୍କର ବନପାଳ ବିପିନ ବିହାରୀ ସାହୁ, ଧଣ୍ଡାମୁଣ୍ଡା ବନପାଳ ପିଙ୍କୁ ଭୋଇ, ରାମଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଥିଲେ। ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ପ୍ରତି ସଚେତନ ହେବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମାକାନ୍ତ ମାଝି, ରବିନ୍ଦ୍ର ପୁରୋହିତ, କୃପାସିନ୍ଧୁ ଶାହା, କ୍ଷିରସିନ୍ଧୁ ବେହେରା, କିଶୋର ବେହେରା ପ୍ରମୁଖ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍କୁଲ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ବର୍ଷକରେ ଫାଟିଗଲାଣି କଂକ୍ରିଟ୍, ପିଚୁ ରାସ୍ତା

ବଲାଙ୍ଗୀର ଅଫିସ, ୧୫।୭
ପୁଇଁନ୍ତେଲା ବ୍ଲକ୍ ମଲମଣ୍ଡାଠାରୁ କୁର୍ଲୁପାଲି ଯାଇଥିବା ୨.୪ କିଲୋମିଟର ଲମ୍ବ ପ୍ରଧାନମନ୍ତ୍ରୀ ସଡକ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ଯୋଗୁଁ ଗୋଟିଏ ବର୍ଷରେ ଫାଟି ଆଁ କଲାଣି । କଂକ୍ରିଟ୍ ରାସ୍ତା ସାର ଫାଟି ଯାଇଥିବାବେଳେ ପିଚୁ ଉଠିଗଲାଣି । ପ୍ରଧାନମନ୍ତ୍ରୀ ସଡକ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ୨୦୧୬ ମସିହାରେ ଏହି ରାସ୍ତାକାମ ଆରମ୍ଭ ହୋଇଥିଲା । ୨୦୧୭ ନଭେମ୍ବରରେ ଏହି ରାସ୍ତା କାମ ଶେଷ ହୋଇଥିବା ସାଇନ୍ ବୋର୍ଡରେ ଲେଖାଯାଇଛି। ତେବେ ଏହି ରାସ୍ତାକାମ ମାତ୍ର କିଛି ମାସ ତଳେ ସରିଥିବା ଗ୍ରାମବାସୀ କହିଛନ୍ତି । ତିଆରି ହେବାର କିଛି ମାସ ଭିତରେ ରାସ୍ତା ଶୋଚନୀୟ ହୋଇପଡିଛି । ରାସ୍ତାର କଂକ୍ରିଟ୍ ଅଂଶଟି ଫାଟମୟ ହୋଇପଡିଛି । ପିଚୁ ଅଂଶ ଉପୁଡି ପଡୁଛି । ନିମ୍ନମାନର ରାସ୍ତା କାମ ନେଇ କୁର୍ଲୁପାଲି ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ ବିଭାଗୀୟ ଯନ୍ତ୍ରୀ କୌଣସି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଗ୍ରାମର ନିମାଇ ଚରଣ କୁମ୍ଭାର, ଭଜମନ ବାଙ୍କ, କରୁଣାକର ରଣା ଓ ମୁଜିଦ୍ ପଟେଲ କହିଛନ୍ତି। ଏ ନେଇ ସୋମବାର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ନିର୍ବାହୀ ଯନ୍ତ୍ରୀ ଆଚାର୍ଯ୍ୟ ବଲାଙ୍ଗୀର ବିଭାଗୀୟ ଏସଡିଓ ଶାନ୍ତନୁ ନାଏକଙ୍କୁ ଡାକି ମଲମଣ୍ଡା-କୁର୍ଲୁପାଲି ରାସ୍ତା ଉପରେ ପଚାରିବାରୁ ସେ ସଠିକ୍ ଭାବେ କୌଣସି ଉତ୍ତର ରଖିପାରି ନ ଥିଲେ। ରାସ୍ତା ଫାଟି ଯାଇଥିବା ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଏସଡିଓ କିମ୍ବା କନିଷ୍ଠ ଯନ୍ତ୍ରୀ କେହି କିଛି ଜଣାଇ ନ ଥିବା ନିର୍ବାହୀ ଯନ୍ତ୍ରୀ ଆଚାର୍ଯ୍ୟ କହିଛନ୍ତି । ଖୁବ୍ ଶୀଘ୍ର ଏହି ରାସ୍ତାର ପରିଦର୍ଶନ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଥିଲେ ।

### ଗାଈକୁ ଧକ୍କା ଦେଲା କାର୍


**ବିନିକା,୧୫।୦୭(ଡି.ଏନ୍.ଏ):** ବିନିକା-ରାମପୁର ରାଜ୍ୟ ରାଜପଥ ସିଂଘିଯୁବା କିଷାନ୍ ଛକ ନିକଟରେ ସୋମବାର ଏକ କାର(ନଂ-ସିଜି.୦୬ଜିକେ.୫୪୫୭) ଏକ ଗାଈକୁ ଧକ୍କା ଦେଇଥିଲା। ଫଳରେ ଗାଈର ୨ଟି ଗୋଡ ଭାଙ୍ଗି ଯାଇଛି। କାର ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି। ଖବର ପାଇ ଗାଈ ମାଲିକ ଘଟଣାସ୍ଥଳରେ ପହଞ୍ଚି ଚିକିତ୍ସା ପାଇ ସ୍ଥାନୀୟ ପଶୁ ଡାକ୍ତରଙ୍କୁ ସୂଚନା ଦେଇଥିଲେ। ପଶୁ ଡାକ୍ତର ପହଞ୍ଚି ଗାଈର ଚିକିତ୍ସା କରିଥିଲେ। ଗାଈର ୧୫ଦିନ ଯତ୍ନ ନେବାକୁ ଡାକ୍ତର ମାଲିକଙ୍କୁ ପରାମର୍ଶ ଦେଇଥିଲେ।

ମରୁଡ଼ି ସହାୟତା, ବୀମାରାଶି ପ୍ରଦାନ ଦାବି

# ତହସିଲ ଅଫିସ ଘେରିଲେ ଚାଷୀ

**ବେଲପଡା, ୧୫।୭(ଡି.ଏନ.ଏ.)**

ବେଲପଡା ବ୍ଲକ ଅନ୍ତର୍ଗତ ୮ ପଞ୍ଚାୟତର ଚାଷୀ ୨୦୧୮-୧୯ ଖରିଫ ଫସଲରେ କରିଥିବା ଶସ୍ୟବୀମା ଓ ମରୁଡି ସହାୟତା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବିଭିନ୍ନ ଚାଷୀ ସଂଗଠନ ସ୍ଥାନୀୟ ତହସିଲ ଓ ବ୍ଲକ ପ୍ରଶାସନକୁ ବିଗତ ଦିନରେ ଅବଗତ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦ କରି ସୋମବାର ଜୟ କୋଶଳ କୃଷକ ସଂଗଠନର ସଭାପତି ବନମାଳୀ ନାଏକ, ସମ୍ପାଦକ ସିପୁନ ଖମାରୀଙ୍କ ନେତୃତ୍ୱରେ ଶତାଧିକ ଚାଷୀ ତହସିଲ ଅଫିସ ଘେରାଉ କରିଥିଲେ। ଏହି ଅବସରରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ ସଭାରେ କୋଶଲ ଚାଷୀ ସଂଗଠନ ସଭାପତି ନାଏକ, ସମ୍ପାଦକ ଖମାରୀ, ଉପସଭାପତି ଉଦିତ ବୁଡେକ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତିକୁ ସମାଲୋଚନା କରିଥିଲେ । ବ୍ଲକର ସୁଲେକେଲା, ଧୁମାଭଟା, ମଣ୍ଡଳ, ଘାଗୁର୍ଲୀ, କପାଣି, ନୁନହାଡ, ବେହେରାମୁଣ୍ଡା, ବାଲିଖମାର ପଞ୍ଚାୟତର ଚାଷୀମାନେ ମରୁଡି ଓ ଶସ୍ୟବୀମା ସହାୟତାରୁ ବଞ୍ଚିତ ହୋଇଥିବା ବେଳେ ୮ଦିନ ମଧ୍ୟରେ ସେମାନଙ୍କୁ ଏହା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇଦଫା ସମ୍ବଳିତ ଏକ ଦାବିପତ୍ର ତହସିଲଦାର ପ୍ରିୟରଞ୍ଜନ କୁମାରଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ରକୁ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପଠାଇ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାର ତହସିଲଦାର ପ୍ରତିଶ୍ରୁତି ଦେଇଥିଲେ। ଏଥିପୂର୍ବରୁ ବେଲପଡା ନବୋଦୟ ଛକଠାରୁ ଚାଷୀମାନେ ଏକ ଶୋଭାଯାତ୍ରାରେ ଯାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।



ଚାଷୀ ସଂଗଠନ ପକ୍ଷରୁ ତହସିଲଦାର ପ୍ରିୟରଞ୍ଜନ କୁମାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବେଲପଡ଼ା ବ୍ଲକ**
- ସହାୟତାରୁ ବଞ୍ଚିତ ୮ଟି ପଞ୍ଚାୟତର ଚାଷୀ
- ୮ଦିନ ମଧ୍ୟରେ ଦାବି ପୂରଣ ନହେଲେ ଆନ୍ଦୋଳନ

# ବ୍ଲକ କ୍ରୀଡ଼ା ଶିକ୍ଷକଙ୍କ ବାର୍ଷିକ ସମ୍ମିଳନୀ

**ଲୋଇସିଂହା,୧୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବାଳିକା ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ କ୍ରୀଡା ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ବାର୍ଷିକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ରୀନା ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ମିଶ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍ଥାନୀୟ କ୍ରୀଡା ଶିକ୍ଷୟିତ୍ରୀ କରବି ଚାଟାର୍ଜି କ୍ରୀଡାର ବିକାଶ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ବେହେରା କହିଥିଲେ ଯେ, ବ୍ଲକର ଛାତ୍ରୀଛାତ୍ରମାନେ କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିବାରେ କ୍ରୀଡା ଶିକ୍ଷକମାନଙ୍କ ବଡ ଭୂମିକା ରହିଥିବା କହିଥିଲେ। ଏହି ଅବସରରେ ଚଳିତ ଶିକ୍ଷା ବର୍ଷରେ ବ୍ଲକସ୍ତରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କ୍ରୀଡା ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ସଂଘର ସମ୍ପାଦକ ତଥା ଝାରମୁଣ୍ଡା ସ୍କୁଲର କ୍ରୀଡା ଶିକ୍ଷକ ଶ୍ୟାମସୁନ୍ଦର ମେହେର ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଯୋଗୀସର୍ଡା ସ୍କୁଲର କ୍ରୀଡା ଶିକ୍ଷକ ଦୁର୍ବଦଳ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ମିଳନୀରେ ବ୍ଲକର ୩୨ଜଣ କ୍ରୀଡା ଶିକ୍ଷ ଅଂଶଗ୍ରହଣ କରିଥିଲେ।




ବାର୍ଷିକ ସମ୍ମିଳନୀ ସଭାରେ ବିଇଓ ରୀନା ବେହେରା ବକ୍ତବ୍ୟ ରଖୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନାକୁ ଖନୀ;**
**ଭଲା ଖଞ୍ଜିଛନ୍ତି ଚକରପାଣି ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ !**
**କେତେ ହଉଥାଉ ଛୋପରୀ ଲୋ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଜୁନମାସ ଦରମା ପ୍ରଦାନରେ ବିଳମ୍ବ

# ବିଇଓଙ୍କ ଦ୍ୱାରସ୍ଥ ହେଲା ଶିକ୍ଷକ ସଂଘ

**ଦେଓଗାଁ,୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ନିୟମିତ ଶିକ୍ଷକ ଓ ଜିଲା ପରିଷଦ ଶିକ୍ଷକଏ ଯାଏ ଜୁନ ମାସର ଦରମା ପାଇ ନାହାନ୍ତି। ଏଥିସହ ବିଇଓ କାର୍ଯ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅସହଯୋଗ କରାଯାଉଛି। ଏହିସବୁ ଅଭିଯୋଗକୁ ନେଇ ସୋମବାର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ ଦ୍ୱାରସ୍ଥ ହୋଇଛି ଶିକ୍ଷକ ସଂଘ। ଜୁନ ମାସର ଦରମା ମିଳି ନ ଥିବାରୁ ରଥଯାତ୍ରା ସମୟରେ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ବିଇଓ ଭାଗ୍ୟବତୀ ଦାଶଙ୍କୁ ଜଣାଇଛନ୍ତି। ଏ ନେଇ ବିଇଓ କାର୍ଯ୍ୟାଳୟରେ କିରାଣିମାନଙ୍କୁ ଅଭିଯୋଗ କରିବାକୁ ଗଲେ ଏଚ୍ଆରଏମଏସର ଭେରିଫିକେସନ ଚାଲିଥିବା କହି ବାହାନା କରାଯାଉଛି ବୋଲି ନିୟମିତ ଶିକ୍ଷକ ସଂଘ ସଭାପତି କୈଳାସ କର୍ଣ୍ଣ, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ମୋହନ ଦଲାଇ ଓ ସମନ୍ୱୟ କମିଟି ସଭାପତି ଗିରୀଶ ଚନ୍ଦ୍ର ପଣ୍ଡା ବିଇଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଜୁନ ମାସର ଦରମା ତୁରନ୍ତ ଦେବା ପାଇଁ ଶିକ୍ଷା ବିଭାଗର ନିର୍ଦ୍ଦେଶ ଥିବା ବେଳେ ଏଠାରେ ଶିକ୍ଷକମାନଙ୍କୁ ଅକାରଣରେ ହଇରାଣ କରାଯାଉଛି । ଏହା ବ୍ୟତୀତ ପ୍ରତିମାସରେ ବାରମ୍ବାର କହିଲା ପରେ ଯାଇ ଦରମା ପାଇଁ ବିଲ୍ କରାଯାଉଛି ବୋଲି ଶିକ୍ଷୟିତ୍ରୀଶିକ୍ଷକମାନେ କହିଛନ୍ତି। ଏହାବାଦ୍ ଶିକ୍ଷୟିତ୍ରୀଶିକ୍ଷକଙ୍କ ସାର୍ଭିସ ବୁକ ଅପଟୁଡେଟ କରାଯାଉନାହିଁ। ଦେଓଗାଁ ବ୍ଲକରେ ଜିଲା ପରିଷଦ ଶିକ୍ଷକମାନଙ୍କର ଏମଏସିପି (ଦଶବର୍ଷ ପୂର୍ତ୍ତିରେ ମିଳୁଥିବା ପ୍ରୋତ୍ସାହିତ ରାଶି) ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଇନାହିଁ । ଜିଲାର ଅନ୍ୟ ବ୍ଲକମାନଙ୍କରେ ଶିକ୍ଷୟିତ୍ରୀଶିକ୍ଷକ ଏହା ପାଇ ସାରିଲେଣି ବୋଲି ସେମାନେ ବିଇଓଙ୍କ ନିକଟରେ ଫେରାଦ ହୋଇଛନ୍ତି। ଆଗାମୀ ଦିନରେ ଏଭଳି ଅସହଯୋଗ ଲାଗି ରହିଲେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଶିକ୍ଷକ ସଂଘ ଚେତାବନୀ ଦେଇଛି।



ଦେଓଗାଁ ବ୍ଲକ ନିୟମିତ ଓ ଜିଲା ପରିଷଦ ଶିକ୍ଷକ ସଂଘ ସଦସ୍ୟ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶଙ୍କ ସହ ଆଲୋଚନା କରୁଛନ୍ତି।


# CLASSIFIED DISPLAY

**TARIFF — MORE SPACE • SAME PRICE** (GST 5%)

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହରୁଣ୍, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

DHARITRI Career appointment Every Wednesday and Saturday

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଳେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

See Color Display Classified on every Tuesday & Friday


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ



### ୩୦୦ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ

**ବେଲପଡା, ୧୫।୭(ଡି.ଏନ.ଏ.):** ବେଲପଡା ବ୍ଲକର ସରମୁହାଣ, ଭରୁଆପାଲି, କାନୁଟ, ନୁନହାଡ, ପଣ୍ଡରିଜୋର ପଞ୍ଚାୟତରେ ୩୦୦ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଡିଓ ବିଜୟ କୁମାର ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବୈଜୟନ୍ତୀ ପାଣିଗ୍ରାହୀ, ଉପାଧ୍ୟକ୍ଷ ରୁକ୍ମଣ ସୁନା, ବିଧାୟକ ପ୍ରତିନିଧି ଦୁର୍ଯ୍ୟୋଧନ କୁମ୍ଭାର ଉପସ୍ଥିତ ରହି ହିତାଧିକାରୀମଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ।

### ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

**ପାଟଣାଗଡ, ୧୫।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ ଏବଂ ଏସ୍‌ପି କେ. ଶିବା.ସୁବ୍ରାମଣିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ପାଟଣାଗଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୫୬ଟି ବ୍ୟକ୍ତିଗତ ଏବଂ ୧୫ ସାମୂହିକ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଦାୟିତ୍ୱରେ ଥିବା ଭୈରବ ସିଂ ପଟେଲ, ଏସଡିପିଓ ସୁରେଶ କୁମାର ନାଏକ, ପାଟଣାଗଡ ତହସିଲଦାର ପୁଷ୍ପାଞ୍ଜଳି ମିଶ୍ର, ବିଡିଓ ଖପ୍ରାଖୋଲ ତରଣୀ ସୁନା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂଙ୍କ ସହିତ ଉପଖଣ୍ଡର ସମସ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

### ପାଟଣାଗଡ: ନର୍ସ, ଆଟେଣ୍ଡାଣ୍ଟଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ପାଟଣାଗଡ, ୧୫।୭(ଡି.ଏନ.ଏ.):** ବଲାଙ୍ଗୀର ମେଡିକାଲ କଲେଜ ଆଇସିୟୁରେ ଗତ ଜୁନ ୨୬ତାରିଖରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପର୍କୀୟମାନେ ସେଠାକାର କାର୍ଯ୍ୟରତ ଷ୍ଟାଫ ନର୍ସ ଏବଂ ଜଣେ ଆଟେଣ୍ଡାଣ୍ଟଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଥାନାରେ ମାମଲା ମଧ ହୋଇଥିଲା। କିନ୍ତୁ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଅଭିଯୋଗ ହେଉଛି। ଏହାର ପ୍ରତିବାଦ କରି ସୋମବାର ପାଟଣାଗଡର ଉପଖଣ୍ଡ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ଷ୍ଟାଫ ନର୍ସ ଓ ଆଟେଣ୍ଡାଣ୍ଟମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

ଭୀମଭୋଇ ମେଡିକାଲ ଆଇସିୟୁରେ ଭଙ୍ଗାରୁଜା ଘଟଣା

# ସ୍ୱାସ୍ଥ୍ୟ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଲାଙ୍ଗୀର ଅଫିସ, ୧୫।୭**

- ଅଭିଯୁକ୍ତଙ୍କ ଗିରଫ ଦାବି
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍‌ପିଟାଲ ପାରା ମେଡିକାଲ କର୍ମଚାରୀ ସମନ୍ୱୟ କମିଟି ପକ୍ଷରୁ ସୋମବାର ସକାଳୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇ ଧାରଣ ଦିଆଯାଇଥିଲା। ହସ୍‌ପିଟାଲ ପରିସରରେ ସକାଳ ୮ଟାରୁ ହୋଇଥିବା ଧାରଣାରେ ହସପିଟାଲର ସମସ୍ତ ଷ୍ଟାଫ୍‌ନର୍ସ, ପାଥୋଲଜିଷ୍ଟ, ରେଡିଓଲଜିଷ୍ଟ, ସ୍ୱାସ୍ଥ୍ୟକର୍ମୀ, ଆଟେଣ୍ଡାଣ୍ଟ, ସୁଇପରମାନେ ସାମିଲ ହୋଇଥିଲେ। ଗତ ଜୁନ୍ ୨୬ ତାରିଖ ଦିନ ଜଣେ ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ କେତେକ ଲୋକ ଆଇସିୟୁ ଭିତରେ ପଶି ଭଙ୍ଗାରୁଜା କରିବା ସହ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ନେଇ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ତେବେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ପାରା ମେଡିକାଲ କର୍ମଚାରୀ ସମନ୍ୱୟ କମିଟି ତରଫରୁ ପ୍ରଥମେ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରାଯାଇଥିଲା। ସ୍ୱାସ୍ଥ୍ୟ କର୍ମଚାରୀମାନେ ୩ ଦିନ ଧରି କଳାବ୍ୟାଜ ପରିଧାନ କରି କାର୍ଯ୍ୟ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ହସପିଟାଲ ଭିତରେ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଓ ଷ୍ଟାଫ୍‌ଙ୍କ ସୁରକ୍ଷା ଦାବି କରିଥିଲେ। ପୋଲିସ ଇତିମଧ୍ୟରେ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାତ୍ର ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରା ନ ଯିବା ପ୍ରତିବାଦରେ ସୋମବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଥିଲା। ସମନ୍ୱୟ କମିଟି ସଭାପତି ସୀତାରାମ ଶତପଥୀଙ୍କ ନେତୃତ୍ୱରେ ଉପସଭାପତି ବ୍ରଜକିଶୋର ପଣ୍ଡା, ଶେଷରାମ କେଶରୀ ପ୍ରଧାନ, ସାଧାରଣ ସମ୍ପାଦକ ଭବାନୀବାଲା ନନ୍ଦ, ଯୁଗ୍ମ ସମ୍ପାଦକ ରାଧାମାଧବ ମିଶ୍ର, ସବିତା ସେଠୀ, କୋଷାଧ୍ୟକ୍ଷ ଚିଦାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୮ଟାରୁ କାର୍ଯ୍ୟ ବନ୍ଦ କରିଥିବାରୁ ହସପିଟାଲରେ ରୋଗୀମାନେ ଅସୁବିଧାରେ ପଡିଥିଲେ। ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ନାରାୟଣ ଆଚାର୍ଯ୍ୟ, ଏସଡିପିଓ ଶ୍ରୀମନ୍ତ ବାରିକ, ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ଦୁଇ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ଅନ୍ୟମାନଙ୍କ ବିରୋଧରେ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକୁ ସ୍ଥଗିତ ଘୋଷଣା କରି ସ୍ୱାସ୍ଥ୍ୟ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେଇଥିଲେ।



ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ସ୍ୱାସ୍ଥ୍ୟ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

## ଜୋନସ୍ତରୀୟ କୃଷକ ସମ୍ମିଳନୀ

**ଟିକ୍ରାପଡା, ୧୫।୭(ଡି.ଏନ.ଏ.)**

ସଇଁତଲା ବ୍ଲକ ଟିକ୍ରାପଡାଠାରେ ଭାରତୀୟ କିଷାନ ସଂଘ ଆନୁକୂଲ୍ୟରେ ଜୋନ ସ୍ତରୀୟ କୃଷକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିକ୍ରାପଡା, ଝିଙ୍କିଡୁଙ୍ଗୁରି ଓ ଜୁରାବନ୍ଧ ପଞ୍ଚାୟତ ଅଞ୍ଚଳର କିଷାନ ସଂଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଧ୍ରୁବଲେଶ୍ୱର ବାରିକ, ଟେଙ୍ଗନୁ ଧରୁଆ, ଭରତ ମାହାର, ଗଦାଧର ବର୍ଗାର୍ତ୍ତି, ବିପିନ ରାଜପଲିଆ, ରଜନୀକାନ୍ତ ବାରିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୧୫, ୨୦୧୭-୧୮, ୨୦୧୮-୧୯ର ଇନପୁଟ ସବସିଡି, ୨୦୧୮-୧୯ କୃଷି ବୀମା, କାଳିଆ ଯୋଜନା ସହାୟତା ରାଶି ଉକ୍ତ ତିନି ପଞ୍ଚାୟତର ଅର୍ଦ୍ଧାଧିକ ଚାଷୀ ପାଇ ନ ଥିବା ଯୋଗୁଁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। କୃଷି ବିଭାଗର ବିଭିନ୍ନ ସରକାରୀ ସହାୟତା ଓ ପ୍ରୋତ୍ସାହନ ଚାଷୀଙ୍କୁ ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ବିଭିନ୍ନ ଚାଷୀ ସମସ୍ୟା ନେଇ ଆଗାମୀ ଦିନରେ ତହସିଲଦାର ଓ କୃଷି ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବା ନେଇ ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କିଷାନ ସଂଘ ସଦସ୍ୟତା ଅଭିଯାନକୁ ତୀବ୍ର କରାଯିବା ନେଇ ଯୋଜନା ପ୍ରସ୍ତୁତ କରାଯାଇଥିଲା।

ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ଗ୍ରାମବାସୀ ଏସ୍‌ଡିପିଓଙ୍କୁ ଫେରାଦ

**ବଲାଙ୍ଗୀର ଅଫିସ, ୧୫।୭**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ବାଗଡୁଙ୍ଗୁରୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗତ ୧୧ତାରିଖ ଦିନ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ଗାଁର କେଶବ ସାହୁ ଗୁରୁତର ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇଥିଲା। ତେବେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବାରୁ ଡାକ୍ତର ତୁରନ୍ତ ତାଙ୍କୁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଏବେବି କେଶବ ବୁର୍ଲା ହସପିଟାଲରେ ଚିକିତ୍ସାଧିନ ଅଛନ୍ତି। ଏହି ଘଟଣା ସମ୍ପର୍କରେ କେଶବଙ୍କ ପିତା କୁଞ୍ଜ ସାହୁ ବଲାଙ୍ଗୀର ସଦର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ମାମଲା ରୁଜୁ କରିଦେଇ ଚୁପ୍ ହୋଇ ବସିଛି। ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରତିବାଦରେ ସୋମବାର ଗ୍ରାମର ଶତାଧିକ ବ୍ୟକ୍ତି ଏସଡିପିଓ ଅଫିସ ଘେରାଉ କରଥିଲେ। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଘଟଣାକୁ ନେଇ ମାମଲା ରୁଜୁ ହୋଇସାରିଛି ଓ ତଦନ୍ତ ଜାରି ରହିଛି କହିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଦର ଥାନା ଆଇଆଇସି ଯୋଗେଶ୍ୱର ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗ୍ରାମବାସୀ ସେଠାରୁ ଫେରିଥିବା ଜଣାପଡିଛି। ପ୍ରକାଶ ଯେ, ଗତ ୧୧ ତାରିଖ ଦିନ କେଶବ ଗାଁ ଭିତରକୁ ଶ୍ରମିକ ଡାକିବାକୁ ଯାଉଥିବାବେଳେ ତାଙ୍କୁ ସେହି ଗାଁର ଶିବ ସାହୁ, ଦନାର ସାହୁ ଓ ପବିତ୍ର ସାହୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗାବାଡିରେ ମରଣାନ୍ତକ ଆକ୍ରମଣ କରବା ଅଭିଯୋଗ ହୋଇଥିଲା।


ବଲାଙ୍ଗୀର ଏସଡିପିଓ ଅଫିସ ସମ୍ମୁଖରେ ବାଗଡୁଙ୍ଗୁରି ଗ୍ରାମବାସୀ ଘେରାଉ କରିଛନ୍ତି।

## ବିଦ୍ୟୁତ୍ ଆଘାତରେ ଯୁବକ ଗୁରୁତର

**ଦେଓଗାଁ, ୧୫।୭(ଡି.ଏନ.ଏ.)**

ଦେଓଗାଁ ବ୍ଲକ କୁଲତାପଡା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡପଲାର ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ଯୁବକ ଜଣକ ହେଲେ ମୁଣ୍ଡପଲା ଗ୍ରାମର ନୀଳାଞ୍ଚଳ ରଣା(୨୨)। ଦିନ ମଜୁରିଆ ଭାବେ କାମ କରୁଥିବା ନୀଳାଞ୍ଚଳ ରବିବାର ଶୁଳିଆ ଯାତ୍ରାସ୍ଥଳ କୁମୁରିଆ ଓ ଖଇରଗୁରା ମଝିରେ ଥିବା ଭଙ୍ଗାମୁଣ୍ଡା ସମୀପ ଜମିକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ପୂର୍ବରୁ ତଳକୁ ଓହଳି ପଡିଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଏହି ସମୟରେ ପାଖରେ ଥିବା ଜଣେ ଯୁବକ କୌଶଳକ୍ରମେ ବିଦ୍ୟୁତ୍ ତାରକୁ ତାଙ୍କଠାରୁ କାଢି ଦେଇଥିଲେ। ସେତେବେଳକୁ ବିଦ୍ୟୁତ୍‌ଘାତରେ ନୀଳାଞ୍ଚଳ ଗୁରୁତର ହୋଇଥିଲେ। ତୁରନ୍ତ ଏକ ଘରୋଇ ଗାଡିରେ ବଲାଙ୍ଗୀର ଭୀମଭୋଇ ମେଡିକାଲ ନିଆଯାଇଥିଲା। ହେଲେ ସେତେବେଳକୁ ମେଡିକାଲ ପରିସରରେ ପାରା ମେଡିକାଲ କର୍ମଚାରୀ ଓ ନର୍ସମାନେ ଆନ୍ଦୋଳନ କରୁଥିବାରୁ ଠିକ୍‌ଭାବେ ସେବା ମିଳିପାରି ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଭାଗର ଚରମ ଅବହେଳା ଯୋଗୁ ୧୧କେଭି ତାର ଧାନ କ୍ଷେତରେ ଓହଳି ପଡିଥିବାରୁ ଅନେକ ସମୟରେ ଧନଜୀବନ ହାନୀ ଘଟୁଛି। ବିଭାଗର ଏଭଳି ଅବହେଳା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱହୀନତା

## ୨ ସେବାଶ୍ରମରେ ଏକ୍ସପାଏରି ଡିଡିଟି ସିଞ୍ଚନ

**ଲୋଇସିଂହା, ୧୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଦୁମଦୁମି ଆଦିବାସୀ ସେବାଶ୍ରମ ଏବଂ ଲୋଇସିଂହାସ୍ଥିତ କସ୍ତୁରବା ଗାନ୍ଧୀ ସେବାଶ୍ରମରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡିଡିଟି ସିଞ୍ଚନ ସୋମବାର କରାଯାଇଛି। ସିଞ୍ଚନ ଡିଡିଟି ଏକ୍ସପାଏରି ଥିବା ଜଣାପଡିଛି। ସିଞ୍ଚନ ଡିଡିଟି ମଶା, ମାଛିଙ୍କୁ କୌଣସି କାଟୁ କରିବ ନାହିଁ। ଏହାକୁ ନେଇ ଦାୟିତ୍ୱରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦାୟିତ୍ୱହୀନତାକୁ ନେଇ ସାଧାରଣରେ ଆଲୋଡନ ସୃଷ୍ଟି କରିଛି। କେଉଁ ପରିସ୍ଥିତିରେ ଡିଡିଟି ଏକ୍ସପାଏରି ହେଲା ତାହାର ତଦନ୍ତ ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଲୋଇସିଂହା ଏମଇ ସ୍କୁଲ ପରିସରରେ କସ୍ତୁରବା ଗାନ୍ଧୀ ସେବାଶ୍ରମ ରହିଛି। ଏଠାରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୧୩୨ଜଣ ଅନ୍ତେବାସୀ ରହୁଛନ୍ତି। ବର୍ଷାଋତୁ ଆସିଥିଲେ ମଧ୍ୟ ଡିଡିଟି ସିଞ୍ଚନ କରାଯାଇ ନ ଥିବାରୁ ଗତ ୧୧ ତାରିଖରେ ୭ଜଣ ଅନ୍ତେବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଥିବା କୁହାଯାଇଥିଲା। ଏହାପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଲା। ରବିବାର ଅପରାହ୍ନ ସାଢେ ୩ଟାରେ ସେବାଶ୍ରମରେ ସ୍ୱାସ୍ଥ୍ୟ ବିଭାଗର ସୁପରଭାଇଜର ଆନନ୍ଦରାମ ଭୋଇଙ୍କ ନେତୃତ୍ୱରେ କେତେକ ଶ୍ରମିକ ଡିଡିଟି ସିଞ୍ଚନ କରିଥିଲେ। ସେତେବେଳେ ଡିଡିଟି ବସ୍ତାରେ ମାର୍ଚ୍ଚ ୨୦୧୭ରେ ପ୍ରସ୍ତୁତି ହୋଇଥିବାବେଳେ ଫେବୃୟାରୀ ୨୦୧୯ ଏକ୍ସପାଏରି ବୋଲି ଉଲ୍ଲେଖ ଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ନିୟୋଜିତ ଶ୍ରମିକ ସୁଶାନ୍ତ ଗର୍ଡିଆ, ସନ୍ତୋଷ ପୁଟେଲ ପ୍ରମୁଖ କହିଛନ୍ତି ଯେ, ସକାଳ ବେଳା ଦୁମଦୁମି ଆଦିବାସୀ ସେବାଶ୍ରମରୁ ଫେରି ଏଠି ସିଞ୍ଚନ କରାଯାଉଛି। ଆମକୁ ଯାହା ଦିଆଯାଇଛି ତାହା ସିଞ୍ଚନ କରୁଛୁ ବୋଲି କହିଥିଲେ। ସୁପରଭାଇଜର ଆନନ୍ଦରାମ ଭୋଇ କହିଛନ୍ତି ଯେ, ଏହା ସରକାରଙ୍କ ଦ୍ୱାରା ଯୋଗାଣ ହୋଇଥିବାରୁ ଆମେ କିଛି କରି ପାରୁବୁ ନାହିଁ। ଅପରପକ୍ଷେ ଲୋଇସିଂହା ସେବାଶ୍ରମର ୱାର୍ଡେନ ସୌଦାମିନୀ ସାହୁ କହିଛନ୍ତି ଯେ, ଏକ୍ସପାଏରି ଡିଡିଟି ସିଞ୍ଚନ ହୋଇଥିବାରୁ ମଶା, ମାଛିଙ୍କ ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ତେଣୁ ଏହା ସିଞ୍ଚନ କରିବାର କୌଣସି ମାନେ ନାହିଁ। ଦୁମଦୁମି ସେବାଶ୍ରମର ଅଧ୍ୟକ୍ଷ ନରସିଂହ ପଧାନୀ ଏକ୍ସପାଏରି ଡିଡିଟି ସିଞ୍ଚନ କରିବା ପରିତାପର ବିଷୟ ବୋଲି କହିଛନ୍ତି।



ବସ୍ତାରେ ଥିବା ଏକ୍ସପାଏରି ଡିଡିଟି ପାଉଡର।

ପରିବା ଯୋଗାଇଲାନି ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି

# ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ବଦଳରେ ବିସ୍କୁଟ

**ଲୋଇସିଂହା, ୧୫।୭(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡକା ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନରୁ ସୋମବାର ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜିର ଦାୟିତ୍ୱହୀନତା ଯୋଗୁ ଏପରି ଘଟଣା ଘଟିଥିବା ସ୍କୁଲ ପରିଚାଳନା କମିଟି ସମିତି ସଭାପତି ବଳରାମ ପଟେଲ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସେମାନେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଫେରାଦ ହେବେ ବୋଲି ସୂଚନା ଦେଇଛନ୍ତି। ସୂଚନାମତେ, ବ୍ଲକର ସଦର ମହକୁମାରେ ଡୁଡକା ଗ୍ରାମ ଅବସ୍ଥିତ। ଏହି ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ବିଦ୍ୟାଳୟରେ ୧୩୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସୋମବାର ୧୨୫ଜଣ ଛାତ୍ରୀଛାତ୍ର ବିଦ୍ୟାଳୟରେ ଉପସ୍ଥିତ ଥିଲେ। ପୂର୍ବାହ୍ନ ୧୧ଟାରେ ଦାୟିତ୍ୱରେ ଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟାହ୍ନଭୋଜନ ରିପୋର୍ଟ ପ୍ରଦାନ କରିଥିଲେ। ବିଦ୍ୟାଳୟର ରୋଷେଇଆମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ପାଇଁ ଭାତ ରାନ୍ଧିଥିଲେ। ହେଲେ ମଧ୍ୟାହ୍ନଭୋଜନ ପରିଚାଳନା ଦାୟିତ୍ୱରେ ଥିବା ଗ୍ରାମର ଦୁର୍ଗା ଏସଏଚ୍‌ଜି ପକ୍ଷରୁ ମଧ୍ୟାହ୍ନଭୋଜନ ସମୟ ସୁଦ୍ଧା କୌଣସି ପନିପରିବା ଯୋଗାଇ ଦିଆଯାଇ ନ ଥିଲା। ଫଳରେ ମଧ୍ୟାହ୍ନଭୋଜନ ଭାତ ରନ୍ଧା ହୋଇଥିଲେ ମଧ୍ୟ ତରକାରୀ ପ୍ରସ୍ତୁତ ହୋଇ ନ ଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଡୁଆରେ ପଡିଯାଇଥିଲେ। ଶେଷରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବଳରାମ ପଟେଲଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ସୂଚନାପାଇ ପରିଚାଳନା ସମିତି ଅଧ୍ୟକ୍ଷ ଓ ସଦସ୍ୟ ସ୍କୁଲକୁ ଆସି ଛାତ୍ରୀଛାତ୍ରଙ୍କୁ ବିସ୍କୁଟର ବ୍ୟବସ୍ଥା କରିଥିଲେ। ପନିପରିବା ନ ଯୋଗାଇବା ସମ୍ପର୍କରେ ଗ୍ରୁପର ସଭାପତି ଓ ସଦସ୍ୟଙ୍କୁ ସ୍କୁଲକୁ ଡାକିଥିଲେ ସୁଦ୍ଧା ଆସି ନ ଥିବାରୁ ପରିଚାଳନା ସମିତି ଅସନ୍ତୋଷ ପ୍ରକାଶ କରିଛି। ଏସ୍‌ଏଚଜି ସଭାପତି ଜପ ପଟେଲଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବପର ହୋଇ ପାରିନାହିଁ। ଏ ସମ୍ପର୍କରେ ବିଇଓ ମଞ୍ଜୁଲତା ଭୋଇଙ୍କୁ ପଚାରିବାରୁ ମଙ୍ଗଳବାର ଘଟଣାର ଅନୁଧ୍ୟାନ କରାଯିବ ବୋଲି କହିଛନ୍ତି।


ପିଲାଙ୍କୁ ମଧ୍ୟାହ୍ନଭୋଜନରେ ବିସ୍କୁଟ ଦିଆଯାଉଛି।

# ବୁଢ଼ିଆଇଙ୍କ କାଦୋଯାତ୍ରା ସମ୍ପନ୍ନ

## ଦେବୀଙ୍କଠାରେ ପରିବାରର ମଙ୍ଗଳ ମନାସିଲେ ଶ୍ରଦ୍ଧାଳୁ

**ଦେଓଗାଁ, ୧୫।୭(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତର ସଦର ଗାଁ ଜରାସିଂହାରେ ଅଧିଷ୍ଠାତ୍ରୀ ଦେବୀ ମା' ବୁଢିଆଇଙ୍କ କାଦୋଯାତ୍ରା ସୋମବାର ସମ୍ପନ୍ନ ହୋଇଯାଇଛି। ଏହି ଦିନ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ମନ୍ଦିରରୁ ଦେବୀ ବାହାରି ଭକ୍ତଙ୍କୁ ଦର୍ଶନ ଦେବାସହ ବଟବୃକ୍ଷ ତଳେ ଥିବା ଅସ୍ଥାୟୀ ପୀଠରେ ଓଲଟ ନିଷାନ ଓ ବାହୁଡିର ପୂଜାର୍ଚ୍ଚନା କରାଯାଇଥିଲା। ପରେ ମୁଖ୍ୟ ଦେହୁରୀଙ୍କ ଶରୀରରେ ଦେବୀପ୍ରବେଶ କରିଥିଲେ। ଏହାପରେ ପାରମ୍ପରିକ ବାଦ୍ୟର ତାଳେତାଳେ ଦେବୀ ନୃତ୍ୟ କରିବା ସହ ଭକ୍ତଙ୍କୁ ଫୁଙ୍କାଝରା କରିଥିଲେ। ଏଥିସହ ପରମ୍ପରା ଅନୁଯାୟୀ ନିକଟସ୍ଥ ବୁଢ଼ିଆଇ ବନ୍ଧକୁ ଦେବୀ ଆଗମନ କରି ଚାର, କେନ୍ଦୁ ଆଦି ଫଳଦେଖା କାର୍ଯ୍ୟକ୍ରମ ପରେ ବଟବୃକ୍ଷ ପରିକ୍ରମଣ କରିଥିଲେ। ଏହି ସବୁ ଦୃଶ୍ୟ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ର ସାଜିଥିଲା। ଅପରାହ୍ନରେ ମା'ଙ୍କ ପୀଠରେ ଛେଳି, ମେଣ୍ଢା, କୁକୁଡା ଆଦି ବଳି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମାନସିକଧାରୀ ଶ୍ରଦ୍ଧାଳୁ ମହିଳାପୁରୁଷ ନିଜନିଜ ମନୋକାମନା ମନାସୀ ମା'ଙ୍କଠାରେ ଫୁଙ୍କାଝରା ପୂର୍ବକ ପରିବାରର ମଙ୍ଗଳ ମନାସୀ ଥିଲେ। ପୁରାତନ କାଳରୁ ପୂଜାପାଇ ଆସୁଥିବା ମା'ବୁଢିଆଇଙ୍କ ଦୟାରୁ ଅନେକ ମାନସିକଧାରୀ ଉପକୃତ ହୋଇ ଆସୁଥିବାରୁ ଚଳିତ ବର୍ଷ ମଧ ଏଠାରେ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତିବର୍ଷ ଆଷାଢ ଶୁକ୍ଳ ତ୍ରୟୋଦଶୀ ତିଥିରେ ଏହି ଯାତ୍ରା ଆରମ୍ଭ ହୋଇ ପୂର୍ଣ୍ଣମୀ ତିଥିରେ ସମ୍ପନ୍ନ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହି ଦିନ ଚନ୍ଦ୍ରଗ୍ରହଣ ପଡୁଥିବାରୁ ସୋମବାର ଯାତ୍ରା ସମ୍ପନ୍ନ ହୋଇଥିଲା। ଏହିଯାତ୍ରା କୃଷିପ୍ରାଧାନ୍ୟ ଯାତ୍ରା ହୋଇଥିବାରୁ ଏହାକୁ କାଦୋଯାତ୍ରା କୁହାଯାଏ। ଯାତ୍ରାରେ ଦେବୀଙ୍କ ରାଉତ ଜରାସିଂହା ଜମିଦାର ସାମନ୍ତ ଦୁର୍ଗା ପ୍ରସାଦ ସିଂଦେଓ ପ୍ରତିନିଧିତ୍ୱ କରିଥିଲେ। ମଶାଲିଆ ଶ୍ରୀବଚ୍ଛ ସାହୁ, ସେବାୟତ ଡା.ସରୋଜ କୁମାର ସାହୁ, ଝାଙ୍କର ଉଜ୍ଜ୍ୱଳ ଝାଙ୍କର ଓ ମୁଖ୍ୟ ଦେହୁରି ଭାବେ ସନ୍ତୋଷ ଥନାପତି ଦାୟିତ୍ୱ ତୁଲାଇଥିଲେ। ବିଏନଏଏ ସଭାପତି ସୁନ୍ଦରମଣି ଦଣ୍ଡସେନା, ଉପସଭାପତି ବସନ୍ତ ପଥ୍ରୀମାଲି, ସମ୍ପାଦକ ସଞ୍ଜୟ କୁମାର ମେହେର, ସହସମ୍ପାଦକ ବୈଲୋଚନେ ବର୍ଗାର୍ତ୍ତି, କୋଷାଧ୍ୟକ୍ଷ ଜନ୍ମେଜୟ ମହାନ୍ତି ତଥା ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏଶନ(ବିଏନଏଏ) କର୍ମକର୍ତ୍ତା ତଥା ଗ୍ରାମବାସୀ ସହଯୋଗ କରିଥିଲେ।


କାଦୋଯାତ୍ରା ଅବସରରେ ବୁଢ଼ିଆଇଦେବୀ ନିକଟସ୍ଥ ବୁଢ଼ିଆଇ ବନ୍ଧରୁ ପୀଠକୁ ଆଗମନ କରୁଛନ୍ତି।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ଶିକ୍ଷକ ପଦବୀ ପୂରଣ ଦାବି

**ଭବାନୀପାଟଣା,୧୫।୭(ଡି.ଏନ.ଏ.):** ଭବାନୀପାଟଣା ସଦର ବ୍ଲକ୍ ଅନ୍ତର୍ଗତ ବିମ୍ବାଧର ବୋଡାଲ ଉଚ୍ଚବିଦ୍ୟାଳରେ ବହୁଦିନ ହେଲା ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ସ୍କୁଲ ପରିଚାଳନା କମିଟି, ଗ୍ରାମବାସୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାନୁସାରେ ଦୀର୍ଘଦିନ ହେଲା ଏହି ସ୍କୁଲରେ ବିଜ୍ଞାନଶିକ୍ଷକ ପଦିବି ଖାଲି ପଡିଛି। ଫଳରେ ଛାତ୍ରୀଛାତ୍ରମାନେ ବିଜ୍ଞାନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ପଢିବାରୁ ବଞ୍ଚିତ ହେଉଛନ୍ତି। ବିଭାଗୀୟ ଅବହେଳା ଯୋଗୁ ଆଜି ଯାଏଁ ଏହି ପଦବୀ ପୂରଣ ହୋଇପାରୁ ନ ଥିବାରୁ ଅଭିଭାବକମାନଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ଏ ନେଇ ପ୍ରଧାନଶିକ୍ଷକ ବାହାଦୁର ସାଗରଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇ ଜିଲା ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବୈଠକରେ ସ୍କୁଲ କମିଟି ସଭାପତି ଶେଷଦେବ ହେର୍ଣ୍ଡା, ଅବନୀ ବାଗ, ସୁବଳ ଚରଣ ପ୍ରଧାନ, ସୁରେନ୍ଦ୍ର ନାଗ, ସୁଶାନ୍ତ ପ୍ରଧାନ, ବୈଦ୍ୟନାଥ ପ୍ରଧାନ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

## ୧୭ ବଛର ହେଲା ଅଜନା ରୋଗ୍‌ରେ ପୀଡ଼ିତ ଘଟନା

# ଅଷ୍ଟମୀଙ୍କର ପାସେ ପୁହୁଁଚିଲା ଡାକ୍‌ତରି ଦଲ

**କୋକସରା, ୧୫।୭(ଡି.ଏନ୍.ଏ)**

କୋକସରା ବ୍ଲକ କାଉଡ଼ୋଲା ପଁଚେତ୍ କୁସୁମଖୁଣ୍ଟି ଗାଁର ଚନ୍ଦ୍ରଶେଖର ମାଝିଙ୍କର ମାଏକିନା ଅଷ୍ଟମୀ ମାଝି। ସେ ଆଏଜ୍‌କେ ୧୭ ବଛର ହେଲେ କେହେନ୍‌ସି ଗୁଟେ ଅଜନା ରୋଗ୍‌ରେ ପୀଡ଼ିତ ଅଛନ୍। ହେଲେ ଗଲା ୭ ମାସ ହେଲା ସେ ବହୁତ ଦୁରବଲ ହେଇଯିବାର ସଂଗେ ଚାଲବୁଲ ନାଇଁ କରିପାରବାର। ଇ ବାବ୍‌ଦେ ସୋମବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ'୧୭ ବଛର ହେଲା ଅଜନା ରୋଗ୍‌ରେ ପୀଡ଼ିତ ଅଷ୍ଟମୀ, ଅଭାବ ଅନାଟନରେ ଚେରମୂଲି ସାହାଭରସା' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ କୋକସରା ବିଡିଓ ବସନ୍ତ କୁମାର ସେଠିଙ୍କର ନିରଦେଶରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା.ତତ୍ତ୍ୱଦର୍ଶୀ ଦାସଙ୍କର ମଂଗୁଆଲତିରେ ଗୁଟେ ଡାକ୍‌ତରି ଦଲ କୁସୁମଖୁଣ୍ଟି ଗାଁରେ ପୁହୁଁଚିଥିଲା। ଡାକ୍‌ତରିଦଲ ଚନ୍ଦ୍ରଶେଖର ମାଝିଙ୍କର ଘରକେ ଯିବାର ସଂଗେ ସେଠାନେ ଅଷ୍ଟମୀଙ୍କର ଦିହିପା ପରୀକ୍ଷା ନିରୀକ୍ଷା କରିଥିଲେ। ସେଠାନୁ ଅଷ୍ଟମୀଙ୍କୁ ଆମ୍ବୁଲାନ୍ସରେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକେ ନେଇ ଚିକିତ୍ସା କରାଯାଉଛେ। ବହୁତ ଜଲଦି ଉଚ ଚିକିତ୍ସା ଲାଗି ଅଷ୍ଟମୀଙ୍କୁ ଜିଲା ମୁଖିଆ ଡାକ୍‌ତରଖାନାକେ ପଠାବାର ବେବସ୍ତା କରାଯିବା ବଲି ଡାକ୍‌ତରି ଦଲ ସୂଚନା ଦେଇଛନ୍। ସେନ୍‌ତା ପୂରବର ସୂଚନା ହିସାବେ ଚନ୍ଦ୍ରଶେଖର ଆର ଅଷ୍ଟମୀଙ୍କର ୪ ଝିଁ ରହିଛ୍। ଦୁଖେସୁଖେ ବଡ଼ ଝିଁକେ ବିହାଚୁରା କରିଥିଲାବେଲେ ବାକି ୩ ଝିଁ ମା'ବାପ୍ ସଂଗେ ରହୁଛନ୍। ହେଲେ ଘରର ପରିସ୍ଥିତି ଲାଗି ୩ ଝିଁ ଭିତରୁ ଦୁଇ ଝିଁ ତୁଳସୀ ଆର ଅନା ମାଟ୍ରିକ ପାସକରି ପାଠ୍‌ପଢ଼ାରେ ଗଏଁଠ୍ ପକେଇଛନ୍। ଇଆଡ଼େ ଚନ୍ଦ୍ରଶେଖର କୁଲି ମଜୁରି କରି କୁଟୁମ ପୁଷୁଥିଲାବେଲେ ଅଭାବ ଅନାଟନ ଲାଗି ଅଷ୍ଟମୀଙ୍କର ଚିକିତ୍ସା କରେଇ ନାଇଁପାରବାର। ପରିବାରର ଦୁଖ୍ ଦୁରଦଶା ବାବ୍‌ଦେ ଚନ୍ଦ୍ରଶେଖର ଥାନୀୟ ଗଣମାଧ୍ୟମ ଆଘେ ବଖାନିଥିଲେ। ଗଣମାଧ୍ୟମରେ ଇ ଖବର ବାହାରଲା ଉତାରୁ ଘଟନାଟା ପରଶାସନର ନଜରକେ ଆଏବାର ସଂଗେ ଅଷ୍ଟମୀଙ୍କର ଚିକିତ୍ସା ଲାଗି ପରଶାସନ ହାତ ବଢ଼େଇଛେ। ଥାନୀୟ ପରଶାସନର ଇ ପଦକ୍ଷେପକେ ଗାଁବାସୀ ପରଶଁସା କରିଛନ୍।



ଡାକ୍‌ତରଖାନାରେ ଅଷ୍ଟମୀଙ୍କର ଦିହିପା ପରୀକ୍ଷା କରାଯାଉଛେ।



ବିଜ୍ଞାନମେଳାରେ ପୁରସ୍କୃତ ଛାତ୍ରୀଛାତ୍ର।

# ବିଜ୍ଞାନ ମେଳାରେ ୩୦୦ ପ୍ରକଳ୍ପ ପ୍ରଦର୍ଶିତ

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

ସ୍ଥାନୀୟ ସରସ୍ୱତି ଶିଶୁ ବିଦ୍ୟାମନ୍ଦିର ବାଲାଜି ବିହାରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଶିକ୍ଷକ ପ୍ରଶିକ୍ଷଣ ଶିକ୍ଷାନୁଷ୍ଠାନ ବିଜ୍ଞାନ ଶିକ୍ଷୟିତ୍ରୀ ସୁଶ୍ରୀଶୁନିତା ଦୁର୍ଗା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସୁଶ୍ରୀ ଦୁର୍ଗା ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନର ମହନିୟତା ଓ ଆଜି ଦିନରେ ଏହାର ବ୍ୟାପକତା ଉପରେ ଆଲୋକପାତ କରିବା ସହ ଆମର ଦୈନନ୍ଦିନ ଜୀବନରେ ବିଜ୍ଞାନ କିଭଳି ଭାବେ ପ୍ରଭାବିତ କରୁଛି ଉଦାହରଣ ଦେଇ ବୁଝାଇ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଭାପତି ନିରଞ୍ଜନ ବେହେରା ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ପାଷ୍ଟିକୁଡି ଉଚ୍ଚବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ହେମନ୍ତ ବେହେରା, ରାଜକୁମାର ସିଂହଦେଓ ଓ ଲକ୍ଷ୍ମଣ ସ୍ୱାଇଁ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପରିଚାଳନା ସମିତି ଯୁଗ୍ମସମ୍ପାଦକ ଅଶୋକ ସିଂ, ପ୍ରଧାନ ଅଚାର୍ଯ୍ୟ କିଶୋର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି ଜ୍ଞାନବିଜ୍ଞାନ ମେଳାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ନୂତନ ପ୍ରୟୋଗ ଆଦି ୩୦୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିଶୁ ବିଦ୍ୟାମନ୍ଦି ବାଲାଜି ବିହାର ସମସ୍ତ ଗୁରୁମା ଗୁରୁଜି ସକ୍ରିୟ ଅଂସଗ୍ରହଣ କରି ବିଜ୍ଞାନ ମେଳାରେ ସହଯୋଗ କରିଥିଲେ।

# ଏବିଭିପି ତରଫରୁ କଲେଜରେ ଚାରାରୋପଣ

**ନୂଆପଡା ଅଫିସ,୧୫।୭**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ ନୂଆପଡା ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଚାରାରୋପଣ କରାଯାଇଛି। ଏହି ପରିପ୍ରେକ୍ଷୀରେ ନୂଆପଡାର ନ୍ୟାଶନାଲ କଲେଜ, ମହାମାୟା କଲେଜ, କୋମନାର ଡିଗ୍ରୀ କଲେଜ, ନୂଆପଡା ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମକୁ ଜିଲା ସମ୍ପାଦକ ସୁମନ୍ତ କୁମାର ବେହେରା ପରିଚାଳନା କରିଥିବାବେଳେ ଏହାକୁ ଜିଲା ସଭାପତି ଶିବ ପ୍ରସାଦ ସାଙ୍କ ସମେତ ସମସ୍ତ କଲେଜର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଉଛି।



ନୂଆପଡା ନ୍ୟାଶନାଲ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମରେ ଅଧ୍ୟାପିକାଅଧ୍ୟାପକଙ୍କ ସହ ଛାତ୍ରୀଛାତ୍ର।

# ଆବାସ ଯୋଜନାରୁ ବଁଚିତ୍ ଜଗଦୀଶ

**ଖଡିଆଲ, ୧୫।୭ (ଡି.ଏନ୍.ଏ)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ କୁସମାଲ ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପରକୃତ ହିତାଧିକାରୀ ଯୋଜନାରୁ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ।

ସୂଚନା ହିସାବେ ଗାଁର ଜଗଦିଶ ସାଗରିଆ। ପରିବାର କହେଲେ ମାଏକିନା ଆର ଦୁଇ ଛୋଟ ଛୁଆକୁ ନେଇ ତାକର ସଁସାର। ସେ ଗୁଟେ ଚାଲ ଛପର ଘରେ ରହୁଥିଲେ। ହେଲେ ଗଲା ୩ ମାସତଲେ ହେଇଥିବାର କାଲବଇଶାଖିରେ ତାକର ଘରଟା ଭଂଗି ଯାଇଥିଲା। ଏହେଦେ ଇ ବରଷା ଦିନେ କୁଟୁମଟା କେନ୍‌ନେ ରହିବେ ତାହାକୁ ଭାଲନି ପଡ଼ିଛେ। ଇଆଡ଼େ ଜଗଦିଶ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଗି ୬ ମାସ ହେଲା ସରପଁଚ୍ ଆର ବିଡିଓଙ୍କୁଁ ଲେଖିକରି ଦେଇଛନ୍। ହେଲେ ଆଏଜ୍‌ତକ ତାହାକୁ କମ୍ କରବାର ଲାଗି ଆଦେଶପତର ନୁହେମିଲେ। ଥାନୀୟ ପରଶାସନ ଇ ଦିଗେ ଧିଆନ୍ ଦେବାକେ ଜଗଦିଶ ଦାବି କରିଛନ୍।



ନିଜର ଭଂଗା କୁରିଆ ଆଘେ ପରିବାର ସଂଗେ ଜଗଦୀଶ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନାକୁ ଖନୀ;**
**ଭଲା ଖଞ୍ଜିଛନ୍ତି ଚକରପାଣି ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ !**
**କେତେ ହଉଥାଉ ଛୋପରୀ ଲୋ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ସୁର ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

ବାହୁଡା ଯାତ୍ରା ଉପଲକ୍ଷେ ସ୍ଥାନୀୟ ସୁର ସଙ୍ଗୀତ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀଛକଠାରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭବାନୀପାଟଣା ଟାଉନ ଥାନା ଆଇଆଇସି ସତ୍ୟନନ୍ଦ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସୁରସଙ୍ଗୀତ ଅନୁଷ୍ଠାନ ସଭାପତି ପ୍ରଖ୍ୟାତ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀଙ୍କ ସହ ଅତିଥି ଭାବେ ଭୀମସେନ ସାହୁ, ଏମ୍‌କେ ରେହେମାନ୍, ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ଉଦ୍‌ଘୋଷକ ଭାବେ ଶିଳ୍ପୀ ତ୍ରିପାଠୀଙ୍କ ସହ ଉଦ୍‌ଘୋଷକ ଭାବେ ସୁଖବିନ୍ଦର ସିଂ ଯୋଗଦେଇ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଶିଳ୍ପୀ ଦିଲୀପ ଜାନୀ, ଭୂପେଶ ତ୍ରିପାଠୀ, ଭୁବନେ ନାଏକ, ଅଭିଷେକ ପୁରୋହିତ, ଶ୍ରୀ ରାଧା, ମୁସ୍କାନ୍, ଲିପିକା ଓ ସୁରସଙ୍ଗୀତ ଅନୁଷ୍ଠାନ ସଭାପତି ଜଗନ୍ନାଥ ତ୍ରିପାଠୀ ଏବଂ ଟାଉନ ଥାନା ଆଇଆଇସି ନନ୍ଦ ସଙ୍ଗୀତ ପରିବେଷଣ କରିଶ୍ରୋତାମାନଙ୍କ ମନ କଣି ନେଇଥିଲେ।

### କିନ୍ନରମାନଙ୍କ ଦ୍ୱାରା ଚାରାରୋପଣ

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବାବାଜୀ ପାହାଡ ପାଖ ଦେବୀ ସାଗରଠାରେ କିନ୍ନରମାନଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦାପ୍ତା ପ୍ରୋଜେକ୍ଟର ପ୍ରୋଗ୍ରାମ ମ୍ୟାନେଜର ମନୋଜ ରତେଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ବାହାରି ଲୋକଙ୍କୁ ଚାରାରୋପଣ ନିମନ୍ତେ ସଚେତନ କରିଥିଲେ। ଏଥିରେ ଧନୁ ନିଆଲ, ଦାନୀ ବିଶି, କରିଶ୍ମା କିନ୍ନର, ସୁବାସ ମାଝି, ବିଶ୍ୱ ବେନିଆ, ସ୍ୱପ୍ନ ବେହେରା, ରଞ୍ଜିତ ମହାନନ୍ଦ, କାର୍ତ୍ତିକ ବାଗ, ତନୁ ଉମା ଶବର, ସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

DHARITRI Career appointment Every Wednesday and Saturday

See Color Display Classified on every Tuesday & Friday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ସମ୍ବଲପୁର, ମଙ୍ଗଳବାର, ୧୬ ଜୁଲାଇ,୨୦୧୯



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ



### ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

**କୋକସରା,୧୫।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ଆଇଁଲି ଗାଁ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ଆମପାଣି ପଞ୍ଚାୟତ ଟିର୍ଲିଆମଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶନିବାର ଉଦ୍‌ଯାପନୀ ଦିବସ ଅବସରରେ ପଞ୍ଚାନନ ନାଏକ, ପ୍ରେମଲାଲ ସାହୁ, ଫକିର ନାରୟଣ ସାହୁ, ଧର୍ମରାଜ ସାହୁ, କେଶବ ଚନ୍ଦ୍ର ନାଏକ, କୃତିକା ଛତ୍ରିଆ, ଜିମତ ବାହନ ମାଝି, ଠୁଲ ଚନ୍ଦ୍ର ସାହୁ, ଚନ୍ଦନ ସାହୁ, ଖଗେଶ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ଟିର୍ଲିଆମଠାରେ ବୃକ୍ଷରୋପଣ କରିଥିଲେ ।



### ବାହ୍ୟ ମଳମୁକ୍ତ ପାଇଁ ସଚେତନତା ଶୋଭାଯାତ୍ରା

**କୋକସରା,୧୫।୭(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଭେଙ୍କେଟେଶ୍ୱର ଇଂଲିଶ ମିଡିୟମ ଛାତ୍ରୀଛାତ୍ରମାନେ ଶନିବାର ବାହ୍ୟ ମଳତ୍ୟାଗମୁକ୍ତ ପାଇଁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ସେମାନେ ଶୋଭାଯାତ୍ରରେ ବାହାରି ଲଡୁଗାଁ ପରିକ୍ରମା କରି ଲୋକଙ୍କୁ ସଚେତନ କରିଛନ୍ତି। ବାହାରେ ମଳତ୍ୟାଗ ନ କରିବା, ପରିବେଶ ସଫା ରଖିବା, ରାସ୍ତାଘାଟ ସଫା ରଖିବାକୁ ଲୋକଙ୍କୁ ସଚେତନ ବର୍ତ୍ତା ଦେବା ସହ ପ୍ଲାକାର୍ଡ ଧରି ବିଭିନ୍ନ ନରାଦେଇ ଗାଁ ପରିକ୍ରମା କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ତ୍ରିନାଥ ଠାକୁରଙ୍କ ନେତୃତ୍ୱରେ ସଚେତନ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଭିଇଏମଏସର ଶିକ୍ଷକ ଜିତେନ୍ଦ୍ର କୁମାର ଦାସ, ଲଛମନ ଭାଟି, ଶ୍ରୀରାମ ଠାକୁର, କର୍ଜନ ପାଣିଗ୍ରାହୀ, ପ୍ରେମାନନ୍ଦ ଠାକୁର, ବିଜୟ ପଣ୍ଡା, ଶିକ୍ଷୟିତ୍ରୀ ଦିପ୍ତିମୟୀ ବେମାଲ ପ୍ରମୁଖ ଉପସ୍ଥିତ ଥିଲେ।

■ କେନାଲ ମରାମତି ନାମରେ ବ୍ୟାପକ ଅନିୟମିତତା ଘଟଣା

# ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ

**ଭବାନୀପାଟଣା,୧୫।୭(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ଓ କଲମପୁର ବ୍ଲକ ମଧ୍ୟରେ ଥିବା ତାଲପଦର ସବ୍‌ମାଇନର ୧ ଓ ୨ ନଂ. କେନାଲରେ ଗତ କିଛି ଦିନ ତଳେ ମରାମତି କାମ କରାଯାଇଥିଲା। ଏହାକୁ କଲମପୁର ବ୍ଲକ ପକ୍ଷରୁ ଏମଜିଏନଆରଇଜିଏସ୍‌ରେ ମରାମତି କରାଯାଇଥିଲା। ତେବେ ଏହି ମରାମତି କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗତ ୯ ତାରିଖ ଧରିତ୍ରୀର ସମ୍ବଲପୁର ସଂସ୍କରଣରେ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ମଧ୍ୟ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଅନୁଧ୍ୟାନ କିମ୍ବା ତଦନ୍ତ କରାଯାଇ ନ ଥିଲା। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ଅନିୟମିତତାକୁ ନେଇ ଜଣେ ବ୍ୟକ୍ତି ସୋମବାର କଲମପୁର ବ୍ଲକରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ଜିଲାପାଳ ଡା ଗାଭାଲି ପରାଗ ହର୍ଷଦ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ମରାମତି ହୋଇଥିବା କେନାଲ ।

ପ୍ରକାଶ ଯେ, ତାଲପଦର ସବମାଇନର ୧ ପଦରପଡାଠାରେ କଲମପୁର ବ୍ଲକ ପକ୍ଷରୁ ଏମଜିଏନ୍‌ଆରଇଜିଏସ୍‌ରେ ୩୫ ମିଟର କେନାଲର ମରାମତି ପାଇଁ ୨ ଲକ୍ଷ ୪୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା। ଏଥିରେ କେନାଲର ଉଭୟ ପାର୍ଶ୍ୱରେ ଗାର୍ଡୱାଲ ଓ ବେଡ କଂକ୍ରିଟ କରାଯାଇଥିଲା। ଏପରି କି ବର୍ଷା ହେଉଥିବା ସମୟରେ କେନାଲର କଂକ୍ରିଟ କାମ କରା ଯାଇଥିବା ବେଳେ ଇଷ୍ଟିମେଣ୍ଟ ଅନୁଯାୟୀ କାର୍ଯ୍ୟ ସମ୍ପାଦନା ହୋଇ ନ ଥିବା ଜଣାପଡିଥିଲା। ଏହି କାମରେ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯିବା ସହ ପୁରୁଣା କଂକ୍ରିଟ ଉପରେ ନୂତନ କଂକ୍ରିଟ ପକାଇ ଯେଣତେଣ ପ୍ରକାର କାମ କରାଯାଇଥିବା ଅଭିଯୋଗ ହୋଇଥିଲା। ସେହିପରି ତାଲପଦର ସବମାଇନର ୨ରେ ମଧ୍ୟ ମରାମତି ନାଁରେ ଏପରି ଅନିୟମିତତା କରାଯାଇଥିବା ଜଣାପଡିଥିଲା। ଏମ୍‌ଜିଏନଆରଇଜିଏସ୍ ପକ୍ଷରୁ ହୋଇଥିବା ଏହି ମରାମତି କାମକୁ ସ୍ଥାନୀୟ ଦେପୁର ପଞ୍ଚାୟତ ଜିଆରଏସ୍ ଦୁର୍ଗା ପ୍ରସାଦ ପାତ୍ର (ମଣ୍ଟୁ) ଦେଖାଶୁଣା କରିଥିଲେ।

**ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ: ଜିଲାପାଳ**


ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**କଲମପୁର,୧୫।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡ. ଗାଭାଲି ହର୍ଷଦ୍ ପରାଗ ଯୋଗଦେଇ ୨୯୦ ଜଣ ଅଭିଯୋଗକାରୀଙ୍କ ଗୁହାରି ଶୁଣିଥିଲେ । ବିଭିନ୍ନ ବିଭାଗ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଉକ୍ତ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ୬ ଜଣଙ୍କୁ ଭତ୍ତା ଏବଂ ଜଣଙ୍କୁ ଟ୍ରାଇସାଇକେଲ ଓ ଆଉ ଜଣଙ୍କୁ ହୁଇଲ୍ ଚେଆର ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣିରେ ଏସ୍‌ପି ବି. ଗଙ୍ଗାଧର, ସ୍ଥାନୀୟ ତହସିଲଦାର ଶୃତିରଞ୍ଜନ ମଲ୍ଲିକ, ଜିଲା ଚିକିତ୍ସାଧିକାରୀ ବନଲତା ଦେବି, କଲମପୁର ବିଡିଓ ହେମସାଗର ଭୋଇ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପାଳକୃଷ୍ଣ ମିଶ୍ର, କଲମପୁର ବ୍ଲକ ଅଧକ୍ଷା ମୁଲା ସାହୁ, ବ୍ଲକ ଅପାଧକ୍ଷ ଦୁଖିରାମ ମାଝି, ପଞ୍ଚାୟତ ସମ୍ପ୍ରସାରଣ ଅଧିକକାରୀ କରୁଣାକର ବାଗ, ପ୍ରଗତି ସହାୟକ ଲକ୍ଷ୍ମଣ ହରିଜନ, ଜୟପାଟଣା ଥାନାଧିକାରୀ ସୁଶାନ୍ତ କୁମାର ସାହୁ, କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଶିବାଶିସ୍ ସ୍ୱାଇଁ, ଅବକାରୀ ଇନିସ୍‌ପେକ୍ଟର ପ୍ରଶାନ୍ତ କୁମାର ସାହୁ, ଥୁଆମୂଳ ରାମପୁର ଦକ୍ଷିଣ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ପାଲୋ, କଲମପୁର ଗୋଷ୍ଠୀ ଶିକ୍ଷାଧିକାରୀ ନବୀନ କୁମାର ଖମାରୀ, କଲମପୁର ବନପାଳ ଭୁବନେଶ୍ୱର ବେହେରା, କଲମପୁର ଜୋନ-୧ ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ, ଜୋନ-୨ ସୁଶାନ୍ତ ରାଉତ ଏବଂ କଲମପୁର ବ୍ଲକ ସମସ୍ତ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡି ଲେଖକ କଳା ପରିଷଦର ବାର୍ଷିକ ସାଧାରଣ ସଭା

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ କଳାହାଣ୍ଡି ଲେଖକ କଳା ପରିଷଦର ବାର୍ଷିକ ସାଧାରଣ ସଗା ପରିଷଦ ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ୨୦୧୯-୨୦ର କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ଖର୍ଚ୍ଚ ଅଟକଳ ଅନୁମୋଦନ ହୋଇଥିଲା। ପରିଷଦ ମୁଖପାତ୍ର ସାଗର ପତ୍ରିକା ପ୍ରକାଶନ ପାଇଁ ମଧ୍ୟ ବିଷଦ ଭାବରେ ଆଲୋଚନା ହେବା ସହିତ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ପ୍ରଫେସର ଗୋପବନ୍ଧୁ ବେହେରା ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ଦାୟିତ୍ୱ ତୁଲାଇଥିଲେ। ସଭାପତି ଉମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ଭାବେ ସୁରେନ୍ଦ୍ର ପ୍ରସାଦ ନେଗୀ ଓ ଡଃ ତପନ କୁମାର ରଥ, ସମ୍ପାଦକ ଭାନୁ ପ୍ରକାଶ ରଥ, ସହସମ୍ପାଦକ ଭାବେ ଭବନାଥ ରାୟଗୁରୁ ଓ ତାପନ ରଞ୍ଜନ ପଟେଲ, କୋଷାଧକ୍ଷ ଭାଗିରଥୀ ବେହେରା, କାର୍ଯ୍ୟକାରୀ ସଦସ୍ୟ ପ୍ରବୋଧ ରଥ, ଡଃ ଦାଶରଥୀ ଆଚାର୍ଯ୍ୟ, ସକିତ ରତେ, ଗୋପାଳଚନ୍ଦ୍ର ସାହୁ, କେଦାର ରାୟଗୁରୁ, ଶୁଭେନ୍ଦ୍ର କୁମାର ମହାପାତ୍ର, ବିରଞ୍ଚି ନାରାୟଣ ମୁଣ୍ଡ, କୃଷ୍ଣାବତାର ଦେଓ, ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର, ଚିତ୍ରକଳା ବିଦ୍ୟାଳୟ ଅଧକ୍ଷ ରବିନ୍ଦ୍ର ସାମନ୍ତ, ନୃତ୍ୟକଳା ବିଦ୍ୟାଳୟ ଅଧକ୍ଷ ଭୀମସେନ ସାହୁ, ଆଇନ ଉପଦେଷ୍ଟା ଦିଲୀପ ସା ମନୋନୀତ ହୋଇଛନ୍ତି । ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ବଦ୍ରିନାରାୟଣ ମହାପାତ୍ର, ରାସବିହାରୀ ବେହେରା, ପ୍ରଫେସର ଗୋପବନ୍ଧୁ ବେହେରା, ନାରାୟଣ ପ୍ରସାଦ ପଟ୍ଟନାୟକ, ପ୍ରତାପ କିଶୋର ମୁଣ୍ଡ, ଡଃ ସରୋଜ ବେହେରା, ସୁଧୀର ଚନ୍ଦ୍ର ପଣ୍ଡା, ପଦ୍ମଚରଣ ପାତ୍ର ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ଶୁଭେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଭାନୁପ୍ରକାଶ ରଥ ଧନ୍ୟବାଦ ଦେଇଥିଲେ ।


ବାର୍ଷିକ ସାଧାରଣ ସଭାରେ ଉପସ୍ଥିତ ଅତିଥି ।

## ଉଚ୍ଚଶିକ୍ଷାରେ ୭ ଘଣ୍ଟିଆ କାର୍ଯ୍ୟାଦେଶକୁ ବିରୋଧ

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

ସମ୍ପ୍ରତି ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଜାରି କରାଯାଇଥିବା ଅଧ୍ୟାପକମାନଙ୍କ ୭ ଘଣ୍ଟିଆ ବାଧ୍ୟତା ମୂଳକ ଉପସ୍ଥାନକୁ କଳାହାଣ୍ଡି ବେସରକାରୀ କଲେଜ ଶିକ୍ଷକ ସଂଘ ତରଫରୁ ବିରୋଧ କରାଯାଇଛି। ଏହାର ପୁର୍ନବିଚାର ପୂର୍ବକ ପ୍ରତ୍ୟାହାର କରିବାକୁ ନିବେଦନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ବୈଠକରେ କୁହାଯାଇଛି ଯେ, ସର୍ବଭାରତୀୟସ୍ତରରେ ୟୁଜିସି ନିୟମ ଅନୁସାରେ କଲେଜରେ ଅଧ୍ୟାପକମାନେ ୫ ଘଣ୍ଟା ରହିବା ବ୍ୟତିତ ଆବଶ୍ୟକ ସ୍ଥଳେ ବିଳମ୍ବ ସମୟ ପର୍ଯ୍ୟନ୍ତ କଲେଜରେ ରହି କାର୍ଯ୍ୟ କରୁଛନ୍ତି। ଓଡିଶାରେ ବିଶେଶତଃ ଅନୁଦାନପ୍ରାପ୍ତ ଘରୋଇ କଲେଜରେ ବିଭିନ୍ନ ବର୍ଗର ଅଧ୍ୟାପକ, କର୍ମଚାରୀମାନେ ଅଛନ୍ତି ଓ ସମାନ କାମକୁ ସମାନ ଦରମା ଦିଆଯାଉନାହିଁ। ସ୍ଥାୟୀ ଅଧକ୍ଷ କୌଣସି କଲେଜରେ ନାହାନ୍ତି। ସରକାର ଭିତିଭୂମିର ଉନ୍ନତି କରିବା ପାଇଁ ପଦକ୍ଷେପ ନିଅନ୍ତୁ ଓ ଅଧ୍ୟାପକମାନଙ୍କ ସହ ଆଲୋଚନା କରି ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ସହିତ ଅଧ୍ୟାପକ, କର୍ମଚାରୀମାନଙ୍କ ଦାବି ସମାଧାନ କରିବାକୁ ଦାବି କରାଯାଇଛି। ବୈଠକରେ ଜିଲା ଉପସଭାପତି ବିନୋଦ ପଟ୍ଟନାୟକ, ପ୍ରବିଣ ବେହେରା, ସଙ୍ଗଠନ ସମ୍ପାଦକ ସୁଶାନ୍ତ ପାଢି, ଯୁଗ୍ମସମ୍ପାଦକ ବସନ୍ତ ପଣ୍ଡା, ଭବାନୀ ଜାଲ, ସହସମ୍ପାଦକ ଘନଶ୍ୟାମ ଭାଟି ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣୟ ଆନନ୍ଦ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।


ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଏନ୍‌ସିସି କ୍ୟାଡେଟ୍‌ମାନେ ।

## ୪ ଓଡ଼ିଶା ନାଭାଲ ୟୁନିଟ୍ ଏନ୍‌ସିସି ବାର୍ଷିକ ପ୍ରଶିକ୍ଷଣ ଶିବିର

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

୪ ଓଡିଶା ନାଭାଲ ୟୁନିଟ୍ ଏନ୍‌ସିସି ଭବାନୀପାଟଣା ପକ୍ଷରୁ ଚଳିତ ବର୍ଷର ପ୍ରଥମ ବାର୍ଷିକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ସରକାରୀ ଇଂଜିନିୟରିଂ କଲେଜ କଳାହାଣ୍ଡିରେ ଚଳିତବର୍ଷର ବାର୍ଷିକ ପ୍ରଶିକ୍ଷଣ ଶିବିର ବା ଆନୁଆଲ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏଥିରେ ପଶ୍ଚିମ ଓଡିଶାର ବିଭିନ୍ନ ସ୍କୁଲ ଓ କଲେଜରୁ ୪୦୦ରୁ ଅଧିକ ନାଭାଲ ଏନ୍‌ସିସି କ୍ୟାଡେଟ୍ ଅଂଶ ଗ୍ରହଣ କରିଥିଲେ। ଏହି ବାର୍ଷିକ ପ୍ରଶିକ୍ଷଣ ଶିବିରରେ ଛାତ୍ରୀଛାତ୍ରମାନଙ୍କୁ ଏନ୍‌ସିସି ନାଭାଲ ବିଷୟରେ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯାଇଥିଲା। ସୋମବାର ଉଦ୍‌ଯାପନୀରେ କୃତୀ ନାଭାଲ ଏନ୍‌ସିସି କ୍ୟାଡେଟ୍‌ମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ୟାମ୍ପରେ କ୍ୟାଡେଟମାନଙ୍କୁ ଡ୍ରିଲ୍, ରାଇଫଲ ଡ୍ରିଲ, ନୌଚାଳନା, କାଏକିଂ, ସିପ୍ ମଡଲିଂ, ନେଭିଗେସନ୍, ସିମାଫୋର ଭଳି ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିପରି ଛାତ୍ରଙ୍କ ଶୃଜନଶିଳତାର ପରିପ୍ରକାଶ ପାଇଁ ନାଚ, ଗୀତ, ରଚନା ଲିଖନ, ସ୍ଲୋଗାନ୍ ଲିଖନ, ଚିତ୍ର ପ୍ରତିଯୋଗିତା ହୋଇଥିଲା। ଖେଳରେ ଭଲିବଲ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ସହ ସନ୍ତରଣ ଓ ଟ୍ରେକିଂ ଆଦି କାର୍ଯ୍ୟକ୍ରମ ଜୁନିୟର ଓ ସିନିୟର ଡିଭିଜନର ଉଭୟ ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ହୋଇଥିଲା। ଏହି କ୍ୟାମ୍ପରେ ପ୍ରଶିକ୍ଷାର୍ଥୀଙ୍କୁ ସିପ୍ ମଡଲିଂ ବାବଦରେ ଏହାର ପରିଚାଳନା ନେଇ ପ୍ରାକ୍ଟିକାଲ ଟ୍ରେନିଂ ମଧ୍ୟ ଦିଆଯାଇଥିଲା । ପଶ୍ଚିମ ଓଡିଶାର ୪ଟି ମହାବିଦ୍ୟାଳୟ ସମେତ ୮ଟି ସ୍କୁଲ ଏଥିରେ ଭାଗ ନେଇଥିଲା । ସିନିୟର ବିଭାଗରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭବାନୀପାଟଣା, ସାନ୍ଧ୍ୟ ମହାବିଦ୍ୟାଳୟ ଭବାନୀପାଟଣା, ଏଲ୍.ଏନ୍.ମହାବିଦ୍ୟାଳୟ ଝାରସୁଗୁଡା ଏବଂ ଏନ୍.ଆଇ.ଟି ରାଉରକେଲା ଉଭୟ ବାଳକ ଓ ବାଳିକାମାନେ ଯୋଗଦେଇଥିଲେ । ସେହିପରି ଜୁନିୟର ବିଭାଗରେ ମାଣିକେଶ୍ୱରି ହାଇସ୍କୁଲ ଭବାନୀପାଟଣା, ମ୍ୟୁନିସିପାଲ ହାଇସ୍କୁଲ ଭବାନୀପାଟଣା, ବି.ଏମ୍ ହାଇସ୍କୁଲ ଭବାନୀପାଟଣା, ଜଜ ହାଇସ୍କୁଲ ବରଗଡ, କଶୁରପଡା ହାଇସ୍କୁଲ କଶୁରପଡା, ନୂଆପଡା ହାଇସ୍କୁଲ, ସିନାପାଲି ହାଇସ୍କୁଲ, ଲରଂଭା ହାଇସ୍କୁଲ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ଲାଞ୍ଜିଗଡର ଉଭୟ ବାଳକ ଓ ବାଳିକାମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଏହି କ୍ୟାମ୍ପ ୪ ଓଡିଶା ନାଭାଲ ୟୁନିଟ୍ ଏନସିସି ଭବାନୀପାଟଣା କମାଣ୍ଡିଂ ଅଫିସର ଲେଫ୍‌ଟିନାଣ୍ଟ କମାଣ୍ଡର ଭି. ରବି ଜଡୁଙ୍କ ଅଧ୍ୟକ୍ଷତାରେ ପରିଚାଳନା ହେଉଥିବା ବେଳେ ଏହି ଅଫିସ ଅନ୍ତର୍ଗତ ବିଭିନ୍ନ କଲେଜ ଓ ସ୍କୁଲର ଏ.ଏନ୍.ଓ ଓ ସି.ଟି.ଓମାନେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେବା ସହ ତଦାରଖ କରିଥିଲେ। ସେହିପରି ଏହି ୟୁନିଟର ପ୍ରଶିକ୍ଷକଙ୍କ ସମେତ ସିଭିଲିଆନ୍ ଷ୍ଟାଫମାନେ ଏଥିରେ ସହାୟତା କରିଥିଲେ।

■ ଜୁନାଗଡ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ବାହ୍ୟ ମଳମୁକ୍ତ ଅଭିଯାନ

## ଅଧିକ ଶୌଚାଳୟ ନିର୍ମାଣ ପାଇଁ ଏନ୍‌ଏସି ଅଧିକାରୀଙ୍କୁ ଦାବିପତ୍ର

**ଜୁନାଗଡ,୧୫।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଇଂଲିସ ମିଡିୟମ ସ୍କୁଲ ପକ୍ଷରୁ ସୋମବାର ପରିବେଶକୁ ସ୍ୱଚ୍ଛତା ରଖିବା ଉଦ୍ଦେଶ୍ୟରେ ବାହ୍ୟ ମଳ ମୁକ୍ତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଲୋକଙ୍କୁ ସଚେତନତା କରିବା ପାଇଁ ସ୍କୁଲ ପକ୍ଷରୁ ଏକ ସଚେତନତା ରାଲି କରାଯାଇଥିଲା। ଏଥିରେ ବିଦ୍ୟାଳୟ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ସାମିଲ ହୋଇ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଲୋକଙ୍କୁ ସ୍ୱଚ୍ଛତା ଉପରେ ସଚେତନତା କରିଥିଲେ। ଜିଲାର ଜୁନାଗଡ ସହର ଏକ ପୁରାତନ ସହର ଓ ବ୍ୟବସାୟ କେନ୍ଦ୍ର ଭାବେ ନାମ ରହିଛି। ତେବେ ସର୍ବସାଧାରଣଙ୍କ ନିମନ୍ତେ ଏନ୍‌ଏସି ପକ୍ଷରୁ ଗୋଟିଏ ମାତ୍ର ଶୌଚାଳୟ ରହିଥିବାରୁ ଅନେକ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଫଳରେ ସହର ଖୋଲାସ୍ଥାନ, ବନ୍ଧହୁଡା ଲୋକଙ୍କ ପାଇଁ ଏବେ ଶୌଚାଳୟ ପାଲଟିଛି। ଏଥିପାଇଁ ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧ ଯୋଗୁ ଯାତାୟାତ ସମୟରେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜୁନାଗଡ ସହରର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଅଧିକ ଶୌଚାଳୟ ନିର୍ମାଣ କରିବା ପାଇଁ ଇଂଲିସ ସ୍କୁଲ ଛାତ୍ରୀଛାତ୍ରମାନେ ଜୁନାଗଡ ଏନ୍‌ଏସି ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏହି ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମନୋରମା ଦୁରିଆ, ରଞ୍ଜିତା ପାଢି, ସୁଜାତା ବରାଡ, ପ୍ରତିଭା ଦାଶ, ରିତା ପାତ୍ର, ସାରଳା ଶର୍ମା, ଶିକ୍ଷକ ବିଭୁତି ଭୂଷଣ ଦଣ୍ଡସେନା, ଶୁକ୍ର ଧଙ୍ଗଡା ମାଝି, ଲକ୍ଷ୍ମୀ ନାରାୟଣ ସାହୁ, ଗିରିଧାରୀ ନାଗ, ଦିନେଶ ବାଗ, ପରମେଶ୍ୱର କୁମାର ରାଜପୁତ, ଭାଗିରଥି ସାଗର, କ୍ଷମାସାଗର ବଗର୍ତ୍ତୀ, ସରୋଜ କୁମାର ଦୁରିଆ ପ୍ରମୁଖଙ୍କ ସହ ସ୍କୁଲ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଇଂଲିଶ ମିଡିୟମ ସ୍କୁଲର ଛାତ୍ରୀଛାତ୍ରଙ୍କ ସଚେତନତା ରାଲି ।

■ ଦଣ୍ଡପାଟ ଅଞ୍ଚଳରେ ସରକାରୀ ଯୋଜନା ଫେଲ

# ମିଳୁନି କାମ, ବାହାରକୁ ଯାଉଛନ୍ତି ଶ୍ରମିକ

**ଭବାନୀପାଟଣା,୧୫।୭(ଡି.ଏନ.ଏ.)**

ଦଣ୍ଡପାଟ ଅଞ୍ଚଳ ଧର୍ମଗଡ ବ୍ଲକ ୯ଟି ପଞ୍ଚାୟତ ଓ କୋକସରାର ୫ଟି ପଞ୍ଚାୟତକୁ ନେଇ ଗଠିତ। ଏହା ଅଧୀନରେ ବେହେରା, ପର୍ଲା, ଟେଣ୍ଡାପାଲି, ଡାଲଗୁମା, ଡହଁଗାଁ, ମୂଷାପାଲି, ଜୟନ୍ତପୁର, ଛଞ୍ଚାଣବାହାଲି, ଧଅରପୁର, ଗୋତମୁଣ୍ଡା, କଦଳିମୁଣ୍ଡା, ଘମର, ଗଡିଆଯୋର ଓ ଖୁଣ୍ଟିଆ ରହିଛି। ଦଣ୍ଡପାଟ ଦାଦନପ୍ରବଣ ଅଞ୍ଚଳ ଭାବେ ସଦାବେଳେ ଚର୍ଚ୍ଚିତ ହୋଇଆସିଛି। ଅନ୍ୟପଟେ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆରଇଜିଏସ୍ ଓ ରାଜ୍ୟ ସରକାରଙ୍କ ନିର୍ମାଣ ଶ୍ରମିକ ଯୋଜନା ମାଧ୍ୟମରେ ଗରିବ ଶ୍ରମିକ ଉପକୃତ ହେବେ ବୋଲି ଆଶା କରାଯାଉଥିଲା। ହେଲେ ପ୍ରଶାସନର ଅବହେଳା ଯୋଗୁ ଯୋଜନା ସବୁ ଫେଲ ମାରୁଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ଶହେ ଦିନର କାମ ଯୋଗାଇବା ଓ ୭ରୁ ୧୫ ଦିନରେ ମଜୁରୀ ପ୍ରଦାନ ଦେବା ବ୍ୟବସ୍ଥା ଥିଲେ ହିଁ ଅଧିକାରୀଙ୍କ ବେପରୁଆ ନୀତି ପାଇଁ କାମ ଧନ୍ଦା ନ ପାଇ ଲୋକେ ବାହାରକୁ ଯାଉଛନ୍ତି। ଅନ୍ୟପଟେ ଯୋଜନାରେ ମଜୁରି ପ୍ରଦାନରେ ବିଳମ୍ବ ଓ କିଛି କର୍ମଚାରୀଙ୍କ ଶ୍ରମିକ ଶୋଷଣ ନୀତି ଅନ୍ୟ ଏକ କାରଣ ବୋଲି ବୁଦ୍ଧିଜୀବୀମାନେ କହନ୍ତି। ସେହିପରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ନିର୍ମାଣ ଶ୍ରମିକଙ୍କୁ ଉପକରଣ ଯୋଗାଣ ସହ ଘର, ସାଇକେଲ, ସ୍ୱାସ୍ଥ୍ୟବୀମା, ଜୀବନ ବୀମା, ପିଲାଙ୍କ ପଢା ଖର୍ଚ୍ଚ ଓ ଝିଅମାନଙ୍କୁ ବିବାହ ଖର୍ଚ୍ଚ ଭଳି ବ୍ୟବସ୍ଥା ରହିଛି। ହେଲେ ନିର୍ମାଣ ଶ୍ରମିକ ଚିହ୍ନଟରେ ପାତଅନ୍ତର ଯୋଗୁ ଅନେକ ଶ୍ରମିକ ଏହି ଯୋଜାନାରୁ ବାଦ ପଡିଛନ୍ତି। ଏହାର ସୁଯୋଗ ନେଇ ଅନେକ ଦଲାଲଙ୍କ ଆଖି ଦଣ୍ଡପାଟ ଗରିବ ଶ୍ରମିକଙ୍କ ଉପରେ ପଡୁଛି। ସେମାନେ କିଛି ଟଙ୍କା ଓ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଚେନ୍ନାଇ, ଗୁଆ, ଗୁଜୁରାଟ, ଆସାମ, ମହାରାଷ୍ଟ୍ର, ବେଙ୍ଗାଲୁରୁ, ମୁମ୍ବାଇ ଭଳି ଅନେକ ରାଜ୍ୟକୁ ଦାଦନ ଚଲାଣ କରିଥାନ୍ତି। ଏହି ଦଲାଲ ବା ଏଜେଣ୍ଟମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ ଲାଇସନ୍ସ ନ ଥିବା ବେଳେ ହାତ ଗଣତି ଲାଇସେନ୍ସପ୍ରାପ୍ତ ଥିବା ଜଣାପଡିଛି। ଶ୍ରମିକମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ପଞ୍ଚାୟତରେ କିମ୍ବା ଶ୍ରମ ବିଭାଗ ନିକଟରେ ଦାଖଲ କରିବା ସରକାରୀ ନିୟମ ରହିଛି। ହେଲେ ବଡ ବିଡମ୍ବନା ବିଷୟ ଦାଦନ ଶ୍ରମିକମାନଙ୍କ ତଥ୍ୟ ପଞ୍ଚାୟତ କିମ୍ବା ଶ୍ରମ ବିଭାଗ ପାଖରେ ନାହିଁ ।


ଦଣ୍ଡପାଟ ଅଞ୍ଚଳର ଶ୍ରମିକମାନେ ।

ଏକ ସର୍ଭେ ଅନୁଯାୟୀ ଦଣ୍ଡପାଟଣା ଅନ୍ତର୍ଗତ ୧୪ଟି ପଞ୍ଚାୟତର ୧୫୦ରୁ ଉର୍ଦ୍ଧ୍ୱ ଗ୍ରାମର ୧୦୬ଟି ପରିବାର ଦାଦନ ଭାବେ ବିଭିନ୍ନ ରାଜ୍ୟରେ ରହୁଥିଲେ। ସେଥିମଧ୍ୟରୁ ୧୧୯୬ ପୁରୁଷ, ୩୧୯ ମହିଳା, ୩୧୦ ଜଣ ଶିଶୁ, ୧୧୮ ନାବାଳିକା ଓ ୧୧୩୪ ନାବାଳକ ଥିଲେ। ଏହା ପୂର୍ବରୁ ୩୨ ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ଖବର ବିଭିନ୍ନ ଖବର କାଗଜରେ ପ୍ରକାଶ ହୋଇଥିଲା। ପରବର୍ତ୍ତୀ ସମୟରୁ ଆଜିଯାଏ ମୋଟ ୧୨୩ ଜଣରୁ ଉର୍ଦ୍ଧ୍ୱ ଦାଦନଙ୍କ ମୃତ୍ୟୁ ହୋଇଥିବା ଲୋକମାନଙ୍କ ସୂଚନାରୁ ଜଣାପଡେ। ହେଲେ ଏହି ତଥ୍ୟ ସରକାରୀସ୍ତରରେ ନ ଥିବା ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏ ନେଇ ଧର୍ମଗଡ ବିଧାୟକ ମୌସୁଧୀ ବାଗଙ୍କୁ ପଚାରିବାରୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରାଯିବ । ଏହାର ଏକ ସର୍ଭେ ପ୍ରସ୍ତୁତି କରାଯିବା ସହ ଦାଦନ ରୋକିବା ଦିଗରେ ଉଚିତ ପଦକ୍ଷେପ ନିଆଯିବା ବୋଲି କହିଥିଲେ।



ନିଜ ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କଲେ ଯେଉଁ ଆନନ୍ଦ ମିଳେ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେନାହିଁ।
- ସେନେକା



**ସଂକ୍ଷେପରେ**

## ମଧୁବୈଶ୍ୟ ସମାଜ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି

ରାଉରକେଲା ଅଫିସ,୧୫।୭
ମଧୁବୈଶ୍ୟ ସମାଜ ପକ୍ଷରୁ ଆଗାମୀ ଗଣେଶ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନକୁଳ ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ସେପ୍ଟେମ୍ବର ୧୨ରେ ଗଣେଶ ଉତ୍ସବକୁ ସଂଘ ପକ୍ଷରୁ ବିଧିବିଧାନରେ ପାଳନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେକ୍ଟର-୨୦ ଡି ବ୍ଲକରେ ଗଣେଶ ପୂଜା ପାଳନ କରିବାକୁ ଧାର୍ଯ୍ୟ କରାଯାଇଛି। ଏଥିରେ ଅନ୍ତର୍ଯ୍ୟାମୀ ସାହୁ, କାଶୀନାଥ ସାହୁ, ନିକୁଞ୍ଜ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ଚନ୍ଦ୍ରକାନ୍ତ ସାହୁ, ଜୟନ୍ତ ପୃଷ୍ଟି, ପ୍ରଦୀପ ସାହୁ, ଯଶୋବନ୍ତି ସାହୁ, ସତ୍ୟବାନ ସାହୁ ଓ ନରେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ତାଳଚେର-ବିମଳାଗଡ଼ ରେଳପଥ ଆନ୍ଦୋଳନକୁ ପୂରିବ ୫୦ ବର୍ଷ

# ସରକାରଙ୍କ ଆନ୍ତରିକତା ନେଇ ଉଠିଲା ପ୍ରଶ୍ନ

**ରାଉରକେଲା ଅଫିସ,୧୫।୭**

ତାଳଚେର-ବିମଳାଗଡ଼ ରେଳପଥ ଦାବି ଅନ୍ଦୋଳନକୁ ଆସନ୍ତା ଅଗଷ୍ଟ ୨୦ରେ ୫୦ବର୍ଷ ପୂରିବ। ଏହା ସତ୍ତ୍ୱେ ପ୍ରକଳ୍ପର ଅଗ୍ରଗତି ହୋଇପାରୁନି। ଏପରି ଅବସ୍ଥାରେ ରାଜ୍ୟ ସରକାରଙ୍କ ଅନ୍ତରିକତା ନେଇ ପ୍ରଶ୍ନ ଉଠାଇଛି ସଂଗ୍ରାମ ସମିତି। ୫୦ ବର୍ଷର ଅବହେଳା ପ୍ରତିବାଦରେ ଅଗଷ୍ଟ ୨୦ରେ ସଭା, ଶୋଭାଯାତ୍ରା ସାଙ୍ଗକୁ ରାଉରକେଲା ରେଲଷ୍ଟେଶନ ସମ୍ମୁଖରେ ଧାରଣା ପ୍ରଦର୍ଶନ ପାଇଁ ନିଷ୍ପତ୍ତି ନିଆଯାଇଛି। ରବିବାର ସନ୍ଧ୍ୟାରେ ସେକ୍ଟର-୬ ବସ୍ତିଆ ଭବନରେ ଅନୁଷ୍ଠିତ ବୈଠକରେ ସମିତି ସଭାପତି ଅଦ୍ୱୈତ ବିଶ୍ୱାଳ ଅଧ୍ୟକ୍ଷତା କରି କହିଥିଲେ, ଏହି ରେଳପଥ କିପରି ଶୀଘ୍ର ପୂର୍ଣ୍ଣାଙ୍ଗ ହେବ ସେ ଦିଗରେ ବର୍ଷାଧିକ ହେବ ସରକାରଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ସହ ଏ ନେଇ ଆଲୋଚନା କରଯାଇଛି। ଗତ ଜୁନ ୬ ସୁଦ୍ଧା ୧୪୯ କିମି ରେଳପଥ ମଧ୍ୟରୁ ମାତ୍ର ୪୩ କିମି ପୂର୍ଣ୍ଣାଙ୍ଗ ହୋଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ ନେଇ ଏଥିରେ ବାଧା ସୃଷ୍ଟି ହେଉଛି। ଅଧିଗ୍ରହଣ ହେବାକୁ ଥିବା ଜମିରେ ଅନୁଗୋଳ ଜିଲାର ୫୬୨ ଏକର ଘରୋଇ ଜମି ଓ ୨୦୨ ଏକର ସରକାରୀ ଜମି ସହ ୧୬୩ ଏକର ଜଙ୍ଗଲ ଜମି ରହିଛି। ସେହିଭଳି ଦେବଗଡ଼ ଜିଲାରେ ୧୯୨ ଏକର ଘରୋଇ ଜମି, ୮୧ ଏକର ସରକାରୀ ଜମି, ୧୮୨ ଏକର ଜଙ୍ଗଲ ଜମି ରହିଛି। ସୁନ୍ଦରଗଡ଼ ଜିଲାରେ ୨୪୮ ଏକର ଘରୋଇ ଜମି, ୧୩୮ ଏକର ସରକାରୀ ଜମି ଓ ୯୪ ଏକର ଜଙ୍ଗଲ ଜମି ଅଧିଗୃହୀତ ହୋଇପାରିନି। ଅତ୍ୟନ୍ତ ଜରୁରୀ ଥିବାରୁ ରେଲୱେ ନିଜ ପକ୍ଷରୁ ୬ ଏକର ଜମି କ୍ରୟ କରି ନିର୍ମାଣ କାର୍ଯ୍ୟ ଆଗକୁ ନେଇଥିବା ପ୍ରକାଶ କରିଛି। ମୋଟ ୨୦୮୮ ଏକର ଜମି ମଧ୍ୟରୁ ରାଜ୍ୟ ସରକାର ୧୬ ବର୍ଷ ଭିତରେ ମାତ୍ର ୪୬୬ ଏକର ଜମି ଅଦ୍ୟାବଧି ଅଧିଗ୍ରହଣ କରିବାକୁ ସକ୍ଷମ ହୋଇଛନ୍ତି। ରେଲୱେ ପକ୍ଷରୁ ଭିତ୍ତିଭୂମି ନିର୍ମାଣ ପାଇଁ ଗତ ଜୁନ ୫ରେ ୧୯୨ କୋଟିର ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ମାଟି କାମ, କ୍ଷୁଦ୍ର ପୋଲ, ସମଲ ଷ୍ଟେଶନର ବିଦ୍ୟୁତକରଣ ସହ ଭିତ୍ତିଭୂମିର ବିକାଶ ଅନ୍ତର୍ଭୁକ୍ତ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନେଇ ଏହି ରେଳପଥ ଦେଇ ଯାଉଥିବା ୩ ଜିଲାର ଜିଲାପାଳଙ୍କୁ ସଂଗ୍ରାମ ସମିତି ପକ୍ଷରୁ ପତ୍ର ଲେଖାଯାଇଥିଲା। ଏହା ସତ୍ତ୍ୱେ କିଛି ସୁଫଳ ମିଳିଲା ନାହିଁ। ରେଲୱେ କର୍ତ୍ତୃପକ୍ଷଙ୍କ କହିବାନୁସାରେ ଜମି ଉପଲବ୍ଧ ହେଲେ ନିର୍ମାଣ କାର୍ଯ୍ୟ ଆଗେଇ ନେବାରେ କୌଣସି ବାଧା ନାହିଁ। ସରକାରଙ୍କ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ରେଳପଥ ଅନ୍ତର୍ଗତ ଅଞ୍ଚଳବାସୀଙ୍କ ବିଶାଳ ସମାବେଶ ପରେ ଜମି ପ୍ରଦାନ ନେଇ ସମସ୍ତଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଥିଲା। କେବଳ ରାଜ୍ୟ ସରକାରଙ୍କ ଉଦାସୀନତା ଏଥିରେ ଅନ୍ତରାୟ ସାଜିଛି ବୋଲି ବୈଠକରେ ଅଭିଯୋଗ ହୋଇଥିଲା।

ସଂଗ୍ରାମ ସମିତି କର୍ମକର୍ତ୍ତା ୨୦୧୮ ସେପ୍ଟେମ୍ବର ୨୦ରେ ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ରାଜ୍ୟ ପରିବହନ ମନ୍ତ୍ରୀଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିଲା। ଏପରି ଅବସ୍ଥାରେ ରାଜ୍ୟ ସରକାର ପ୍ରଦାନ କରିଥିବା ଜମି ଅଧିଗ୍ରହଣ ସମ୍ବନ୍ଧୀୟ ତଥ୍ୟାବଳୀ ସହ ରେଲୱେ କର୍ତ୍ତୃପକ୍ଷଙ୍କ ସୂଚନାରେ ତାଳମେଳ ନ ରହିବା ବିଡ଼ମ୍ବନା ବୋଲି କହିଛନ୍ତି ସଂଗ୍ରାମ ସମିତି କର୍ମକର୍ତ୍ତା। ଏଥିରୁ ପ୍ରମାଣିତ ହେଉଛି ଯେ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବ ରହିଛି। ଯେଉଁ କାରଣରୁ ଜମି ଅଧିଗ୍ରହଣରେ ବିଳମ୍ବ ହେଉଛି ବୋଲି ବିଶ୍ୱାଳ ଅଭିଯୋଗ କରିଥିଲେ। ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଏ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ। ଓଡ଼ିଶାର ଅର୍ଥନୀତିରେ ଏହି ରେଳପଥର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସତ୍ତ୍ୱେ ଏଥିପ୍ରତି ସରକାର ଅନାଗ୍ରହୀ ହେବା ଦୁଃଖର ବିଷୟ ବୋଲି ମହାନ୍ତି କରିଥିଲେ। ଏହି ଅବସରରେ ସେ ଆଉ ଏକ ବଡ଼ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଆସନ୍ତା ଅଗଷ୍ଟ ୨୦ରେ ଆନ୍ଦୋଳନକୁ ୫୦ ବର୍ଷ ପୂରିବାକୁ ଯାଉଛି। ଏହାକୁ ସ୍ମରଣୀୟ ଓ ସରକାରଙ୍କ ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ସେଦିନ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଧାରଣା ଦିଆଯିବ। ବିମଳାଗଡ଼ଠାରେ ମଧ୍ୟ ସମାନ ଭାବେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସମ୍ପୃକ୍ତ ଅଞ୍ଚଳବାସୀ ବହୁ ସଂଖ୍ୟାରେ ଯୋଗଦେବାକୁ ସଂଗ୍ରାମ ସମିତି ପକ୍ଷରୁ ଆହ୍ୱାନ ଦିଆଯାଇଛି। ବୈଠକରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ବରିଷ୍ଠ ନେତା ହରି ରାଉତରାୟ, ଆର୍‌ଏସ୍‌ପି ଅଫିସରପ୍ରାପ୍ତ କର୍ମଚାରୀ ସଂଘ ନେତା ବିମଳ ବିଶି, ଓକିଲ ସଂଘ ସଭାପତି ରମେଶ ବଳ, ସାମାଜିକ କର୍ମୀ ନାରାୟଣ ପତି, ଅମୂଲ୍ୟ ବରାଳ, ଭୂପେନ ମହାପାତ୍ର, ସଂଗ୍ରାମକେଶରୀ ମହାନ୍ତି, ନଳିନୀକାନ୍ତ ଧର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସରକାରଙ୍କ ଆନ୍ତରିକତା ନେଇ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟିଲ ସିଟିର ବିଭିନ୍ନ ସଂଗଠନ କର୍ମକର୍ତ୍ତା ବିମାନ ମାଇତି, ସୁରେନ୍ଦ୍ର ଦାସ, ଦିଲୀପ ସାହୁ, ସବିତା ଖାତୁନ, ଶ୍ରଦ୍ଧା ଷଡ଼ଙ୍ଗୀ, ରଞ୍ଜନ ଲେଙ୍କା ଓ ବି.କେ. ବରାଳ ପ୍ରମୁଖ ଯୋଗଦେଇଥିଲେ।



ତାଳଚେର-ବିମଳାଗଡ଼ ରେଲୱେ ନେଇ ସଂଗ୍ରାମ ସମିତି ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖନାକୁ ଖନୀ;**
**ଭଲା ଖଞ୍ଜିଛନ୍ତି ଚକରପାଣି ।**

ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ୍ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର୍ ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖପୁରୀ ଲୋ !**
**କେତେ ହଉଥାଉ ଛୋପରୀ ଲୋ ।**

ଅନେକ କ୍ଷେତ୍ରରେ କିଛି ନ ଥିବା ବ୍ୟକ୍ତି ସମାଜରେ ନିଜର ଫମ୍ପା ଆଭିଜାତ୍ୟ ଦେଖାଇବାରେ କାଣିଚାଏ ହେଳା କରି ନ ଥାନ୍ତି। ନିଜେ ଯେତେ ନୁହେଁ କି ଯାହା ନୁହେଁ ତାକୁ ଅତିରଞ୍ଜିତ କରି ବଡ଼ିମା ଦେଖେଇ ବୃଥା ପ୍ରଶଂସା ସାଉଁଟିବାକୁ ଉଦ୍ୟମ ଚଳାଇଥାନ୍ତି। ତୁଚ୍ଛାଟାରେ ଅନ୍ୟ ଆଗରେ ଆତ୍ମବଡ଼ିମା ଦେଖେଇ ହେଉଥିବା ମହିଳାଙ୍କ ଏତାଦୃଶ ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗୋସମ୍ପଦ ସୁରକ୍ଷା ନେଇ ଶୋଭାଯାତ୍ରା

**ରାଉରକେଲା ଅଫିସ,୧୫।୭**

ଗୋସମ୍ପଦ ସୁରକ୍ଷା ଦାବି ନେଇ ବଜରଙ୍ଗ ଦଳ ପକ୍ଷରୁ ସୋମବାର ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବାହାର କରାଯାଇଥିଲା। ଏ ନେଇ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ରାଜ୍ୟରେ ଅବାଧ ଗୋହତ୍ୟା ଓ ଚାଲାଣ ବଢ଼ିବାରେ ଲାଗିଛି। ଏହାକୁ ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଇଛି। ଏହା ସମ୍ପୂର୍ଣ୍ଣ ବେଆଇନ ହୋଇଥିବା ବେଳେ ଏନେଇ ରହିଥିବା ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି। ରାଉରକେଲା ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଅଧିକାଂଶ ଦିନ ଏଭଳି ଗୋଚାଲଣ କରାଯାଉଥିବା ବେଳେ ଏ ନେଇ ପଦକ୍ଷେପ ନିଆଯାଉନି। ଯେଉଁ କାରଣରୁ ହିନ୍ଦୁ ସମାଜ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି। କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବଜରଙ୍ଗ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।




ଗୋସମ୍ପଦ ସୁରକ୍ଷା ନେଇ ବଜରଙ୍ଗ ଦଳ ପକ୍ଷରୁ ଶୋଭାଯାତ୍ରା।

## ସରକାରୀ ଆଇଟିଆଇ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ



ସରକାରୀ ଆଇଟିଆଇ ପକ୍ଷରୁ ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷକ।

**ରାଉରକେଲା ଅଫିସ,୧୫।୭**

ରାଉରକେଲା ସରକାରୀ ଆଇଟିଆଇ ପକ୍ଷରୁ ସୋମବାର ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ କରାଯାଇଛି। ଏଥିରେ ଜିଲା ନିୟୋଜନ ଅଧିକାରୀ ଡି.ଜି. ଲାକ୍ରା ମୁଖ୍ୟଅତିଥି ରୂପେ ଯୋଗଦେଇ କହିଥିଲେ, ଦକ୍ଷତା ମଣିଷକୁ ପୂର୍ଣ୍ଣାଙ୍ଗ କରେ। ଏହା ସ୍ୱାବଲମ୍ବନ କ୍ଷେତ୍ରରେ ସହାୟକ ହୋଇଥାଏ। ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତାର ଆବଶ୍ୟକ ପଡ଼ିଥାଏ। କର୍ମ କ୍ଷେତ୍ରରେ ଉତ୍ସାହ ସୃଷ୍ଟି ହୋଇଥାଏ। ଏହା ଦ୍ୱାରା ମନରେ ନ୍ୟୂନତା ସୃଷ୍ଟି ହୁଏନି। ଏଣୁ ଆଜିର ଯୁବପିଢ଼ି ବିଶେଷ କରି ବୈଷୟିକ ଶିକ୍ଷାଧାରୀ ଏ ଦିଗରେ ଆଗ୍ରହୀ ହେବାକୁ ଲାକ୍ରା ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପି.ସି. ରଥ କହିଥିଲେ, ଯିଏ ଯେତେ ମାତ୍ରାରେ ଦକ୍ଷତାର ଅଧିକାରୀ ସିଏ ସେହି ମାତ୍ରାରେ ସମ୍ମାନର ଅଧିକାରୀ। ଦକ୍ଷତା, କୌଶଳ ବିକାଶ ଆଜି ଦିନରେ ଏକ ବଡ଼ ଆବଶ୍ୟକତା। ଏ ଦିଗରେ ଶିକ୍ଷାର୍ଥମାନେ ନିଜକୁ ସମର୍ପିତ ଭାବ ନେଇ ଆଗକୁ ବଢ଼ିବାକୁ ରଥ ପରାମର୍ଶ ଦେଇଥିଲେ। ଆଇଟିଆଇ ଅଧ୍ୟକ୍ଷ ଶୁଭାଶିଷ ଦାସ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱଚ୍ଛ ଭାରତ ଅଭିଯାନ ଓ ଅତିଥିଙ୍କ ଦ୍ୱାରା ବନ ମହୋତ୍ସବ ପାଳନ କରାଯାଇଥିଲା। ଶେଷରେ ଅନୁଷ୍ଠାନ ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶିକ୍ଷକ ଜେ.ପି. ମିଶ୍ର, ଅବନୀନ୍ଦ୍ର ଓଝା, ପିଟର କୁଜୁର, ଉତ୍ତମ ପଟ୍ଟନାୟକ, ବି.କେ. ମଲ୍ଲିକ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ମଦ ବିକ୍ରିକୁ ସରକାରୀ ପ୍ରୋତ୍ସାହନ ନିନ୍ଦନୀୟ

ରାଉରକେଲା ଅଫିସ,୧୫।୭
ରାଜ୍ୟ ସରକାରଙ୍କୁ ରାଜସ୍ୱ ଚିନ୍ତା ଘାରିଛି। ଲୋକେ ମରନ୍ତୁ ପଛେ ରାଜସ୍ୱ ଦରକାର। ଏପରି ଅବସ୍ଥାରେ ମଦ ବିକ୍ରିକୁ ସରକାରଙ୍କ ଖୋଲା ପ୍ରୋତ୍ସାହନ ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିଛି। ବିଧାନସଭା ଅବକରୀ ଗୃହ କମିଟି କହିଛି ଅଧିକ ମଦ ବିକିଲେ ପୁରସ୍କାର ମିଳିବ। ଏହା ଜଣାପଡ଼ିବା ପରେ ରାଉରକେଲା ଜଗନ୍ନାଥ ସେନା ତୀବ୍ର ନିନ୍ଦା କରିଛି। ଏ ନେଇ ସୋମବାର ସନ୍ଧ୍ୟାରେ ସେକ୍ଟର-୩ ଅହିରାବନ୍ଧ ଜଗନ୍ନାଥ ମନ୍ଦିର ନିକଟରେ ବିକ୍ଷୋଭ ସହ ପ୍ଲାକାର୍ଡ ପ୍ରଦର୍ଶନ କରି ସରକାରଙ୍କ ନିଷ୍ପତ୍ତିକୁ ନିନ୍ଦା କରିଛନ୍ତି ସଂଗଠନ କର୍ମକର୍ତ୍ତା। ଗୋଟିଏ ପଟେ ସରକାର ମଦ ବନ୍ଦକୁ ଜୋର ଦେଉଥିବା ବେଳେ ଟାର୍ଗେଟ ପୂରଣ ପାଇଁ ପୁରସ୍କାର ଦିଆଯିବା କଥା କହିବା ହାସ୍ୟାସ୍ପଦ ଘଟଣା ବୋଲି ସଂଗଠନ କର୍ମକର୍ତ୍ତା ପ୍ରକାଶ କରିଥିଲେ। ମଦ ବ୍ୟବସାୟୀଙ୍କୁ ସରକାର ମୁଣ୍ଡରେ ବସେଇଲେ ପରିସ୍ଥିତି ଅଣାୟତ୍ତ ହେବା ସୁନିଶ୍ଚିତ। ଏ କଥା ଜାଣି ମଧ୍ୟ ରାଜସ୍ୱ ନିଶାରେ ନୀତି ନିୟମକୁ ଜଳାଞ୍ଜଳି ଦେଇ ମଦ ଦୋକାନୀଙ୍କୁ ପୁରସ୍କାର ଘୋଷଣା କରୁଛନ୍ତି ସରକାର। ଏହା ଏକ ବ୍ୟତିକ୍ରମ ପଦକ୍ଷେପ ଓ ରାଜ୍ୟ ବିରୋଧୀ ନିଷ୍ପତ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ନିଷ୍ପତ୍ତିକୁ ଜଗନ୍ନାଥ ସେନା ପକ୍ଷରୁ ନିନ୍ଦା କରାଯିବା ସହ ମହାପ୍ରଭୁ ଜଗନ୍ନାଥ ସରକାରଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ବୋଲି ଆଶା ବ୍ୟକ୍ତ କରାଯାଇଛି। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ, ଗୋପାଳ ଜେନା, ନରେନ୍ଦ୍ର ଶତପଥୀ, ବଂଶୀଧର ମହାପାତ୍ର, ସତ୍ୟବ୍ରତ ମିଶ୍ର, ରାଜେଶ ଲୋହାର, ଅଭିରାମ ପ୍ରଧାନ, ପୀତବାସ ଲେଙ୍କା, ନିରଞ୍ଜନ ସାହୁ, ହରିହର ସାହୁ, ବଦ୍ରିନାଥ ବେହେରା, ସ୍ମୃତିରଞ୍ଜନ ଭୋଇ, ମହେନ୍ଦ୍ର ବାଗ, କାର୍ତ୍ତିକ ନାୟକ, ଦେବାଶିଷ ଦାସ ଓ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC00855)
ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଇଟାଭାଟି, ପଶୁପାଳନ, ମତ୍ସ୍ୟଚାଷ, ରାଶନ କାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 2ରୁ 3 ଦିନରେ 2% ସୁଧ 40% ରିହାତି। ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
- Helpline -
08765350210
PO- BARAHAGODA, BARAHAGODA, BARGARH, ODISHA 768040

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫0,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

DHARITRI Career appointment Every Wednesday and Saturday

See Color Display Classified on every Tuesday & Friday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



କାମ, କ୍ରୋଧ, ଲୋଭ ଏହି ତିନୋଟି ନରକର ଦ୍ୱାର ସ୍ୱରୂପ ଅଟେ। ଅତଏବ ଏହି ତିନୋଟିକୁ ତ୍ୟାଗ କରିବା ଉଚିତ।
- ଭଗବାନ ଶ୍ରୀକୃଷ୍ଣ



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୩ ଗୁରୁତର

**ଲହୁଣୀପଡା, ୧୫।୭ (ଡି.ଏନ.ଏ):** ଲହୁଣୀପଡା ଥାନା ଅନ୍ତର୍ଗତ କଲେଜ ରାସ୍ତାରେ ସୋମବାର ଦିନ ପ୍ରାୟ ୧୧ଟା ବେଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ତିନି ଜଣ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ ଓଡି ୧୪ ଆର- ୧୭୨୩ ବାଇକ ଯୋଗେ ମିଶ୍ରପାଲି ଗ୍ରାମର ବଳରାମ ମାହାନ୍ତ (୧୯) ଓ ଟାଙ୍କଯୋଡା ଗ୍ରାମର ଅକ୍ଷୟ ମୁଣ୍ଡା କଲେଜ ଯାଇଥିବା ବେଳେ ବିପରୀତ ଦିଗରୁ ଓଡି ୧୪ ଜେ- ୮୯୨୬ ବାଇକ ଯୋଗେ ରାଉରକେଲା ସେକ୍ଟର-୨ର ସୁମନ୍ତ ତନ୍ତୀ (୩୮) ଯାଉଥିବା ବେଳେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ତିନି ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି।

### ଖାଦାନରୁ ଯୁବକଙ୍କ ମୃତଦେହ ଜବତ

**କୁଆଁରମୁଣ୍ଡା, ୧୫।୭(ଡି.ଏନ.ଏ.):** ବୀରମିତ୍ରପୁର ଥାନା ଅନ୍ତର୍ଗତ କ୍ୟାଣ୍ଟିନ ଦଫେଇ ଖାଦାନରୁ ରବିବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ବେଳେ ଜବତ କରିଛି। ମୃତକ ହେଲେ ମଙ୍ଗଲାଲ ଦଫେଇର ବିଶ୍ୱକର୍ମା କେଶରୀ(୪୨)। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୯) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଶନିବାରଠାରୁ ବିଶ୍ୱକର୍ମା ଘରୁ କେଉଁଆଡେ ଯାଇଥିଲା ବେଳେ ଆଉ ଘରକୁ ଫେରି ନ ଥିଲେ। ହେଲେ ରବିବାର ନିକଟସ୍ଥ ଖାଦାନରେ ତାଙ୍କର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ।

■ ବଡଗାଁ ବ୍ଲକ

### ୪ ପଞ୍ଚାୟତର ଚାଷୀଙ୍କ କୃଷିବୀମା ଅର୍ଥ ଆସିଲା

**ବଡ଼ଗାଁ, ୧୫।୭ (ଡି.ଏନ.ଏ):** ବଡ଼ଗାଁ ବ୍ଲକର ଇତମା ଓ ସାହାଜବାହାଲ ପଞ୍ଚାୟତର କୃଷିବୀମା କରିଥିବା କୃଷକଙ୍କ ବୀମା ଅର୍ଥ ଗତମାସ ଆସିଥିଲା। ଶନିବାର ଦ୍ୱିତୀୟ ପର୍ଯ୍ୟାୟରେ ଫୁଲବାରୀ, ଡାଣ୍ଡଜମରା ଏବଂ ରୂନଗାଁ, ଏକମା ପଞ୍ଚାୟତର କୃଷକଙ୍କ କୃଷିବୀମା ରାଶି ଆସିଥିବା ବଡଗାଁ ଲ୍ୟାମ୍ପ୍ସ ଏମଡି ଭୋଲାନାଥ ପଟେଲଙ୍କ ଠାରୁ ଜଣାପଡିଛି। ବଡଗାଁ ଲ୍ୟାମ୍ପ୍ସରୁ ଗତବର୍ଷ ଖରିଫ ଧାନ ଚାଷ ପାଇଁ ଋଣ ନେଇ ଚାଷ କରିଥିବା ଫୁଲବାରୀ ପଞ୍ଚାୟତର ୨୯୫ ଜଣ ଚାଷୀଙ୍କ ପାଇଁ ୧ କୋଟି ୫୮ ଲକ୍ଷ ୩ ହଜାର ୮୫୯ ଟଙ୍କା ୨୩ ପଇସା ଆସିଥିଲା ବେଳେ ଦାଣ୍ଡଜମରା ପଞ୍ଚାୟତର ୨୩୩ ଜଣ ଚାଷୀଙ୍କ ପାଇଁ ୩୨ ଲକ୍ଷ ୯୬ ହଜାର ୨୯୭ ଟଙ୍କା ୬୩ ପଇସା ଆସିଛି। ସାହାଜବାହାଲ ଲ୍ୟାମ୍ପ୍ସରେ ଗତବର୍ଷ ଖରିଫ ଧାନ ଚାଷ ପାଇଁ ଋଣ ନେଇଥିବା ରୂନଗା ପଞ୍ଚାତର ୩୬୫ ଜଣ ଚାଷୀଙ୍କ ପାଇଁ ୨୭ ଲକ୍ଷ ୬୮ ହଜାର ୭୦୭ ଟଙ୍କା ୭୬ ପଇସା ଏବଂ ଏକମା ପଞ୍ଚାୟତର ୮୩ ଜଣ ଚାଷୀଙ୍କ ପାଇଁ ୭୯ ଲକ୍ଷ ୭୬ ହଜାର ୭୭୩ ଟଙ୍କା ୪୦ ପଇସା କୃଷିବୀମା ରାଶି ଆସିଛି।

# ବିସ୍ଥାପିତଙ୍କ ସମସ୍ୟା ସମାଧାନ ଦାବି ତେଜୁଛି

■ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ସମସ୍ୟା ଆଲୋଚନା କଲେ ସୁନ୍ଦରଗଡ ବିଧାୟିକା

**ସୁନ୍ଦରଗଡ଼, ୧୫।୭ (ଡି.ଏନ୍.ଏ)**

ସୁନ୍ଦରଗଡର ବିଭିନ୍ନ ସମସ୍ୟା ଓ ହେମଗିର ଅଞ୍ଚଳର ବିସ୍ଥାପିତ ଅଧିବାସୀଙ୍କ ସମସ୍ୟା ସମାଧାନ ନେଇ ଦାବି ତେଜୁଛି। ଏନେଇ ସ୍ଥାନୀୟ ବିଧାୟିକା କୁସୁମ ଟେଟେଙ୍କ ନେତୃତ୍ୱରେ ବିସ୍ଥାପିତ ସଂଘର କେତେକ ସଦସ୍ୟା, ସଦସ୍ୟ ସୋମବାର କେନ୍ଦ୍ର ଇସ୍ପାତ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀ ସ୍ଥିତ ତାଙ୍କ ସରକାରୀ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ସୁନ୍ଦରଗଡର ବିକାଶ ନିମନ୍ତେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସିଇଓଙ୍କୁ ପାରିପାର୍ଶ୍ୱିକ ପାଣ୍ଠି ପାଇଁ ଅନୁରୋଧ କରିଥିବା ବିଧାୟିକା ମନ୍ତ୍ରୀଙ୍କୁ ଜଣାଇଥିଲେ। ତାର ଏକକିତା ନକଲ ପ୍ରଦାନ କରିଥିଲେ। ରାଉରକେଲା ଷ୍ଟିଲପ୍ଲାଣ୍ଟ ସିଇଓଙ୍କୁ ଦିଆଯାଇଥିବା ଦାବିପତ୍ରରେ ପାରିପାର୍ଶ୍ୱିକ ପାଣ୍ଠିରେ ସୁନ୍ଦରଗଡ ସଦର ବ୍ଲକ ଲମଟିସ୍ଥିତ ସଫେଇ ନଦୀ ଉପରେ ବ୍ୟାରେଜ ଓ ପୋଲ ନିର୍ମାଣ କରାଯାଇ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସକାଶେ ପାନୀୟ ଜଳ ବ୍ୟବସ୍ଥା, ସୁନ୍ଦରଗଡ ଜିଲା ସଦର ମହକୁମାରେ ଅବସର ବିନୋଦନ କେନ୍ଦ୍ର ନିର୍ମାଣ, ଗ୍ରାମାଞ୍ଚଳର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ସ୍ଥାନରେ ହାଇମାଷ୍ଟ ଲାଇଟ ଓ ସୌର ଆଲୋକ ବ୍ୟବସ୍ଥା, ମରୁଡିପ୍ରବଣ ଅଞ୍ଚଳରେ ଭୂତଳ ଜଳ ସଂରକ୍ଷଣ ପାଇଁ ପୋଖରୀଗୁଡିକର ପୁନରୁଦ୍ଧାର ଓ ନୂତନ ପୋଖରୀ ନିର୍ମାଣ କରାଯାଇ ସୌରଶକ୍ତି ମାଧ୍ୟମରେ ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା, ସୁନ୍ଦରଗଡର ୨ଟି ଷ୍ଟାଡିୟମ ଓ ତସଲାଡିହି ଷ୍ଟାଡିୟମର ଉନ୍ନତିକରଣ ଏବଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବ୍ୟାପକ ବନୀକରଣ ସକାଶେ ବିଧାୟିକା ଟେଟେ ଦାବି କରିଥିବା ଜଣାପଡ଼ିଛି। ବିଧାୟିକାଙ୍କ ନେତୃତ୍ୱରେ ଦିଲ୍ଲୀ ଯାଇଥିବା ଏହି ପ୍ରତିନିଧି ମଣ୍ଡଳୀ ହେମଗିର ଅଞ୍ଚଳରେ କୋଇଲା ଖଣି ଦ୍ୱାରା ହେଉଥିବା ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ନେଇ ଇସ୍ପାତମନ୍ତ୍ରୀଙ୍କୁ ଜଣାଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ମଙ୍ଗଳବାର ଏ ସମ୍ପର୍କରେ କେନ୍ଦ୍ର କୋଇଲା ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି କହିଥିଲେ। ବିଧାୟିକା ଟେଟେଙ୍କ ସହିତ ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ,ତୁମୁଲିଆ ସରପଞ୍ଚ ରେବତୀ ଭୋଇ, ଇଂ ଦିଲ୍ଲୀପ ପଟେଲ, କମ୍ୟୁନିଷ୍ଟ ନେତା ରାଜେନ୍ଦ୍ର ନାଏକ, ଶିଶିର ଚୌଧୂରୀ, ନାରାୟଣ ପଟେଲ, ସୁଶୀଲ ପଟେଲ, କୁମୁଦ ବନ୍ଧୁ ପ୍ରଧାନ, ବିନାୟକ ଚୌଧୂରୀ, ପରବିନ୍ ପଟେଲ ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ଥିଲେ।



ବିଧାୟିକା କୁସୁମ ଟେଟେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନୂଆଦିଲ୍ଲୀରେ ଭେଟୁଛନ୍ତି।

■ ୧୪୩ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ପ୍ରସଙ୍ଗ


# ପ୍ରଭାବିତଙ୍କୁ କ୍ଷତିପୂରଣ ପାଇଁ ସ୍ମାରକପତ୍ର

**ରାଉରକେଲା ଅଫିସ,୧୫।୭**

ରାଜପଥ ସମ୍ପ୍ରସାରଣ ଯୋଗୁ ଘର, ବ୍ୟବସାୟ ହରାଇବାକୁ ଯାଉଥିବା ଜଲଦା ଅଞ୍ଚଳବାସୀ ସୋମବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ଭେଟିଛନ୍ତି। ପ୍ରଭାବିତ ହେବାକୁ ଥିବା ବ୍ୟକ୍ତିଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଜଲଦା ପଞ୍ଚାୟତ ରାସ୍ତାପାର୍ଶ୍ୱ ଅଞ୍ଚଳ ୮୦୦ ପରିବାର ଏହାଦ୍ୱାରା ପ୍ରଭାବିତ ହେବେ। ସ୍ଥାନୀୟ ବଜାର ଭାଙ୍ଗିଯିବାକୁ ଯାଉଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କ୍ଷୁଦ୍ର ବ୍ୟବସାୟ କରି ପରିବାର ଚଳାଉଥିବା ଉପରୋକ୍ତ ପରିବାରଗୁଡ଼ିକର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱଳ୍ପ ସମୟ ଅବଧି ମଧ୍ୟରେ ଏମାନେ କିପରି ଘର ଭାଙ୍ଗି ଅନ୍ୟତ୍ର ଥଇଥାନ ହେବେ ସେହି ଚିନ୍ତାରେ ପଡ଼ିଛନ୍ତି। ଅନେକଙ୍କ ବିକଳ୍ପ ଜମିଜମା ନ ଥିବାବେଳେ ଏମାନଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।




ରାଜପଥ ସମ୍ପ୍ରସାରଣରେ ପ୍ରଭାବିତ ପରିବାର ଏଡିଏମ୍‌ଙ୍କ କାର୍ଯ୍ୟାଳୟକୁ ଆସିଛନ୍ତି।



ନିର୍ମାଣାଧୀନ ଗ୍ରାମ୍ୟ ନ୍ୟାୟାଳୟ କୋଠା।

# ଗ୍ରାମ୍ୟ ନ୍ୟାୟାଳୟ କୋଠା ନିର୍ମାଣରେ ଅନିୟମିତତା

**ଲଖନପୁର,୧୫।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଥିବା କେତେକ ପୁରୁଣା କୋଠା ଭାଙ୍ଗିରୁଜି ଯାଇଥିଲା। ଏହାକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଆଯାଇ ସେହି ସ୍ଥାନରେ ନୂଆକୋଠା ନିର୍ମାଣ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ଏଥିପାଇଁ ଠିକାଦାର ନିଯୁକ୍ତ କରାଯାଇଛି। ହେଲେ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ କୌଣସି ସୁଫଳ ମିଳୁନାହିଁ। ଏଭଳି ସ୍ଥିତିରେ ନିର୍ମାଣାଧୀନ କୋଠାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି। ସ୍ଥାନୀୟ ଅଞ୍ଚଳର ଜଣେ ଠିକାଦର ନିର୍ମାଣ କାର୍ଯ୍ୟ କରୁଛନ୍ତି। ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ କୋଠା ନିର୍ମାଣ ଚାଲିଛି। ପ୍ରକଳ୍ପ ସମ୍ପର୍କରେ ଜନସାଧାରଣଙ୍କ ସୂଚନା ପାଇଁ କୌଣସି ଫଳକ ଲଗାଯାଇ ନାହିଁ। ସେହିଭଳି ପୁରୁଣା କୋଠା ଭଙ୍ଗାଯିବା ସମୟରେ ସେଥିରୁ ବାହାରିଥିବା ପୁରୁଣା ଭଙ୍ଗା ଇଟାଗୁଡ଼ିକୁ ନୂଆ କୋଠା ନିର୍ମାଣରେ ବ୍ୟବହାର କରାଯାଇଛି। ତେବେ ଅଭିଯୋଗର ତଦନ୍ତ କରାଯାଇ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ଦେବାନନ୍ଦ ମହନ୍ତ କହିଛନ୍ତି।

### ଟ୍ରକ୍ ଧକ୍କାରେ ବାଇକ ଆରୋହୀ ଗୁରୁତର

**ବେଦବ୍ୟାସ, ୧୫।୭ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା ସମ୍ମୁଖରେ ସୋମବାର ୧୧ଟା ବେଳେ ଏକ ଟ୍ରକ ଧକ୍କାରେ ବାଇକ ଆରୋହୀ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ପ୍ରକାଶ । ବାଇକ ଆରୋହୀଙ୍କନାମ ଦଣ୍ଡପାଣି ପଟ୍ଟନାୟକ (୫୦) ବର୍ଷ ବୋଲି ଜଣାପଡିଛି । ପ୍ରାପ୍ତସୂଚନାନୁଯାୟୀ, ବାଇକ ଆରୋହୀ ବାଇକ ନଂ. ଓଡି ୧୬ ଇ- ୫୭୭୪ ଯୋଗେ ପାନପୋଷ ପାର୍ଶ୍ୱରୁ ବେଦବ୍ୟାସ ଆଡକୁ ଆସୁଥିବା ବେଳେ ବେଦବ୍ୟାସ ବ୍ରାହ୍ମଣୀତରଙ୍ଗ ଥାନା ସମ୍ମୁଖ ହମ୍ପସ୍ ନିକଟରେ ସେହି ପାର୍ଶ୍ୱରୁ ଆସୁଥିବା ଟ୍ରକ ନଂ. ଓଡି ୧୬ ସି- ୧୦୮୧ ପଛ ପାର୍ଶ୍ୱରୁ ଧକ୍କା ଦେବା ଫଳରେ ବାଇକ ଆରୋହୀ ଛିଟକି ପଡି ସଜ୍ଞାହୀନ ହୋଇଥିଲେ। ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ଗୁରୁତର ହୋଇ ପଡିଥିବା ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚରେ ଭର୍ତ୍ତି କରିଛନ୍ତି ।

### ଅର୍ଡା ବାହୁଡ଼ାଯାତ୍ରା ସମ୍ପନ୍ନ

**କିର୍ମିରା,୧୫।୭(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଅର୍ଡା ଗ୍ରାମରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ଭିନ୍ନ ପରମ୍ପରା ଅନୁଯାୟୀ ଏଠାରେ ପୂର୍ଣ୍ଣମୀ ତିଥିରେ ବଳଭଦ୍ର, ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଆସୁଛି। ତେବେ ଚଳିତବର୍ଷ ପୂର୍ଣ୍ଣମୀରେ ଗ୍ରହଣ ପଡୁଥିବାରୁ ଏହାର ପୂର୍ବଦିନ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ପୂଜକ ଦିଗମ୍ବର ପୂଜାରୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଯାତ୍ରା କମିଟି ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଶେଷରେ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ବେଦବ୍ୟାସ, ୧୫।୭ (ଡି.ଏନ.ଏ)**

ବ୍ରାହ୍ମଣୀତରଙ୍ଗ ଥାନା କଲୁଙ୍ଗା କରତକଳଛକରେ ସୋମବାର ସକାଳେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ରାଉରକେଲା ମାଲଗୋଦାମ ଅଞ୍ଚଳର ଦୀପକ ଭୁଇଁଆ। ସେ କଲୁଙ୍ଗା କରତକଳ ଛକ ସ୍ଥିତ ଏକ ଗ୍ୟାରେଜରେ କାମ କରୁଥିଲେ। ପୋଲିସ ସୂଚନାନୁଯାୟୀ ନିଜ ବାସଗୃହ ରାଉରକେଲା ମାଲଗୋଦାମ ଅଞ୍ଚଳରୁ ବାଇକ ନଂ. ଓଡି ୧୪ ଏଲ- ୮୪୨୮ ଯୋଗେ କଲୁଙ୍ଗା କରତକଳ ଛକ ସ୍ଥିତ ଏକ ଗ୍ୟାରେଜକୁ କାମ କରି ଆସୁଥିଲେ। ଠିକ କଲୁଙ୍ଗା କରତକଳ ଛକରେ ରାଉରକେଲା ପାର୍ଶ୍ୱରୁ କାଂଶବାହାଲ ଆଡକୁ ଯାଉଥିବା ଏକ ଅଜଣା ଗାଡି ପଛ ପାର୍ଶ୍ୱରୁ ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଦୀପକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିଲେ। ବିଶେଷସୂତ୍ରରୁ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଖବର ପାଇ ଘଟଣା ସ୍ଥଳକୁ ଯାଇ ସ୍ଥାନୀୟ ଲୋକଙ୍କ ସହାୟତାରେ ଦୀପକଙ୍କୁ ଆରଜିଏଚକୁ ଆମ୍ବୁଲାନ୍ସ ଯୋଗେ ନେଇ ଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କଲାପରେ ମୃତ ଦେହ ଆରଜିଏଚର ମର୍ଗ ହାଉସରେ ରଖାଯାଇଛି। ମଙ୍ଗଳବାର ତାଙ୍କର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ବାଇକକୁ ଜବତ କରିଛି।

■ କୁତ୍ରାରେ ଉନ୍ନୟନ କାମଗୁଡିକ ଅତିନିମ୍ନମାନର ହେଉଛି

# ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ

**କୁତ୍ରା, ୧୫।୭ (ଡି.ଏନ.ଏ)**

କୁତ୍ରା ବ୍ଲକ ତଥା କୁତ୍ରା ଗ୍ରାମ ପଞ୍ଚାୟତରେ ସରକାରଙ୍କ ଉନ୍ନୟନ କାମ ଗୁଡିକ ଅତିନିମ୍ନମାନର ହେଉଥିବା ବେଳେ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହେଉଛି। ଜିଲାର କୁତ୍ରା ଆଦିବାସୀ ବହୁଳ ବ୍ଲକ। ଏଠାରେ ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ସରକାରୀ କର୍ମଚାରୀମାନେ ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଉନ୍ନୟନ କାମରେ ନିମ୍ନମାନର କାମ କରି ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ତଳେ କୁତ୍ରା ବ୍ଲକ କଲୋନୀରେ ହେଉଥିବା ଏକ ଘର ତିଆରି କାମରେ ସେଠାରେ ଭଙ୍ଗା ଯାଇଥିବା ଏକ ଘରର ପୁରୁଣା ଇଟା ବ୍ୟବହାର କରିଥିବା ଅଭିଯୋଗ ହେବା ସାଙ୍ଗକୁ କିଛି ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । କିଛି ଦିନ ତଳେ କୁତ୍ରା ବସ୍ତିରେ ପ୍ରଭୁଦୟାଳ ଅଗ୍ରୱାଲଙ୍କ ଘର ଠାରୁ ଜଳଧର ଟପ୍ପୋଙ୍କ ଘର ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ତିଆରି କରାଯାଇଛି । ହେଲେ ଅଳ୍ପ ବର୍ଷା ହେଲେ ଏହିରାସ୍ତା ଉପରେ ପାଣି ଜମି ରହୁଛି । ରାସ୍ତାରେ ପାଣି ଜମି ଯାଉଥିବା ଯୋଗୁଁ ଯାତାୟତରେ ଅସୁବିଧା ହେଉଛି। ରାସ୍ତାକୁ ୱାଟର ଲେବୁଲ ଦେଖି ତିଆରି କରିବାର ନିୟମ ଥିବା ବେଳେ ଏଠାରେ କୌଣସି ନିୟମକୁ ପାଳନ କରାଯାଇ ନାହିଁ । ଏହା ଛଡା ଏହି ରାସ୍ତା କାମ ଅତିନିମ୍ନମାନର ହୋଇଥିବା ଅଭିଯୋଗ ହେଉଛି। ସେହିପରି କୁତ୍ରା ବସଷ୍ଟାଣ୍ଡ ପାଖରେ ଥିବା ଏକ ସରକାରୀ ପୋଖରୀ ହେଉଥିବା ୱାଲ କାମ ମଧ୍ୟ ଅତିନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। କୁତ୍ରା ଗ୍ରାମ ପଞ୍ଚାୟତ ଅଞ୍ଚଳରେ ହେଉଥିବା ଉଭୟ ଗ୍ରାମ ପଞ୍ଚାୟତ ଓ ବ୍ଲକ କାମ ଗୁଡିକରେ ଯନ୍ତ୍ରୀ ଓ ପଞ୍ଚାୟତ ଅଧିକାରୀ ବାହାରୁ ଠିକାଦାର ଆଣି ସିମେଣ୍ଟ ଓ ବାଲୁର ଭାଗମାପ ଠିକ ନରଖି ତଥା ଅତିନିମ୍ନମାନର ସାମଗ୍ରୀ ବ୍ୟବହାର କରି ଉନ୍ନୟନ କାମ କରୁଥିବା ଅଭିଯୋଗ ହେଉଛି। ଉନ୍ନୟନ କାମ ଗୁଡିକରେ ଯନ୍ତ୍ରୀଙ୍କୁ ମୋଟା ଅଙ୍କର ପିସି ଦେଇଥିବା ବ୍ୟକ୍ତି ବି ଦୋଷୀଙ୍କୁ କାମ କରିବା ପାଇଁ ଦାୟୀତ୍ୱ ଦିଆଯାଉଥିବା ଅଭିଯୋଗ ହେଉଅଛି । ଅଭିଯୋଗ ସତ୍ତ୍ୱେ ବ୍ଲକ ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।



କଂକ୍ରିଟ ରାସ୍ତା ଉପରେ ପାଣି ଜମି ରହିଛି।

# ଏଲ୍ଆଇ ପଏଣ୍ଟ ଉପଯୋଗ କରିବାକୁ ବିଡିଓଙ୍କୁ ଦାବିପତ୍ର ଦେଲେ ଭାଜପା କର୍ମକର୍ତ୍ତା

**ବଡଗାଁ, ୧୫।୭ (ଡି.ଏନ.ଏ)**

ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା ପଞ୍ଚାୟତର ଚାରପାଲି ଗ୍ରାମରେ ୩ବର୍ଷ ପୂର୍ବେ ନିର୍ମିତ ଉଠାଜଳ ସେଚନ ପଏଣ୍ଟ ଉପଯୋଗ କରାଯାଉ ନ ଥିବାରୁ ଗତବର୍ଷ ଖରିଫ ଧାନ ଚାଷ ସମସ୍ତ ସଂଶୋଧନ ଥାଇ ମଧ ଚାଷ ଉଜୁଡି ଯାଇଥିଲା । ଏ ସମ୍ପର୍କିତ ଖବର ଧରିତ୍ରୀରେ ସୋମବାର ପ୍ରକାଶ ପାଇବା ପରେ ବଡଗାଁ ମଣ୍ଡଳ ଭାଜପା କାର୍ଯ୍ୟକାରୀ ସଭାପତି ଦିଲୀପ ସେନାପତିଙ୍କ ନେତୃତ୍ୱରେ ଭୋଇପାଲି ଜୟ ଯବାନ, ଜୟ କିଷାନ କୃଷକ ସଙ୍ଗଠନର ସଭାପତି ରବୀନ୍ଦ୍ର ପଟେଲ, ବଡଗାଁ ପଞ୍ଚାୟତ ଭାଜପା ସଭାପତି ରୂପେଶ ପଣ୍ଡା, ଭାଜପା କର୍ମକର୍ତ୍ତା ପ୍ରେମାନନ୍ଦ ନାଏକ, ପରେଶ ଦାସ, ସନ୍ତୋଷ ପୃଷେଟ ପ୍ରମୁଖ ବଡଗାଁ ବିଡିଓ କ୍ଷେମାନିଧି ଭୋଇଙ୍କୁ ସାକ୍ଷାତ କରି ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହା ସହିତ ଅଞ୍ଚଳର ସମସ୍ତ ଉଠାଜଳସେଚନ ପଏଣ୍ଟ ଗୁଡିକୁ କାର୍ଯ୍ୟକ୍ଷମ କରିବା, ନିର୍ମାଣ ହୋଇ ପଡି ରହିଥିବା ଏଲଆଇ ପଏଣ୍ଟଗୁଡିକୁ ଉପଯୋଗୀ କରିବା, ଆବଶ୍ୟକ ପଡୁଥିବା ପଏଣ୍ଟ ଗୁଡିକର ମରାମତି ଯୁଦ୍ଧକାଳୀନ ଭିତ୍ତିରେ କରିବାକୁ ଦାବି କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି ଯେ, ଚାରପାଲି ଗ୍ରାମରେ ଦୀର୍ଘ ୩ବର୍ଷ ହେଲା ଏଲଆଇ ପଏଣ୍ଟ ନିର୍ମିତ ହୋଇଥିଲେ ମଧ ଦୁର୍ଭାଗ୍ୟର ବିଷୟ ଏହାର ଉପଯୋଗ କରାଯାଉନାହିଁ। ଫୁଲବାରୀ, ଛାମୁଣ୍ଡା, କୁରେଇବଗା, ଭୋଇପାଲି ଆଦି ଗ୍ରାମର ଚାଷ ଜମିରେ ଜଳସେଚନ ପାଇଁ ନିର୍ମିତ ପାର୍ବତୀଗିରୀ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଦାବି କରାଯାଇଛି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଚାଷ କାମ ଆଗେଇ ପାରୁନାହିଁ। ଚାଷୀଙ୍କ ସ୍ୱାର୍ଥରକ୍ଷା ପାଇଁ ତୁରନ୍ତ ବ୍ଲକ ଅଞ୍ଚଳର ଏଲଆଇ ପଏଣ୍ଟ ଗୁଡିକୁ ସଚଳ, ଉପଯୋଗୀ କରିବାକୁ ଦାବି କରାଯାଇଛି ।



ବଡଗାଁ ବିଡିଓଙ୍କୁ ଦାବିପତ୍ର ଦେଉଛନ୍ତି ଭାଜପା କର୍ମକର୍ତ୍ତା ।

■ ବାଙ୍କିବାହାଲରୁ ଟପରିଆ ରାସ୍ତା

# ଗାଡ଼ି ଚଳାଚଳ ପାଇଁ ନିଷେଧାଦେଶ ଜାରି

**ହେମଗିରି, ୧୫।୭ (ଡି.ଏନ.ଏ)**

ସୁନ୍ଦରଗଡରୁ ଗୋପାଳପୁର ଦେଇ ଛତିଶଗଡ ରାଜ୍ୟକୁ ସଂଯୋଗ କରୁଥିବା ଏକମାତ୍ର ହେଉଛି ଏହି ବାଙ୍କିବାହାଲ-ଟପରିଆ ରାସ୍ତା । ଏହି ରାସ୍ତା ଉପରେ ହେମଗିର ନିର୍ଭର କରୁଥିଲେ ମଧ୍ୟ ପ୍ରାୟ ୯ଟି ପଞ୍ଚାୟତର ଥିବା ଲୋକଙ୍କୁ ଜୀବନରେଖା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି ରାସ୍ତାର ଲମ୍ବ ପ୍ରାୟ ୨୪ କିମି। ଦୈନନ୍ଦିନ ଏହି ରାସ୍ତା ଦେଇ ଶହ ଶହ ହାଇୱା, ଟ୍ରଲର, ଟ୍ରକ, ଡମ୍ପର ଚଳୁଥିଲେ ମଧ୍ୟ ଏହାର ନିର୍ମାଣ କିମ୍ବା ମରାମତି କାମ ଠିକ ଭାବରେ କରାଯାଉନାହିଁ । ଫଳରେ ଦିନକୁ ଦିନ ରାସ୍ତା ଅତି ଦୁର୍ଗମ ହୋଇପଡୁଛି। ଯଦିଓ ତତ୍କାଳୀନ କେନ୍ଦ୍ର କୋଇଲାମନ୍ତ୍ରୀ କାରିଆ ମୁଣ୍ଡା ସେ ସମୟରେ ରାସ୍ତା ପାଇଁ ପ୍ରାୟ ୨୭ କୋଟି ଘୋଷଣା କରିଥିଲେ ହେଁ ସେବେଠାରୁ ବିଭିନ୍ନ ପାଣ୍ଠିରୁ ଟଙ୍କା ଆସି ମଧ୍ୟ ରାସ୍ତା କାମ ହୋଇ ପାରୁନାହିଁ। ଅନେକ ସମୟରେ ଜନସାଧାରଣଙ୍କ ପକ୍ଷରୁ ରାସ୍ତାରୋକୋ, ଆନ୍ଦୋଳନ ଭଳି ପଦକ୍ଷେପ ନେଇଥିଲେ ମଧ୍ୟ କେହି ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ବର୍ତ୍ତମାନ ବର୍ଷା ଋତୁରେ ରାସ୍ତାର ଏପରି ଶୋଚନୀୟ ହୋଇ ପଡିଛି ଯେ, ଛାତ୍ରୀଛାତ୍ର, ଲୋକଙ୍କୁ ଆଣ୍ଠୁଏ କାଦୁଅରେ ଚାଲି ଯିବାକୁ ପଡୁଛି। ଏହାକୁ ଦେଖି ଗତ ଜୁଲାଇ ୯ରେ ଟପରିଆଠାରେ ରାସ୍ତାରୋକୋ କରି ସୁନ୍ଦରଗଡ ଜିଲାପାଳଙ୍କୁ ଅବଗତ କରିଥିଲେ । ସେହିପରି ତୁମଳିଆ ଗ୍ରାମ ପକ୍ଷରୁ ମଧ ଜଣାଯାଇଛି । ଗ୍ରାମବାସୀଙ୍କ ଦାବିକୁ ଦୃଷ୍ଟିରେରଖି ଜିଲାପାଳଙ୍କ ପ୍ରକୋଷ୍ଠରେ ଗତ ୧୪ ତାରିଖରେ ଏକ ବୈଠକ ହୋଇଥିଲା । ନିଜେ ଜିଲାପାଳ ନିଖିଳ ପୱନ କଲ୍ୟାଣ ତୁରନ୍ତ ସେ ରାସ୍ତାଦେଇ କୌଣସି ଭାରିଯାନ ବା ହାଲୁକା ଯାନ ନଯିବାକୁ ବିଜ୍ଞପ୍ତି ନଂ. ୨୦୧୭/୧୯ରେ ଜାରି କଲେ । କେବଳ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡି ଯାଇ ପାରିବ ବୋଲି ଅନୁମତି ଦିଆଯାଇଛି। ଏହି ନିଷେଧାଜ୍ଞାଟି ୧୬ ରୁ ୨୪ ଜୁଲାଇ, ୨୦୧୯ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏ ସମୟ ମଧ୍ୟରେ ଯୁଦ୍ଧକାଳୀନ ଭିତିରେ ରାସ୍ତା କାମ ନ ସରିବା ପର୍ଯ୍ୟନ୍ତ ମୋଟରଗାଡି ଆଇନ ୧୯୮୮ର ଧାରା ୧୧୫ ଅନୁଯାୟୀ କୌଣସି ମଲଟିଏକସେଲ୍, ଡମ୍ପର, ଖାଲି କିମ୍ବା ଭର୍ତ୍ତି ଟ୍ରକ, କାର ଚଳାଚଳ କରିପାରିବ ନାହିଁ । ଏନେଇ ଆଞ୍ଚଳିକ ପରିବହନ ଅଧିକାରୀ, ଆରକ୍ଷୀ ଅଧକ୍ଷକ, ଡିଡିଏମ, ରାଉରକେଲା ଏକଜ୍ୟୁକେଟିଭ ଇଞ୍ଜିନିୟର (ଆରଏଣ୍ଡବି), ଏମସିଏଲ କର୍ତ୍ତୃପକ୍ଷ ଉପଜିଲାପାଳ, ତହସିଲଦାର ହେମଗିରି, ବିଡିଓ ହେମଗିରଙ୍କୁ ଅବଗତ କରାଯାଇଛି।